# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୦/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, January 10/ 2019 | ★★★★

୪୫ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଉନ୍ମୋଚିତ ହେଲା ମନୀଷାଙ୍କ ଆତ୍ମକଥା ପୁସ୍ତକ**

ବଲିଉଡ୍ ଅଭିନେତ୍ରୀ ମନୀଷା କୋଇରାଲା ତାଙ୍କ ଲିଖିତ ପୁସ୍ତକ 'ହିଲ୍ଡ' ଲୋକାର୍ପଣ କରିଛନ୍ତି। ଏଥିରେ ସେ କର୍କଟ ରୋଗ ସହ ତାଙ୍କ ସଂଗ୍ରାମ ଜୀବନର ଆତ୍ମକଥା ଉଲ୍ଲେଖ କରିଛନ୍ତି। ୦୭

୧୫ **ଅର୍ଚ୍ଚନା, ଶରଥ ଚାମ୍ପିୟନ**

କଟକରେ ଅନୁଷ୍ଠିତ ସିନିୟର ଆନ୍ତଃ ରାଜ୍ୟ ଏବଂ ଜାତୀୟ ଟେବୁଲ ଟେନିସରେ ଅର୍ଚ୍ଚନା କାମଥ ଓ ଶରଥ କମଲ ଯଥାକ୍ରମେ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଛନ୍ତି।








## ୩୧ରୁ ବଜେଟ ଅଧିବେଶନ



ନୂଆଦିଲ୍ଲୀ,୯।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁୟାରୀ ୩୧ରୁ ଆରମ୍ଭ ହୋଇ ଫେବୃୟାରୀ ୧୩ରେ ଶେଷ ହୋଇପାରେ। ଲୋକ ସଭାରେ ଅନ୍ତରୀଣ ବଜେଟ ଫେବୃୟାରୀ ୧ରେ ଉପସ୍ଥାପନ କରାଯାଇପାରେ ବୋଲି ବୁଧବାର ସରକାରୀ ସୂତ୍ରରୁ ପ୍ରକାଶ।

ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ପାର୍ଲାମେଣ୍ଟର ଆଗାମୀ ବଜେଟ ଅଧିବେଶନ ନେଇ ଅନୁଧ୍ୟାନ କରୁଛି। ଶୀତ ଅଧିବେଶନ ଶେଷ ହେବା ☞ପୃଷ୍ଠା–୪

## ଓଡ଼ିଶାରେ ହେବ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ

କଟକ ଅଫିସ,୯।୧

ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ଓଡ଼ିଶାରେ ହେବ । ଆସନ୍ତା ଜୁଲାଇରେ ଏହା ଅନୁଷ୍ଠିତ ହେବ। ପୂର୍ବରୁ ଏହା ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଆୟୋଜନ ହେବ ବୋଲି ଘୋଷଣା ହୋଇଥିଲା। ମାତ୍ର କଟକର ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଭିଗନ୍ ବ୍ୟବସାୟ**

**ଆଜିର ମନ୍ତବ୍ୟ**

" ରାଫାଲ ପ୍ରସଙ୍ଗରେ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ମହିଳାଙ୍କୁ ପାଇଛନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

ଗତ ୪ ବର୍ଷରେ ୩୩.୫ ଲକ୍ଷ ଲୋକଙ୍କୁ ଇଲେକ୍‌ଟ୍ରୋନିକ୍ସ, ଆଇଟି ଏବଂ ଆଇଟିଇଏସ୍‌ର ତାଲିମ ପ୍ରଦାନ କରାଯାଇଛି।

– ଆଇଟି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 09.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 70 | 119 | 129 |
| BDK | 70 | 119 | 129 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply

Eggs Retail Price- 56/-Dozen

Issued in the Interest of Consumers


### ସାଧାରଣ ବର୍ଗ ଗରିବଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ

# ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ

ନୂଆଦିଲ୍ଲୀ,୯।୧(ପି.ଟି.)

ସାଧାରଣ ବର୍ଗ ଗରିବଙ୍କ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ସରକାର ଆଣିଥିବା ୧୨୪ତମ ସମ୍ବିଧାନ ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ରାଜ୍ୟ ସଭାରେ ବୁଧବାର ରାତିରେ ବିଲ୍ ସପକ୍ଷରେ ୧୬୫ ଭୋଟ ପଡିଥିବାବେଳେ ବିପକ୍ଷରେ ମାତ୍ର ୭ଟି ଭୋଟ ଯାଇଥିଲା।

**ବିଲ୍‌କୁ ବିଜେଡିର ସମର୍ଥନ**

ଉଚ୍ଚ ସଦନରେ ସ୍ଥାନ ସଂରକ୍ଷଣ ଲାଗି ବିଲ୍ ଉପରେ ଜୋର୍‌ଦାର ଆଲୋଚନା ପରେ ଭୋଟ ଗ୍ରହଣ କରାଯାଇଥିଲା। ବିରୋଧୀ ଦଳ ଆଣିଥିବା ସଂଶୋଧନ ପ୍ରସ୍ତାବ ଗୃହରେ କାଟ୍ ଖାଇଯାଇଥିଲା। ପାର୍ଲାମେଣ୍ଟ ସିଲେକ୍ଟ କମିଟିକୁ ବିଲ୍ ପଠାଇବା ପ୍ରସ୍ତାବ ସପକ୍ଷରେ ମାତ୍ର ୧୮ ଭୋଟ ମିଳିଥିବାବେଳେ ବିରୋଧରେ ୧୫୫ ଭୋଟ ଯାଇଥିଲା। ମଙ୍ଗଳବାର ଉକ୍ତ ବିଲ୍ ଲୋକ ସଭାରେ ୩୨୩-୩ ଭୋଟରେ ଗୃହୀତ ହୋଇଥିଲା।

ଏହି ସଂରକ୍ଷଣ ସୁବିଧା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନିଯୁକ୍ତି କ୍ଷେତ୍ରରେ ଲାଗୁ ହେବ ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ବିତର୍କରେ ଅଂଶଗ୍ରହଣ କରି କହିଥିଲେ। ବିଲ୍ ଆଦୌ ନ ଆଣିବା ଅପେକ୍ଷା ବିଳମ୍ବରେ ଆଣିବା ଭଲ। ନିର୍ବାଚନ ପୂର୍ବରୁ ସରକାର ଆହୁରି ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ। ହିତାଧିକାରୀ ଚୟନ ଲାଗି ଆର୍ଥିକ ମାନଦଣ୍ଡ ନିର୍ଦ୍ଧାରଣ କ୍ଷମତା ରାଜ୍ୟଗୁଡିକୁ ମିଳିବ ବୋଲି ପ୍ରସାଦ କହିଥିଲେ। ଯେଉଁମାନଙ୍କ ବାର୍ଷିକ ଆୟ ୮ ଲକ୍ଷ ଟଙ୍କାରୁ କମ୍ ଏବଂ ☞ପୃଷ୍ଠା–୪

## ଋଣଭାରରୁ ଚାଷୀ ଆତ୍ମହତ୍ୟା ଅଭିଯୋଗ

ଦିଗପହଣ୍ଡି/ ପାଟପୁର, ୯।୧(ଡି.ଏନ.ଏ.)

ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ତାହା ଠିକ୍ ଭାବେ ସେମାନଙ୍କ ନିକଟରେ ପହଞ୍ଚି ପରୁନାହିଁ । ବିଭିନ୍ନ ସମୟରେ ଚାଷୀମାନେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । ଏଭଳି ଏକ ଘଟଣା ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ଗଞ୍ଜାମ ଜିଲାରେ ବୁଧବାର ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମର ଚାଷୀ ଏନ୍. ପ୍ରକାଶ ରେଡ୍ଡୀ ଋଣଭାର ପରିଶୋଧ କରି ନ ପାରିବା ଆଶଙ୍କା କରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।ତାଙ୍କ ମୃତଦେହ ପୋଲିସ ଚାଷଜମିରୁ ଉଦ୍ଧାର

**ଜମିରୁ ମୃତଦେହ ଉଦ୍ଧାର**

କରିଛି। ବୁଧବାର ଭୋର ପ୍ରାୟ ୬ଟାରେ ରତ୍ନମାଳାପୁର ବୁଦ୍ଧେଶ୍ୱର ଶୈବପୀଠରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ଚାଷଜମିରେ ତାଙ୍କ ମୃତଦେହ ପଡ଼ିଥିବା ଜଣା ପଡିଥିଲା। ପାଟପୁର ପୋଲିସ ମୃତଦେହ ଜବତ କରିଥିଲା। ଅପମୃତ୍ୟୁ ମାମଲା ନଂ. ୧/୧୯ ଅନୁଯାୟୀ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା ।

ପ୍ରକାଶଯେ, ପ୍ରକାଶ ମଙ୍ଗଳବାର ସକାଳେ ଧାନ ଅମଳ କରିବାକୁ ଖଳାକୁ ଯାଇଥିଲେ। ସେଠାରୁ ସେ କାମସାରି ଅପରାହ୍ନ ପ୍ରାୟ ୩ଟାରେ ଘରକୁ ଫେରିଥିଲେ। ଖାଇସାରିବା ପରେ ପୁଣି ସେ ଖଳାକୁ ଯାଇଥିଲେ। ☞ପୃଷ୍ଠା–୪

## ମହାମେଣ୍ଟରେ ଯୋଗଦେବ ନାହିଁ ବିଜେଡି

ଭୁବନେଶ୍ୱର,୯।୧(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଏକାକୀ ନିର୍ବାଚନ ଲଢିବ। କୌଣସି ଜାତୀୟ କିମ୍ବା ଆଞ୍ଚଳିକ ଦଳ ସହ ମେଣ୍ଟ କରିବ ନାହିଁ। ସେହିପରି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିରୋଧରେ ମୁଣ୍ଡ ଟେକୁଥିବା ମହାମେଣ୍ଟରେ ମଧ୍ୟ ଯୋଗଦେବ ନାହିଁ। ପୂର୍ବପରି ନିଜର ସମଦୂରତ୍ୱ ନୀତି ବଜାୟ ରଖିବ।

- ସମଦୂରତ୍ୱ ନୀତି ଜାରି ରହିବ: ନବୀନ
- ବିଜେଡିକୁ ଯାଉଥିବା ପ୍ରତିଟି ଭୋଟ ଭାଜପାର: ନିରଞ୍ଜନ
- ମହାମେଣ୍ଟର କୌଣସି ରୂପରେଖ ନାହିଁ: ପୃଥ୍ୱୀରାଜ



ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଗଣମାଧ୍ୟମ ଆଗରେ ଏହା ସ୍ପଷ୍ଟ କରିଛନ୍ତି।

ଆସନ୍ତା ଏପ୍ରିଲ-ମେ ମାସରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଦେଶର ସବୁଠୁ ବଡ଼ ଭୋଟ୍ ବ୍ୟାଙ୍କ୍ କୁହାଯାଉଥିବା କୃଷକଙ୍କ ଉପରେ ପଡିଛି ସବୁ ରାଜନୈତିକ ଦଳର ନଜର। କେଉଁଠି କୃଷିଋଣ ଛାଡ଼କୁ ☞ପୃଷ୍ଠା–୪

### ପଞ୍ଚଦଶ ଅର୍ଥ କମିଶନ ନିକଟରେ ରାଜ୍ୟ ସରକାରଙ୍କ ଦାବି

# ୮.୨୪ ଲକ୍ଷ କୋଟି ଟଙ୍କାର ଅନୁଦାନ ଦିଅ

- ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଅ
- ଜିଏସ୍‌ଟି କ୍ଷତିପୂରଣ ଆଉ ୧୦ ବର୍ଷ ବଢ଼ାଅ

ଭୁବନେଶ୍ୱର,୯।୧(ବ୍ୟୁରୋ)

ରାଜ୍ୟ ସରକାର ପଞ୍ଚଦଶ ଅର୍ଥ କମିଶନଙ୍କ ନିକଟରେ ୮.୨୪ ଲକ୍ଷ କୋଟି ଟଙ୍କାର ଅନୁଦାନ ଦାବି କରିଛନ୍ତି। ଏଥିସହିତ ଉତ୍ତର ପୂର୍ବ ରାଜ୍ୟ ଭଳି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ଦାବିକୁ ମଧ୍ୟ ଦୋହରାଇଛନ୍ତି। କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଅନୁଦାନ ରାଶି କେନ୍ଦ୍ର ଓ ରାଜ୍ୟ ଅଂଶଧନ ଯଥାକ୍ରମେ ୯୦:୧୦କୁ ବୃଦ୍ଧି କରିବା ସହ କେନ୍ଦ୍ରୀୟ ଟିକସ ହାର ୪୨ରୁ ୫୦% କରିବାକୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ସରକାର କମିଶନଙ୍କୁ ସ୍ମାରକ ପତ୍ର ଦେଇଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌର ସଂସ୍ଥାଗୁଡିକ ପାଇଁ ଅନୁଦାନ ବର୍ତ୍ତମାନର ୩.୦୫%କୁ ବଢାଇ ୫% କରିବାକୁ ଦାବି କରାଯାଇଛି। ଏହି କ୍ରମରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ପାଇଁ ୩୩୫୭୪ କୋଟି ଏବଂ ପୌର ସଂସ୍ଥାଗୁଡିକ ପାଇଁ ୨୯୩୧୧ କୋଟି ଟଙ୍କା ଦାବି କରାଯାଇଛି। ବିପର୍ଯ୍ୟୟ ପରିଚାଳନା ପାଇଁ ଏସ୍‌ଡିଆରଏଫ୍‌କୁ ୧୦୦% ଅନୁଦାନ କେନ୍ଦ୍ର ସରକାର ବହନ କରିବାକୁ କମିଶନଙ୍କ ନିକଟରେ ଦାବି ରଖାଯାଇଛି। ଆସନ୍ତା ୫ ବର୍ଷ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ୍) ସକାଶେ ୧୧,୮୭୫ କୋଟି ଏବଂ ବିପର୍ଯ୍ୟୟ ପ୍ରଶମନ ପ୍ରକଳ୍ପ ପାଇଁ ପାଇଁ ୨୫,୭୫୨ କୋଟି, ପାଇପ ଯୋଗେ ପାନୀୟ ଜଳଯୋଗାଣ, ଆଶ୍ରମ ସ୍କୁଲଗୁଡିକର ଅପଗ୍ରେଡେଶନ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ, ପୋଲିସ, ଜେଲ, ଅଗ୍ନିଶମ ସେବା, ସବୁଜ ବଳୟ ସୃଷ୍ଟି କରିବା, ☞ପୃଷ୍ଠା–୪

**କମିଶନଙ୍କ ପ୍ରଶଂସା, ସତର୍କ**



- କାଳିଆ ଯୋଜନା ଭଲ, ପ୍ରକୃତ ଚାଷୀ ଫାଇଦା ପାଇବା ଦରକାର
- ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦ୍‌ବେଗ
- ଅଭିବୃଦ୍ଧି ହାର ବଢ଼ାଇବାକୁ ପରାମର୍ଶ
- ଋଣଭାର ନିୟନ୍ତ୍ରଣରେ ଥିବା ସନ୍ତୋଷ ପ୍ରକାଶ କରିଛନ୍ତି କମିଶନ

### ଶ୍ରୀମନ୍ଦିର ସଂସ୍କାର ମାମଲା

## ରଞ୍ଜିତ କୁମାର ଆମିକସ୍ କ୍ୟୁରି ନିଯୁକ୍ତ

ନୂଆଦିଲ୍ଲୀ,୯।୧(ପି.ଟି.)

ପୁରୀ ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ସମ୍ପର୍କିତ ମାମଲାରେ ସହାୟତା ପାଇଁ ସୁପ୍ରିମକୋର୍ଟ ବୁଧବାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଲିସିଟର ଜେନେରାଲ ରଞ୍ଜିତ କୁମାରଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରିଛନ୍ତି। ପୂର୍ବରୁ ଏହି ମାମଲାରେ ଆମିକସ୍ କ୍ୟୁରି ନିଯୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍ ବ୍ୟକ୍ତିଗତ କାରଣରୁ ଉକ୍ତ ପଦରୁ ଓହରିଯାଇଥିଲେ। ବୁଧବାର ଜଷ୍ଟିସ୍ ଏ.କେ. ସିକ୍ରିଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠରେ ଶ୍ରୀମନ୍ଦିର ମାମଲାର ଶୁଣାଣିବେଳେ ନୂଆ ଆମିକସ୍ କ୍ୟୁରି ନିଯୁକ୍ତି ପ୍ରଶ୍ନ ଉଠିଥିଲା। ଅଦାଲତରେ ଉପସ୍ଥିତ ଥିବା ରଞ୍ଜିତ କୁମାରଙ୍କୁ ଉକ୍ତ ମାମଲାରେ ଆମିକସ୍ କ୍ୟୁରି ଭାବେ ଦାୟିତ୍ୱ ନେବାକୁ ଖଣ୍ଡପୀଠ ଅନୁରୋଧ କରିବାରୁ ସେ ଏହାକୁ ଗ୍ରହଣ କରିଥିଲେ। ସେହିପରି ନୂଆ ଆମିକସ୍ କ୍ୟୁରିଙ୍କୁ ସହାୟତା କରିବା ପାଇଁ ବରିଷ୍ଠ ଆଇନଜୀବୀ ପ୍ରିୟା ହିଙ୍ଗୋରାନିଙ୍କୁ ଖଣ୍ଡପୀଠ ନିଯୁକ୍ତ କରିଛନ୍ତି। ☞ପୃଷ୍ଠା–୪



ରଞ୍ଜିତ କୁମାର

# ୨ ଦିନିଆ ଧର୍ମଘଟ ଶେଷ: ମିଶ୍ରିତ ପ୍ରଭାବ



- ବସ, ଟ୍ରକ, ଶିକ୍ଷାନୁଷ୍ଠାନ ବନ୍ଦ
- ରେଳ ଚଳାଚଳ ବ୍ୟାହତ



ଧର୍ମଘଟ ଯୋଗୁ ବୁଧବାର ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ପିଲାମାନେ ଭୁବନେଶ୍ୱର ରାସ୍ତାରେ ଖେଳୁଛନ୍ତି। ଏକ ଅଟୋରିକ୍ସାକୁ ବଳପୂର୍ବକ ଅଟକା ଯାଉଛି।

ଭୁବନେଶ୍ୱର, ୯।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ କରିବା ସହ ୧୧ ଦଫା ଦାବି ନେଇ ୧୦ରୁ ଉର୍ଦ୍ଧ୍ୱ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ବୁଧବାର ଏହି ଧର୍ମଘଟ ଶେଷ ହୋଇଛି। ଧର୍ମଘଟ ଯୋଗୁ ରାଜ୍ୟରେ ଜନଜୀବନ ପ୍ରଭାବିତ ହୋଇଛି। ମଙ୍ଗଳବାର ବନ୍ଦ ପ୍ରଭାବ ଜୋରଦାର ଦେଖିବାକୁ ମିଳିଥିବା ବେଳେ ବୁଧବାର ଏହାର ପ୍ରଭାବ ଆଂଶିକ ଅନୁଭୂତ ହୋଇଛି। ବସ ଓ ଭାରିଯାନ ଚଳାଚଳ ବନ୍ଦ ରହିଥିଲେ ମଧ୍ୟ ଦୁଇଚକିଆ, ଟାକ୍ସି, ଅଟୋ ଆଦି ସ୍ୱାଭାବିକ ଭାବେ ଚଳାଚଳ କରିଥିଲା। ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ମୁଖ୍ୟ ରାସ୍ତାକଡରେ ଥିବା କେତେକ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଖୋଲା ରହିଥିଲା। କୌଣସି ସ୍ଥାନରେ ହିଂସାକାଣ୍ଡ ହୋଇ ନ ଥିବା ଜଣାପଡିଛି। ବିଭିନ୍ନ ଟ୍ରେଡ ୟୁନିୟନ ସଂଗଠନର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟୋଗ, ☞ପୃଷ୍ଠା–୪

# INDIRA IVF
FERTILITY & IVF CENTRE



## ବନ୍ଧ୍ୟାତ୍ୱର ଡର ଆପଣଙ୍କ ପାଇଁ ନିର୍ଣ୍ଣୟ କରିବାକୁ ଦିଅନ୍ତୁ ନାହିଁ

## ଆଜି ଆପଣଙ୍କର ବିକଳ୍ପଗୁଡ଼ିକୁ ଆବିଷ୍କାର କରନ୍ତୁ

ବନ୍ଧ୍ୟାତ୍ୱର ଉପଚାର ଏବଂ
ନୂତନ–ଯୁଗର ପ୍ରକ୍ରିୟାଗୁଡ଼ିକରେ
ଚିକିତ୍ସା ଅଭିନଭୀକରଣ ଆପଣ ପ୍ରସ୍ତୁତ
ହେବା ପରେ ମାଁ ହେବାରେ ସହାୟତା କରିଥାଏ

### ଟେଷ୍ଟ ଟ୍ୟୁବ୍ ବେବି ଟେକ୍ନିକ୍ (ଆଇଭିଏଫ୍/ଆଇସିଏସ୍)

## ₹ 79,999/-

Check-up, IVF Procedure, Doctor Fees, Hospital charges, IVF Injections cost, IVF Lab charges included.

**ପଞ୍ଜୀକରଣ ପାଇଁ**

To Avail This package kindly SMS **IVF BR** to **56677** or call on **741 2077 811**

୨୫ ଜାନୁଆରୀ, ୨୦୧୯ ପୂର୍ବରୁ

## ନିଃସନ୍ତାନ ଦମ୍ପତିଙ୍କ ପାଇଁ
## ନିଃଶୁଳ୍କ ପରାମର୍ଶ ଶିବିର

**Date : 10th to 25th Jan. 2019**

କ୍ୟାମ୍ପ ସ୍ଥାନ ଭୁବନେଶ୍ୱର– ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର

କେଉଁମାନେ ନିଃଶୁଳ୍କ ପରାମର୍ଶ ପାଇଁ ସମ୍ପର୍କ କରିପାରିବେ

| ପୁରୁଷ | ମହିଳା |
|---|---|
| • ସ୍ୱଳ୍ପ ଶୁକ୍ରାଣୁ ଗଣତି | • ଅବରୁଦ୍ଧ ଗର୍ଭ ନଳୀ |
| • ଶୁକ୍ରାଣୁ ହିନତା | • ଅନିୟମିତ ଋତୁଚକ୍ର |
| • ସ୍ୱଳ୍ପ ଶୁକ୍ରାଣୁ ସଜୀବତା | • ଡିମ୍ବାଣୁ ଗଠନରେ ସମସ୍ୟା |
| • ଦୁର୍ବଳ ମାନର ଶୁକ୍ରାଣୁ | • ଅସମୟରେ ଡିମ୍ବାଣୁ ନଷ୍ଟ ହେବା |

**ମାଗଣା ଆପଏଣ୍ଟମେଣ୍ଟ 7412077812**

### ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍

ଦ୍ୱିତୀୟ ମହଲା, ତ୍ରିପଲେକ୍ସ ପ୍ଲଟ୍ନଂ.12, ଗଜପତି ନଗର, ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ହେଲ୍ପଲାଇନ୍: 7412077811 / 812 | ୱେବସାଇଟ୍: www.indiraivf.com | ଇ–ମେଲ : help@indiraivf.in

ଉପଲବ୍ଧ ସେବାଗୁଡ଼ିକ– ଗର୍ଭଧାରଣ ସମସ୍ୟାର ନିରୂପଣ, ଆଇ.ୟୁ.ଆଇ, ଆଇ.ଭି.ଏଫ୍, ଆଇ.ସି.ଏସ୍.ଆଇ, ଲେଜର ହ୍ୟାଚିଂ ବ୍ଲାଷ୍ଟୋସିଷ୍ଟ, ଲାପାରୋସ୍କୋପି, ହିଷ୍ଟେରୋସ୍କୋପି ଡୋନୋର ସର୍ଭିସ୍

ନିଜର ପ୍ରଶ୍ନଗୁଡିକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବାକୁ କଲ୍ କରନ୍ତୁ
✆ **7412077811**
(2 PM to 5 PM)

- 54 Centres PAN India
- Treatment protocol as per individual need
- Patient friendly treatment options

**Prenatal Sex Determination & Sex Selection is illegal and not done here.**

Disclaimer : The models used in the creative is just for illustration purpose only.

*This IVF package doesn't include any injections required other than IVF stimulation injection, surgeries like laproscopy & hysteroscopy, uterus treatment medicines, pharmacy oral drugs purchase. Donor charges if required for any patient will be additional.

## ସଂକ୍ଷେପରେ

ମହିଳା ସଂରକ୍ଷଣ ପ୍ରସଙ୍ଗ

### ନୀତିଶଙ୍କୁ ଭେଟିଲା ବିଜେଡି

**ଭୁବନେଶ୍ୱର,୯।୧(ବ୍ୟୁରୋ):** ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏହି ମର୍ମରେ ବିଜେଡି ପକ୍ଷରୁ ଦେଶର ସମସ୍ତ ପ୍ରମୁଖ ରାଜ୍ୟର ସହଯୋଗ ଲୋଡାଯାଇଛି। ସେହିକ୍ରମରେ ବିଜେଡି ପ୍ରତିନିଧି ଦଳ ବୁଧବାର ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡି(ୟୁ) ନେତା ନୀତିଶ କୁମାରଙ୍କୁ ଭେଟିଛନ୍ତି। ଦଳ ପକ୍ଷରୁ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଏବଂ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ନୀତିଶଙ୍କୁ ପାଟନାସ୍ଥିତ ତାଙ୍କ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ମହିଳା ସଂରକ୍ଷଣ ପ୍ରସଙ୍ଗରେ ନୀତିଗତ ସମର୍ଥନ ଲୋଡି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ଲେଖିଥିବା ପତ୍ର ନୀତିଶଙ୍କୁ ହସ୍ତାନ୍ତର କରାଯାଇଛି । ନବୀନଙ୍କ ଏପରି ପ୍ରୟାସକୁ ନୀତିଶ ଏବଂ ଜେଡିୟୁ ପକ୍ଷରୁ ସ୍ୱାଗତ କରାଯାଇଛି। ଏପରି ଏକ ଉତ୍ତମ ପଦକ୍ଷେପ ପାଇଁ ନବୀନ ଧନ୍ୟବାଦର ପାତ୍ର ବୋଲି ନୀତିଶ କହିଛନ୍ତି।

ଚିଟ୍‌ଫଣ୍ଡ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ଚିଠି

### ବଢ଼ିଲା ସତ୍ୟପାଠ ଦାଖଲ ଅବଧି

**କଟକ ଅଫିସ, ୯।୧:** ଚିଟ୍‌ଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନମୋହନ ଦାସ କମିଶନଙ୍କ କାର୍ଯ୍ୟକାଳ ଫେବୃୟାରୀ ୪ରେ ଶେଷ ହେଉଛି। ଏହି ଅବଧିକୁ ବୃଦ୍ଧି କରିବା ପାଇଁ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ଅଦ୍ୟାବଧି ବହୁ ସଂଖ୍ୟକ ସତ୍ୟପାଠ କମିଶନଙ୍କ କାର୍ଯ୍ୟାଳୟରେ ଗଦା ହୋଇ ରହିଛି। ଏହାର ଯାଞ୍ଚ ପାଇଁ ସମୟ ଆବଶ୍ୟକ। ତେଣୁ କମିଶନଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିବା ଆବଶ୍ୟକ ବୋଲି ଉକ୍ତ ଚିଠିରେ କୁହାଯାଇଛି। ଅନ୍ୟପକ୍ଷରେ ଚିଟ୍‌ଫଣ୍ଡ କମିଶନଙ୍କ ପକ୍ଷରୁ ସତ୍ୟପାଠ ଗ୍ରହଣ ଅବଧିକୁ ବୃଦ୍ଧି କରାଯାଇଛି। ଜାନୁୟାରୀ ୩୧ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବାକୁ ଧାର୍ଯ୍ୟ କରାଯାଇଛି। ଜମାକାରୀମାନେ ଏହି ସମୟ ମଧ୍ୟରେ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ସୂଚନାଥାଉକି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନେ ସେମାନଙ୍କ ଅର୍ଥ ଫେରି ପାଇବା ନେଇ ସରକାର ୨୦୧୩ ଜୁଲାଇରେ ତଦନ୍ତ କମିଶନ ଗଠନ କରିଥିଲେ। ପ୍ରଥମେ କମିଶନଙ୍କ କାର୍ଯ୍ୟକାଳ ୬ ମାସ ଧାର୍ଯ୍ୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ଇତିମଧ୍ୟରେ କମିଶନଙ୍କ ପକ୍ଷରୁ ତଦନ୍ତ ସମ୍ପର୍କରେ ୫ଟି ଅନ୍ତରୀଣ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି। ସେହିପରି ଡିସେମ୍ବର ୩୧ ତାରିଖକୁ ସତ୍ୟପାଠ ଗ୍ରହଣର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ସମୟ ମଧ୍ୟରେ ବହୁ ସଂଖ୍ୟକ ସତ୍ୟପାଠ କମିଶନଙ୍କ କାର୍ଯ୍ୟାଳୟକୁ ଆସିପାରି ନ ଥିଲା। ଫଳରେ ଜମାକାରୀମାନେ ସତ୍ୟପାଠ ଦାଖଲ ତାରିଖ ବୃଦ୍ଧି ପାଇଁ ଦାବି ଜଣାଇଥିଲେ।




# କାଳିଆ ଯୋଜନା ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୯।୧(ବ୍ୟୁରୋ)**

- ଜାନୁୟାରୀ ୧୫ ଯାଏ ଘୁଞ୍ଚିଲା
- ୨୫ରୁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ

'କାଳିଆ' ଯୋଜନା ପାଇଁ ଆବେଦନ କରିବା ସହ ଫର୍ମ ଦାଖଲର ଶେଷ ତାରିଖ ଜାନୁୟାରୀ ୧୫କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହା ଜାନୁୟାରୀ ୧୦ ଯାଏ ଉଦ୍ଦିଷ୍ଟ ଥିଲା। ଏହି ଯୋଜନା ପ୍ରତି ଚାଷୀମାନଙ୍କ ଆଗ୍ରହ ବଢୁଛି। ଏହାକୁ ବିଚାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସମୀକ୍ଷା କରି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଜାନୁୟାରୀ ୨୫ରୁ ଆରମ୍ଭ ହୋଇ ଫେବୃୟାରୀ ୫ ପର୍ଯ୍ୟନ୍ତ ଚାଲିବ। ଆବଶ୍ୟକସ୍ଥଳେ ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। 'କାଳିଆ' ଯୋଜନାରୁ ଯେପରି ଜଣେ ହେଲେ ବି ଯୋଗ୍ୟ ଚାଷୀ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଛନ୍ତି।

### ମାଛ ମାରିବା ପାଇଁ ନଦୀରେ ବିସ୍ଫୋରଣ, ୩ ଗୁରୁତର

**ଦିଗପହଣ୍ଡି/ପାଟପୁର,୯।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଗ୍ରାମ ସଂଲଗ୍ନ ଘୋଡ଼ାହାଡ଼ ନଦୀ ଗଣ୍ଡରେ ବୁଧବାର ଅପରାହ୍ନରେ ବିସ୍ଫୋରଣ କରି ମାଛ ମାରୁଥିବା ବେଳେ ୩ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରାଜା ପ୍ରଧାନ, କୁନା ସ୍ୱାଇଁ ଓ କାଳିଆ ବେହେରା। ସେମାନଙ୍କୁ ପ୍ରଥମେ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ମାଛ ଧରିବା ପାଇଁ ଜାଲ ବଦଳରେ ପଥରଫୁଟା କାର୍ଯ୍ୟରେ ବ୍ୟବହୃତ ଜିଲେଟିନ, ଡିନାମାଇଟ ଭଳି ବିସ୍ଫୋରକ ବ୍ୟବହାର କରାଯିବାରୁ ଏଭଳି ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି।

# ହୋମ୍‌ଗାର୍ଡଙ୍କୁ ମିଳିବ ୧.୫ ଲକ୍ଷର ଅବସରକାଳୀନ ସହାୟତା

**କଟକ ଅଫିସ, ୯।୧**

- ଗୃହ ବିଭାଗକୁ ଚିଠି ଲେଖିଲେ ହୋମ୍‌ଗାର୍ଡ ଡିଜି
- ବାର୍ଷିକ ୬ କୋଟି ୬୩ ଲକ୍ଷ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ
- ମଞ୍ଜୁରୀ ମିଳିବା ପରେ ଆରମ୍ଭ ହେବ ପ୍ରକ୍ରିୟା

ଓଡ଼ିଶା ପୋଲିସରେ କାର୍ଯ୍ୟ କରୁଥିବା ହୋମଗାର୍ଡମାନଙ୍କୁ ଅବସର ସମୟରେ ମିଳିବ ୧ ଲକ୍ଷ ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି। ଏନେଇ ବୁଧବାର ହୋମ୍‌ଗାର୍ଡ ଡିଜି ବି.କେ.ଶର୍ମା ଗୃହ ବିଭାଗକୁ ଚିଠି ଲେଖିଛନ୍ତି। ଗୃହ ବିଭାଗର ଅନୁମତି ମିଳିବା ପରେ ପରବର୍ତ୍ତୀ ପ୍ରକ୍ରିୟା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶର୍ମା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଖୁବ୍ କମ୍ ପାରିଶ୍ରମିକରେ ହୋମ୍‌ଗାର୍ଡମାନେ କାର୍ଯ୍ୟ କରୁଛନ୍ତି। ୬୦ବର୍ଷ ବୟସରେ ଅବସର ନେବାପରେ ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଉଛି। ସେମାନେ ଆଉ ୩ ବର୍ଷ ଅତିରିକ୍ତ କାର୍ଯ୍ୟ କରିବା ପାଇଁ ନିବେଦନ କରୁଛନ୍ତି। ତେବେ ବର୍ତ୍ତମାନର ନିୟମ ଅନୁସାରେ ଅତିରିକ୍ତ କାର୍ଯ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ। ତେଣୁ ଅବସର ସମୟରେ ସେମାନଙ୍କୁ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଗଲେ ସେମାନଙ୍କ ଚାକିରି ପରବର୍ତ୍ତୀ ଜୀବନରେ ସୁଧାର ଆସିପାରିବ। ଯେଉଁମାନେ ସର୍ବନିମ୍ନ ୨୦ ବର୍ଷ ହୋମଗାର୍ଡ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି ସେମାନଙ୍କୁ ଏହି ସହାୟତା ରାଶି ପ୍ରଦାନ କରିବାକୁ ଚିଠିରେ କୁହାଯାଇଛି।

ଓଡ଼ିଶାରେ ମୋଟ ୧୭ ହଜାର ୬୭୫ ହୋମ୍‌ଗାର୍ଡ ପଦବୀ ରହିଥିବାବେଳେ ଏବେ ପାଖାପାଖି ୧୫ ହଜାର କାର୍ଯ୍ୟରତ ଅଛନ୍ତି। ସରକାରୀ ଅଫିସରଙ୍କ ସୁରକ୍ଷା ଗାର୍ଡ, ଟ୍ରାଫିକ ପରିଚାଳନା ଓ ଶାନ୍ତି ଶୃଙ୍ଖଳା ଆଦି କ୍ଷେତ୍ରରେ ସେମାନେ ପୋଲିସକୁ ସହାୟତା କରି ଆସୁଛନ୍ତି। ଏବେ ସେମାନଙ୍କୁ ଗୋଟିଏ ଦିନ କାର୍ଯ୍ୟ ୩୦୦ ଟଙ୍କା ପ୍ରଦାନ କରାଯାଉଥିବାବେଳେ କାର୍ଯ୍ୟ ନ ଥିଲେ ପାରିଶ୍ରମିକ ମିଳେନି। ପ୍ରତିବର୍ଷ ରାଜ୍ୟର ୪୪୨ଜଣ ହୋମଗାର୍ଡ ଅବସର ନେଉଛନ୍ତି। ସେମାନଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଗଲେ ସରକାରଙ୍କୁ ବାର୍ଷିକ ୬ କୋଟି ୬୩ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ କରିବାକୁ ପଡିବ।

ଏ ସଂକ୍ରାନ୍ତରେ ଜଣେ ହୋମଗାର୍ଡ କହିଛନ୍ତି, ଆଜିର ମହଙ୍ଗା ଯୁଗରେ ମିଳୁଥିବା ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହେଉଛି। ଅବସରପରେ ଆର୍ଥିକ ଦୁଃସ୍ଥିତି ବଢ଼ିଯାଉଛି। ସରକାର ଏହି ଆର୍ଥିକ ସହାୟତା ପ୍ରଦାନ କଲେ ଆମେ ବହୁତ ଉପକୃତ ହେବୁ। ଏଥିସହ ପୋଲିସ କର୍ମଚାରୀମାନଙ୍କୁ ମିଳୁଥିବା ବେସିକ୍ ପେ, ଗ୍ରେଡ୍ ପେ ଭଳି ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ମାସରେ ବିହାର ସରକାର ହୋମ୍‌ଗାର୍ଡଙ୍କୁ ଅବସର ସମୟରେ ୧ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନକୁ ମଞ୍ଜୁରୀ ଦେଇଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତସୂଚୀ ଚୂଡ଼ାନ୍ତ

ସକାଳ ସାଢ଼େ ୯ରେ ଝାରସୁଗୁଡ଼ାରେ ପହଞ୍ଚିବେ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଏହି ଦିନିକିଆ ଗସ୍ତରେ ବଲାଙ୍ଗୀରରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଏହା ପରେ ବଲାଙ୍ଗୀର ପଥରଚେପା ଷ୍ଟାଡିୟମରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମୋଦି ୧୫ ତାରିଖ ପୂର୍ବାହ୍ନ ୭ଟା ୫୦ରେ ଛାଡିବେ। ୯ଟା ୩୦ରେ ତାଙ୍କ ବିମାନ ଝାରସୁଗୁଡ଼ା ବିମାନ ବନ୍ଦରରେ ଅବତରଣ କରିବ। ସେଠାରୁ ହେଲିକପ୍ଟରରେ ବଲାଙ୍ଗୀର ଯିବେ। ଏହାପରେ ରେଳଷ୍ଟେଶନରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବେ। ୧୦ଟା ୪୦ରୁ ୧୧ଟା ୧୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସେହି ସ୍ଥଳରେ ରହିବେ। ୧୧ଟା ୪୫ରେ ପଥରଚେପା ଷ୍ଟାଡିୟମ୍‌ରେ ଆୟୋଜିତ ଦଳୀୟ ସଭାରେ ଯୋଗ ଦେବେ। ସେଠାରେ ପ୍ରାୟ ୪୫ ମିନିଟ୍ ରହିବେ ବୋଲି ଜଣାପଡିଛି। ଏହାପରେ ସେଠାରୁ ବିମାନ ଯୋଗେ ଝାରସୁଗୁଡାରୁ ଫେରିବା ପରେ, ପୁନଶ୍ଚ ସେଠାରୁ କେରଳ ଅଭିମୁଖେ ଯାତ୍ରା କରିବେ। ଚଳିତ ମାସରେ ଏହା ତାଙ୍କର ଦ୍ୱିତୀୟ ଗସ୍ତ। ପୂର୍ବରୁ ୫ରେ ସେ ବାରିପଦା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଦଳୀୟ ସଭାରେ ଯୋଗ ଦେଇଥିଲେ। ପୂର୍ବରୁ ଡିସେମ୍ବର ୨୪, ସେପ୍ଟେମ୍ବର ୨୨ ଏବଂ ମେ ୨୬ରେ ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସି ସାରିଛନ୍ତି।

### ଯୁବକଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୯।୧ (ଡି.ଏନ.ଏ.)**

ମାଲକାନଗିରି ଜିଲାରେ ମାଓବାଦୀମାନେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଏହି ଯୁବକ ଜଣକ ସ୍ୱାଭିମାନ ଅଞ୍ଚଳର ଶଙ୍କର ମୁଦୁଲି ବୋଲି ଜଣାପଡ଼ିଛି। ଏନେଇ ମାଲକାନଗିରି ପୋଲିସ ନିକଟରେ କୌଣସି ସୂଚନା ନାହିଁ। ତେବେ ଘଟଣାର ତଦନ୍ତ କରାଯିବ ବୋଲି ଏସପି ଜଗମୋହନ ମିନା କହିଛନ୍ତି। ଚିତ୍ରକୋଣ୍ଡା ବ୍ଲକ ଅଣ୍ଡ୍ରାପାଲ୍ଲି ପଞ୍ଚାୟତ ତାବେର ଗ୍ରାମରେ ମାଓବାଦୀମାନେ ପ୍ରଜାକୋର୍ଟ କରି ପୋଲିସକୁ ସହଯୋଗ କରୁଥିବା ଅଭିଯୋଗରେ ଶଙ୍କରଙ୍କୁ ମଙ୍ଗଳବାର ହତ୍ୟା କରିଥିବା ସୂଚନା ମିଳିଛି । ମାଓବାଦୀ ନେତା ସୁଧୀରଙ୍କ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଶଙ୍କର ପୋଲିସକୁ ସହଯୋଗ କରି ଏହି ଅଞ୍ଚଳର ଲୋକଙ୍କୁ ଲାଲବାହିନୀ ଛାଡିବା ପାଇଁ ପ୍ରବର୍ତ୍ତାଉଥିବା ମାଓବାଦୀମାନେ ଖବର ପାଇଥିଲେ । ପୂର୍ବରୁ ଶଙ୍କର ମାଓବାଦୀଙ୍କ ମିଲିସିଆ ଭାବେ କାମ କରୁଥିଲେ। ସେ ନିକଟରେ ଲାଲବାହିନୀ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ମାଓବାଦୀ ହିଂସା ଓ ଗତିବିଧିକୁ ବିରୋଧ କରୁଥିଲେ। କିଛି ଦିନ ତଳେ ଆନ୍ଧ୍ରରୁ ଆସିଥିବା ମାନବାଧିକାର ସଦସ୍ୟଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତକୁ ମଧ୍ୟ ସେ ବିରୋଧ କରିଥିଲେ।




- ଆସିଲା ବ୍ୟବଚ୍ଛେଦ ରିପୋର୍ଟ

# ଉଚ୍ଚରୁ ପଡ଼ି ନିକିତାଙ୍କ ମୃତ୍ୟୁ ହୋଇଥିଲା

**କଟକ ଅଫିସ, ୯।୧**

ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରାଙ୍କ ବ୍ୟବଚ୍ଛେଦ ରିପୋର୍ଟ ବୁଧବାର ପୋଲିସର ହସ୍ତଗତ ହୋଇଛି। ଉଚ୍ଚ ସ୍ଥାନରୁ ପଡି ଓ ମୁଣ୍ଡରେ ଆଘାତ ଯୋଗୁ ନିକିତାଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ସେ କହିଛନ୍ତି, ରିପୋର୍ଟରେ କୌଣସି ନୂଆ କଥା ଆସିନାହିଁ। ପୂର୍ବରୁ ଯାହା ସ୍ପଷ୍ଟ ଥିଲା ତାହା ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ମାମଲାରେ ଅଧିକ ତଦନ୍ତ ପାଇଁ ଆମେ ନିକିତାଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଥାନାରେ ହାଜର ହେବାକୁ କହିଥିଲୁ। ସେ ହାଜର ନ ହେବାରୁ ବୁଧବାର ଜଣେ ପୋଲିସ କର୍ମଚାରୀ ତାଙ୍କ ଘରକୁ ଯାଇଥିଲେ। କିନ୍ତୁ ସେମାନେ ଘରେ ନ ଥିଲେ। ଆମେ ଏହି ମାମଲାରେ ଯାହା ଆବଶ୍ୟକ ତାହା ଉପରେ ତଦନ୍ତ ଚଳାଇଛୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ରାତିରେ ନିକିତାଙ୍କୁ ତାଙ୍କ ସ୍ୱାମୀ ଲିପନ ସାହୁ ଛାତରୁ ଠେଲି

**ଶାଶୁ, ଶ୍ୱଶୁରଙ୍କୁ ନ ପାଇ ଫେରିଲା ପୋଲିସ**

ଦେଇଥିଲେ। ମହାନଦୀ ବିହାରସ୍ଥିତ ନିକିତାଙ୍କ ବାପ ଘରେ ଏହି ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ସନ୍ଧ୍ୟାରେ ନିକିତାଙ୍କ ବାପା ସନାତନ ବେହେରା ଏନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ସୋମବାର ନିକିତାଙ୍କ ସ୍ୱାମୀ ଲିପନଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ବେଳେ ସେ ନିକିତାଙ୍କୁ ଛାତରୁ ଠେଲିଥିବା ମାନିଥିଲେ। ମଙ୍ଗଳବାର ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା।

- ଏନ୍‌ଏଭିବିଡିର ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ଭୁବନେଶ୍ୱରରେ ମ୍ୟାଲେରିଆ ଗବେଷଣା ହବ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ




ବୁଧବାର ନ୍ୟାଶନାଲ ଏକାଡେମୀ ଅଫ୍ ଭେକ୍ଟର ବର୍ନ ଡିଜିଜ୍(ଏନ୍‌ଏଭିବିଡି)ର ୧୪ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

ରାଜ୍ୟରେ ଅଣସଂକ୍ରମିତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଆଇସିଏମ୍‌ଆର, ଆରଏମ୍‌ଆରସି ସହିତ ଏନ୍‌ଆଇଏମ୍‌ଆର ଓ ଏନ୍‌ଭିବିଡିସିପିର ଅବଦାନ ଅନସ୍ୱୀକାର୍ଯ୍ୟ। ଓଡ଼ିଶାରେ ମ୍ୟାଲେରିଆ ଓ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଭୁବନେଶ୍ୱର ଆରଏମ୍‌ଆରସି ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ତେଣୁ ଆରଏମ୍‌ଆରସି ଏ କ୍ଷେତ୍ରରେ ନେତୃତ୍ୱ ନେବା ସହିତ ଭୁବନେଶ୍ୱରରେ ମ୍ୟାଲେରିଆ ଗବେଷଣା ହବ୍ ପ୍ରତିଷ୍ଠା କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ପ୍ରସ୍ତାବ ଦେଇଛନ୍ତି। ବୁଧବାର ନ୍ୟାଶନାଲ ଏକାଡେମୀ ଅଫ୍ ଭେକ୍ଟର ବର୍ନ ଡିଜିଜ୍(ଏନ୍‌ଏଭିବିଡି)ର ୧୪ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଗତ ୨୫ବର୍ଷ ମଧ୍ୟରେ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଏନ୍‌ଏଭିବିଡିର କାର୍ଯ୍ୟକୁ ସମଗ୍ର ଦେଶ ଧନ୍ୟବାଦ ଦେବା ଆବଶ୍ୟକ। ୨୦୩୦ ସୁଦ୍ଧା ସମଗ୍ର ଦେଶରୁ ମ୍ୟାଲେରିଆ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମୟସୀମା ଦେଇଥିବାବେଳେ ଏହି ସମ୍ମିଳନୀ ଏ କ୍ଷେତ୍ରରେ ବେଶ୍ ସହାୟକ ହେବ। ସମ୍ମିଳନୀରୁ ଯେଉଁ ନିର୍ଯ୍ୟାସ ବାହାରିବ ତାହା କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ଲାଭଦାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗୀୟ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଯୋଗଦେଇ କହିଲେ, ଓଡ଼ିଶାରେ ଏବେ ଆଉ ବିଗତ ଦିନର ମ୍ୟାଲେରିଆ ସ୍ଥିତି ନାହିଁ। ରାଜ୍ୟ ସରକାରଙ୍କ ସଫଳ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୋଗୁ ଏହା ୮୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହି ଧାରାକୁ ବଜାୟ ରଖିବା ଆମ ସମସ୍ତ ପାଇଁ ଏକ ଆହ୍ୱାନ। ଭୁବନେଶ୍ୱର ଆରଏମ୍‌ଆରସିର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏମ୍‌ଆରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଭୂଷଣ ପ୍ରଫେସର ଏନ୍. କେ. ଗାଙ୍ଗୁଲି, ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏସ୍. ପି. ଦାଶ, ଆଇସିଏମ୍‌ଆର-ଏନ୍‌ଆଇଏମ୍‌ଆର ନୂଆଦିଲ୍ଲୀର ନିର୍ଦ୍ଦେଶକ ଡା. ନବୀନ ଭାଲେଚା, ଏନ୍‌ଏଭିବିଡିର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡା. ଆର.ଏସ୍.ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀ ୩ଦିନ ଧରି ଚାଲିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: .................................

ବୟସ:.................................

ଜନ୍ମ ତାରିଖ: .............................


ଦିବ୍ୟରଞ୍ଜନ
ପରିବାରବର୍ଗ


ଭରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified










### SALE

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

**Fully furnished commercial property/ office space for sale 2929 sqft. super buildup area plus 495 sqft. terrace at "Forum Mart", Big Bazar building 5th floor, Unit- III, Kharvel Nagar, Bhubaneswar, Odisha (near Ram Mandir Square). Price per sqft. Rs. 5,600/- negotiable. Contact point: 7008729138.** D-65327

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

2000 sqft. plot (12 Nos.) at Sankarpur, Vipulgarden backside, Ghatikia, Bhubaneswar (electricity, supply water, 30' Road) 7381564227. D-65438

ଭୁବନେଶ୍ୱର Patia Big Bazarରୁ 3.5km. ବାସୋପଯୋଗୀ plot 1200 sqft. 4,80,000/-ରେ ମିଳୁଛି। Immediate registration & possession. 9937032327, 9583328312. D-65326

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329




First and second floor each 1430 sqft. near Uttara Square, Bhubaneswar on National Highway for restaurant, office. Contact: 7978097047. D-52884

Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Herbal fullbody massage with refreshment by well trained therapist. 7381239385. D-65292

Herbal full body massage by smart/ expert therapist. Contact: 8338067247. D-65294

Newly opening ayurvedic massage smart therapist, Shree herbal. 7750020754. D-65295

Improving your health, skin care through expert therapist, excellent offer. 9668374480. D-65296

Pamper yourself this Mansoon professional massage. Contact Purple Orchid. 9776598888. D-65297

Experience full body massage with us by expert Enquiry: 06742597822, 7377048581. D-65286

Herbal full body massage with refreshment by well trained therapist. 7381239385. D-65299

Ayurvedic full body massage ladies/ gents experts therapist. 8338097451 . D-64683

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

### LOST

I Basudev Swain, S/o- Bhujendra Kumar Swain declare in Dharitri Newspaper that my B.Tech (BPUT) Certificate, Regd. No.- 0601221230 and SL No.- ALHB06008639 has lost. Anybody found contact: 8908756767. D-10464

## ୨ ଦିନିଆ ଧର୍ମଘଟ ...

ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ରେଳଷ୍ଟେଶନ ଏବଂ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଡା ସମାଲୋଚନା କରିଛନ୍ତି। ଟ୍ରେଡ ୟୁନିୟନ ଏବଂ ବାମପନ୍ଥୀ ଦଳଗୁଡିକର କର୍ମକର୍ତ୍ତାମାନେ ରାଜଧାନୀର ବିଭିନ୍ନ ସ୍ଥାନରେ ପିକେଟିଂ କରୁଥିବା ଦେଖାଯାଇଥିଲା। ଧର୍ମଘଟ ଯୋଗୁ ରେଳଷ୍ଟେଶନରେ ଦୀର୍ଘ ସମୟ ଧରି ଟ୍ରେନଗୁଡିକ ଅଟକି ରହିଥିଲା। ପୁରୀ-ହାୱଡା ଶତାବ୍ଦୀ ଏକ୍ସପ୍ରେସ, ପୁରୀ-କଟକ-ପୁରୀ ପାସେଞ୍ଜର, କଟକ-ବ୍ରହ୍ମପୁର-କଟକ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିବା ବେଳେ ଅନେକ ଟ୍ରେନ ଗତିପଥ ବଦଳାଯାଇଥିଲା। କେତେକ ଟ୍ରେନ ଷ୍ଟେଶନରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ବସ୍ ଓ ଟ୍ରେନ ଚଳାଚଳ କରୁ ନ ଥିବାରୁ ଦୂର ଦୁରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ହୀନସ୍ତା ହୋଇଥିଲେ। ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଶହଶହ ଯାତ୍ରୀ ଦୀର୍ଘ ସମୟ ଧରି ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ସିଟୁର ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ରାଉତରାୟ କହିଛନ୍ତି, ଦୁଇଦିନ ଧରି ଦିଆଯାଇଥିବା ଧର୍ମଘଟ ସଫଳ ହୋଇଛି। ମୋଦି ସରକାରଙ୍କ ଶ୍ରମିକ ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଜନ ଆକ୍ରୋଶ ସୃଷ୍ଟି ହୋଇଛି।

ସଚିବାଳୟ କର୍ମଚାରୀମାନେ ଧର୍ମଘଟକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ। ରାଜଧାନୀରେ ସିପିଆଇ, ସିପିଆଇ(ଏମ), ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମ୍‌ଏସ, ସିଆଇଟିୟୁ, ଏଆଇସିସିଟିୟୁ, ୟୁଟିୟୁସି, ଏଲ୍‌ପିଏଫ ଆଦି ସଂଗଠନଗୁଡିକର ରାଜ୍ୟ ଶାଖାଗୁଡିକ ଧର୍ମଘଟରେ ସାମିଲ ହୋଇଥିଲେ।

## ସମ୍ବିଧାନ ସଂଶୋଧନ ...

ଚାଷଜମି ୫ ଏକରରୁ କମ୍ ହୋଇଥିବ ସେମାନେ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ସୁବିଧା ପାଇପାରିବେ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି। ସେହିପରି ଯେଉଁମାନଙ୍କର ୧୦୦୦ ବର୍ଗଫୁଟ୍ କିମ୍ବା ଏହାଠାରୁ ଅଧିକ ସ୍ଥାନରେ ଘର ଥିବ, ସହରାଞ୍ଚଳରେ ୧୦୦ ୟାର୍ଡ ଏବଂ ଗ୍ରାମାଞ୍ଚଳରେ ୨୦୦ ୟାର୍ଡରୁ ଅଧିକ ଜାଗାରେ ବାସଗୃହ ଥିବ ସେମାନଙ୍କୁ ସଂରକ୍ଷଣ ସୁବିଧା ମିଳିବ ନାହିଁ। ତେବେ ରାଜ୍ୟ ଚାହିଁଲେ ଏହି ମାନଦଣ୍ଡକୁ ବଦଳାଇପାରିବ ବୋଲି ଆଇନମନ୍ତ୍ରୀ ସ୍ପଷ୍ଟ କରିଥିଲେ। ବିଲ୍‌କୁ ପୂର୍ଣ୍ଣ ହୃଦୟରେ ସମର୍ଥନ ଦେବା ଲାଗି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହା ସରକାରଙ୍କ ପ୍ରଥମ ଛକା ଏବଂ ଆଗକୁ ଆହୁରି ଛକା ଜାରି ରହିବ। ନିର୍ବାଚନରେ କିଏ ହାରିବ ତାହା ଜନସାଧାରଣ ନିଷ୍ପତ୍ତି ନେବେ ବୋଲି ପ୍ରସାଦ କହିଥିଲେ। କଂଗ୍ରେସ ନେତା କପିଲ ସିବଲ ବିଲ୍‌କୁ ସମର୍ଥନ କରିଥିଲେ ହେଁ ଏତେ ତରବରିଆ ଭାବେ ଏହାକୁ ଗୃହୀତ କରାଇବା ଲାଗି ହେଉଥିବା ଉଦ୍ୟମକୁ ବିରୋଧ କରିଥିଲେ। ତେବେ ଏହାକୁ କାର୍ଯ୍ୟକାରୀ କରିବାରେ ୩/୪ଟି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ ବୋଲି ସେ କହିଥିଲେ। ସଂରକ୍ଷଣ ସୀମାକୁ ନେଇ ମାମଲା କୋର୍ଟରେ ବିଚାରାଧୀନ

### ପ୍ରଥମ ପୃଷ୍ଠାରୁ...

ଥିବାବେଳେ ଧାର୍ଯ୍ୟ ୫୦ ପ୍ରତିଶତ ପରେ ଏହି ସଂରକ୍ଷଣ ବ୍ୟବସ୍ଥା କୋର୍ଟ ରାୟର ଉଲ୍ଲଂଘନ ବୋଲି ସିବଲ କହିଥିଲେ। ସରକାର ବିଲ୍ ସମ୍ପର୍କରେ କେଉଁ ଆଇନ ବିଶାରଦଙ୍କ ପରାମର୍ଶ ନେଇଛନ୍ତି ତାହା ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଥିଲେ।

ଅନ୍ୟପକ୍ଷରେ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ ଜଣାଇଛି। ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବିଲ୍ ଉପରେ ପ୍ରଶ୍ନ ଉଠାଇବାର କିଛି ନାହିଁ। ତାଙ୍କ ଦଳ ବିଧେୟକକୁ ସମର୍ଥନ କରୁଛି। ତେବେ ଏହି ବିଲ୍ ପଛରେ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। କାହା ସହିତ ପରାମର୍ଶ ନ କରି ଏମିତି ତରବରିଆ ଭାବେ ବିଲ୍ ଆଣିବାର କ'ଣ ଆବଶ୍ୟକ ଥିଲା ବୋଲି ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଭାଜପା ନେତୃତ୍ୱାଧୀନ ସରକାର ରୋଗାକ୍ରାନ୍ତ ଥିବାରୁ କୋଟା ବିଲ୍‌କୁ ଅମ୍ଳାନ ଭାବେ ବ୍ୟବହାର କରୁଥିବା ସେ ସମାଲୋଚନା କରିଥିଲେ।

ମଣ୍ଡଳ କମିଶନ କଥା ମନେପକାଇ ଆଚାର୍ଯ୍ୟ କହିଥିଲେ, ସେତେବେଳେ ଭୁବନେଶ୍ୱରରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିନା ସୁରକ୍ଷାରେ ଛାତ୍ରମାନଙ୍କ ପାଖକୁ ଯାଇ ଗରିବର କୌଣସି ଜାତି ନାହିଁ ବୋଲି କହିଥିଲେ। ବିଜୁବାବୁଙ୍କ ଉଦ୍‌ବୋଧନ ପରେ ଛାତ୍ରମାନେ ଶାନ୍ତ ପଡିଥିଲେ। ଏବେ ୯୮ ପ୍ରତିଶତ ଲୋକ ସଂରକ୍ଷଣ ବାହାରେ ରହିଥିଲାବେଳେ ସେମାନଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ କେତେଦୂର ସମ୍ଭବ ହେବ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏହି ବିଲ୍‌କୁ ନେଇ ବ୍ୟବସ୍ଥାପକ ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ହୋଇପାରେ ବୋଲି ସେ ଚେତାଇ ଦେଇଥିଲେ। ବିଲ୍ ଗୃହୀତ ହେବା ପରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରିଥିଲେ।

## ଋଣଭାରରୁ ଚାଷୀ...

ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ବୁଧବାର ଭୋର ପ୍ରାୟ ୬ଟାରେ ତାଙ୍କ ମୃତଦେହ ରତ୍ନମାଳାପୁର ବୁଦ୍ଧେଶ୍ୱର ଶୈବପୀଠରୁ ପ୍ରାୟ ୫ ଶହ ମିଟର ଦୂରରେ ଥିବା ଚାଷଜମିରେ ପଡ଼ିଥିବା ଜଣା ପଡିଥିଲା । ନିକଟରେ ପ୍ରକାଶ ବାନ୍ତି କରିଥିବାରୁ ସେ କୌଣସି କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଅପରପକ୍ଷରେ ତିତ୍‌ଲି ଯୋଗୁ ଫସଲ ହାନୀ କାରଣରୁ ଋଣ ପରିଶୋଧ କରି ନ ପାରିବା ଆଶଙ୍କା କରି ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ତାଙ୍କ ଶଳା ଅଲେଖ ରେଞ୍ଜୀ, ସାନଭାଇ ଏନ୍. ସହଦେବ ରେଞ୍ଜୀ ଓ ଗ୍ରାମର ମୁଖିଆ ଅଭି ରେଞ୍ଜୀ ଅଭିଯୋଗ କରିଛନ୍ତି।

## ୮.୨୪ ଲକ୍ଷ କୋଟି ...

ଦକ୍ଷତା ବିକାଶ , ବାତ୍ୟା ଆଶ୍ରୟ ସ୍ଥଳୀର ଭିତ୍ତିଭୂମି, ଓଡ୍ରାଫ, ତୀର୍ଥସ୍ଥଳୀଗୁଡିକର ଭିତ୍ତିଭୂମି, ବିକାଶ ପାଇଁ ୮୭,୫୨୦ କୋଟି, କ୍ୟାପିଟାଲ ଆସେଟ ରକ୍ଷଣା ବେକ୍ଷଣ ପାଇଁ୬୮,୭୦୦ କୋଟିର ଅନୁଦାନ ଦେବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଖଣିଜ ସମ୍ପଦ ଭରା ରାଜ୍ୟ ପାଇଁ ସ୍ୱତନ୍ତ୍ର ଅନୁଦାନ, ଅନୁସୂଚୀତ ଅଞ୍ଚଳବିକାଶ ପାଇଁ ସହାୟତା, ଦ୍ରବ୍ୟ ଓ ସେବା ଟିକସ( ଜିଏସଟି) କ୍ଷତିପୂରଣ ରାଶି ୨୦୨୨ ଅଗଷ୍ଟରୁ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର କମିଶନଙ୍କ ନିକଟରେ ଦାବି କରିଛନ୍ତି। କ୍ଲିନ ଏନଭାଇରନମେଣ୍ଟ ସେସ୍‌କୁ ଜିଏସଟି ପରିସରରୁ ଅଲଗା କରି କୋଇଲା ଉତ୍ପାଦନ ରାଜ୍ୟ ଭାବେ ସ୍ୱତନ୍ତ୍ର ଅନୁଦାନ ଦେବା ଏବଂ ଏଥିସହିତ ୨୦୧୧ ଜନଗଣନା ପରିବର୍ତ୍ତେ ୧୯୭୧ ଜନସଂଖ୍ୟାକୁ ମାନଦଣ୍ଡ ଆକାରରେ ଧରି ମାପଦଣ୍ଡ ପ୍ରସ୍ତୁତ କରିବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି।

ବୁଧବାର ଦ୍ୱିତୀୟ ଦିବସରେ କମିଶନ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ନନ୍ଦ କିଶୋର ସିଂହ କହିଛନ୍ତି ଯେ, ଚାଷୀଙ୍କୁ ଋଣ ଛାଡ଼ କରିବା ରାଜ୍ୟ ସରକାରଙ୍କ ବ୍ୟାପାର। ସେଥିରେ ଅର୍ଥ କମିଶନଙ୍କର କୌଣସି ମତଦେବାର ନାହିଁ। କୃଷି ଋଣ ଛାଡ଼ ହେଲେ ଆଗାମୀ ୫ ବର୍ଷ ପାଇଁ ଜାତୀୟ ଅଭିବୃଦ୍ଧି ହାର ୧୦% ହାସଲ ଦିଗରେ ପ୍ରତିବନ୍ଧକ ହେବ ବୋଲି କମିଶନ ଚେତାଇ ଦେଇଛନ୍ତି। ତେବେ ଗରିବ ଚାଷୀମାନଙ୍କୁ ଋଣଭାରରୁ ରକ୍ଷା କରିବାକୁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନା ଉଦ୍ଦେଶ୍ୟ ମହତ। ତେବେ ଏହି ଯୋଜନାର ହିତାଧିକାର ଚୟନରେ ସ୍ୱଚ୍ଛତା ରହିବା ଦରକାର। ଏହା ହେଲେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ଫାଇଦା ପାଇ ପାରିବେ। ଏଭଳି ଢଙ୍ଗରେ କମିଶନ ରାଜ୍ୟ ସରକାରଙ୍କୁ ପ୍ରଶଂସା ଓ ପରୋକ୍ଷରେ ସତର୍କ ମଧ୍ୟ କରାଇଛନ୍ତି। ଅଧ୍ୟକ୍ଷ ସିଂ କହିଛନ୍ତି ଯେ, ଓଡ଼ିଶା ସବୁଠାରୁ ବିକଶିତ ରାଜ୍ୟ ହେବା ନେଇ ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ଏଠାରେ ରାଜନୈତିକ ସ୍ଥିରତା ରହିଥିବାରୁ ବିକାଶ କ୍ଷେତ୍ରରେ ଏହା ଯଥେଷ୍ଟ ସହାୟକ ହେବ। ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ହାର ସନ୍ତୋଷଜନକ ଥିଲେ ମଧ୍ୟ ଗତ ୨ ବର୍ଷ ହେବ ଜାତୀୟ ହାର ତୁଳନାରେ କମ୍ ରହିଛି। ଆର୍ଥିକ ବିକାଶ ହାରରେ ସ୍ଥିରତା ରହୁ ନାହିଁ। ଫଳରେ ରାଜ୍ୟରେ ମୁଣ୍ଡପିଛା ଆୟ କମ ରହିଛି। ଲଗାତର ପ୍ରାକୃତିକ ବିପର୍ଯ୍ୟୟ ଏହାର ମୁଖ୍ୟ କାରଣ ହୋଇପାରେ ବୋଲି ସିଂ କହିଛନ୍ତି। ଋଣ ହାର ଧାର୍ଯ୍ୟ ଲକ୍ଷ୍ୟଠାରୁ ଉପରକୁ ଯାଇ ନ ଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଦାରିଦ୍ର୍ୟ ଦୂର କରିବାରେ ସଫଳ ପଦକ୍ଷେପ ନେଇଛନ୍ତି। ତେବେ ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ଅବସ୍ଥା ଭଲ ନାହିଁ। ପ୍ରତି ୧୦ ହଜାର ଜନସଂଖ୍ୟା ପାଇଁ ଜଣେ ଡାକ୍ତର ନିଯୁକ୍ତି ହୋଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାରାମେଡିକାଲ କର୍ମଚାରୀମାନଙ୍କର ସଂଖ୍ୟା ବଢାଇବା ଦରକାର। ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ପ୍ରଗତୀ ହୋଇଛି, ତେବେ ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କୃଷି କ୍ଷେତ୍ରରେ ଆଖିଦୃଶିଆ ପ୍ରଗତି ହୋଇ ନ ଥିବାରୁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

କେନ୍ଦ୍ର ବଜେଟ ପ୍ରସ୍ତୁତ ହେବା ପୂର୍ବରୁ ଓଡିଶା ଗସ୍ତରେ ଆସିଥିବା ପଞ୍ଚଦଶ ଅର୍ଥ କମିଶନ ଦୁଇଦିନ ଧରି ରାଜ୍ୟର ଆର୍ଥିକ ସ୍ଥିତି, ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନେଇ ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା, ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧି, ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ମାରାଥନ ଆଲୋଚନା କରିଛନ୍ତି।

ସିଂହ କହିଥିଲେ ଯେ ଦୁଇଦିନ ଧରି ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି। ଓଡିଶାରେ ପ୍ରଚୁର ଖଣିଜ ସମ୍ପଦ ରହିଛି। ୧୬ଟି ରାଜ୍ୟ ଗସ୍ତ କରିବା ପରେ ଓଡିଶାରେ ପହଞ୍ଚିଛୁ। ଚଳିତବର୍ଷ ଶେଷ ଆଡକୁ କମିଶନ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ୨୦୨୦ରୁ ୨୦୨୫ ପାଇଁ ଯୋଜନା ପ୍ରସ୍ତୁତ ହେବ।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ଉତ୍ତମ ପ୍ରଦର୍ଶନ କରି ପାରିଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆରଏଫ୍) ବୃଦ୍ଧି କରିବାକୁ ରାଜ୍ୟ ସରକାର ଦାବି କରିଥିବା ଏନ.କେ.ସିଂ କହିଛନ୍ତି। ଆନ୍ଧ୍ର, ବିହାର, ଓଡିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଛନ୍ତି। ଓଡିଶା ଆର୍ଥିକ ସ୍ୱାଧିନତା ଦାବି କରୁଛି। ତାହା କମିଶନଙ୍କ ପରିସର ଭୁକ୍ତ ନୁହେଁ ବୋଲି କମିଶନ କହିଛନ୍ତି।

## ମହାମେଣ୍ଟରେ ଯୋଗଦେବ...

ନେଇ ରାଜନୀତି ସରଗରମ ହେଉଛି, ତ ପୁଣି କେଉଁଠି ଚାଷୀଙ୍କୁ ସୁହାଇବା ଭଳି ପ୍ୟାକେଜ୍ ଘୋଷଣା କରି ସେମାନଙ୍କୁ ନିଜ ସପକ୍ଷକୁ ଟାଣିବାକୁ ଚେଷ୍ଟା କରୁଛନ୍ତି ସଂପୃକ୍ତ ସରକାର। ଏଭଳି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ଧାନର ଏମ୍‌ଏସ୍‌ପି ଅପର୍ଯ୍ୟାପ୍ତ ଦର୍ଶାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରି କାଠଗଡ଼ାରେ ଛିଡ଼ା କରାଇଥିଲେ। କେନ୍ଦ୍ର ସରକାର ଚାଷୀ ବିରୋଧୀ। ତେଣୁ କୃଷକଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି ବୋଲି ନବୀନ ମତ ରଖିଥିଲେ। କେନ୍ଦ୍ର ପ୍ରତି ତାଙ୍କର ଆଭିମୁଖ୍ୟ ଦେଖି ଜାତୀୟ ଗଣମାଧ୍ୟମରେ ବିଭିନ୍ନ ଚର୍ଚ୍ଚା ଜୋର ଧରିଥିଲା। ଏପରି କି ମହାମେଣ୍ଟରେ ସାମିଲ ସମ୍ପର୍କରେ ତାଙ୍କୁ ପଚରାଯିବାରୁ ଏଥିପାଇଁ ତାଙ୍କୁ ଅଧିକ ସମୟ ଦରକାର ଥିବା ନବୀନ ପଟ୍ଟନାୟକ କହିଥିଲେ। ହେଲେ ଏହାର ଗୋଟିଏ ଦିନ ପରେ ସେ ମେଣ୍ଟରେ ଯୋଗଦାନ ନେଇ ସମ୍ପୂର୍ଣ୍ଣ ମନା କରି ଦେଇଛନ୍ତି।

ବିଜେଡିର ଏଭଳି ରଣନୀତି ନେଇ କଂଗ୍ରେସ ସମାଲୋଚନା କରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ସମଦୂରତ୍ୱ ନୀତି ବିଷୟରେ ସମସ୍ତଙ୍କୁ ଜଣା। ଭାଜପା ସହ ବିଜେଡିର ସମ୍ପର୍କ ବିଷୟରେ କାହାକୁ କିଛି ଅଛପା ନାହିଁ। ବିଜେଡିକୁ ଯାଉଥିବା ପ୍ରତିଟି ଭୋଟ ଜାତୀୟସ୍ତରରେ ଜନବିରୋଧୀ ଭାଜପା ସରକାରକୁ ସୁଦୃଢ କରିବ। ତେଣୁ ଏ ଦୁଇ ଦଳର ପ୍ରକୃତ ବିକଳ୍ପ ହେଉଛି କଂଗ୍ରେସ। କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ନିଜର ଲୋକପ୍ରିୟତା ହରାଇଛନ୍ତି, ଯାହା ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ନିରଞ୍ଜନ କହିଛନ୍ତି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଏହି ପ୍ରସଙ୍ଗରେ ବିଜେଡି ଅପେକ୍ଷା କଂଗ୍ରେସ ମେଣ୍ଟକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଏସ୍‌ପି, ବିଏସ୍‌ପି ଏବଂ ଟିଏମ୍‌ସି କଂଗ୍ରେସର ହାତ ଛାଡ଼ି ସାରିଛନ୍ତି। ତେଣୁ ଆଲୋଚିତ ହେଉଥିବା ମହାମେଣ୍ଟର କୌଣସି ଆଧାରନାହିଁ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଗଙ୍ଗାଧର ମହାନ୍ତି**
ମାର୍କଣ୍ଡେଶ୍ୱର ସାହି, ପୁରୀ ଟାଉନ୍
ଆବିର୍ଭାବ: ୧୪।୦୭।୧୯୪୩
ତିରୋଧାନ: ୩୧।୧୨।୨୦୧୮

ଅନନ୍ତକୋଟି ବ୍ରହ୍ମାଣ୍ଡନାୟକ ନୀଳାଚଳଧାମର ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ ବନ୍ଧୁ ଏବଂ ପରିବାରବର୍ଗ, ପୁରୀ। ଧ-୬୪୦୩୪

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶତପଥୀ**
**ଅବସରପ୍ରାପ୍ତ ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ, କୁଞ୍ଜକାନ୍ତ, ଢେଙ୍କାନାଳ**
ଆବିର୍ଭାବ: ୦୩।୦୧।୧୯୨୮
ତିରୋଧାନ: ୩୦।୧୨।୨୦୧୮

ବାପା, ଆଜି ତୁମ ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁମ ଆଶୀର୍ବାଦ ଆମର ପାଥେୟ ହେଉ, ତୁମର ଦୃଢ ମନୋବଳ, ଶୃଙ୍ଖଳିତ ଜୀବନ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୬୩

## ରଞ୍ଜିତ କୁମାର ଆମିକସ୍...

ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫କୁ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିରରେ ଭକ୍ତମାନେ ସେବକଙ୍କ ଦ୍ୱାରା ନାନା ହଇରାଣ ଓ ଶୋଷଣର ଶିକାର ହେଉଛନ୍ତି। ଏଣୁ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଥିଲେ। ଜୁନ୍ ୮ରେ ୨ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ମାମଲାରେ କୋର୍ଟଙ୍କୁ ସହଯୋଗ କରିବା ପାଇଁ ସୁବ୍ରମଣ୍ୟମ୍‌ଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଥିଲେ। ଏହାପରେ ସୁବ୍ରମଣ୍ୟମ୍ ପୁରୀ ଆସି ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ସ୍ଥିତି ଅନୁଧ୍ୟାନ କରିବା ସହ ଶଙ୍କରାଚାର୍ଯ୍ୟ, ଗଜପତି, ଶ୍ରୀମନ୍ଦିର ପ୍ରଶାସନ ସମେତ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିଥିଲେ। କିନ୍ତୁ ନଭେମ୍ବର ୩୦ରେ ହେବାକୁ ଥିବା ମାମଲାର ଶୁଣାଣି ପୂର୍ବରୁ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଦାୟିତ୍ୱରୁ ଓହରିଯାଇଥିଲେ। ତେବେ ସୁବ୍ରମଣ୍ୟମଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯିବାରୁ ସେ ଓହରିଗଲେ ବୋଲି ଓଡିଶା ସରକାରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ଶିବାଶିଷ ମିଶ୍ର ଅଦାଲତଙ୍କୁ ଜଣାଇଥିଲେ। ସୂଚନାଥାଉ କି ପୂର୍ବରୁ ଆଇନଜୀବୀ ଦେବାଶିଷ ମିଶ୍ର ଅନିୟମିତତା ଅଭିଯୋଗ ଆଣି ସୁବ୍ରମଣ୍ୟମ୍, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହେଲେ ଖଣ୍ଡପୀଠ ଗତ ଡିସେମ୍ବର ୧୧ରେ ଏହାକୁ ଖାରଜ କରିଦେଇଥିଲେ ବୋଲି ଶ୍ରୀମନ୍ଦିର ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଶ୍ୱେତକେତୁ ମିଶ୍ର କହିଥିଲେ।

## ଓଡ଼ିଶାରେ ହେବ ...

୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳ ଭାବେ ଆୟୋଜିତ ହେବା ଯୋଗୁଁ ଏହି ସୁଯୋଗ ଏବେ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନକୁ ମିଳିଛି। କଟକ କିମ୍ବା ଭୁବନେଶ୍ୱରରେ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ କରାଯିବ ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ.ପି. ସିଂ ଯୋଗ ଦେଇ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ହେବାର ସବୁଜ ସଙ୍କେତ ଦେଇଛନ୍ତି। ତେବେ ଏଯାଏ ଭେନ୍ୟୁ ଚୂଡ଼ାନ୍ତ ହୋଇନାହିଁ। ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ହେଲେ ଖେଳାଳିଙ୍କ ରହଣି ନିମନ୍ତେ ପଞ୍ଚ ତାରକା ହୋଟେଲର ଆବଶ୍ୟକତା ରହିଛି।ଯାହା କଟକରେ ଉପଲବ୍ଧ ନାହିଁ। ଅନ୍ୟପପକ୍ଷରେ ଭୁବନେଶ୍ୱରରେ ପଞ୍ଚତାରକା ହୋଟେଲ ଥିବା ବେଳେ ବିଶ୍ୱ ସ୍ତରୀୟ ଟିଟି ଟୁର୍ଣ୍ଣାମେଣ୍ଟ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି । ଏଣୁ ଖେଳାଳିମାନେ ଭୁବନେଶ୍ୱରରେ ରହିବା ସହ କଟକରେ ଟୁର୍ଣ୍ଣାମେଣ୍ଟ ହେବାର ଆଶା ରହିଛି ବୋଲି ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କହିଛନ୍ତି। ଖୁବ୍‌ଶୀଘ୍ର ଜାତୀୟ ସଂଘର ଏକ ଟିମ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ନିମନ୍ତେ ଅନୁଧ୍ୟାନରେ ଆସିବ ବୋଲି ସେ କହିଥିଲେ।

## ୩୧ରୁ ବଜେଟ୍ ...

ପରେ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯିବ। ଏହା ପରେ ଉକ୍ତ କମିଟି ବଜେଟ୍ ଅଧିବେଶନର ତାରିଖ ଚୂଡ଼ାନ୍ତ କରିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୩୧ରେ ପାର୍ଲାମେଣ୍ଟର ଉଭୟ ଗୃହକୁ ସମ୍ବୋଧିତ କରିବେ ଏବଂ ଏହି ଦିନ ଅର୍ଥନୈତିକ ସର୍ଭେ ରିପୋର୍ଟ ଆଗତ କରାଯିବ। ବଜେଟ ଅଧିବେଶନ ସାଧାରଣତଃ ଦୁଇଟି ପର୍ଯ୍ୟାୟରେ ବସିଥାଏ। ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଏଥର ଏହା ଗୋଟିଏ ପର୍ଯ୍ୟାୟରେ ହୋଇପାରେ। ଏହା ହେବ ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଚନ୍ଦ୍ର ଏକାଦଶ ସ୍ଥାନରେ ରହିଥିବାରୁ କାର୍ଯ୍ୟସିଦ୍ଧି ହେବା ସହ ଆର୍ଥିକ ଉନ୍ନତିରୁ ଖୁସୀ ହେବେ। ନିକଟ ସମ୍ପର୍କୀୟଙ୍କ ସହଯୋଗରେ ଆନୁଷ୍ଠାନିକ କାମ ସମ୍ପନ୍ନ ହୋଇପାରିବ। ଶିଳ୍ପ, ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ପାଇବେ। ବନ୍ଧୁ ମିଳନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ**

ତୃତୀୟାଧିପ ଚନ୍ଦ୍ର କର୍ମଭାବରେ ରହି ସାହାଯ୍ୟ, ସହଯୋଗ ମାଧ୍ୟମରେ ଲକ୍ଷ୍ୟ ପୂରଣରେ ସମର୍ଥ ହେବେ। ଆଜିର ଯାତ୍ରା କାଳରେ ପ୍ରତିଦ୍ୱନ୍ଦ୍ୱିତାରେ କିମ୍ବା ସଭାସମିତିରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ପରିବହନ,ଆଲୋଚନା, ବ୍ୟବସାୟ,ବାଣିଜ୍ୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ବେପାର ସନ୍ତୋଷଜନକ ହେବନାହିଁ।

**ମିଥୁନ**

ବନ୍ଧୁଙ୍କ ଆଲୋଚନା ସମୟରେ ଅନାବଶ୍ୟକ କଥା ପରିହାର କରିବା ଭଲ । ନଚେତ୍ ଅଯଥା କଳହ ସାଙ୍ଗକୁ ଅସାବଧାନତାରେ ଧନହାନିର ସୂଚନାକୁ ହେୟ ମନେକରିବା ଠିକ୍ ହେବନି । ମାଲିମକଦ୍ଦମା, ଘରୋଇ ଆଲୋଚନାରେ ଅଯଥା ଟେନ୍ସନ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ।

**କର୍କଟ**

ଶନିକ୍ଷେତ୍ରସ୍ଥ ଚନ୍ଦ୍ରପ୍ରଭାବରେ ଥଣ୍ଡା, କାଶ, ଶ୍ୱାସରେ ପୀଡିତ ହୋଇପାରନ୍ତି । କୌଣସି ବନ୍ଧୁ କିମ୍ବା ନିଜ ପରିସରର ବ୍ୟକ୍ତିମାନେ ଆପଣଙ୍କ ସହଯୋଗ ଆଶା କରିବେ। ଜମିଜମା ସମ୍ପର୍କୀୟ କଥା, ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଓଲଟପାଲଟ ହୋଇଯିବ। କର୍ମକ୍ଷେତ୍ରରେ କୌଣସି ଈର୍ଷାପରାୟଣ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**ସିଂହ**

ଆଜିର ଆଲୋଚନା ଓ ନିଷ୍ପତ୍ତି କାର୍ଯ୍ୟକାରୀ ହେବା କଷ୍ଟକର ହେବ । ଶାରୀରିକ ସୁସ୍ଥତାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇପାରେ । ଅଭାବ ଓ କେତେକ ପାରିବାରିକ ଅସୁବିଧା କର୍ମକ୍ଷେତ୍ରକୁ ବିଳମ୍ବିତ କରିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ ପ୍ରତିବେଶୀଙ୍କ ସହ ସଂପର୍କ ମଧୁର ରହିବ।

**କନ୍ୟା**

ଆଜିର ଗ୍ରହସ୍ଥିତି ପ୍ରତ୍ୟେକ ଦୃଷ୍ଟିରୁ ଭଲ ରହିଥିବାରୁ ଯାହା କରିବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କିନ୍ତୁ ଅର୍ଥ ସମ୍ପର୍କିତ କିମ୍ବା ଦ୍ରବ୍ୟପ୍ରାପ୍ତି ଚନ୍ଦ୍ରଙ୍କ ସ୍ଥିତିରୁ ହୋଇ ନ ପାରେ । ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ନିଜ କାମ ଛାଡି ବିଳାସବ୍ୟସନ, ଅନ୍ୟର କାମରେ ବୁଡ଼ି ରହିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ତୁଳା**

କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟରେ ଆଶା ଅପୂରଣ ରହିବାର ସୂଚନା ରହିଛି । ଅବଶ୍ୟ କର୍ମାଧିପ ନିଜ ରାଶିରୁ ଅଷ୍ଟମସ୍ଥ ହେତୁ ଅପରାହ୍ନରେ କିଛିଟା ଶୁଭ ସଂକେତ ପାଇବେ । ସମସ୍ୟାର ସମାଧାନ ଦିଗରେ ବିଜାତୀୟ ବ୍ୟକ୍ତି ମାନଙ୍କ ସାହାଯ୍ୟ ଲାଭ କରିପାରନ୍ତି। ସାମାନ୍ୟ ଥଣ୍ଡାଜନିତ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିପାରିବ।

**ବିଛା**

ଧନ ସ୍ଥାନରେ ପାପଗ୍ରହ ଓ ଚନ୍ଦ୍ର ଶନିକ୍ଷେତ୍ରସ୍ଥ ଯୋଗୁ ଭାବପ୍ରବଣତାବଶତଃ ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଆପଣଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା କାରଣରୁ ସମ୍ମୁଖରେ ନ ହେଲେ ମଧ୍ୟ ପଛରେ ଶତ୍ରୁମାନେ ମଧ୍ୟ ପ୍ରଶଂସା କରିବେ। ଅନୁରାଧା ନକ୍ଷତ୍ର ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ଧନୁ**

ରାଶିର ଦ୍ୱାଦଶରେ ଗୁରୁ ଓ ଶୁକ୍ର ଧର୍ମକାର୍ଯ୍ୟ, ନୂତନ ପ୍ରକଳ୍ପ, ଆନୁଷ୍ଠାନିକ କାମରେ ବ୍ୟୟବରାଦ କରାଇପାରେ। କୌଣସି ଶୁଭଖବର ମନକୁ ଉତ୍ସାହିତ କରାଇ ଦିନଟିକୁ ଖୁସିରେ ଅତିବାହିତ କରାଇବ। ସ୍ୱାସ୍ଥ୍ୟ, ପରିବାର, ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଶୁଭଫଳ ପାଇବା କଷ୍ଟକର ହୋଇପାରେ। ବାଣିଜ୍ୟ,ବ୍ୟବସାୟ, ପରିବହନ, ନିର୍ମାଣ, ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିପାରେ।

**ମକର**

ମନଭିତରେ ଯାହା ଥାଉନା କାହିଁକି ଆପଣ କଥାରେ ଅନ୍ୟମାନଙ୍କୁ ସହଜରେ ଆପଣାର କରିପାରିବେ। ଫଳତଃ କେତେକ କ୍ଷେତ୍ରରେ ଅଯାଚିତ ଭାବରେ ଅର୍ଥ, ସମ୍ମାନ ଓ ବନ୍ଧୁଙ୍କ ଅଭ୍ୟର୍ଥନା ମଧ୍ୟ ପାଇପାରନ୍ତି । କିନ୍ତୁ ସାମୟିକ ଭାବରେ ଦାୟିତ୍ୱପୂର୍ଣ୍ଣ କାମଟିକୁ ପାସୋରି ଦେଇପାରନ୍ତି। ତଥାପି ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ ।

**କୁମ୍ଭ**

ମୁଖଭାସ୍ଥ ମଙ୍ଗଳ ପ୍ରଭାବରେ ଆପଣଙ୍କ ସାମ୍ନାରେ ଅନ୍ୟମାନେ କଥାବାର୍ତ୍ତା ହେବା ପାଇଁ ପଛେଇ ରହିପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମ ନିଶ୍ଚିତ ସମାପନ ହେବ। କଠିନ ପରିଶ୍ରମ ଜନିତ ସ୍ୱାଭାବିକ ଦୁର୍ବଳତା ଅନୁଭବ କରିବା ସହ ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମୀନ**

ଆପଣଙ୍କ ମନରେ ଯେମିତି ପ୍ରଫୁଲ୍ଲତା ଭରି ରହିବ ଠିକ୍ ସେହିପରି କାମଗୁଡିକ ମଧ୍ୟ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ, ସଭାସମିତିରେ, ବାଣିଜ୍ୟ ବ୍ୟବସାୟରେ ଅଭିଳଷିତ ଫଳ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ବାକ୍‌ବିତଣ୍ଡାଜନିତ ଟେନସନ୍ ବଢ଼ିପାରେ।

ଆଜି ପୌଷ ଶୁକ୍ଳ ଚତୁର୍ଥୀ ଗୁରୁବାର, ଜାନୁୟାରୀ ୧୦ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୦।୩୨ମି. ଗତେ ଘ୧୧।୫୪ମି.ମଧ୍ୟେ, ଘ୧।୧୬ମି. ଗତେ ଘ୨।୩୮ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୮ମି. ମଧ୍ୟେ ଘ୧୧।୫୪ମି. ଗତେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୧୫ମି. ଗତେ, ଘ୨।୩୭ମି. ମଧ୍ୟେ ରାହୁକାଳ।

# ପୋଲ ତଳକୁ ଖସିଲା ବାଇକ୍, ୩ ମୃତ

**ନୂଆପଡ଼ା ଅଫିସ,୯।୧**

ମଙ୍ଗଳବାର ବିଳମ୍ବିତ ରାତିରେ ନୂଆପଡ଼ା-ବରଗଡ଼ ବିଜୁ ଏକ୍ସପ୍ରେସ ରାସ୍ତାର ପଗାରପାଣି ଗାଁ ନିକଟରେ ନିର୍ମାଣାଧୀନ ଏକ ପୋଲ ତଳକୁ ବାଇକ୍ ଖସିପଡିବାରୁ ଘଟଣାସ୍ଥଳରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ସ୍ଥାନୀୟ ଖଲିଆପାଣି (ବିଜରାଡିହି) ଗାଁର ଚୈନସିଂ ମାଝି (୧୯), ପୁନିତରାମ ମାଝି (୨୦) ଏବଂ ଛତିଶଗଡ଼ ଖଇରାଟର ଦିବାନ ମାଝି (୧୮)। ବୁଧବାର କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହକୁ ରଖି ରାସ୍ତାରୋକୋ କରିଥିଲେ । ଠିକାଦାର ୩ ପରିବାରଙ୍କୁ ୫ ଲକ୍ଷ ଟଙ୍କାର ସହାୟତା, ପ୍ରଶାସନ ତରଫରୁ ୧୨ ହଜାର ଟଙ୍କା ପ୍ରଦାନ କରାଯିବା ପରେ ରାସ୍ତାରୋକେ ହଟିଥିଲା। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପୃକ୍ତ ପରିବାରକୁ ହସ୍ତାନ୍ତର କରାଯାଇଛି । ଏ ନେଇ ନୂଆପଡ଼ା ଥାନାରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୩ ଯୁବକ ବରଗଡ଼ର ଏକ ଟାଇଲ୍ସ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କିଛିଦିନ ତଳେ ସେମାନେ ଘରକୁ ଆସିଥିଲେ। ମଙ୍ଗଳବାର ରାତିରେ ସେମାନେ ନୂଆପଡାକୁ ଧନୁଯାତ୍ରା ଦେଖିବାକୁ ଯାଇଥିଲେ । ସେଠାରୁ ବିଳମ୍ବିତ ରାତିରେ ଏକ ବାଇକ୍‌ରେ ଫେରୁଥିଲେ । ପଗାରପାଣି ଗାଁ ନିକଟରେ ଏକ ନିର୍ମାଣାଧୀନ ପୋଲ ତଳକୁ ଭାରସାମ୍ୟ ହରାଇ ବାଇକ୍‌ଟି ଖସି ପଡ଼ିଥିଲା । ସେଠାରେ ଜମିଥିବା ପାଣିରେ ବୁଡି ୩ ଜଣଙ୍କ ମୃତ୍ୟୁ ଘଟିଥିଲା । ସକାଳୁ ସ୍ଥାନୀୟ ଲୋକେ ୩ଜଣଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ନୂଆପଡ଼ା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ୩ ମୃତଦେହ ଉଦ୍ଧାର କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରି ଘଟଣା ଠିକାଦାରଙ୍କ ଦୋଷ ଯୋଗୁ ଘଟିଛି ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। କ୍ଷତିପୂରଣ ନ ମିଳିବା ଯାଏ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛାଡିବେ ନାହିଁ ବୋଲି ସେମାନେ ଜିଦ୍ କରିଥିଲେ । ଶେଷରେ ମୃତଦେହ ରଖି ନୂଆପଡ଼ା-ବରଗଡ଼ ରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ନୂଆପଡ଼ା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି, ଗୋଡଫୁଲା ସରପଞ୍ଚ ହରି ମାଝି, ନୂଆପଡ଼ା ବିକାଶ ଅଭିଯାନର ରାହୁଲ ଯାଦବ, ନିର୍ମଳ ରାଉତ ପ୍ରମୁଖ ପହଞ୍ଚି ସେମାନଙ୍କ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଦିନ ୧ଟାରେ ଠିକାଦାରଙ୍କ ପ୍ରତିନିଧି ଆସି ମୃତକଙ୍କ ପରିବାରଙ୍କୁ ସହାୟତା ରାଶି ପ୍ରଦାନ କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ରେଡକ୍ରସରୁ ୧୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।


ମୃତଦେହ ପଡ଼ିଥିବା ପୋଲ ନିକଟରେ ଲୋକଙ୍କ ଭିଡ଼।

- **ଉତ୍ତେଜନା, ରାସ୍ତାରୋକୋ**
- **ସହାୟତା ମିଳିବା ପରେ ମୃତଦେହ ଉଠିଲା**

# ବିମାନରେ ଯାତ୍ରୀଙ୍କ ଜରୁରୀ ଚିକିତ୍ସା କଲେ ବିଧାୟିକା

**ବାଲିଆ,୯।୧:** ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ସୋମବାର ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଯୋଗେ ଦିଲ୍ଲୀ ଯାତ୍ରା କରୁଥିବାବେଳେ ଜଣେ ଯାତ୍ରୀଙ୍କ ଜରୁରୀ ଚିକିତ୍ସା କରି ପ୍ରଶଂସାର ପାତ୍ର ହୋଇଛନ୍ତି। ସୂଚନା ଅନୁଯାୟୀ, ବିଧାୟିକାଙ୍କ ସାମ୍ନାରେ ଏକ ଦମ୍ପତି ବସିଥିଲେ। ବିମାନରେ ପରିବେଷିତ ପ୍ରାତଃ ଭୋଜନ ଖାଇବା ବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ଜଣଙ୍କ ହଠାତ୍ ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କ ପାଟି ପଡିଯାଇଥିଲା ଓ ଖାଦ୍ୟ ଅଟକି ରହିଥିଲା। ତାଙ୍କ ସ୍ତ୍ରୀ ଏଥିରେ ବିବ୍ରତ ହୋଇ ଡାକ ପକାଇଥିଲେ। ଏହି ସମୟରେ ବିଧାୟିକା ନିଜ ଗୋଡ଼ ବ୍ୟାଣ୍ଡେଜ୍ ହୋଇଥିଲେ ମଧ ସେଥିପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କ ପାଖକୁ ଉଠିଆସିଥିଲେ। ନିଜକୁ ଜଣେ ଡାକ୍ତର ବୋଲି ପରିଚୟ ଦେଇ ପ୍ରାଥମିକ ଚିକିତ୍ସା ସ୍ୱରୂପ ଆଙ୍ଗୁଠି ପୂରାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଟିରେ ରହିଥିବା ଖାଦ୍ୟ ବାହାର କରିଦେଇଥିଲେ। ଏହା ଦ୍ୱାରା ଖାଦ୍ୟ ଭିତରକୁ ଯାଇ ଶ୍ୱାସରୁଦ୍ଧ ହେବାର ଆଶଙ୍କାକୁ ଏଡାଇ ଦିଆଯାଇଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅମ୍ଳଜାନ ଦେଇ ପାଣି ସିଞ୍ଚନ କରି ସଂଜ୍ଞା ଫେରାଇ ଆଣିଥିଲେ। ବିଧାୟିକାଙ୍କ ଏଭଳି କାର୍ଯ୍ୟ ଦେଖି ବିମାନ ପରିଚାରିକା ଓ ଯାତ୍ରୀମାନେ ବେଶ୍ ପ୍ରଶଂସା କରିଥିଲେ। ଉକ୍ତ ଦମ୍ପତି ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ବୋଲି ପ୍ରକାଶ କରିଥିଲେ। ମଧୁମେହ ଓ ବିଳମ୍ବରେ ଖାଦ୍ୟ ଗ୍ରହଣ ଯୋଗୁ ଏଭଳି ହୋଇଥିବା ବିଧାୟିକା ସେମାନଙ୍କୁ କହିଥିଲେ। ଏଥିସହ ପ୍ରଥମେ ସେ ଜଣେ ଡାକ୍ତର ଓ ପରେ ରାଜନେତା ବୋଲି ପ୍ରକାଶ କରିଥିଲେ।

# ମାରଣାସ୍ତ୍ର ଦେଖାଇ ୧୪ ଲକ୍ଷ ୧୬ ହଜାର ଲୁଟ୍

**ଖୋର୍ଦ୍ଧା ଅଫିସ,୯।୧**

ଖୋର୍ଦ୍ଧା ଜିଲା ବାଣପୁର ଥାନା ବଡପଦର ମୌଜାର କଲେଜ ରୋଡରେ ଥିବା ଏଲଆଣ୍ଡଟି ଅର୍ଥ ଲଗାଣକାରୀ ସଂସ୍ଥାରୁ ମଙ୍ଗଳବାର ରାତି ସାଢ଼େ ୯ଟାରେ ୧୪ ଲକ୍ଷ ୧୬, ୬୭୩ ଟଙ୍କା ଲୁଟ୍ ହୋଇଛି। ଦୁଇ ମୁଖାଧାରୀ ଲୁଟେରା ଶାଖା ପରିଚାଳକଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍ କରିଥିବା ରିଜିଓନାଲ ମ୍ୟାନେଜର ସୁନୀଲ କୁମାର ରଣା ଥାନାରେ ଅଭିଯୋଗ କରିଛନ୍ତି ।

ପୋଲିସ ସୂଚନା ମୁତାବକ ମଙ୍ଗଳବାର ସନ୍ଧ୍ୟାରେ କଲେକ୍‌ଶନ ହୋଇଥିବା ୧୪ ଲକ୍ଷ ୧୬, ୬୭୩ ଟଙ୍କା ଗଣି କାର୍ଯ୍ୟାଳୟରେ ଶାଖା ପରିଚାଳକ ରାକେଶ ପାତ୍ର ଏକ ବ୍ୟାଗରେ ରଖିଥିଲେ। ସେହିପରି ୫ ଲକ୍ଷ ୨୨, ୮୦୭ ଟଙ୍କା ଏକ ଡ୍ରରେ ରଖାଯାଇଥିଲା। ଶାଖା ପରିଚାଳକ କାର୍ଯ୍ୟାଳୟରେ ଥିବାବେଳେ ୨ ଜଣ ମୁଖାଧାରୀ ଯୁବକ ପହଞ୍ଚି ତାଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ ନେଇ ପଳାଇ ଯାଇଥିଲେ। ତେବେ ଲୁଟେରାମାନେ ଡ୍ରରେ ଥିବା ଟଙ୍କା ସମ୍ପର୍କରେ ଜାଣି ପାରି ନ ଥିଲେ। ଏ ନେଇ ବାଣପୁର ଥାନାର ନାଚୁଣୀ ଫାଣ୍ଡିରେ ଶାଖା ପରିଚାଳକଙ୍କ ଅଭିଯୋଗ ପରେ ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ, ବାଲୁଗାଁ ଏସ୍‌ଡିପିଓ ସୁବାସ ପଣ୍ଡା ଓ ବାଣପୁର ଥାନା ଆଇଆଇସି ସଞ୍ଜୟ ପଟ୍ଟନାୟକ ଶାଖା କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ରିଜିଓନାଲ ମ୍ୟାନେଜର ରଣାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨/୧୯ରେ ମାମଲା ରୁଜୁ କରିଛି। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତକାରୀ ଅଫିସର ନାଚୁଣୀ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି। ଅର୍ଥ ଲଗାଣକାରୀ ସଂସ୍ଥାରୁ କେତେ ଟଙ୍କା ଲୁଟ୍ ହୋଇଛି, ଠିକ୍ ଭାବେ ଶାଖା ପରିଚାଳକ ଦିନବେଳା କହି ନ ଥିଲେ। ଗଣମାଧ୍ୟମ ଓ ପୋଲିସକୁ ଭିନ୍ନ ଭିନ୍ନ କଥା କହି ବାରମ୍ବାର ଲୁଟ୍ ଟଙ୍କା ସମ୍ପର୍କରେ ମତ ବଦଳାଉଥିଲେ। କେତେବେଳେ ଦା, ଭୁଜାଲି ଦେଖାଇଥିବା କହିଥିଲେ। ଶାଖା କାର୍ଯ୍ୟାଳୟରେ ଏତେ ଟଙ୍କା ରଖା ଯାଇଥିବାବେଳେ ସିସିଟିଭି କ୍ୟାମେରା ଲଗା ଯାଇ ନ ଥିଲା। ଲୁଟେରାମାନେ ଆକ୍ରମଣ ନ କରି କେବଳ ଭୟଭୀତ କରି ଟଙ୍କା ଲୁଟି ନେବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।


**ସମ୍ବଲପୁରୀ ବସ୍ତ୍ରାଳୟ**

**ମକର ଓ ପୋଙ୍ଗଲ**

ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



**ବିଶେଷ ସରକାରୀ ରିହାତି**

**୧୦% + ୨୦%**

ଅବଧି
ତା.୦୮।୦୧।୨୦୧୯ ରୁ ତା.୧୩।୦୧।୨୦୧୯ ପର୍ଯ୍ୟନ୍ତ

**ନୂତନ ବସ୍ତ୍ରର ସମ୍ଭାର**

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍‌ସେଟ୍
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।
୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମ୍ନା, ବରଗଡ଼





ON YOUR WEDDING
ARRIVE IN
STYLE

Let the world be amazed by your gorgeous style statement. For a forever kind of wedding, choose from the trendiest collection of suits, sherwanis and the most breathtaking range of sarees and wedding lehengas from Kalamandir. Make your special day, **a truly special one!**

kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
*Shop with a smile.*
3, Western Market, Bhubaneswar 751009

Benarasis | Kanjeevarams | Odissis | Printed Silks | Brocades | Jamevars
South Silks | Gadwals | Fancy Sarees | Lehengas | Suitings | Shirtings
Suits | Jackets | Kurta Pyjamas | Sherwanis | Exclusive Readymades
Women's Wear | Kidswear | Furnishings | Dress Materials

R K SWAMY BBDO KALA 2859/18



କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର

CII
Confederation of Indian Industry



**କୃଷି ଓଡ଼ିଶା**

୧୫-୧୯ ଜାନୁଆରୀ, ୨୦୧୯ ଭୁବନେଶ୍ୱର, ଓଡ଼ିଶା

**କୃଷକଙ୍କ ଆୟକୁ ବହୁଗୁଣିତ କରିବା**

**୧୫-୧୯ ଜାନୁଆରୀ, ୨୦୧୯**
**ବିଜୁ ପଟ୍ଟନାୟକ ଖେଳ ପଡ଼ିଆ**
**ବରମୁଣ୍ଡା, ଭୁବନେଶ୍ୱର**



**ଆଲୋଚନା ଚକ୍ର**

- କୃଷକଙ୍କ ଆୟ ବହୁଗୁଣିତ କରିବା - କୃଷି ଉଦ୍ୟୋଗୀକରଣ
- ଜୈବିକ କୃଷି
- ସାମୁଦ୍ରିକ ଓ ମଧୁର ମାଛର ପ୍ରକ୍ରିୟାକରଣ
- ଶୀତଳୀକରଣ ଓ ଗୋଦାମ ଗୃହ
- କୃଷି ଯାନ୍ତ୍ରିକୀକରଣ ଓ କୃଷି କ୍ଷେତ୍ରରେ ଦକ୍ଷତା ବୃଦ୍ଧି
- ଜଳ ଉପଯୋଗ ଦକ୍ଷତା ବୃଦ୍ଧି
- କୃଷିରେ ମହିଳାଙ୍କ ଭୂମିକା
- ମସଲା ଓ ସୁଗନ୍ଧ ଜାତୀୟ ଦ୍ରବ୍ୟର ବଜାର ସଂଯୋଗୀକରଣ

**ମୁଖ୍ୟ ଲକ୍ଷ୍ୟ**

- କୃଷି ଯନ୍ତ୍ରପାତି, କୃଷି ବୈଷୟିକ ଜ୍ଞାନକୌଶଳ, ଅମଳ ପୂର୍ବ ଓ ପରବର୍ତ୍ତୀ ଯତ୍ନ, ସନ୍ତୁଳିତ ସାର ବ୍ୟବହାର, ଅଧିକ ଅମଳକ୍ଷମ ବିହନ କିସମର ଉନ୍ନତିକରଣ
- ଲୋକାଭିମୁଖୀ କୃଷକ ସହାୟକ ଜୈବିକ କୃଷି
- ଚାଷ ପ୍ରଣାଳୀ, ଖାଦ୍ୟ ପ୍ରକ୍ରିୟାକରଣ କୌଶଳ, ପ୍ୟାକେଜିଂ ଜ୍ଞାନକୌଶଳ, ଖାଦ୍ୟ ସଂରକ୍ଷଣ ଓ ବଣ୍ଟନ ଇତ୍ୟାଦି
- କ୍ଷୁଦ୍ର ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷିର ଉନ୍ନତିକରଣ ସହିତ କୃଷି ଶ୍ରମିକଙ୍କ କର୍ମ ନିୟୋଜନ



ଉଦ୍‌ଘାଟନ କରିବେ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ

**ସୁଦୃଶ୍ୟ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ**

ପ୍ରଦର୍ଶନୀ ମଣ୍ଡପ ପାଇଁ ଯୋଗାଯୋଗ କରନ୍ତୁ, ସନ୍ତୋଷ କୁମାର, CII - ୮୩୩୭୯୪୪୮୬୬, ସତ୍ୟ ନାରାୟଣ ମିଶ, ନିର୍ଦ୍ଦେଶକ, ଇମେକ୍ସ - ୯୪୩୭୧୭୯୭୦୮

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହେଁ।)
-ଶ୍ରୀମା



# ଭିଗନ୍ ବ୍ୟବସାୟ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ଭିଗନ୍ ବା ଶୁଦ୍ଧ ନିରାମିଷାଶୀମାନେ ମାଛ, ମାଂସ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ଅଣ୍ଡା, ମହୁ ଇତ୍ୟାଦି କୌଣସି ପ୍ରକାର ପ୍ରାଣିଜ ଦ୍ରବ୍ୟ ଆହାର କରନ୍ତି ନାହିଁ। ସେମାନେ ପଶୁଲୋମ, ଚମଡ଼ା ଓ ଉଲ୍‌ରୁ ତିଆରି ଜିନିଷ ମଧ୍ୟ ବ୍ୟବହାର କରନ୍ତି ନାହିଁ। ଏପରି କି ଯେଉଁ ବଡି କେୟାର ଓ ପ୍ରସାଧନ ସାମଗ୍ରୀ ଆଦି ଉତ୍ପାଦନ ପୂର୍ବରୁ ପ୍ରାଣୀଙ୍କ ଉପରେ ପରୀକ୍ଷା କରାଯାଇଥାଏ କିମ୍ବା ଯେଉଁ ସାମଗ୍ରୀରେ ସାମାନ୍ୟତମ ପ୍ରାଣିଜ ଉପାଦାନ ଥାଏ, ସେମାନେ ତାକୁ ବ୍ୟବହାର କରନ୍ତି ନାହିଁ।

ସ୍ୱିଡେନ୍‌ର ରାଷ୍ଟ୍ରଦୂତ ମୋତେ ଥରେ କହିଲେ ଯେ, ଷ୍ଟକ୍‌ହୋମ୍‌ରେ ଥିବା ତାଙ୍କ ଘରେ ସେ ଯେତେବେଳେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଡିନର ପାର୍ଟି ଦିଅନ୍ତି, ସେତେବେଳେ ସେ ସ୍ୱାଭାବିକ ଭାବେ ମାଂସଭୋଜୀ ଅତିଥି ପାଇଥାନ୍ତି। ମାତ୍ର ସେ ଯେତେବେଳେ ୪୦ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ଡିନର ପାର୍ଟି ଦିଅନ୍ତି, ସେତେବେଳେ ସେ ପ୍ରାୟ ପ୍ରତି ଛଅ ଜଣରେ ଦୁଇ ଜଣ ନିରାମିଷାଶୀ ବା ଶୁଦ୍ଧ ନିରାମିଷାଶୀ ପାଇଥାନ୍ତି। ଅର୍ଥାତ୍ ଯୁବବର୍ଗ ଭିତରେ ନିରାମିଷ ଓ ଶୁଦ୍ଧ ନିରାମିଷ ପ୍ରତି ଆଗ୍ରହ ବଢ଼ୁଛି।

ମୋ ମନ୍ତ୍ରଣାଳୟ ଏଇ ନିକଟରେ ଚତୁର୍ଥ ଜାତୀୟ ଜୈବ ମେଳା ଉଦ୍‌ଯାପନ କରିଛି। ଏଥିରେ ୪୫୦ଟା ଷ୍ଟଲ୍ ପଡ଼ିଥିଲା। ପ୍ରତିଦିନ ଅନେକ ହଜାର ଦର୍ଶକ ଆସୁଥିଲେ। ଏଥର ଆମେ ଭିଗନ୍ ବିଭାଗ ଓ ଭିଗନ୍ ଖାଦ୍ୟ ବିପଣିର ଆୟୋଜନ କରିଥିଲୁ। ତାହା ଖୁବ୍ ଭଲ ଚାଲିଲା। ବିଶେଷତଃ ଭିଗନ୍ ପିଜା ସମସ୍ତଙ୍କୁ ଆକର୍ଷିତ କରିଥିଲା, ଯାହା କାଜୁବାଦାମରୁ ପ୍ରସ୍ତୁତ ଛେନାରେ ତିଆରି ହୋଇଥିଲା। ମୁଁ ମୋ ଅଫିସ୍ ଷ୍ଟାଫ୍‌ଙ୍କୁ ନିମନ୍ତ୍ରଣ କରିଥିଲି। ସେମାନେ ଏହାକୁ ଖୁବ୍ ପସନ୍ଦ କଲେ। ମୋ ଜାଣିବାରେ କେହି ଜଣେ ଅନ୍‌ଲାଇନ୍ ଭିଗନ୍ ଶପିଂ ମଲ୍ ଖୋଲିଛନ୍ତି ଏବଂ ଏଥିରେ ଅଦ୍ୟାବଧି ୮୦୦ ପ୍ରକାର ଆଇଟମ୍ ଅଛି। ସେ ମୋତେ କହିଲେ ଯେ ତାଙ୍କ ଷ୍ଟାର୍ଟଅପ୍‌ରେ ପୁଞ୍ଜିନିବେଶ କରିବା ପାଇଁ ବହୁ ଅଫର ମିଳୁଛି। କିନ୍ତୁ ତାଙ୍କର ଗୋଟିଏ ସମସ୍ୟା ହେଲା, ବେପାରକୁ ବଢ଼ାଇବା ପାଇଁ ତାଙ୍କୁ ଭଲ ଦକ୍ଷ କର୍ମଚାରୀ ମିଳୁନାହାନ୍ତି।

ଯେହେତୁ ଦିନକୁ ଦିନ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକରୁ ଅଧିକ ଲୋକ ଭିଗନ୍ ଓ ନିରାମିଷାଶୀ ହେବାରେ ଲାଗିଛନ୍ତି, ତେଣୁ ଏହାକୁ ନେଇ ବ୍ୟବସାୟ କରାଯାଇପାରେ। ମୁଁ ଅଳ୍ପଦିନ ତଳେ ନାଗପୁରରେ ଦୁଇଜଣ ଯୁବ ଉଦ୍ୟୋଗୀଙ୍କୁ ଭେଟିଥିଲି, ଯେଉଁମାନେ ବାଦାମରୁ ସୁନ୍ଦର ସ୍ୱାଦିଷ୍ଟ କ୍ଷୀର ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେମାନେ ଏପରି ଲୋକ ଖୋଜୁଛନ୍ତି ଯେଉଁମାନେ ବଜାରରେ ଏହାର ବିକ୍ରିବଟା କରିବା ପାଇଁ ସାହାଯ୍ୟ କରିପାରିବେ।

ସାରା ପୃଥିବୀରେ ଏବେ ଭିଗନ୍ ବ୍ୟବସାୟ ଆରମ୍ଭ ହୋଇଗଲାଣି। ଲିଣ୍ଡା ମ୍ୟାକ୍‌କାର୍ଟ୍‌ନୀ ବିଶ୍ୱର ଜଣେ ପ୍ରମୁଖ ଡିଜାଇନର, ଯିଏ କି କେବଳ ଭିଗନ୍ ପୋଷାକ ହିଁ ତିଆରି କରନ୍ତି। ସେହିପରି ଗୁଡ଼ଗାଁଓର ସୋନାଲ ଏକ ଆଇସ୍‌କ୍ରିମ୍ କାରଖାନା ପ୍ରତିଷ୍ଠା କରିଛନ୍ତି, ଯେଉଁଥିରେ ସେ କ୍ଷୀର ବ୍ୟବହାର କରନ୍ତି ନାହିଁ।

କିଛିବର୍ଷ ପାଇଁ ମୁଁ ଏକ ଇଂଲିଶ ମାସିକ ପତ୍ରିକାର ବୋର୍ଡରେ ଥିଲି। ଏହି ପତ୍ରିକାର ନାମ ହେଉଛି ଭିଗନ୍। ଏହା ଏକ ସୁନ୍ଦର ପତ୍ରିକା। ଏଥିରେ ମାଂସାଶୀରୁ ଭିଗନ୍ ହୋଇଥିବା ଷ୍ଟାରମାନଙ୍କ ସାକ୍ଷାତ୍‌କାର ପ୍ରକାଶ ପାଏ। ତା' ଛଡ଼ା ଇଂଲଣ୍ଡରେ ପ୍ରତିଦିନ ଘଟୁଥିବା ଭିଗନ୍ ଇଭେଣ୍ଟଗୁଡ଼ିକର ବିବରଣୀ, ଭିଗନ୍ ଖାଦ୍ୟ ରନ୍ଧନ ପ୍ରଣାଳୀ ଏବଂ ଭିଗନ୍ କମ୍ପାନୀଗୁଡ଼ିକର ବିଜ୍ଞାପନ ପ୍ରକାଶ ପାଏ। ଏହା ୨୫ ବର୍ଷର ଏକ ପୁରୁଣା ପତ୍ରିକା, ଯାହା ଏବେ ବି ଲାଭରେ ଚାଲୁଛି।

ମାଇକେଲ ଓଫେଇ ଦ ମିନିମାଲିଷ୍ଟ ଭିଗନ୍ ନାମକ ଏକ ସାଇଟ୍‌ରେ ୩୮ଟି ବ୍ୟବସାୟିକ ଚିନ୍ତାଧାରା ସନ୍ନିବେଶିତ କରିଛନ୍ତି। ସେ ବିଶ୍ୱାସ କରନ୍ତି, ଏହାଦ୍ୱାରା ଉପଭୋକ୍ତାମାନେ ମାଂସାହାର ଛାଡ଼ି ନୈତିକ ଜୀବନ ଆଡ଼କୁ ଢଳିବେ। ମୁଁ ମଧ୍ୟ ବିଶ୍ୱାସ କରୁଛି ଯେ, ଯଦି ବିକଳ୍ପ ଉପଲବ୍ଧ ଥାଏ, ତେବେ ଲୋକମାନେ ନିଶ୍ଚୟ ନୈତିକ ଜୀବନ ଆଡ଼କୁ ଆକର୍ଷିତ ହେବେ। ଉଦାହରଣସ୍ୱରୂପ ଯଦି ସ୍ୱାଦିଷ୍ଟ ଭିଗନ୍ ମିଠା ଓ ଆଇସ୍‌କ୍ରିମ୍ ମିଳେ, ତେବେ ଲୋକମାନେ ଆଉ କ୍ଷୀର ବା କ୍ଷୀରଜାତ ସାମଗ୍ରୀରେ ତିଆରି ମିଠା ଓ ଆଇସ୍‌କ୍ରିମ୍‌କୁ ପସନ୍ଦ କରିବେ ନାହିଁ। ଯେତେବେଳେ ଭିଗନ୍ ଉତ୍ପାଦଗୁଡ଼ିକର ଚାହିଦା ବଢ଼ିବ, ସେତେବେଳେ ଯୋଗାଣକୁ ନେଇ ସମସ୍ୟା ଉପୁଜିବ। ତେଣୁ ଆମକୁ ଯୋଗାଣ ବୃଦ୍ଧି କରିବାକୁ ଉଦ୍ୟମ କରିବାକୁ ପଡ଼ିବ। ଏ ସମ୍ପର୍କରେ ଓଫେଇଙ୍କର କିଛି ଚିନ୍ତାଧାରା ଏଠାରେ ଉଲ୍ଲେଖଯୋଗ୍ୟ।

ଖାଦ୍ୟ ଓ ପାନୀୟ: ଭିଗନ୍ ଖାଦ୍ୟ ଓ ପାନୀୟ ପାଇଁ ଭିଗନ୍ ରେଷ୍ଟୁରାଣ୍ଟ ଓ କାଫେ ପ୍ରତିଷ୍ଠା ହେବା ଦରକାର। ଭିଗନ୍ ପିଜା ଆଦିର ହୋମ୍ ଡେଲିଭରି ବ୍ୟବସ୍ଥା ରହିବା ଉଚିତ। ଆଇସ୍‌କ୍ରିମ୍ ବାରଗୁଡ଼ିକରେ ଡାଇରିମୁକ୍ତ ଆଇସ୍‌କ୍ରିମ୍ ଉପଲବ୍ଧ ହେବା ଦରକାର। ବାଦାମ ପ୍ରଭୃତିରୁ ତିଆରି ହୋଇଥିବା ଛେନା ଉପଲବ୍ଧ ଥିବା ଦରକାର। ସେହିପରି ଭିଗନ୍ ବର୍ଗର ଉପଲବ୍ଧ ଥିଲେ, ଲୋକେ ଆଉ ଗୋରୁ ଓ ଘୁଷୁରି ମାଂସର ବର୍ଗର ପ୍ରତି ମନ ବଳାଇବେ ନାହିଁ। ଭିଗନ୍ ବେକରିର ମଧ୍ୟ ବ୍ୟବସ୍ଥା ହେବା ଦରକାର। କ୍ୱଚିତ୍ ଲୋକ ଜାଣନ୍ତି ଯେ, ପାଉଁରୁଟିରେ ଅଣ୍ଡା ଓ କ୍ଷୀର ଦିଆଯାଏ, ଏପରି କି ବେଳେବେଳେ ମାଂସ ବି।

ସେବା: ଭିଗନ୍-ଅନୁକୂଳ ଛୋଟ ବ୍ୟବସାୟ ପାଇଁ ସେବା ଯୋଗାଇଦେବା ଲାଗି ଫ୍ରିଲାନ୍ସ ଇଲଷ୍ଟ୍ରେଟର ରହିବା ଦରକାର। ଅନ୍‌ଲାଇନ୍ ଭିଗନ୍ ଉଦ୍ୟୋଗପତିଙ୍କ ପାଇଁ କମ୍ପାନୀ ଆକାଉଣ୍ଟାଣ୍ଟ ବା ବୁକ୍-କିପର ରହିବା ନିହାତି ଜରୁରୀ। ଭିଗନ୍ ବ୍ୟବସାୟ ପାଇଁ ଜଣେ ସାମାଜିକ ଗଣମାଧ୍ୟମ ପରିଚାଳକଙ୍କ ଆବଶ୍ୟକତା ରହିଛି। ଭିଗନ୍ ଉଦ୍ୟୋଗପତିଙ୍କର ପ୍ରୋଫାଇଲ ତିଆରି କରିବା ପାଇଁ କପିରାଇଟିଂ ସେବା ଯୋଗାଇଦେବା ନିମନ୍ତେ ଅଫର ଦିଆଯିବା ଦରକାର। ଅନ୍‌ଲାଇନ୍ ପାଠ୍ୟକ୍ରମମାଳା ରହିବା ଆବଶ୍ୟକ, ଯାହା ଲୋକଙ୍କୁ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଶୁଦ୍ଧ ନିରାମିଷ ଖାଦ୍ୟ ରନ୍ଧନ କୌଶଳ ଶିଖାଇବ। ଆପଣ ଭିଗନ୍ ପାର୍ଟିର ରୋଷେୟା ବନିପାରିବେ ଏବଂ ଭିଗନ୍ ରନ୍ଧନ କର୍ମଶାଳାର ଆୟୋଜନ କରିପାରିବେ। ଏକ ଡେଟିଂ ଆପ୍‌ର ମଧ୍ୟ ବିକାଶ କରାଯାଇପାରେ, ଯାହା ଭିଗନ୍ ଯୋଡ଼ିମାନଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିପାରିବ। ଭିଗନ୍ ଓ ନୈତିକ ବେପାରୀଙ୍କ ସହ ଭିଗନ୍ ଗ୍ରାହକଙ୍କ ସମ୍ବନ୍ଧ ଯୋଡ଼ିବା ପାଇଁ ଏକ ମୋବାଇଲ୍ ଆପ୍‌ର ବିକାଶ କରାଯାଇପାରେ।

ଫ୍ୟାଶନ୍: ଅନ୍‌ଲାଇନ୍ ଭିଗନ୍ ଜୋତା ଦୋକାନ ଖୋଲାଯାଇପାରେ। ଭିଗନ୍ ଜୈବ ବସ୍ତ୍ର ଯଥା ଚଡ଼ି, ଗଞ୍ଜି, ସ୍ୱେଟର, ସକ୍ସ ଇତ୍ୟାଦିର ବେପାର କରାଯାଇପାରେ। ପୁରୁଷଙ୍କ ପାଇଁ ଭିଗନ୍ ସୁଟ୍ ଏବଂ ମହିଳାଙ୍କ ପାଇଁ ଭିଗନ୍ ମେକ୍‌ଅପ୍ ଲାଇନ୍ ବନାଯାଇପାରେ। ଏକ ପରିବେଶ-ଅନୁକୂଳ ଓ ରାସାୟନିକମୁକ୍ତ ଭିଗନ୍ ନେଲ୍ ପଲିଶ୍ କମ୍ପାନୀ ଆରମ୍ଭ କରାଯାଇପାରେ।

ପୁଞ୍ଜିନିବେଶ: ବିଶେଷତଃ ନୈତିକ ବ୍ୟବସାୟ ପାଇଁ ଏକ ନିବେଶ ପାଣ୍ଠି ଆରମ୍ଭ କରାଯାଇପାରେ। ଭିଗନ୍ ବ୍ୟବସାୟ ପାଇଁ ଆପଣ ପୁଞ୍ଜିନିବେଶ କରିବାକୁ ଆଗଭର ହୋଇପାରନ୍ତି।

ଏଠାରେ ଆଉ କିଛି ଚିନ୍ତାଧାରା ଉଲ୍ଲେଖ କରାଯାଉଛି। ଭିଗନ୍ ପ୍ରାଣୀ ଖାଦ୍ୟ, ଭିଗନ୍ ୱାଇନ୍, ବଡି କେୟାର୍, ପ୍ରସାଧନ ସାମଗ୍ରୀ ଦୋକାନ ସହ ଗୋଟିଏ ବଡ଼ ଗ୍ରୋସରି ଷ୍ଟୋର୍ ଖୋଲାଯାଇପାରେ, ଯେଉଁଥିରେ ସବୁ ପ୍ରକାର ଭିଗନ୍ ସାମଗ୍ରୀ ଉପଲବ୍ଧ ହେଉଥିବ। ଗୋଟାଏ ବଡ଼ ଭିଗନ୍ ବ୍ୟବସାୟ ଆରମ୍ଭ କରିବା ଏକ କାମ, ଯାହା ଅନ୍ୟ ବହୁଲୋକଙ୍କୁ ଶୁଦ୍ଧ ନିରାମିଷାଶୀ ଜୀବନ ଜିଇଁବାରେ ସହାୟକ ହୋଇପାରିବ। ବହୁ ମାଂସାଶୀ ଲୋକ କହିବାର ମୁଁ ଶୁଣିଛି ଯେ ଯଦି ସହଜ ଓ ସୁବିଧାରେ ଭିଗନ୍ ସାମଗ୍ରୀ ମିଳିବ, ତେବେ ସେମାନେ ତାଙ୍କ ଜୀବନଶୈଳୀ ବଦଳାଇବାକୁ ପ୍ରସ୍ତୁତ ଅଛନ୍ତି। ତେଣୁ ଏକ ବଡ଼ ଭିଗନ୍ ବଜାର ବିକଶିତ କରାଇବା ଦରକାର। ଜର୍ଜ ବର୍ନାର୍ଡ ଶ କହିଥିଲେ- ''ପ୍ରାଣୀମାନେ ମୋର ବନ୍ଧୁ ଏବଂ ମୁଁ ମୋ ବନ୍ଧୁମାନଙ୍କୁ ମାରି ଖାଏ ନାହିଁ।''

ଏକ ଭିଗନ୍ ଷ୍ଟୋର୍‌ରେ କି କି ଜିନିଷ ରହିବା ଉଚିତ ନୁହେଁ: ବିଟି କଟନ୍‌ରେ ତିଆରି ହୋଇଥିବା ଟି-ଶାର୍ଟ (ସେମାନେ କହିବେ ଏହା ଅର୍ଗାନିକ୍ କଟନ୍), ଜେଲାଟିନ୍ ଥିବା ଭିଟାମିନ୍ ଓ ମିଠା, ପାମ୍ ତେଲ, ଧଳା ଚିନି (ଯାହାକୁ ଗୋରୁ ହାଡ଼ ବ୍ୟବହାର କରି ରିଫାଇନ୍ କରାଯାଉଛି), ବୋନ୍ ଚାଇନା ଯୁକ୍ତ ଚୀନା ବାସନ, ରାସାୟନିକ ରଙ୍ଗ (ଏହି ରଙ୍ଗ ଯୋଗୁ ରାଜସ୍ଥାନର ନଦୀଗୁଡ଼ିକ ନଷ୍ଟ ହୋଇଗଲାଣି) ଇତ୍ୟାଦି। ଭିଗନ୍ ଦୋକାନଟିଏ ଖୋଲିବାକୁ ଗଲେ ସବୁ ଜିନିଷ ତନ୍ନ ତନ୍ନ କରି ଦେଖିବା ଦରକାର। ଉଦାହରଣସ୍ୱରୂପ ଆଜିକାଲି ଗୋଟିଏ ବି ବିସ୍କୁଟ ମିଳିବ ନାହିଁ, ଯେଉଁଥିରେ ପାମ୍ ତେଲ ନ ଥିବ।

Email: gandhim@nic.in

## ସଚ୍ଚିବାବୁଙ୍କ ହାତବାକ୍ସ



**ରାଧାମୋହନ ମହାପାତ୍ର**

କଥାରେ ଅଛି, ଯେତେ ପୁଅ ସେତେ ଘର, ଯେତେ ଝିଅ ସେତେ ବର। ପୁଅମାନଙ୍କ ବ୍ୟାପାରରେ କଥାଟା ଟିକିଏ ଅଲଗା। ବିବାହ ପୂର୍ବରୁ ଭାଇମାନଙ୍କ ସମ୍ପର୍କ ଯେତେ ମଧୁର ଥିଲେ ମଧ୍ୟ ବିବାହ ପରେ ଭିନ୍ନେ ହେଲା ଅନ୍ତେ ସମ୍ପର୍କ ତିକ୍ତ ହୋଇଯାଇଥାଏ। ବିବାହ ଅନ୍ତେ ପୁତ୍ରମାନେ ଯେତେ ସ୍ଥାବର ଅସ୍ଥାବର ସମ୍ପତ୍ତି ଅର୍ଜିଲେ ମଧ୍ୟ ସମସ୍ତଙ୍କର ଆଖିଥାଏ ପିତୃସମ୍ପତ୍ତି ଉପରେ, ଯେମିତି ଘଟିଥିଲା ସଚ୍ଚିବାବୁଙ୍କ କ୍ଷେତ୍ରରେ।

ସଚ୍ଚିବାବୁ ତାଙ୍କ ପ୍ରିୟ କାଷ୍ଠନିର୍ମିତ ହାତବାକ୍ସଟିକୁ କେବେହେଲେ ହସ୍ତାନ୍ତର କରନ୍ତି ନାହିଁ। ସେଥିରେ କୋଲପ ପକାଇ ଖୁବ୍ ସାବଧାନରେ ରଖିଥାନ୍ତି। ୧ ଫୁଟ୍ ଲମ୍ବ, ୧୦ ଇଞ୍ଚ ଓସାର ଓ ୮ଇଞ୍ଚ ଉଚ୍ଚତା ବିଶିଷ୍ଟ ବାକ୍ସଟି ପ୍ରତି ତାଙ୍କର ଖୁବ୍ ଶ୍ରଦ୍ଧା। ସେଥିରେ ସେ କି କି ମୂଲ୍ୟବାନ ଦରବ ରଖିଛନ୍ତି, କାହାକୁ ଜଣାନାହିଁ, ଏପରି କି ସ୍ୱର୍ଗତା ସହଧର୍ମିଣୀ କୁନ୍ତଳା କୁମାରୀଙ୍କୁ ମଧ୍ୟ ଜଣା ନ ଥିଲା। କେତେବେଳେ ସେ ବାକ୍ସ ଖୋଲି ବ୍ୟବହାର କରନ୍ତି କେହି ଦେଖନ୍ତି ନାହିଁ। ଶୟନ ସମୟରେ ବାକ୍ସ ଉପରେ ମୁଣ୍ଡ ରଖି ଶୁଅନ୍ତି। ଶେଯ ବୋଲି ପଟା ଖଟଟିଏ, ସେଥିରେ ମଶିଣାଟିଏ କେବଳ। ନ ଥାଏ କୌଣସି ରେଜେଇ ଅବା ବିଛଣା ଚଦର। ଦେହରେ ଅଣ୍ଟାରୁ ଆଣ୍ଠୁ ପର୍ଯ୍ୟନ୍ତ ମୋଟା ଖଦି ବସ୍ତ୍ରଟିଏ ଏବଂ ଦେହ ଘୋଡାଇବା ପାଇଁ ଗାମୁଛା ଖଣ୍ଡିଏ। ବାସ୍।

ସଚ୍ଚିବାବୁଙ୍କ ତିନି ପୁତ୍ର। ସମସ୍ତେ ଶିକ୍ଷିତ। ଜ୍ୟେଷ୍ଠପୁତ୍ର ଅବିନାଶ ସୁଦୂର ଆମେରିକାରେ ଅବସ୍ଥାପିତ। ସେଠାରେ ସେ ଜଣେ ପ୍ରତିଷ୍ଠିତ ହୃଦ୍‌ରୋଗ ବିଶେଷଜ୍ଞ ଭାବେ ସୁପରିଚିତ। ପତ୍ନୀ, ପୁଅ, ଝିଅ ନେଇ ସପରିବାର ବାସ କରନ୍ତି ନ୍ୟୁୟର୍କରେ। ମଝିଆ ପୁଅ ଅଖିଳେଶ ଦିଲ୍ଲୀରେ ସୁପ୍ରିମ୍‌କୋର୍ଟରେ ଓକିଲ, ଦକ୍ଷତା ପାଇଁ ବେଶ୍ ପ୍ରସିଦ୍ଧ। ଦିଲ୍ଲୀରେ ଘରଦ୍ୱାର କରି ସ୍ଥାୟୀ ଭାବେ ବାସ କରୁଛନ୍ତି। କନିଷ୍ଠ ପୁତ୍ର ଅଲେଖଚନ୍ଦ୍ର ଅଧୁନା କଟକ ସମବାୟ ବ୍ୟାଙ୍କର ନିବନ୍ଧକ ଭାବେ ନିଯୁକ୍ତ। କଟକରେ ନିଜ ବାସଗୃହ ନିର୍ମାଣ କରି ସପରିବାର କାଳାତିପାତ କରୁଛନ୍ତି।

ବୃଦ୍ଧକାଳରେ ସ୍ୱାଧୀନଚେତା ସଚ୍ଚିବାବୁ କୌଣସି ପୁଅ ପାଖରେ ନ ରହି ଜନ୍ମମାଟି ନିଆଳିରେ ବାସ କରୁଛନ୍ତି। ପିଲାମାନଙ୍କୁ ମଣିଷ କରିବାକୁ ବହୁ ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରି କରିଦେଇଥିଲେ। ଏବେ କେବଳ ନିଆଳିସ୍ଥ ତାଙ୍କ ବାସଗୃହଟି ପୈତୃକ ସମ୍ପତ୍ତିର ପ୍ରତୀକ ଭାବେ ଦଣ୍ଡାୟମାନ। ଶିକ୍ଷକ ଚାକିରିରୁ ଅବସର ଅନ୍ତେ ସଚ୍ଚିବାବୁ ଗାଁ ମାଟିକୁ ଆବୋରି ନେଇଛନ୍ତି। ଯାହା ପେନ୍‌ସନ୍ ମିଳେ ଚଳିବାକୁ ନିଅଣ୍ଟ ହୁଏନାହିଁ। ସଞ୍ଜବେଳେ ଦାଣ୍ଡପିଣ୍ଡାରେ ଗାଁ ବୃଦ୍ଧାବୃଦ୍ଧଙ୍କ ମେଳରେ ଭାଗବତ ଚର୍ଚ୍ଚା କରନ୍ତି। ଭଜନ, ଜଣାଣ ଓ ଆଧ୍ୟାତ୍ମିକ ରଚନାରେ ସମୟ ବିତାନ୍ତି। ଘର ପାଖରେ ଗୋପାଳଜୀଉ ମଠ। ଦୁଇ ଓଳି ଖାଦ୍ୟ ପାଇଁ ପ୍ରସାଦର ବ୍ୟବସ୍ଥା କରିଛନ୍ତି। ନିଃସଙ୍ଗ ବାର୍ଦ୍ଧକ୍ୟ ଜୀବନ ବିଜନ ଜରାଶ୍ରମ ଭଳି।

ଏବେ କିନ୍ତୁ ସମସ୍ତଙ୍କ ନଜର ସଚ୍ଚିବାବୁଙ୍କ ହାତବାକ୍ସ ଉପରେ। ବାକ୍ସଟିକୁ ଶ୍ରଦ୍ଧା କରୁଥିବାର କାରଣ କାହାକୁ ଅବୁଝା ରହେନାହିଁ। ଜୀବନର ସବୁ ସଞ୍ଚିତ ଧନ ଓ ଉପାର୍ଜନ ନିଶ୍ଚୟ ସେଇ ବାକ୍ସଟିରେ ଗଚ୍ଛିତ। ସଚ୍ଚିବାବୁଙ୍କ ଜେଜେବାପା କରୁଣାକର ଚୌଧୁରୀ ଅନେକ ଭୂସମ୍ପତ୍ତିର ମାଲିକ ଥିଲେ। ତାଙ୍କ ଅନ୍ତେ ତାଙ୍କ ପୁତ୍ର ଜଗଦାନନ୍ଦ ପିତୃଅର୍ଜିତ ଜମିବାଡି ସମ୍ଭାଳିଲେ। ସେତେବେଳକୁ ସଚ୍ଚିବାବୁ ଭଲ ପଢୁଥିଲେ। ମାଟ୍ରିକ୍ ପରେ ଉଚ୍ଚଶିକ୍ଷା ପାଇଁ ଓଡ଼ିଶାରେ ସୁବିଧା ନ ଥିଲା। ଓଡ଼ିଶା ବାହାରକୁ ଯାଇ ଅଧ୍ୟୟନ ପାଇଁ ପିତା ଜଗଦାନନ୍ଦ ଅନିଚ୍ଛୁକ। ଅଧିକ ଶିକ୍ଷା କ'ଣ ଆବଶ୍ୟକ? ବାପାଙ୍କ ପରେ ଜମିବାଡି ଦାୟିତ୍ୱ କିଏ ନେବ? ଏଣୁ ସଚ୍ଚିବାବୁଙ୍କ ପାଠପଢାରେ ପୂର୍ଣ୍ଣଚ୍ଛେଦ ପଡିଲା।

କିଛିଦିନ ପରେ ପିତା ଜଗଦାନନ୍ଦ ସ୍ୱର୍ଗାରୋହଣ କଲେ। ଭାରତବର୍ଷ ସ୍ୱାଧୀନତା ପାଇଲା। ଦେଶର ଆଇନ ବଦଳିଗଲା। ସଚ୍ଚିବାବୁଙ୍କ ସିଲିଂ ବହିର୍ଭୂତ ଜମି ସବୁ ସରକାରଙ୍କ ହାତକୁ ଚାଲିଗଲା। ପରିଶେଷରେ ସଚ୍ଚିବାବୁ ମାଷ୍ଟର ଚାକିରିଟିଏ ଆଦରିନେଲେ। ତିନି ସନ୍ତାନଙ୍କ ଲାଳନପାଳନ ଓ ଶିକ୍ଷା ପାଇଁ ନିଜ ରୋଜଗାର ଯଥେଷ୍ଟ ନ ହେବାରୁ ପ୍ରାୟ ସବୁ ସ୍ଥାବର ସମ୍ପତ୍ତି ବିକ୍ରି କରିଦେଲେ। ପୁତ୍ରମାନେ ଶିକ୍ଷିତ ହେଲେ, ନିଜ ନିଜ ଗୋଡରେ ଛିଡା ହେଲେ। ଏବେ ସେ ଦାୟିତ୍ୱମୁକ୍ତ। ମୁଖରେ କେବଳ ରାମ ରାମ। ସ୍ୱର୍ଗର ଡାକରାକୁ ଅପେକ୍ଷା।

ଶେଷରେ ସଂସାରର ସେଇ ଅନିବାର୍ଯ୍ୟ ଅନ୍ତିମ ଦିନଟି ଉପସ୍ଥିତ ହେଲା। ବିଛଣା ଉପରେ କାଠବାକ୍ସଟି ଉପରେ ମୁଣ୍ଡ ରଖି ସଚ୍ଚିଦାନନ୍ଦ ଆଖି ବୁଜିଲେ। ପୁଅମାନଙ୍କ ପାଖକୁ ଖବର ଗଲା।

ବଡପୁଅ ଅବିନାଶ କହିଲା, ବାପାଙ୍କର ବୟସ ହୋଇଯାଇଥିଲା, କାହାକୁ ହଇରାଣ ନ କରି ଭଲରେ ଭଲରେ ଚାଲିଗଲେ। ମୁଁ ଏତେ ଦୂରରୁ ଯାଇ କ'ଣ କରିବି ଯେ! ଏଇଠି ଶୁଦ୍ଧି ହୋଇପଡିବି। ସାନପୁଅର ଉତ୍ତର- ''ତୁମେ ବଡ଼, ତୁମ ଆସିବା ଜରୁରୀ, କାରଣ ବାପାଙ୍କ ହାତବାକ୍ସରେ ତାଲା। ତମେ ନ ଆସିଲେ ଭାଗବଣ୍ଟରା ହେବ କିପରି?'' ଆରେ ହଁ ତ! ଦିଅଁ ଦେଖା ଓ କଦଳୀ ବିକା, ଏକାବେଳକେ ଦୁଇଟି କାମ ହୋଇଯିବ ଭାବି ଅବିନାଶ କହିଲା- ହଉ ତେବେ। ଶୁଦ୍ଧିକ୍ରିୟାର ଦଶମ ଦିନ ପାରମ୍ପରିକ ତିଳତର୍ପଣ ଅନ୍ତେ, ସନ୍ଧ୍ୟା ଭଜନକୀର୍ତ୍ତନ ପରେ ଭଦ୍ରଲୋକଙ୍କ ସମ୍ମୁଖରେ ସଭା ବସିଲା, ଉଦ୍ଦେଶ୍ୟ- ହାତବାକ୍ସରେ ସଞ୍ଚିତ ଧନରେ କାହାର ଭାଗ କେତେ? ସାମାଜିକ ପ୍ରଥା ଅନୁଯାୟୀ ବଡ଼ପୁଅର ଭାଗ ଅଧିକ- କହିଲା ଅବିନାଶ। କିନ୍ତୁ ସାନ ଅଲେଖ ଏଥିରେ ଥିଲା ଅସମ୍ମତ। ତା'ର ଅଭିଯୋଗ- ବଡ଼ ଗଲା ବିଦେଶ। ସେ କ'ଣ କରିଥିଲା ସତ୍କାରରେ ସହଯୋଗ? ଶୁଖିଲାରେ ବାଳିଆ ମାରିବାକୁ ବଡ଼ର ମନ ଉହଳବିକଳ କାହିଁକି? ଆଇନ ଆଖିରେ ଭାଇଭାଗରେ ବଡ଼ସାନର ବିଚାର ନାହିଁ, ସମସ୍ତେ ସମାନ। ମଝିଆ ଅଖିଳେଶ ସାନର ଯୁକ୍ତିକୁ ସମର୍ଥନ କଲା। ଭଦ୍ରଲୋକଙ୍କ ନିଷ୍ପତ୍ତି- ବାକ୍ସର ସମ୍ପତ୍ତି ସମାନ ତିନିଭାଗ ହେବ।

ଚାବି ନ ମିଳିବାରୁ ତାଲା ଭାଙ୍ଗି ଦେଖାଗଲା, ସେଥିରେ ସଚ୍ଚିବାବୁଙ୍କ ହାତଲେଖା କାଗଜ ଟୁକୁଡାଟିଏ, ଯେଉଁଥିରେ ଲେଖା ଥିଲା- 'ପୁଅ ଯୋଗ୍ୟ ହେଲେ ଧନ କାହିଁକି ସଞ୍ଚୁ, ପୁଅ ଅଯୋଗ୍ୟ ହେଲେ ଧନ କାହିଁକି ସଞ୍ଚୁ।'

ମୋ-୯୮୬୧୧୮୯୯୩୬

## ଏଇ ଭାରତରେ

ଆଜିକାଲି ଧର୍ମଗୁରୁଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ଏପରି କି ଗୁରୁଙ୍କ ବିରୋଧରେ ଯଦି କୌଣସି ଅଭିଯୋଗ ଆସୁଛି, ତାକୁ ସହଜରେ କେହି ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନାହାନ୍ତି। ଏଭଳି ଏକ ଘଟଣା ରାଜସ୍ଥାନର ଆଜ୍‌ମେର ସହରରେ ଦେଖିବାକୁ ମିଳିଛି। ଏଠାରେ ଏକ ଘଟଣାକ୍ରମରେ ନିଜ ଧର୍ମଗୁରୁଙ୍କୁ ସୁରକ୍ଷା ଦେବାକୁ ଯାଇ ଏକ ଦମ୍ପତି ନିଜର ନାବାଳିକା କନ୍ୟା ପ୍ରତି ହୋଇଥିବା ବଳାତ୍କାର ଘଟଣାକୁ ଲୁଚାଇବାକୁ ମଧ୍ୟ ପଛଘୁଞ୍ଚା ଦେଇନାହାନ୍ତି। ଉକ୍ତ ନାବାଳିକା ଜଣକ ପଢ଼ିବାକୁ ଯାଉଥିବାବେଳେ ସମ୍ପୃକ୍ତ ଗୁରୁ ତାଙ୍କୁ ବଳାତ୍କାର କରିବା ଏବଂ ପରେ ସେ ଗର୍ଭବତୀ ହେବା ଜାଣିଥିଲେ ସୁଦ୍ଧା ମାତାପିତା ଏହାକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି। ଗୁରୁଙ୍କୁ ସୁରକ୍ଷା ଦେବାକୁ ଯାଇ ନାବାଳିକା କନ୍ୟାର ଗର୍ଭପାତ କରାଇଛନ୍ତି। ପୋଲିସ ମଧ୍ୟ ପୀଡ଼ିତା ନାବାଳିକାଙ୍କ ମାତାପିତାଙ୍କ କହିବାନୁସାରେ ଘଟଣାକୁ ଭିନ୍ନରୂପ ଦେଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଇନାହିଁ ବରଂ ସେ କୌଣସି ପ୍ରେତାତ୍ମା ଦ୍ୱାରା ବଶୀଭୂତ ହୋଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରିଛି। ତେବେ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପୋଲିସ ରିପୋର୍ଟ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଏବଂ ସେ ଗର୍ଭବତୀ ହୋଇଥିବାର ସମସ୍ତ ମେଡିକାଲ ରିପୋର୍ଟ ସଂଗ୍ରହ କରି କୋର୍ଟରେ ଉପସ୍ଥାପିତ କରିଛି। କୋର୍ଟ ଏହାକୁ ଗ୍ରହଣ କରି ଆଜ୍‌ମେର ପୋଲିସକୁ ଘଟଣାର ପୁଣି ଥରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ସେ ଯେ ତବ ଶ୍ରେଷ୍ଠ ଆତ୍ମା, ତବ
ଅନ୍ତିମର ଶେଷଯାତ୍ରୀ
ମରଣର ପରପାରେ ସେ ଯେ ତବ
ଜୀବନର ସାଥୀ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | B | | 3 | | | | 2 | 7 | | | A | |
| A | | | | | 1 | B | | D | | | 6 | | E | 4 |
| | 5 | E | | C | 0 | | | | | A | 8 | | | |
| | 7 | | D | | | | 4 | | | | | | 6 | |
| 3 | 1 | | | 2 | | | C | 7 | D | | 9 | | 0 | |
| 6 | | 7 | | | | | E | | | | | | | 9 |
| | | D | 0 | E | | | | 5 | 9 | | | | | 7 |
| | A | 1 | | | 8 | | | B | | | | 3 | | |
| 0 | | B | | | A | | | 8 | | E | 2 | | | |
| 2 | | | | B | | | | | 4 | 5 | | A | | |
| E | | A | | | | 6 | | 0 | 5 | D | 4 | | | |
| | 4 | | 2 | | | | | | | 0 | 3 | | C | |
| 8 | C | | | | | 3 | 9 | 1 | 7 | | | 6 | 4 | |
| 1 | | | | | | 5 | | | 8 | | | | | 0 |
| | | 0 | 3 | | | 7 | | C | | 9 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | 4 | 8 | 0 | 3 | C | 7 | E | 1 | D | B | 5 | A | 2 |
| 1 | 5 | E | D | 7 | A | 8 | B | 6 | 9 | 2 | 4 | 0 | 3 | C |
| 8 | C | A | B | 4 | 6 | D | 2 | 9 | 5 | 0 | 3 | 7 | 1 | E |
| 0 | 3 | 2 | E | 1 | 9 | A | 4 | 5 | 7 | 6 | C | 8 | B | D |
| 7 | D | B | C | 5 | 2 | 0 | 3 | 1 | 8 | E | A | 9 | 4 | 6 |
| E | 0 | 3 | 4 | 6 | 7 | 9 | 1 | A | C | B | 8 | D | 2 | 5 |
| B | 7 | 9 | 5 | C | 1 | E | 6 | 4 | D | 3 | 2 | A | 8 | 0 |
| 5 | 6 | D | 3 | 9 | B | 7 | 8 | 2 | E | A | 0 | 1 | C | 4 |
| 4 | 2 | 1 | A | D | 8 | 3 | C | 0 | 6 | 7 | 5 | E | 9 | B |
| C | A | 8 | 2 | E | 0 | 5 | D | B | 4 | 1 | 9 | 3 | 6 | 7 |
| 3 | 4 | C | 9 | B | 5 | 6 | A | D | 0 | 8 | E | 2 | 7 | 1 |
| 2 | E | 7 | 6 | 3 | C | 4 | 0 | 8 | A | 5 | 1 | B | D | 9 |
| A | 1 | 6 | 0 | 2 | E | B | 9 | 7 | 3 | C | D | 4 | 5 | 8 |
| 9 | B | 0 | 7 | 8 | D | 1 | 5 | 3 | 2 | 4 | 6 | C | E | A |
| D | 8 | 5 | 1 | A | 4 | 2 | E | C | B | 9 | 7 | 6 | 0 | 3 |

ଗତକାଲିର ଉତ୍ତର

# ଋଣଛାଡ଼ ଆଶ୍ୱସ୍ତି, ସମାଧାନ ନୁହେଁ



**ବିଚିତ୍ର ବିଶ୍ୱାଳ**

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ନୂଆ ହୋଇ ଗଠିତ ହୋଇଥିବା କଂଗ୍ରେସ ସରକାର ନିଜ ନିର୍ବାଚନୀ ଘୋଷଣା ଅନୁଯାୟୀ ଚାଷୀମାନଙ୍କର ଋଣଛାଡ଼ କରିଥିବାରୁ ଏହା କେବଳ ବିରୋଧୀ ଦଳ ଭାଜପା ନୁହେଁ, ଆମ ଦେଶର ଅନେକ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀଙ୍କୁ ବି ନାପସନ୍ଦ ହୋଇଛି। ସେହି ବୁଦ୍ଧିଜୀବୀ ଓ ଅର୍ଥନୀତିଜ୍ଞମାନଙ୍କ ଆଶଙ୍କା ବି ଅମୂଳକ ନୁହେଁ। କାରଣ, ଋଣଛାଡ଼ ଚାଷୀମାନଙ୍କର ଦୀର୍ଘକାଳୀନ ସମସ୍ୟାର କଦାପି ସମାଧାନ ନୁହେଁ। ଚାଷୀମାନଙ୍କ କ୍ଷତ ଉପରେ ଏହା କେବଳ ଏକ ବ୍ୟାଣ୍ଡେଜ୍ ପରି ହୁଏତ କାମ ଦେବ। ତେବେ ବେଳେବେଳେ କ୍ଷତ ପାଇଁ ବ୍ୟାଣ୍ଡେଜ୍ ବି ଉପଯୋଗୀ ହୋଇଥାଏ। ନୋହିଲେ କ୍ଷତ ଏତେ ବଢ଼ିଯିବ ଯେ, ତାହାର ଆରୋଗ୍ୟ କଷ୍ଟସାଧ୍ୟ ହୋଇପଡ଼ିବ।

ଆମ ଦେଶରେ ଚାଷୀମାନେ ଯେପରି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି, ତାହା ଋଣଛାଡ଼ ପରି ଘୋଷଣାରେ କେବେ ବି ସମାଧାନ ହେବନାହିଁ। କିନ୍ତୁ ଋଣଭାର ଆମ ଚାଷୀମାନଙ୍କର ଏକ ବଡ଼ ସମସ୍ୟା। ଚାଷୀ ସମସ୍ୟାର ଦୀର୍ଘକାଳୀନ ସମାଧାନ ସହିତ ଋଣଭାର ପରି ତାତ୍‌କାଳିକ ସମସ୍ୟାର ବି ସମାଧାନ କରାଯିବାର ପ୍ରୟୋଜନୀୟତା ରହିଛି। ଆମେ ବର୍ଷ ବର୍ଷ ଧରି ଦେଖିଆସୁଛୁ ଯେ, ଋଣଭାରଜନିତ ଚାପ ଯୋଗୁ ଚାଷୀ ଆତ୍ମହତ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଚାଷୀ ମୁଣ୍ଡ ଉପରେ ଋଣଭାର ଆଜି ମସ୍ତବଡ଼ ବୋଝ। ଚାଷୀମାନଙ୍କୁ ଏହି ଋଣଭାରଜନିତ ବୋଝରୁ ମୁକୁଳାଇବା ତଥା ସାମୟିକ ଭାବେ ଆଶ୍ୱସ୍ତି ଦେବା ଲାଗି ଋଣଛାଡ଼ ପଦକ୍ଷେପର ଆବଶ୍ୟକତା ଅଛି। ନଚେତ୍ ଚାଷୀ ଆତ୍ମହତ୍ୟାର ସମସ୍ୟା ଆଗକୁ ଉତ୍କଟ ହେବ।

କୌଣସି ବିପର୍ଯ୍ୟୟର ଶିକାର ହୋଇଥିବା ଲୋକଙ୍କୁ ପ୍ରଥମେ ରିଲିଫ୍ ଯୋଗାଇ ଦିଆଯାଏ ଓ ପରେ ଦୀର୍ଘକାଳୀନ ଭିତ୍ତିରେ ସେମାନଙ୍କ ପାଇଁ ଥଇଥାନ ଯୋଜନା କରାଯାଏ। ତାତ୍‌କାଳିକ ଲାଭ ତଥା ରିଲିଫ୍ ପାଇ ସେମାନେ ବିପର୍ଯ୍ୟୟ ପରିସ୍ଥିତିରେ ତିଷ୍ଠି ରହିବାକୁ ସକ୍ଷମ ହୁଅନ୍ତି ଓ ପରେ ଥଇଥାନ ବ୍ୟବସ୍ଥା ଦ୍ୱାରା ସେମାନଙ୍କ ଭବିଷ୍ୟତ ଜୀବନ ସୁରକ୍ଷିତ ହୋଇଥାଏ। ସଂପ୍ରତି ଯଦି ଆମେ ଆମ ଦେଶର ଚାଷୀମାନଙ୍କ ଅବସ୍ଥାକୁ ଅବଲୋକନ କରିବା, ତେବେ ପାଇବା ଯେ ଚାଷୀଙ୍କର ଅବସ୍ଥା କୌଣସି ବିପର୍ଯ୍ୟୟର ଅବସ୍ଥାଠାରୁ ବି କମ୍ ନୁହେଁ। ପ୍ରତି ଅଧଘଣ୍ଟାରେ ଆମ ଦେଶରେ ଜଣେ ଚାଷୀ ଋଣବୋଝରେ ଅତିଷ୍ଠ ହୋଇ ଜୀବନ ହାରୁଛି। ନ୍ୟାଶ୍‌ନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ, ଗତ ପନ୍ଦର ବର୍ଷ ମଧ୍ୟରେ ଆମ ଦେଶରେ ୩ ଲକ୍ଷରୁ ଅଧିକ ଚାଷୀ ଜୀବନ ହାରିଛନ୍ତି। ଅନ୍ୟ କୌଣସି ବୃତ୍ତିଧାରୀ ଗତ ପନ୍ଦର ବର୍ଷ ମଧ୍ୟରେ ଏତେ ସଂଖ୍ୟାରେ ଆତ୍ମହତ୍ୟା କରିନାହାନ୍ତି। ଏହା ତ ଯେକୌଣସି ବିପର୍ଯ୍ୟୟଠାରୁ ମଧ୍ୟ ଅଧିକ। ତେଣୁ ଆମ ଦେଶର ଚାଷୀକୁଳ ତଥା ଅନ୍ନଦାତାମାନଙ୍କୁ ଋଣବୋଝର ବିପର୍ଯ୍ୟୟରୁ ଉଦ୍ଧାର କରିବା ପାଇଁ ତଥା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଲାଗି ସେମାନଙ୍କ ମୁଣ୍ଡରୁ ଋଣବୋଝକୁ ହାଲୁକା କରିବା ଜରୁରୀ। କିନ୍ତୁ କେବଳ ଋଣଛାଡ଼ କରିଦେଇ ଚାଷୀମାନଙ୍କ ଦୀର୍ଘକାଳୀନ ସମସ୍ୟାର ସମାଧାନ ପାଇଁ କିଛି ନ କରିବା ନିର୍ବୋଧତାର କାର୍ଯ୍ୟ। କୃଷିଋଣ ଛାଡ଼ କରିଥିବା ସରକାରମାନେ ଆଗକୁ ଚାଷୀମାନଙ୍କର ଦୀର୍ଘକାଳୀନ ସମସ୍ୟାର ସମାଧାନ ପାଇଁ କ'ଣ କରୁଛନ୍ତି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ।

ଅର୍ଥନୀତି ବିଶାରଦମାନେ ମତ ଦେଉଛନ୍ତି ଯେ, ଚାଷୀମାନଙ୍କୁ ଋଣଛାଡ଼ କରିବା ଦ୍ୱାରା ଦେଶର ଅର୍ଥନୀତି ଉପରେ ଚାପ ପଡ଼ିବ। ସେମାନଙ୍କୁ ପ୍ରଶ୍ନ କର୍ପୋରେଟ୍ ତଥା କମ୍ପାନୀମାନଙ୍କୁ ଯେତେବେଳେ ଲକ୍ଷ ଲକ୍ଷ କୋଟି ଟଙ୍କା ଋଣଛାଡ଼ କରାଯାଉଛି, ସେତେବେଳେ କ'ଣ ଦେଶର ଅର୍ଥନୀତି ଉପରେ ଚାପ ପଡୁନି? ସେତେବେଳେ ଏହିସବୁ ବୁଦ୍ଧିଜୀବୀ ତଥା ଅର୍ଥନୀତି ବିଶାରଦମାନେ ତ ପାଟି ଖୋଲୁଥିବା ଦେଖାଯାଉନି। ଗତ ଦଶବର୍ଷ ମଧ୍ୟରେ ଭିନ୍ନ ଭିନ୍ନ କମ୍ପାନୀଙ୍କୁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ଋଣଛାଡ଼ କରାଯାଇଛି। ସେହି ତୁଳନାରେ ଚାଷୀମାନଙ୍କୁ ହେଉଥିବା ଋଣଛାଡର ପରିମାଣ କିଛି ବି ନୁହେଁ। ଅସଲରେ ଅଧିକ ଟଙ୍କାର ଋଣଛାଡ଼ର ଫାଇଦା କମ୍ପାନୀମାନେ ହିଁ ନେଉଛନ୍ତି। କେବଳ ଏତିକି ନୁହେଁ, କମ୍ପାନୀମାନଙ୍କୁ ହେଉଥିବା ଋଣଛାଡ଼କୁ ବିଭିନ୍ନ ପ୍ରକାର ସକାରାତ୍ମକ ଶବ୍ଦ ମାଧ୍ୟମରେ ଗୌରବାନ୍ୱିତ କରାଯାଉଛି। ଯଥା ଆର୍ଥିକ ପ୍ରୋତ୍ସାହନ, ବ୍ୟାଙ୍କ୍ ଲୋନ୍ ଓ ଅନୁତ୍ପାଦକ ସମ୍ପତ୍ତି ଇତ୍ୟାଦି। କିନ୍ତୁ ଚାଷୀଙ୍କ ପାଇଁ ଋଣଛାଡ଼ ହେବାବେଳକୁ ସମସ୍ତେ ଅର୍ଥନୀତିର ଗୁରୁ ସାଜି ପାଠ ପଢ଼ାଉଛନ୍ତି। ଅନେକେ କହୁଛନ୍ତି, ଚାଷୀଙ୍କ ଋଣଛାଡ଼ କରିବା ଦ୍ୱାରା ଚାଷୀମାନେ ଭବିଷ୍ୟତରେ ଆଉ କେବେ ବି ଋଣ ଶୁଝିବେ ନାହିଁ। କିନ୍ତୁ ଯଦି ଆମେ ଶୁଝା ନ ହୋଇ ପଡ଼ିରହିଥିବା ଋଣର ପରିମାଣକୁ ଦେଖିବା ତେବେ ବୁଝିଯିବା ଯେ, ଚାଷୀମାନଙ୍କ ଅପେକ୍ଷା ବଡ଼ ବଡ଼ ବ୍ୟବସାୟୀ, କମ୍ପାନୀମାନେ ହିଁ ଜାଣି ଜାଣି ଋଣ ଖିଲାପି କରିବାରେ ଅଧିକ ଅଭ୍ୟସ୍ତ।

ଆମ ଦେଶରେ ଚାଷୀମାନଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଥମେ ସେମାନଙ୍କୁ ଉତ୍ପାଦନର ଉଚିତ ମୂଲ୍ୟ ଦେବାକୁ ପଡ଼ିବ। ଏତଦ୍‌ବ୍ୟତୀତ ଉତ୍ପାଦନର ସଂରକ୍ଷଣ ପାଇଁ ଆବଶ୍ୟକ ପରିମାଣର ଶୀତଳଭଣ୍ଡାର ଓ ଗୋଦାମ ଘରର ବ୍ୟବସ୍ଥା କରିବାକୁ ପଡ଼ିବ। ଚାଷୀମାନଙ୍କର ସବୁଠାରୁ ମୁଖ୍ୟ ଆବଶ୍ୟକତା ହେଉଛି, ସେମାନଙ୍କ ରୋଜଗାରର ସୁରକ୍ଷା ପାଇଁ ଏକ ନିଶ୍ଚିତ ପନ୍ଥା ନିରୂପଣ। ଅନେକ ସଙ୍ଗଠନ ସଂପ୍ରତି ଚାଷୀମାନଙ୍କ ସୁରକ୍ଷା, ପେନ୍‌ସନ ଇତ୍ୟାଦି ବିଷୟରେ ଦାବି ଉଠାଉଛନ୍ତି, ଯାହାକୁ ଯଥାଶୀଘ୍ର ବିଚାରକୁ ନେଇ ସରକାର ପଦକ୍ଷେପ ନେବା ଉଚିତ। କେବଳ ଋଣଛାଡ଼ ଦ୍ୱାରା ଚାଷୀମାନଙ୍କ ବର୍ଷ ବର୍ଷର ସମସ୍ୟାର ଯେ ସମାଧାନ ଅସମ୍ଭବ, ଏ କଥା ସରକାରଙ୍କୁ ଅବଶ୍ୟ ଭାବିବାକୁ ପଡ଼ିବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଯେବେ ହିସାବ ମାଗିବେ ଈଶ୍ୱର

ମହାଶୟ,

ପ୍ରକାଶବାବୁଙ୍କ ପ୍ରବନ୍ଧ 'ଯେବେ ହିସାବ ମାଗିବେ ଈଶ୍ୱର' ପଢି ମନେପଡିଲା ଓଡିଆ ଚଳଚ୍ଚିତ୍ର 'ହିସାବ କରିବ କାଳିଆ'। ଦି ଆର୍ଥ ସେଭିୟର୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ରବି କାଲରାଙ୍କୁ ଧନ୍ୟବାଦ, ଯିଏ କି ପ୍ରତ୍ୟାଖ୍ୟାତ ମଣିଷଙ୍କୁ ଆଶ୍ରୟ ଦେଉଛନ୍ତି। ସତରେ ସ୍ୱାସ୍ଥ୍ୟ, ନିଶାମୁକ୍ତି, ସଡ଼କ ସୁରକ୍ଷା ସଚେତନତା ପକ୍ଷ ପାଳନଠାରୁ ପାରିବାରିକ ସଚେତନତା ପାଇଁ କାହିଁ କାହାରି ଦୃଷ୍ଟି ନାହିଁ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁମନ୍ଦିର, ବୁର୍ଲା

### ବନ୍ଦୋବସ୍ତ ସ୍ୱତ୍ୱ ଫଏସଲା ଏକ ପ୍ରହସନ

ରାଜ୍ୟରେ ପଡି ରହିଥିବା ହଜାର ହଜାର ବନ୍ଦୋବସ୍ତ ସ୍ୱତ୍ୱ ଫଏସଲା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟରେ ପରିଣତ ହୋଇପାରୁ ନାହିଁ। ୧୯୨୭ ମସିହା ବନ୍ଦୋବସ୍ତର ଖତିୟାନ କପି ଦାଖଲ କଲେ ସ୍ୱତ୍ୱ ଫଏସଲା ହେବ ବୋଲି ବାବୁମାନେ କହିବା ପରେ ଲୋକମାନେ କପି ଆଣିବା ପାଇଁ ରେକର୍ଡ ରୁମ୍‌କୁ ବାରମ୍ବାର ଦୌଡି ନୟାନ୍ତ ହେଉଛନ୍ତି। କପି ଦାଖଲ କଲେ ମଧ୍ୟ କୌଣସି କାର୍ଯ୍ୟ ହେଉନାହିଁ। ତେଣୁ ଏସବୁ ପ୍ରହସନ ବନ୍ଦ କରି ଜନସାଧାରଣଙ୍କର ସୁବିଧା ନିମନ୍ତେ ସରକାରଙ୍କ ତରଫରୁ ୧୯୨୭ ମସିହାର ରେକର୍ଡ ତନଖି କରାଯାଇ ବନ୍ଦୋବସ୍ତ ସ୍ୱତ୍ୱକୁ ଫଏସଲା କରାଯାଉ। ସରକାର ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଏ ଦିଗରେ ଦୃଷ୍ଟିଦେବାକୁ ଅନୁରୋଧ।

ପଦ୍ମନାଭ ସ୍ୱାଇଁ, ଚନ୍ଦନପୁର, ପୁରୀ

### ମନୁଷ୍ୟ ପରିସ୍ଥିତିର ଦାସ

ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାର ଓ ବିଜୁ ଜନତା ଦଳ ପ୍ରତି ତାଙ୍କର ସମାଲୋଚନା ଅତି ନରମ ଥିଲା। କିନ୍ତୁ ୩ ମାସ ତଳେ ତାଙ୍କ ଓଡିଶା ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ପ୍ରତି ତାଙ୍କର ସମାଲୋଚନା ଅତି କଠୋର ଥିଲା। ଏହା କିଛି ଲୋକଙ୍କୁ ବିସ୍ମିତ କରିଛି। ମାତ୍ର ଏହାର କାରଣ ସ୍ପଷ୍ଟ। ସଦ୍ୟ ଅନୁଷ୍ଠିତ ୫ଟି ରାଜ୍ୟର ନିର୍ବାଚନରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନ ସହ ୩ଟି ରାଜ୍ୟରେ କଂଗ୍ରେସ ଦ୍ୱାରା ଭାଜପା କ୍ଷମତାଚ୍ୟୁତ ହେବା ପରିପ୍ରେକ୍ଷୀରେ ଆଗାମୀ ୨୦୧୯ ଲୋକ ସଭା ନିର୍ବାଚନକୁ ଆଖିଆଗରେ ରଖି ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାର ଓ ବିଜେଡି ପ୍ରତି ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହେଲେ। ମନୁଷ୍ୟ ପରିସ୍ଥିତି ଓ ପରିବେଶର ଦାସ। ପରିସ୍ଥିତି ବଦଳିଲେ ମନୁଷ୍ୟର ଆଚରଣ ଓ ଉଚ୍ଚାରଣ ବଦଳିଯାଏ। ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତରୁ ଏହା ପ୍ରମାଣିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ଜାନୁୟାରୀ ୧୯୯୪**

- ଦକ୍ଷିଣ ସୁଦାନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମନ୍ତେ କେନିଆ, ଉଗାଣ୍ଡା ଏବଂ ଇଥିଓପିଆ ମଧ୍ୟରେ କେନିଆର ରାଜଧାନୀ ନାଇରୋବିଠାରେ ଆଲୋଚନା ଆରମ୍ଭ।
- ଜନତା ଦଳର ଅଜିତ ଗୋଷ୍ଠୀ ନେତା ରାମସୁନ୍ଦର ଦାସ ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ନାମରେ ଏକ ନୂଆ ଦଳ ଗଠନ କଥା ଘୋଷଣା କଲେ।



ଆତଙ୍କବାଦ ଯୁଦ୍ଧର ଏକ ନୂଆ ଚେହେରାରେ ପରିଣତ ହୋଇଛି। ଦେଶଗୁଡ଼ିକ ଆତଙ୍କବାଦକୁ ନିଜର ରାଷ୍ଟ୍ରନୀତି ଭାବେ ବ୍ୟବହାର କରୁଥିବା ପର୍ଯ୍ୟନ୍ତ ଏହା ବହୁ 'ମୁଣ୍ଡଧାରୀ ରାକ୍ଷସ' ଭଳି ବଢ଼ିବାରେ ଲାଗିଥିବ।
-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ



## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ଟିଏମ୍‌ସି ଏମ୍‌ପି


ସୌମିତ୍ର ଖାନ

**ନୂଆଦିଲ୍ଲୀ,୯।୧(ପି.ଟି.):** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ସୌମିତ୍ର ଖାନ୍ ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ଶାସକ ଦଳର ଏମ୍‌ପି ବିରୋଧୀ ଦଳରେ ସାମିଲ ହୋଇଥିବାରୁ ପଶ୍ଚିମବଙ୍ଗରେ ଭାଜପାର ପ୍ରଚାରକୁ ଏହା ପ୍ରୋତ୍ସାହିତ କରିବ ବୋଲି କୁହାଯାଉଛି। ଦଳ ଅଧକ୍ଷ ଅମିତ ଶାହଙ୍କ ସହ ବୈଠକ ପରେ ଖାନ ଭାଜପାରେ ଯୋଗଦେବା ସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ରାଜ୍ୟରେ ଗଣତନ୍ତ୍ର ନାହିଁ ପୋଲିସ ରାଜ୍ ଚାଲିଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟରେ ପରିବର୍ତ୍ତନ ଆଣିପାରିବେ ଏହି ବିଶ୍ୱାସ ତାଙ୍କର ରହିଛି ବୋଲି ଖାନ୍ କହିଛନ୍ତି। ଖାନ୍ ବିଷ୍ଣୁପୁର ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବରୁ ସେ ବିଧାୟକ ମଧ ଥିଲେ। ପୂର୍ବରୁ ଟିଏମ୍‌ସି ଛାଡି ଭାଜପାରେ ଯୋଗଦେଇଥିବା ମୁକୁଲ ରୟଙ୍କ ଉପସ୍ଥିତିରେ ଖାନ୍ ଭାଜପରେ ଯୋଗ ଦେଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି। ରାଜ୍ୟ ରାଜନୀତିରେ ପରିବର୍ତ୍ତନ ଆସିଥିବା ଏଥିରୁ ସ୍ପଷ୍ଟ ହୋଇଛି। କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟସୂଚୀରେ ପୂର୍ବାଞ୍ଚଳର ବିକାଶକୁ ପ୍ରାଥମିକତା ଦେଉଥିବାରୁ ଏଠାରେ ଭାଜପାର ଗ୍ରହଣୀୟତା ଏବଂ ବିଶ୍ୱସନୀୟତା ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ଧର୍ମେନ୍ଦ୍ର କହିଥିଲେ।

### ୟୁପି ମେଣ୍ଟ: ଆର୍‌ଏଲ୍‌ଡି ମାଗିଲା ୬ ଆସନ

**ଲକ୍ଷ୍ନୌ,୯।୧(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ଉତ୍ତରପ୍ରଦେଶରେ ବିଭିନ୍ନ ଦଳ ମଧ୍ୟରେ ମେଣ୍ଟ ଉଦ୍ୟମ ଜାରି ରହିଛି। ତେବେ ଆସନ ଭାଗବଣ୍ଟା ଗଣିତ ଛିଡୁନାହିଁ। ବିରୋଧୀ ମେଣ୍ଟର ଅନ୍ୟତମ ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ୬ଟି ଆସନରେ ପ୍ରାର୍ଥୀ ଦେବା ଲାଗି ଦାବି କରିଛି। ମଙ୍ଗଳବାର ଆର୍‌ଏଲ୍‌ଡି ଉପାଧକ୍ଷ ଜୟନ୍ତ ଚୌଧରୀ ସମାଜବାଦୀ ପାର୍ଟି ଅଧକ୍ଷ ଅଖିଳେଶ ଯାଦବଙ୍କୁ ଭେଟି ମେଣ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଆର୍‌ଏଲ୍‌ଡି ବାଗପତ, ମଥୁରା, ମୁଜାଫରନଗର, ହଥ୍ରାସ୍, ଅମ୍ରୋହା ଏବଂ କୈରାନା ଆସନରୁ ଲଢ଼ିବା ପାଇଁ ଚାହୁଁଛି। ଆସନ୍ତା ୧୫ ତାରିଖରେ ମହାମେଣ୍ଟର ନେତାମାନଙ୍କ ବୈଠକ ବସି ଆସନ ଭାଗବଣ୍ଟା ନିଷ୍ପତ୍ତି ନିଆଯିବା ସମ୍ଭାବନା ରହିଛି। ୨୦୧୪ ନିର୍ବାଚନରେ ଆର୍‌ଏଲ୍‌ଡି ଗୋଟିଏ ଆସନ ବି ଜିତି ନ ଥିଲା। ୨୦୧୭ ୟୁପି ବିଧାନସଭା ନିର୍ବାଚନରେ ଏହି ଦଳକୁ ଗୋଟିଏ ଆସନ ମିଳିଥିଲା।

### [ଇତିହାସର ଆଇନାରେ]

### ଜାନୁୟାରୀ ୧୦ର ପ୍ରମୁଖ ଘଟଣା

୧୯୬୬ ଜାନୁୟାରୀ ୧୦ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ (ତାସ୍‌କେଣ୍ଟ ଡିକ୍ଲାରେଶନ) ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଜମ୍ମୁ କଶ୍ମୀରକୁ ନେଇ ସୀମା ବିବାଦରୁ ଉତ୍ତେଜନା ଏବଂ ଉଭୟ ଦେଶ ମଧ୍ୟରେ ଏପ୍ରିଲ୍ ୧୯୬୫ରେ ଆରମ୍ଭ ହୋଇଥିବା ଯୁଦ୍ଧର ପରିସମାପ୍ତି ଘଟାଇବା ପାଇଁ ରୁଷିଆର ଉଜ୍‌ବେକିସ୍ତାନ ତାସ୍‌କେଣ୍ଟଠାରେ ଏହି ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ତତ୍କାଳୀନ ସୋଭିଏଟ୍ ପ୍ରଧାନମନ୍ତ୍ରୀ ଆଲେକ୍ସେଇ କୋସିଜିନ୍ ଏଥିରେ ମଧ୍ୟସ୍ଥତା କରିଥିଲେ। ଭାରତର ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ଏବଂ ପାକିସ୍ତାନ ରାଷ୍ଟ୍ରପତି ମହମ୍ମଦ ଆୟୁବ ଖାନ ଉଭୟ ଦେଶର ସୀମାରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସହମତି ପୂର୍ବକ ତାସ୍‌କେଣ୍ଟ ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ।

୧୯୪୬ ଜାନୁୟାରୀ ୧୦ରେ ସଂଯୁକ୍ତ ରାଷ୍ଟ୍ର (ୟୁଏନ୍) ମହାସଭାର ପ୍ରଥମ ଅଧିବେଶନ ଲଣ୍ଡନର ମେଥୋଡିଷ୍ଟ ସେଣ୍ଟ୍ରାଲ ହଲ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ୫୧ ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ଉକ୍ତ ଅଧିବେଶନରେ ଶାନ୍ତି, ନିରାପତ୍ତା, ବଜେଟ, ନିର୍ବାଚନ ଏବଂ ସଦସ୍ୟ ଦେଶଙ୍କ ନିଲମ୍ବନ ଏବଂ ବହିଷ୍କାର ଆଦି ପ୍ରସଙ୍ଗ ଉପରେ ଆଲୋଚନା ସହ ଭୋଟିଂ ହୋଇଥିଲା।



# ଷୋଡ଼ଶ ଲୋକ ସଭାର ସର୍ବନିମ୍ନ ଉତ୍ପାଦନକ୍ଷମ ପ୍ରଶ୍ନକାଳ

**ନୂଆଦିଲ୍ଲୀ,୯।୧(ପି.ଟି.):** ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକର ହୋହାଲ୍ଲା ଓ ହଟ୍ଟଗୋଳ ଯୋଗୁ ପାର୍ଲାମେଣ୍ଟର ବହୁ ସମୟ ବରବାଦ ହୋଇଛି। ଏକ ତଥ୍ୟ ଅନୁଯାୟୀ ଚଳିତ ଶୀତ ଅଧିବେଶନ ଷୋଡ଼ଶ ଲୋକ ସଭାର ତୃତୀୟ ସର୍ବନିମ୍ନ ଉତ୍ପାଦନକ୍ଷମ ଏବଂ ପ୍ରଶ୍ନୋତ୍ତର କାଳ ସର୍ବନିମ୍ନ ଉତ୍ପାଦନକ୍ଷମ ଥିଲା। ପିଆର୍‌ଏସ୍ ଲେଜିସ୍‌ଲେଟିଭ ନାମକ ଥିଙ୍କ୍ ଟ୍ୟାଙ୍କ ସଂଗ୍ରହ କରିଥିବା ତଥ୍ୟରୁ ଏହା ଜଣାପଡିଛି। ଲୋକ ସଭା ଅଧିବେଶନ ମଙ୍ଗଳବାର ସାଇନ ଡାଏ ହୋଇଥିବାବେଳେ ରାଜ୍ୟ ସଭା ଅଧିବେଶନକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି।

ଉକ୍ତ ସଂସ୍ଥା ସଂଗ୍ରହ କରିଥିବା ତଥ୍ୟ ଅନୁଯାୟୀ ଲୋକ ସଭା କାର୍ଯ୍ୟଦିବସର ଏକ-ଷଷ୍ଠାଂଶ ବିଶୃଙ୍ଖଳା ଓ ହଟ୍ଟଗୋଳ ଯୋଗୁ ବରବାଦ ହୋଇଥିଲା। ସେହିପରି ରାଜ୍ୟ ସଭା ସମୟର ଏକ-ତୃତୀୟାଂଶ ନଷ୍ଟ ହୋଇଥିଲା ବୋଲି ଜଣାପଡିଛି। ତେବେ ଚତୁର୍ଦ୍ଦଶ ଏବଂ ପଞ୍ଚଦଶ



ଲୋକ ସଭା ତୁଳନାରେ ଚଳିତ ଲୋକ ସଭାରେ ଉତ୍ପାଦନକ୍ଷମ ସମୟର ଅଧିକାଂଶ ଭାଗ ଆଇନ ପ୍ରଣୟନ କାର୍ଯ୍ୟରେ ବିନିଯୋଗ ହୋଇଥିବା କୁହାଯାଇଛି। ତଥ୍ୟ ଅନୁଯାୟୀ ଲୋକ ସଭା ସମୟର ୫୨ ପ୍ରତିଶତ ଏବଂ ରାଜ୍ୟ ସଭାର ୧୭ ପ୍ରତିଶତ ଆଇନଗତ କାର୍ଯ୍ୟରେ ବ୍ୟୟ ହୋଇଥିଲା। ଲୋକ ସଭାରେ ୬୨ ପ୍ରତିଶତ ବିଲ୍ ଉପରେ ୨ ଘଣ୍ଟାରୁ ଅଧିକ ସମୟ ଆଲୋଚନା ହୋଇଥିବାବେଳେ ରାଜ୍ୟ ସଭାରେ ୨୫ରୁ ୩୫ ପ୍ରତିଶତ ବିଲ୍ ଉପରେ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଆଲୋଚନା ହୋଇଥିବା ଜଣାପଡିଛି। ମାତ୍ର ୨୪ ପ୍ରତିଶତ ବିଲ୍ ଷ୍ଟାଣ୍ଡିଂ କମିଟିକୁ ପଠାଯାଇଥିଲା। ଚଳିତ ଅଧିବେଶନରେ ୩୪ ପ୍ରତିଶତ ବିଲ୍ ଉପସ୍ଥାପନ ଓ ଗୃହୀତ ହୋଇଛି, ଯାହା କି ଚତୁର୍ଦ୍ଦଶ ଏବଂ ପଞ୍ଚଦଶ ଲୋକ ସଭାର ଏହି ସମୟରେ ଯଥାକ୍ରମେ ୨୯% ଏବଂ ୧୮% ବିଲ୍ ଉପସ୍ଥାପନ ଓ ଗୃହୀତ ହୋଇଥିଲା। ୧୬ଟି ବିଲ୍ ଉଭୟ ଗୃହରେ ଆଗତ ହୋଇ ସେଥିରୁ ୩ଟି ଗୃହୀତ ହୋଇଛି।

# ଭାରତ ଉପରେ ଶତ୍ରୁଙ୍କ ନଜର



*ଭାରତ ଉପରେ ଶତ୍ରୁରାଷ୍ଟ୍ରଗୁଡ଼ିକର ନଜର । ବୁଧବାର ଏକାବେଳେ ସାମ୍ନାକୁ ଆସିଛି ଏପରି ତିନୋଟି ଘଟଣା, ଯାହା ସମସ୍ତଙ୍କୁ ଚକିତ କରିଦେଇଛି । ଗୋଟିଏପଟେ ଅରୁଣାଚଳରୁ ଜଣେ ଆଇଏସ୍‌ଆଇ ଏଜେଣ୍ଟ ଧରାପଡ଼ିଥିବାବେଳେ ମେଲବର୍ନସ୍ଥିତ ଭାରତୀୟ କନ୍‌ସୁଲେଟରେ ପହଞ୍ଚିଛି ରାସାୟନିକ ପଦାର୍ଥ ଭର୍ତ୍ତି ସନ୍ଦିଗ୍ଧ ପ୍ୟାକେଟ୍ । ସେହିପରି ଭାରତ ଉପରେ କଡ଼ା ନଜର ରଖିବା ଲାଗି ଚାଇନାର ପିଏଲ୍‌ଏ ପାଇଁ ପ୍ରସ୍ତୁତ କରାଯାଇଛି ଏକ ଅତ୍ୟାଧୁନିକ ରାଡାର । ଏସବୁକୁ ନେଇ ଭାରତର ଗୋଇନ୍ଦା ସଂସ୍ଥାଗୁଡ଼ିକ ତତ୍ପର ହୋଇଉଠିଛନ୍ତି ।*

## କନ୍‌ସୁଲେଟରେ ସନ୍ଦିଗ୍ଧ ପ୍ୟାକେଟ୍

**ମେଲବର୍ନ,୯।୧(ପି.ଟି.)**

ଅଷ୍ଟ୍ରେଲିଆର ମେଲବର୍ନସ୍ଥିତ ଭାରତୀୟ କନ୍‌ସୁଲେଟ (ବାଣିଜ୍ୟିକ ଦୂତାବାସ) ଓ ଅନ୍ୟ କୂଟନୈତିକ ମିଶନକୁ କେତେକ ରାସାୟନିକ ପଦାର୍ଥ ଭର୍ତ୍ତି ସନ୍ଦିଗ୍ଧ ପ୍ୟାକେଟ୍ ପଠାଯାଇଛି। ଏହା ଜଣାପଡ଼ିବା ପରେ ବୁଧବାର ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷ ସମ୍ପୃକ୍ତ ପରିସରକୁ ଖାଲି କରାଇବା ସହ ତନାଘନା ଚଳାଇଛନ୍ତି।

ମିଳିଥିବା ସୂଚନାନୁସାରେ ମେଲବର୍ନର ୧୦ଟି ଅନ୍ତର୍ଜାତୀୟ କନ୍‌ସୁଲେଟ୍‌ରେ ଏଭଳି ସନ୍ଦିଗ୍ଧ ପ୍ୟାକେଟ୍ ପହଞ୍ଚିଛି। ଏଥିରେ ଧଳା ପାଉଡର ରହିଥିବା ଜଣାପଡ଼ିଛି। ଏହା ପୂର୍ବରୁ ପ୍ୟାକେଟ୍ ଖୋଲିବା ବେଳେ ମାସ୍କ ପିନ୍ଧିବା ପାଇଁ କନ୍‌ସୁଲେଟ ଷ୍ଟଫ୍‌ଙ୍କ ନିକଟକୁ ଇ-ମେଲ୍ ଆସିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ସେଠାକାର ଗୋଇନ୍ଦା ସଂସ୍ଥା ଓ ପୋଲିସ



ପକ୍ଷରୁ ଏକ ବଡ଼ଧରଣର ଅପରେଶନ ଆରମ୍ଭ ହୋଇଛି। ଅପରାହ୍ନ ୧୨ଟା ୩୦ରେ ଭାରତୀୟ ଓ ଆମେରିକୀୟ କନ୍‌ସୁଲେଟ୍‌ରେ ପ୍ୟାକେଟ୍ ପହଞ୍ଚିବା ପରେ ଜରୁରୀ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ସତର୍କ କରାଯାଇଥିଲା। ନିରାପତ୍ତା ଅଧିକାରୀମାନେ ସେଗୁଡ଼ିକୁ ଯାଞ୍ଚ କରି ତଦନ୍ତ ଚଳାଇଥିବା ଅଷ୍ଟ୍ରେଲିଆର ଫେଡେରାଲ ପୋଲିସ ଟୁଇଟ୍ କରିଛି।

## ଅରୁଣାଚଳରେ ପାକ୍ ଗୁପ୍ତଚର

**ଇଟାନଗର,୯।୧(ପି.ଟି.)**

ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ପାଇଁ ଗୁପ୍ତଚରଗିରି କରୁଥିବା ଜଣେ ବ୍ୟକ୍ତି ବୁଧବାର ଅରୁଣାଚଳ ପ୍ରଦେଶର ଭାରତ-ଚାଇନା ସୀମା ସଂଲଗ୍ନ ଅଞ୍ଜାଓ୍ୱ ଜିଲାରୁ ଗିରଫ ହୋଇଛନ୍ତି। ନିର୍ମଳ ରାୟ ନାମକ ବ୍ୟକ୍ତି ଜଣକ ଆସାମର ତିନ୍‌ସୁକିଆ ଜିଲା ସାଦିୟା ବାସିନ୍ଦା ବୋଲି ଜଣାପଡ଼ିଛି।

ଅରୁଣାଚଳ ପୋଲିସ ମହାନିର୍ଦ୍ଦେଶକ ଏସ୍‌ବିକେ ସିଂ କହିଛନ୍ତି, ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସଂଲଗ୍ନ କିବିଥୁ ଓ ଦିଚୁ ବର୍ଡର ପୋଷ୍ଟରେ ନିର୍ମଳ ସେନାର କୁଲି ଭାବେ କାର୍ଯ୍ୟରତ ଥିଲେ। କେତେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଦେଇଥିବା ଅଭିଯୋଗରେ ଗତ ୬ ତାରିଖରେ ସେନା ଯବାନମାନେ ତାଙ୍କୁ ଧରି ପରଦିନ ଅରୁଣାଚଳ ପୋଲିସକୁ ହସ୍ତାନ୍ତର କରିଥିଲେ। ନିର୍ମଳ ଏକ ନେପାଳୀ ସମ୍ପ୍ରଦାୟର। ସେ ୨୦୧୬ରୁ ୨୦୧୮ ମଧ୍ୟରେ ଦୁବାଇର ଏକ ବର୍ଗର ଦୋକାନରେ କାମ କରୁଥିଲେ। ପରେ ସେ କିବିଥୁକୁ ଚାଲିଆସିଥିଲେ। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଦୁବାଇସ୍ଥିତ ହ୍ୟାଣ୍ଡଲର ତାଙ୍କୁ ତାଲିମ ଓ ନିଯୁକ୍ତି ଦେଇଥିବା ଜଣାପଡ଼ିଛି। ନିର୍ମଳ ଭାରତୀୟ ସେନା ୟୁନିଟ୍‌ଗୁଡ଼ିକର ଅବସ୍ଥିତି ଏବଂ ଏଲ୍‌ଏସିରେ ଯବାନଙ୍କ ମୁତୟନ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଇଏସ୍‌ଆଇକୁ ପ୍ରଦାନ କରିଛନ୍ତି। ତାଙ୍କଠାରୁ ଏକ ସ୍ମାର୍ଟଫୋନ୍ ସହ ଅନ୍ୟ କେତେକ ସାମଗ୍ରୀ ଜବତ ହୋଇଛି। ପୋଲିସ ତାଙ୍କୁ ଗିରଫ ପରେ ଜେରା କରୁଛି। ନିର୍ମଳଙ୍କ ସନ୍ଦିଗ୍ଧ ଗତିବିଧିକୁ ନେଇ ତାଙ୍କ ଉପରେ ମାସେରୁ ଉର୍ଦ୍ଧ୍ୱ ସମୟ ଧରି ନଜର ରଖାଯାଇଥିଲା ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।






କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ପ୍ରତିବାଦରେ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ପକ୍ଷରୁ ଦେଶବ୍ୟାପୀ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ଏହି ଅବସରରେ ବୁଧବାର ନୂଆଦିଲ୍ଲୀରେ ବିଭିନ୍ନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ସରକାର ବିରୋଧୀ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭାରତୀୟ ପୋଲିସଙ୍କୁ ହିରୋ କହିଲେ ଟ୍ରମ୍ପ

**ୱାଶିଂଟନ,୯।୧(ପି.ଟି.)**

ଆମେରିକା ପାଇଁ ଆତ୍ମ ବଳିଦାନ ଦେଇଥିବା ଭାରତୀୟ ବଂଶୋଦ୍ଭବ ପୋଲିସ୍ ଅଫିସର ରୋନିଲ ରୋନ୍ ସିଂ ଓରଫ କର୍ପୋରଲ ସିଂଙ୍କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଚ୍ଚ ପ୍ରଶଂସା କରିଛନ୍ତି। ନିକଟରେ କାଲିଫର୍ନିଆରେ ଜଣେ ବେଆଇନ ଅନୁପ୍ରବେଶକାରୀ ରୋନିଲଙ୍କୁ ହତ୍ୟା କରିଥିଲେ। ଦେଶର ସୁରକ୍ଷା ପାଇଁ ଜୀବନ ଦେଇଥିବା ରୋନିଲଙ୍କୁ ଟ୍ରମ୍ପ 'ଆମେରିକାର ହିରୋ' ବୋଲି କହିଛନ୍ତି। ଆକ୍ରମଣକାରୀ ମେକ୍ସିକୋର ଗୁଷ୍ଟାଭୋ ପେରେଜ ଆରିର୍ଗାଙ୍କୁ କାଲିଫର୍ନିଆ ପୋଲିସ ଗିରଫ କରିଛି। ଡିସେମ୍ବର


ରୋନିଲ ରୋନ୍ ସିଂ

୨୬ରେ ଏହି ହତ୍ୟାକାଣ୍ଡ ଘଟିଥିଲା। ମେକ୍ସିକୋ ସୀମା ଦେଇ ବିଦେଶୀମାନେ ଆମେରିକାରେ ବେଆଇନ ଭାବେ ପ୍ରବେଶ କରୁଥିବାରୁ ସେଠାରେ ପ୍ରାଚୀର ନିର୍ମାଣ ଲାଗି ପାଣ୍ଠି ମଞ୍ଜୁର ନିମନ୍ତେ ଟ୍ରମ୍ପ ଡେମୋକ୍ରାଟ ପ୍ରତିନିଧିମାନଙ୍କ ଉପରେ ଚାପ ପକାଇଛନ୍ତି।

# ପିଏଲ୍‌ଏ ରାଡାରରେ ଭାରତ

**ବେଜିଂ,୯।୧(ପି.ଟି.)**

ଚାଇନା ଏପରି ଏକ ଅତ୍ୟାଧୁନିକ ସାମୁଦ୍ରିକ ରାଡାର ବିକଶିତ କରିଛି, ଯାହା ନିରବଚ୍ଛିନ୍ନ ଭାବେ ସମ୍ପୂର୍ଣ୍ଣ ଭାରତ ଉପରେ ନଜର ରଖିପାରିବ। ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ରାଡାର ବ୍ୟବସ୍ଥା ଚାଇନା ନୌସେନାକୁ ସେଠାକାର ସମୁଦ୍ରରୁ ଅନୁଧାନ କରିବା ପାଇଁ ସକ୍ଷମ। ଏହି ରାଡାର ଶତ୍ରୁ ପକ୍ଷଙ୍କ ଜାହାଜ, ବିମାନ ଓ କ୍ଷେପଣାସ୍ତ୍ର ଜନିତ ଆସନ୍ନ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଇପାରିବ ବୋଲି ହଂକଂରୁ ପ୍ରକାଶିତ ସାଉଥ୍ ଚାଇନା ମର୍ନିଂ ପୋଷ୍ଟ ଉଲ୍ଲେଖ କରିଛି। ଚାଇନାର 'ଓଭର ଦି ହରାଇଜନ୍' (ଓଟିଏଚ୍) ରାଡାର କାର୍ଯ୍ୟକ୍ରମରେ ଭାଗନେଇଥିବା ଜଣେ ବୈଜ୍ଞାନିକ ଦେଇଥିବା ସୂଚନାକୁ



ଏଥିରେ ସ୍ଥାନିତ କରାଯାଇଛି। ହର୍ବିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଚାଇନା ଏକାଡେମୀ ଅଫ୍ ସାଇନ୍ସ (ସିଏଏସ୍) ଏବଂ ଦି ଚାଇନା ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ସିଏଇ)ରେ କାର୍ଯ୍ୟରତ ଲ୍ୟୁ ୟୋଙ୍ଗଟାନ୍ ଏହି ଅତ୍ୟାଧୁନିକ ରାଡାର ନିର୍ମାଣ କରିଛନ୍ତି। ସେ ଚାଇନାର ରାଡାର ଟେକ୍ନୋଲୋଜିକୁ ବିକଶିତ କରିବା ସହ କ୍ଷୁଦ୍ରାକାର ରାଡାର ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଭାରତର ସବୁ ଅଞ୍ଚଳ ଉପରେ ନଜର ରଖିବା ଲାଗି ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ନୌସେନା ଯୁଦ୍ଧଜାହାଜରେ ଏହାକୁ ବ୍ୟବହାର କରାଯିବ ବୋଲି ମର୍ନିଂ ପୋଷ୍ଟରେ ରିପୋର୍ଟ ପ୍ରକାଶ ପାଇଛି। ଏହି ସଫଳତା ପାଇଁ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଦେଶର ସର୍ବୋଚ୍ଚ ବିଜ୍ଞାନ ସମ୍ମାନ ଲ୍ୟୁ ଏବଂ ସାମରିକ ବୈଜ୍ଞାନିକ କିଆନ୍ କିହୁଙ୍କୁ ପ୍ରଦାନ କରିଛନ୍ତି। ବେଜିଂସ୍ଥିତ ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲରେ ଆୟୋଜିତ ଏକ ସମାରୋହରେ ଉଭୟଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ପୁରସ୍କାର ରାଶି ବାବଦକୁ ଦୁହିଁଙ୍କୁ ୧.୧୧୬ ନିୟୁତ ଡଲାର ଦିଆଯାଇଛି।

## କଶ୍ମୀରୀ ଆଇଏଏସ୍ ଅଧିକାରୀ ଶାହ ଫୈଜାଲଙ୍କ ଇସ୍ତଫା

**ଶ୍ରୀନଗର,୯।୧(ପି.ଟି.)**



ଜମ୍ମୁ-କଶ୍ମୀରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଶାହ ଫୈଜାଲ ବୁଧବାର ଇସ୍ତଫା ଦେଇଛନ୍ତି। ସେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ରେ ଯୋଗଦେଇ ରାଜନୀତି କରିବେ ବୋଲି ଜଣାପଡ଼ିଛି। ୨୦୧୦ରେ ଆଇଏଏସ୍ ଟପ୍ପର ହୋଇ ସିଭିଲ୍ ସର୍ଭିସ୍‌ରେ ଯୋଗଦେବା ପରେ ଫୈଜାଲ ଚର୍ଚ୍ଚାରେ ଥିଲେ। କଶ୍ମୀରରେ ଲୋକଙ୍କୁ ହତ୍ୟା କରାଯାଉଥିବା ଓ କେନ୍ଦ୍ର ସରକାର ଏହାର ସମାଧାନ ପାଇଁ କିଛି କରୁ ନ ଥିବା ଅଭିଯୋଗ ଆଣି ଏହାର ପ୍ରତିବାଦରେ ସେ ଇସ୍ତଫା ଦେଇଛନ୍ତି। ୩୫ ବର୍ଷୀୟ ଫୈଜାଲ ନିଜ ଇସ୍ତଫା ସମ୍ପର୍କରେ ଫେସ୍‌ବୁକ୍‌ରେ ଉଲ୍ଲେଖ କରିଛନ୍ତି। ଫୈଜାଲ ନିକଟରେ ବିଦେଶରୁ ତାଲିମ ନେଇ ଘରକୁ ଫେରିଥିଲେ ଏବଂ ନିଯୁକ୍ତିକୁ ଅପେକ୍ଷା କରିଥିଲେ। ଆର୍‌ବିଆଇ, ସିବିଆଇ ଏବଂ ଏନ୍‌ଆଇଏ ଭଳି ସଂସ୍ଥାଗୁଡ଼ିକର ଅପବ୍ୟବହାର କରାଯାଉଛି ବୋଲି ସେ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ପରୋକ୍ଷରେ ଟାର୍ଗେଟ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ନେତୃତ୍ୱାଧୀନ ଏନ୍‌ସି ଟିକେଟରେ ସେ ଲଢ଼ିପାରନ୍ତି। ସେ ଏନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ନିଜ ଆଭିମୁଖ୍ୟ ପ୍ରକାଶ କରିବେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡ଼ିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୮ | ୧୨.୪ |
| ଚାନ୍ଦବାଲି | ୨୫.୬ | ୧୩.୯ |
| କଟକ | ୨୬.୫ | ୧୨.୦ |
| ପାରାଦ୍ୱୀପ | ୨୭.୦ | ୧୪.୭ |
| ଭୁବନେଶ୍ୱର | ୨୮.୩ | ୧୨.୪ |
| ଗୋପାଳପୁର | ୨୮.୦ | ୧୫.୩ |
| ପୁରୀ | ୨୭.୦ | ୧୫.୬ |
| ଅନୁଗୋଳ | ୨୩.୧ | ୮.୦ |
| ବାରିପଦା | ୨୪.୬ | ୧୨.୫ |
| ଝାରସୁଗୁଡ଼ା | ୨୫.୮ | ୯.୮ |
| କେନ୍ଦୁଝର | ୨୪.୦ | ୯.୪ |
| ସମ୍ବଲପୁର | ୨୬.୬ | ୯.୫ |
| ସୁନ୍ଦରଗଡ଼ | ୨୫.୦ | ୮.୫ |
| ହୀରାକୁଦ | ୨୬.୩ | ୧୧.୧ |
| ତାଳଚେର | --- | ୧୦.୩ |
| ଭବାନୀପାଟଣା | ୨୬.୦ | ୯.୦ |
| ବଲାଙ୍ଗୀର | ୨୬.୬ | ୧୦.୨ |
| କୋରାପୁଟ | ୨୫.୦ | ୮.୬ |
| ଫୁଲବାଣୀ | ୨୪.୨ | ୭.୫ |
| ଟିଟିଲାଗଡ଼ | --- | ୮.୫ |
| ମାଲକାନଗିରି | ୩୦.୦ | ୧୨.୫ |
| ସୋନପୁର | ୨୭.୦ | ୧୦.୦ |
| ଦାରିଙ୍ଗିବାଡ଼ି | --- | --- |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ମନୀଷାଙ୍କ 'ହିଲ୍‌ଡ' ଲୋକାର୍ପିତ



**ମୁମ୍ବାଇ:** ଅଭିନେତ୍ରୀ ମନୀଷା କୋଇରାଲାଙ୍କ ପୁସ୍ତକ 'ହିଲ୍‌ଡ' ଲୋକାର୍ପିତ ହୋଇଛି। ଏଥିରେ ସେ କର୍କଟ ରୋଗ ସହ ତାଙ୍କ ସଂଗ୍ରାମ ଜୀବନର ଆତ୍ମକଥା ଉଲ୍ଲେଖ କରିଛନ୍ତି। ଲୋକଙ୍କୁ ଏ ବିଷୟରେ ଜଣାଇବା ଉଚିତ୍ ମନେ କରି ସେ ଏହି ପୁସ୍ତକ ଲେଖିଥିବା କହିଛନ୍ତି। ୨୦୧୨ରେ ମନୀଷାଙ୍କ ଡିମ୍ବାଶୟରେ କର୍କଟ ଚିହ୍ନଟ ହୋଇଥିଲା। ଏଥିରେ ସେ ବିଚଳିତ ହୋଇପଡ଼ିଥିଲେ। ୨ ବର୍ଷ ଧରି ତାଙ୍କୁ ପରୀକ୍ଷା ଓ ଚିକିତ୍ସାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି ସମୟରେ ପ୍ରତିଟି ମୁହୂର୍ତ୍ତ ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ହୋଇଥିଲା। ସେ କିନ୍ତୁ ଭାଙ୍ଗି ପଡ଼ି ନଥିଲେ। ମାନସିକସ୍ତରରେ ଶକ୍ତ ହୋଇ ଚିକିତ୍ସାରେ ସହଯୋଗ କରିଥିଲେ। ଶେଷରେ କର୍କଟ ରୋଗକୁ ଜୟ କରିପାରିଥିଲେ। ଦୀର୍ଘ ୨ ବର୍ଷ କାଳ ଡାକ୍ତରଖାନା ବେଡ୍‌ରେ ମୃତ୍ୟୁକୁ ଟକ୍କର ଦେଇ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ମନୀଷା କହିଛନ୍ତି ଯେ, କର୍କଟ ରୋଗ ମୋତେ ନୂଆ ଜୀବନ ଦେଇଛି। ଜୀବନ କେତେ ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିପାଇଁ ସୁସ୍ଥ ରହିବା ଓ ସୁସ୍ଥତା ବଜାୟ ରଖିବା କେତେ ଜରୁରୀ ତାହା ଆଜି ମୁଁ ବାସ୍ତବରେ ହୃଦ୍‌ବୋଧ କରିପାରିଛି। ଲୋକେ ଏହା ଜାଣିବା ଦରକାର। ଏହାକୁ ଗୁରୁତ୍ୱ ମନେକରି ସେ 'ହିଲ୍‌ଡ' ପୁସ୍ତକରେ ତାଙ୍କର ସେହି ଅଭୁଲା ଅନୁଭୂତି ସାଉଁଟିଥିବା ସୂଚାଇଛନ୍ତି। ବଲିଉଡ୍ ସେଲିବ୍ରିଟି ମହେଶ ଭଟ୍ଟ, ଗୁଲଶନ ଗ୍ରୋଭର, ଅନୁପମ ଖେର, ରେଖା ଏବଂ ଦିୟା ମିର୍ଜାଙ୍କ ଉପସ୍ଥିତିରେ ମୁମ୍ବାଇଠାରେ ସେ ଏହି ପୁସ୍ତକ ଉନ୍ମୋଚନ କରିଛନ୍ତି।

## ସଂକ୍ଷେପରେ

### ୧୦ରୁ ବଉଳାକୁମ୍ଭୀର ଗଣନା

ରାଜନଗର,୯।୧(ଡିଏନ୍‌ଏ): ସରୀସୃପଙ୍କ ନନ୍ଦନକାନନ କୁହାଯାଉଥିବା କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବଉଳାକୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଗୁରୁବାର ଠାରୁ ଆରମ୍ଭ ହେବ। ଭିତରକନିକା ସମେତ ଏହାକୁ ସଂଯୋଗ କରୁଥିବା ନଦୀନାଳରେ ବସବାସ କରୁଥିବା ବଉଳାକୁମ୍ଭୀରମାନଙ୍କର ମଧ ଗଣନା କରାଯିବ। ଏହି ଗଣନା କାର୍ଯ୍ୟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କରାଯିବ ବୋଲି ରାଜନଗର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଚଳିତବର୍ଷ ଏହି ଗଣନା ପାଇଁ ୨୨ଟି ଟିମ୍ ଗଠନ କରାଯାଇଛି। ଜାତୀୟ ଉଦ୍ୟାନରେ ୧୧ଟି ଟିମ୍, ରାଜନଗର ବନାଞ୍ଚଳରେ ୭ଟି ଟିମ୍, ଗହୀରମଥାରେ ୨ଟି ଟିମ୍, ମହାକାଳପଡାରେ ୨ଟି ଟିମ୍ ଗଣନା କରିବେ। ଓଡିଶାର ବିଶିଷ୍ଟ ବଉଳାକୁମ୍ଭୀର ବିଶାରଦ ଡ. ସୁଧାକର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ। ସିନ୍ଦୁରା ଫାଟିବା ପୂର୍ବରୁ ଓ ସନ୍ଧ୍ୟା ପରେ କୁମ୍ଭୀରମାନଙ୍କର ଗଣନା କରାଯିବ। ଏହି ୨୨ଟି ଟିମ୍ ରାତ୍ରିରେ ବିଭିନ୍ନ ନଦୀ ନାଳରେ ଉଜ୍ଜ୍ୱଳ ଟର୍ଚ୍ଚ ଲାଇଟ ପକାଇ ଜୁଆର ଛାଡିବା ପରେ ଗଣନା କରିବେ। ଏହି ଗଣନା କାର୍ଯ୍ୟରେ ଅତିରିକ୍ତ ବନ ସଂରକ୍ଷକ ହରେକୃଷ୍ଣ ମଲ୍ଲିକ, ପ୍ରଦୋଷ ପଟ୍ଟନାୟକ, ଜି.ଆନନ୍ଦ କୁମାର, ଶ୍ରୀରାମପଦ ଅରବିନ୍ଦ ମିଶ୍ର, ଅମରେଶ ନାଥ ପ୍ରଧାନ, ବିଜୟ ପରିଡା, ଡ. ଶିବ ପରିଡା, ପ୍ରସନ୍ନ ନାୟକଙ୍କ ସମେତ ବନପାଳ ଓ ବନରକ୍ଷୀମାନେ ସାମିଲ ହେବେ।

### ଜିଲା କଂଗ୍ରେସ ଆଇନ ସେଲ୍‌ର ନୂତନ ଅଧ୍ୟକ୍ଷ

କେନ୍ଦ୍ରାପଡା ଅଫିସ, ୯।୧: କେନ୍ଦ୍ରାପଡା ଜିଲା କଂଗ୍ରେସ ଆଇନ ସେଲର ନୂତନ ଅଧ୍ୟକ୍ଷ ଭାବେ ବରିଷ୍ଠ ଆଇନଜୀବୀ ରବିନାରାୟଣ ମହାନ୍ତିଙ୍କୁ ମଙ୍ଗଳବାର ନିଯୁକ୍ତି ଦିଆଯାଇଛି। ଏନେଇ ଓଡିଶା ପ୍ରଦେଶ କଂଗ୍ରେସ ଆଇନ ବିଭାଗ ଅଧ୍ୟକ୍ଷ ରତିକାନ୍ତ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ମହାନ୍ତିଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ଏଥିସହ ସେ ନିଖିଳ ଭାରତ କଂଗ୍ରେସ କମିଟି ଆଇନ ବିଭାଗର ଅଧ୍ୟକ୍ଷ ବିବେକ ତନଖା ଓ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଇନଜୀବୀ ମହଲରେ ଦଳକୁ ସଂଗଠିତ କରିବା ସହ ତୃଣମୂଳସ୍ତରରେ ସୁଦୃଢ କରିବାକୁ ଉଦ୍ୟମ କରିବେ ବୋଲି ମହାନ୍ତି କହିଛନ୍ତି।

### ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ବିଭାଗ ଆଲୁମ୍ନି ବୈଠକ

ପଟ୍ଟାମୁଣ୍ଡାଇ, ୯।୧ (ସ୍ୱ.ପ୍ର) - ପଟ୍ଟାମୁଣ୍ଡାଇ କଲେଜ ଓଡିଆ ବିଭାଗର ଆଲୁମ୍‌ନି ବୈଠକ ବିଭାଗୀୟ ମୁଖ୍ୟ ଡ଼. ନୀଳମଣି ଲେଙ୍କାଙ୍କ ସଭାପତିତ୍ୱରେ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧାପିକା ଡ. ପ୍ରେମଲତା ରାଉତ, ପ୍ରାଧାପକ ପ୍ରମୋଦ କୁମାର ସ୍ୱାଇଁ, ଅଧାପିକା ଲକ୍ଷ୍ମୀପ୍ରିୟା ପାତ୍ର ଅତିଥି ଭାବେ ଯୋଗ ଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଓଡିଆ ସମ୍ମାନ ଶ୍ରେଣୀରେ ଉତ୍ତୀର୍ଣ୍ଣ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଆଲୁମିନି କମିଟିର ନିର୍ବାଚନ କରାଯାଇଥିଲା। ଆବାହକ ତଥା ସଭାପତି ଭାବେ ଡ. ନୀଳମଣି ଲେଙ୍କା , ଉପସଭାପତି ଭାବେ ଅଧାପକ ଦିଲୀପ କୁମାର ମହାପାତ୍ର , ସମ୍ପାଦକ ଭାବେ ଅଧାପକ ସୁରେଶ ଚନ୍ଦ୍ର ସାହୁ , ସହ ସମ୍ପାଦକ ଭାବେ ଅଧାପକ ଅଶୋକ କୁମାର ଦାସ, ସଙ୍ଗଠନ ସମ୍ପାଦକ ଭାବେ ଅଧାପକ ତାପସ କୁମାର ରାଉତ ଓ କୋଷାଧକ୍ଷ ଭାବେ ଅଧାପକ ପ୍ରତାପ କୁମାର ମଲିକ ନିର୍ବାଚିତ ହୋଇଥିଲେ । ସେହିପରି ଅଧାପକ ତାପସ କୁମାର ସ୍ୱାଇଁ, ଅଧାପକ ମନୋରଞ୍ଜନ ଆଚାର୍ଯ୍ୟ, ଅଧାପିକା ନମିତା ପଣ୍ଡା, ଆଦ୍ୟାଶା ମହାନ୍ତି ପ୍ରମୁଖ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ଉନ୍ନତି ନିମିତ୍ତ କମିଟିର ସଦସ୍ୟମାନେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି ।

### ୟୁକୋ ବ୍ୟାଙ୍କର ଗ୍ରାହକ ସମାବେଶ

ମାର୍ଶାଘାଇ,୯।୧ ( ଡି.ଏନ୍.ଏ.): ୟୁକୋ ବ୍ୟାଙ୍କ ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କର ମାର୍ଶାଘାଇ ଶାଖାରେ ଇତିମଧରେ ଗ୍ରାହକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରରେ ୟୁକୋବ୍ୟାଙ୍କର ୭୬ ତମ ପ୍ରତିଷ୍ଠା ଦିବସ ହୋଇଥିବା ବେଳେ ମାର୍ଶାଘାଇ ଶାଖାରେ ବ୍ୟାଙ୍କର ୪୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାହକଙ୍କ ମଧରେ ଭାଗବତ ସାହୁ, ଚନ୍ଦ୍ରମଣି ସାହୁ, ସଚ୍ଚିଦାନନ୍ଦ ସ୍ୱାଇଁ ଓ ସୁନାକାର ଗାହାଣ ପ୍ରମୁଖ ଯୋଗଦେଇ ବ୍ୟାଙ୍କର ସଫଳତା ନେଇ ମତବ୍ୟକ୍ତ କରିଥିଲେ। ଶାଖା ପରିଚାଳକ ଶୁଭାଶିଷ ପଣ୍ଡା ଏବଂ ସହକାରୀ ପରିଚାଳକ ମିତ୍ରଭାନୁ ସାମନ୍ତରାୟଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ କରିଲୋପାଟଣାରେ ନିରଞ୍ଜନଙ୍କ କର୍ମୀ ସମାବେଶ

# କୃଷି ଋଣ ଛାଡ଼, ମହିଳା ସୁରକ୍ଷାକୁ ଗୁରୁତ୍ୱ

କେନ୍ଦ୍ରାପଡା ଅଫିସ୍/ମାର୍ଶାଘାଇ/ ପାଟକୁରା (ଡି.ଏନ୍.ଏ.), ୯।୧

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ କରିଲୋପାଟଣା ହାଟପଡ଼ିଆଠାରେ ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତା ଜୟନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ରାଜ୍ୟ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ କୃଷିଋଣ ଛାଡ, ମହିଳା ସୁରକ୍ଷା ଓ କର୍ମୀ ନିଯୁକ୍ତି ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ନିରଞ୍ଜନ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ୧୯ ବର୍ଷ ଶାସନକାଳ ମଧ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କୌଣସି ଉଲ୍ଲେଖନୀୟ କାର୍ଯ୍ୟ କରିନାହାନ୍ତି। ଫଳରେ ଚାଷୀମାନେ ଋଣରେ ବୁଡିଥିବା ବେଳେ ଧାନ ଓ ପନିପରିବାର ଅଭାବୀ ବିକ୍ରି ବଢ଼ିଚାଲିଛି। ଜଳ ପରିଚାଳନା ପାଟକୁରା ନିର୍ବାଚନମଣ୍ଡଳୀରେ ଏକ ପ୍ରମୁଖ ସମସ୍ୟା ଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଇନାହିଁ। ସେହିପରି ରାଜ୍ୟ ସରକାରଙ୍କ କାଳିଆ ଯୋଜନା ନିର୍ବାଚନୀ ଧୂଆଁବାଣ କହିବା ସହିତ ଓଡ଼ିଶାରେ କଂଗ୍ରେସ ସରକାର କ୍ଷମତାସୀନ ହେଲେ ଚାଷୀଙ୍କ ଋଣ ଛାଡ଼ କରିବ ବୋଲି ଘୋଷଣା କରିଥିଲେ। ରାଜ୍ୟରେ ମହିଳା ସୁରକ୍ଷା ଓ କର୍ମ ନିଯୁକ୍ତି ସମସ୍ୟା ଯୁବବର୍ଗଙ୍କ ପାଇଁ ବିପଦ ସୃଷ୍ଟି କରିଛି ବୋଲି ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ସମାବେଶରେ ଯୋଗଦେଇ କହିଥିଲେ। ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ଓ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜନଗର ବିଧାୟକ ଅଂଶୁମାନ୍ ମହାନ୍ତି ଆଗାମୀ ନିର୍ବାଚନରେ ଲୋକମାନେ କଂଗ୍ରେସକୁ କ୍ଷମତାସୀନ କରିବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ପ୍ରଭାରୀ ଭି ରୁଦ୍ରରାଜୁ, ଜିଲା ସଭାପତି ଚିନ୍ମୟ ବେହେରା, ଆଇନଜୀବୀ ଧରଣୀଧର ନାୟକ, ବିଭ୍ରାଂଶୁ ଲେଙ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଶାନ୍ତ କୁମାର ଦାସଙ୍କ ସମେତ ବହୁ ନେତା ସମାବେଶ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ନେତା ଯୋଗ ଦେଇଥିଲେ।



ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

## କଂଗ୍ରେସ ସମାବେଶର ଏପାଖ ସେପାଖ

### କୁମ୍ଭକର୍ଣ୍ଣ ନୁହେଁ, ଲକ୍ଷ୍ମଣ ହୁଅ

କେନ୍ଦ୍ରାପଡା ଅଫିସ/ମାର୍ଶାଘାଇ/ ପାଟକୁରା (ଡି.ଏନ୍.ଏ.), ୯।୧

ମାର୍ଶାଘାଇ ବ୍ଲକ କରିଲୋପାଟଣା ହାଟପଡ଼ିଆଠାରେ ବୁଧବାର ଅନୁଷ୍ଠିତ କଂଗ୍ରେସ କର୍ମୀ ସମାବେଶରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା କହିଥିଲେ ଯେ, ରାଜ୍ୟ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଏହାର ସୁଫଳ ହାତଗଣତି ବିଜେଡି ନେତାଙ୍କ ପକେଟକୁ ଯାଉଛି। କଂଗ୍ରେସର ତୃଣମୂଳସ୍ତରର କର୍ମୀମାନେ କୁମ୍ଭକର୍ଣ୍ଣ ପରି ନ ଶୋଇ ଲକ୍ଷ୍ମଣ ପରି ସଦା ଜାଗ୍ରତ ରହି ଏ ସମ୍ପର୍କରେ ତନାଘନା କରିବା ଆବଶ୍ୟକ ହୋଇପଡିଛି।

### ନାରୀ ସୁରକ୍ଷା ଓ କୃଷକ ସମସ୍ୟାକୁ ଗୁରୁତ୍ୱ

ରାଜନଗର ବିଧାୟକ ଅଂଶୁମାନ୍ ମହାନ୍ତି ବିଗତ ଦିନର କଂଗ୍ରେସ ସରକାର ବେଳର ଉନ୍ନୟନ ଯୋଜନା ଓ ବିଜେଡି ସରକାରଙ୍କ ଉନ୍ନୟନ ଯୋଜନାରେ ଥିବା ଫରକ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସେ ମତ ଦେଇଥିଲେ ଯେ, ଯଦି କଂଗ୍ରେସ ସରକାର ପୁନର୍ବାର ଆସେ ନାରୀ ସୁରକ୍ଷା, କୃଷି ଓ କୃଷକ, କର୍ମ ନିଯୁକ୍ତି ସମସ୍ୟା ରହିବ ନାହିଁ।

### ସାଥିରେ ଥିଲି, ଆଗକୁ ରହିବି

ଆଗକୁ ଅଛି ସାଧାରଣ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ନେତା ଜୟନ୍ତ ମହାନ୍ତି ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମାବେଶ କରିଥିଲେ। ଏଠାରେ ସେ ପ୍ରକାଶ କରିଥିଲେ ଯେ, ନିର୍ବାଚନୀ ମଇଦାନରେ ହାର୍ ଜିତ୍ ବଡ ନୁହେଁ। ଲୋକଙ୍କ ନିକଟରେ ପହଞ୍ଚିବା ଓ ସମସ୍ୟା ସହିତ ନିଜକୁ ସାମିଲ କରିବା ଲକ୍ଷ୍ୟ ରହିଛି। ସେଥିପାଇଁ ପୂର୍ବରୁ ପ୍ରାର୍ଥୀ ଭାବେ ହାରି ଯାଇଥିଲେ ମଧ୍ୟ ଅଦ୍ୟାବଧି ସମସ୍ତଙ୍କ ନିକଟରେ ପହଞ୍ଚୁଛି। ଏହି ଧାରା ଆଗକୁ ରହିବ ବୋଲି ସେ ପ୍ରକାଶ କରିଥିଲେ।

### ଦଳୀୟ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନାହିଁ

ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଦଳୀୟ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏଥିସହ ପିସିସି ପକ୍ଷରୁ ଯେଉଁ ପାର୍ଥୀଙ୍କୁ ମନୋନୀତ କରାଯିବ, ତାହା ନିର୍ବାଚନ ମଣ୍ଡଳୀର କର୍ମୀଙ୍କ ହିତରୁ ହେବ। ଏଥିନେଇ କୌଣସି କର୍ମୀ ଅଥବା ନେତା ବିଦ୍ରୋହ ପ୍ରକଟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ବରିଷ୍ଠଙ୍କୁ ଅସମ୍ମାନ ନେଇ ଉତ୍ତେଜନା

ସମାବେଶରେ ଉପସ୍ଥିତ ଥିଲେ ବର୍ଷୀୟାନ ନେତା ଭାଗବତ ପ୍ରସାଦ ମହାନ୍ତି। ପାଟକୁରା ଅଞ୍ଚଳରୁ ଦୀର୍ଘ ୫୧ ବର୍ଷ ଧରି କଂଗ୍ରେସ ଭୋଟ ପାଉ ନଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ତାଙ୍କର ଭାଷଣ ସମୟ ଲମ୍ବା ହେବାରୁ ବାରମ୍ବାର ଶେଷ କରିବାକୁ ଅନୁରୋଧ କରାଯାଇଥିଲା। ଏପରି କି ଭାଷଣ ଶେଷ ହୋଇ ନଥିବା ବେଳେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ କହିବାକୁ ଡାକରା ଦିଆଯାଇଥିଲା। ଏହାକୁ ବରିଷ୍ଠ କଂଗ୍ରେସ ନେତା ରଘୁନାଥ ଶତପଥୀ ଓ ସୁଖଦାନନ୍ଦ ତ୍ରିପାଠୀ ପ୍ରବଳ ବିରୋଧ କରିଥିଲେ। ପ୍ରାୟ ୧୦ ମିନିଟ ଯାଏ ଏହି ଉତ୍ତେଜନା ଲାଗି ରହିଥିଲା।

## ଅଗ୍ନିକାଣ୍ଡ: ୩ ବଖରା ଜଳିଗଲା, ବୃଦ୍ଧା ମୃତ

ମହାକାଳପଡ଼ା, ୯।୧ (ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତସ୍ଥିତ ଓସ୍ତର ଗ୍ରାମରେ ବୁଧବାର ସକାଳ ସାଢ଼େ ୫ଟାରେ ଅଗ୍ନିକାଣ୍ଡ ଘଟି ୩ବଖରା ଜଳିଯାଇଛି। ଏଥିସହ ଅଗ୍ନିକାଣ୍ଡରେ ଜଣେ ବୃଦ୍ଧା ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ସକାଳୁ ଓସ୍ତର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶୁକ ଦାସଙ୍କ ୩ବଖରା ଜଳିଯାଇଥିଲା। ଏଥିରେ ଘରର ସମସ୍ତ ଆସବାବପତ୍ର ଜଳିଯାଇଥିବା ବେଳେ ବର୍ଷକର ଖାଦ୍ୟ ସାମଗ୍ରୀ ମଧ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ମାର୍ଶାଘାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ନିଆଁ ଲାଗିଯିବା ବେଳେ ଶୁକଙ୍କ ମା' ମଖୀ (୮୦) ଘର ଭିତରେ ଥିବାରୁ ତାଙ୍କ ଶରୀରର କିଛି ଅଂଶ ପୋଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ମହାକାଳପଡ଼ା ବିଡିଓ ରମେଶଚନ୍ଦ୍ର ସେଠୀ କୁହନ୍ତି, କ୍ଷୟକ୍ଷତିର ରିପୋର୍ଟ ମିଳିବା ପରେ ସରକାରୀ ନିୟମାନୁସାରେ ସହାୟତା ଯୋଗାଇ ଦିଆଯିବ।

## ଦ୍ୱିତୀୟ ଦିନ ବନ୍ଦ ସଫଳ

କେନ୍ଦ୍ରାପଡା ଅଫିସ, ୯।୧

କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସ୍ୱାଧୀନ ସଂଗଠନ, ମିଳିତ ବିରୋଧୀ ରାଜନୈତିକ ଦଳ ପକ୍ଷରୁ ଚାଲିଥିବା ୨ ଦିନିଆ ଧର୍ମଘଟର ଦ୍ୱିତୀୟ ଦିନ ସଫଳ ହୋଇଛି। ଧର୍ମଘଟ ଯୋଗୁ କେନ୍ଦ୍ରାପଡ଼ାରେ ଗାଡିମଟର ଚଳାଚଳ ବୁଧବାର ବନ୍ଦ ରହିଥିଲା। ଏଥିସହିତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ ରଖିବା ପାଇଁ ପିକେଟିଂ କରାଯାଇଥିଲା। ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ ସହଯୋଗରେ ସିଆଇଟିୟୁ, ଏଆଇଟିୟୁସି, ଆଇଏନଟିୟୁସି, ଏଚଏମଏସ, ୟୁଟିୟୁସି, ଓଡ଼ିଶା କୃଷକ ସଭା, ଉତ୍କଳ ରାଜ୍ୟ କୃଷକ ପରିଷଦ ପ୍ରଭୃତି ଶ୍ରମିକ ଓ କୃଷକ ସଂଗଠନର ସଦସ୍ୟ ସହରର ବିଭିନ୍ନ ରାସ୍ତାରେ ପିକେଟିଂ କରିଥିଲେ। ୧୨ ଦଫା ଦାବିରେ ଅନୁଷ୍ଠିତ ଏହି ଧର୍ମଘଟ ଜଗତଜୀବନ ଦାସ, ବାବାଜି ଧଳ, ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ଉମେଶ ଚନ୍ଦ୍ର ସିଂ, ବିଧୁଭୂଷଣ ମହାପାତ୍ର, ସୁହାନା ବେଗମ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ୨୧ରୁ ରାଜ୍ୟସ୍ତରୀୟ ମଞ୍ଜୁଶ୍ରୀ ଦେବୀ କ୍ରିକେଟ

ରାଜନଗର, ୯।୧(ଡିଏନଏ)

ରାଜନଗର ବ୍ଲକ ସଞ୍ଚପଡା ମିନି ଷ୍ଟାଡିୟମଠାରେ ଆସନ୍ତା ୨୧ ତାରିଖ ଠାରୁ ୧୦ମ ରାଜ୍ୟସ୍ତରୀୟ ମଞ୍ଜୁଶ୍ରୀ ଦେବୀ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମା' ବୁଢୀ ଜାଗୁଳାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ କେନ୍ଦ୍ରାପଡାର ବାଲାବାବା କ୍ରିକେଟ କ୍ଲବ, ଡେରାବିଶ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ, ପାରାଦୀପ ସ୍ପୋର୍ଟିଂ ୟୁନିୟନ, ଆଳିର ମା' ଖରାଖାଇ କ୍ରିକେଟ କ୍ଲବ, ଇନ୍ଦୁପୁରର ଗୋପବନ୍ଧୁ କ୍ରିକେଟ କ୍ଲବ, ସିଂହପୁରର ଶ୍ରାବଣୀ କ୍ରିକେଟ କ୍ଲବ, ଶ୍ରୀକ୍ଷେତ୍ରପାଳ ୟୁନିୟନ ସ୍ପୋର୍ଟିଂ ଭୁବନେଶ୍ୱର, ଜଗତପୁରର ନିମପୁର କ୍ରିକେଟ କ୍ଲବ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆବାହକ କୈଳାସ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି ।

### ଦୁର୍ଘଟଣାରେ ଜଣେ ଗୁରୁତର

ଡେରାବିଶ, ୯।୧ (ସ୍ୱ.ପ୍ର.)

ଡେରାବିଶ ଥାନା ଅଧୀନ ଚାନ୍ଦୋଳ-ଗୋଲରାହାଟ ରାସ୍ତାର ଚଷାଖଣ୍ଡଠାରେ ବୁଧବାର ସଡ଼କ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଗୋଲରାହାଟ ପଞ୍ଚାୟତ କୁଅଁରପୁର ଗ୍ରାମର ହରପ୍ରସାଦ ମହାନ୍ତି (୩୮) ଏକ ବାଇକ୍‌ରେ ଚାନ୍ଦୋଳରୁ ଡେରାବିଶ ଯାଉଥିଲେ। ଚଷାଖଣ୍ଡ ନିକଟରେ ଏକ ବୋଲେରୋକୁ ଓଭରଟେକ୍ କରି ଯାଉଥିବା ବେଳେ ସମ୍ମୁଖଭାଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଏଥିସହ ସମ୍ମୁଖରୁ ଆସୁଥିବା ବାଇକ୍ ଆରୋହୀ ବାଲିଆ ପଞ୍ଚାୟତ ବାଲିଆ ଗ୍ରାମର ନରେଶ ଦାସ (୪୫) ମଧ୍ୟ ଖଣ୍ଡିଆ ଖାବରା ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଛତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହରପ୍ରସାଦଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ବନମାଳୀ ବ୍ରହ୍ମଚାରୀ ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ


ସଭାରେ ଉପସ୍ଥିତ ଅତିଥିବୃନ୍ଦ।

ପଟ୍ଟାମୁଣ୍ଡାଇ,୯।୧(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ନିମ୍ନ ମାଧମିକ ଶିକ୍ଷକ ସଂଘ ପକ୍ଷରୁ ଇତିମଧରେ ଗୋପ୍ତିରା ସୂର୍ଯ୍ୟମଣି ନୋଡାଲ ୟୁପି ସ୍କୁଲଠାରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ସ୍ମାରକୀ ତ୍ରୟୋବିଂଶତମ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶିକ୍ଷକ ସଂଘ ସଭାପତି ସୁନାମଣି ଦାଶଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ଓଝା ଓ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ତ୍ରୈଲୋକ୍ୟ ନାଥ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ବ୍ଲକ ସମ୍ପାଦକ ତଥା ଆଳି ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ପୂର୍ବତନ ରାଜ୍ୟ ସଂଘ ସଭାପତି ଗୋଲକ ବିହାରୀ ସାହୁ, ରାଜକନିକା ବ୍ଲକ ସମ୍ପାଦକ ପ୍ରଦୀପ କୁମାର ଦାଶ, ସ୍କୁଲର ପ୍ରଧାନ ଶିକ୍ଷକ ଅଭୟ କୁମାର ପରିଡା ଓ ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବନମାଳୀ ବ୍ରହ୍ମଚାରୀଙ୍କ ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ତୁଷାରକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଘ ସମ୍ପାଦକ କରୁଣାକର ଭଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପ୍ରାକ୍ତନ ଶିକ୍ଷା ଜିଲା ସଭାପତି ତଥା ଆଳି ବ୍ଲକ ଏବିଇଓ ପ୍ରଦୀପ୍ତ କୁମାର ରଥ ସଂଘ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନୋଡାଲ ୟୁପି ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ନେତା ବିଧୁ ଭୂଷଣ ମହାନ୍ତି, ଅଶୋକ କୁମାର ପରିଡା, ରାଜ୍ୟ ଶିକ୍ଷା ସହାୟିକ ସଂଘ ସଭାପତି ମଳୟ କୁମାର ଜେନା, ବସନ୍ତ କୁମାର ଓଝା, ବୀର କିଶୋର ସାହୁ, ଅରୁଣ କୁମାର ଦାସ, ରବି ନାରାୟଣ ମହାପାତ୍ର, ଦେବେନ୍ଦ୍ର ସ୍ୱାଇଁ, ବଳଦେବ ଉପାଧ୍ୟାୟ, ପ୍ରଦୀପ ସାମଲ, ଶ୍ରୀମନ୍ତ ସାମନ୍ତରାୟ, ଚିରଞ୍ଜନ ବାରିକ, ସିଆରସିସି ଅକ୍ଷୟ କୁମାର ଜେନା, ଗୁଣମଣି ଦାସ, ଅମିର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟାସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଶେଷରେ ରଞ୍ଜିତ କୁମାର ସାମଲ ଧନ୍ୟବାଦ ଦେଇଥିଲେ ।

## କାଳିଆ ଯୋଜନାର ଅଗ୍ରଗତି ଯାଞ୍ଚ କଲେ ବିଡିଓ



ବିଡିଓ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

ମାର୍ଶାଘାଇ,୯।୧(ଡିଏନଏ)

କାଳିଆ ଯୋଜନା ସଂପର୍କରେ ଚାଷୀଙ୍କୁ ସଚେତନ କରିବା ସହ ଏହାର କାର୍ଯ୍ୟକାରିତା ନେଇ ବିଡିଓ ସୁବାଦାର ପ୍ରଧାନ ମଙ୍ଗଳବାର ମାର୍ଶାଘାଇ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନରେ ଯାଇଥିଲେ। ଅପରାହ୍ନରେ ମାର୍ଶାଘାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କାଳିଆ ଯୋଜନାରେ ଆବେଦନ କରୁଥିବା ଚାଷୀମାନଙ୍କ ଆବେଦନ ଫର୍ମ ଦେଖି ଏହା ନିର୍ଭୁଲ ହେବା ସଂପର୍କରେ ବୁଝାଇଥିଲେ। ଅନେକ ଚାଷୀ ପରିବାରର ଜମି ବଣ୍ଟନ ହୋଇନାହିଁ । ଏହାଛଡା ଅନେକ ଆବେଦନକାରୀଙ୍କ ନିଜ ନାମରେ ଜମି ନ ଥିବାରୁ ପଟ୍ଟାରେ ଜମିର ମାଲିକ ଥିବା ବ୍ୟକ୍ତିଙ୍କ ସହିତ ଆବେଦନକାରୀଙ୍କ ସଂପର୍କ ଲେଖିବାକୁ ବିଡିଓ ପ୍ରଧାନ ପରାମର୍ଶ ଦେଇଥିଲେ। ସେହିପରି ଦାଖଲ ହୋଇଥିବା କିଛି ଫର୍ମରୁ ଟେଲିଫୋନ୍ ନମ୍ବର ସଂଗ୍ରହ କରି ସଙ୍ଗେ ସଙ୍ଗେ ଫୋନ୍ କରି ଆବେଦନକାରୀଙ୍କ ସଂପର୍କରେ ତଥ୍ୟ ପଚାରି ବୁଝିଥିଲେ । ବିଡିଓ ପ୍ରଧାନଙ୍କ ସହିତ କୃଷି ବିଭାଗର ଯମପଡା ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ଘୋଷ ଉପସ୍ଥିତ ଥିଲେ। ମାର୍ଶାଘାଇ ପଞ୍ଚାୟତରେ ମଙ୍ଗଳବାର ସୁଦ୍ଧା ୭୭୮ଟି ଆବେଦନ ଫର୍ମ ଦାଖଲ ହୋଇଥିବା ନୋଡାଲ ଅଫିସର ସୁରେନ୍ଦ୍ର କୁମାର ଦାସ ସୂଚନା ଦେଇଥିଲେ।

### ନିପାଣିଆ, ଅଳାବାଙ୍କ ଦୁର୍ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡା ଅଫିସ, ୯।୧– ଚଳିତ ବର୍ଷର ପ୍ରଥମ ସପ୍ତାହରେ କେନ୍ଦ୍ରାପଡ଼ା ଜିଲାରେ ଦୁଇଟି ବଡ ଧରଣର ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ମୋଟ ୧୫ ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲାର କାର୍ଯ୍ୟରତ ଖବରଦାତାଙ୍କ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ଦୁଇ ମିନିଟ ନୀରବ ପାର୍ଥନା କରାଯିବା ସହ ସହରର ପୁରୁଣା ବସଷ୍ଟାଣ୍ଡଠାରେ ମହମବତୀ ଲଗାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଅବସରରେ ବରିଷ୍ଠ ଖବରଦାତା ମାତୃଦତ୍ତ ମହାନ୍ତି ସୂଚନା ଦେଇଥିଲେ ଯେ, ମହାକାଳପଡା ବ୍ଲକ ବଡିଘର ପଞ୍ଚାୟତ ନିପାଣିଆଠାରେ ଗତ ଦୁଇ ତାରିଖରେ ଡଙ୍ଗା ଓଲଟି ପଡିଥିଲା। ଫଳରେ ଦୁଇ ମହିଳାଙ୍କ ସମେତ ୮ ଶିଶୁଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗତ ୭ ତାରିଖରେ ଯାଜପୁର ଜିଲା ପାଣିକୋଇଲିରୁ ଯାତ୍ରା ଦେଖି ଫେରୁଥିବା ବେଳେ ୫ ନଂ.(କ) ଜାତୀୟ ରାଜପଥର ଅଳାବାଙ୍କଠାରେ କାର ଦୁର୍ଘଟଣାରେ ଜିଲାର ୫ ଜଣ ଯୁବକଙ୍କ ପ୍ରାଣହାନି ହୋଇଛି। ଡଙ୍ଗାବୁଡି ଓ ସଡକ ଦୁର୍ଘଟଣାରେ ପ୍ରଶାସନିକ ବ୍ୟବସ୍ଥାର ଆହୁରି ସୁଦୃଢ଼ୀକରଣର ଆବଶ୍ୟକତା ଥିବା ଖବରଦାତା ଅମରବର ବିଶ୍ୱାଳ ଏହି ଅବସରରେ ଦାବି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବ୍ଲକ ଓ ଜିଲାସ୍ତରୀୟ ଖବରଦାତାମାନେ ଯୋଗ ଦେଇଥିଲେ।

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ବରଗଡ଼ ଅଫିସ,୯।୧

ବରଗଡ଼ ଟାଉନ ଥାନାରେ ବୁଧବାର ବଧୂହତ୍ୟା ଅଭିଯୋଗ ହୋଇଛି । କନ୍ୟାପକ୍ଷଙ୍କ ଏତଲାକୁ ଭିତ୍ତି କରି ପୋଲିସ ମୃତା ମହିଳାଙ୍କ ଶାଶୁଘର ଲୋକଙ୍କ ବିରୋଧରେ ଦଫା ୩୦୨, ୩୦୪(ବି), ୪୯୮(ଏ), ୩୪ ଆଇପିସିରେ ଏକ ମାମଲା(ନଂ.୧୭/୧୯) ରୁଜୁ କରି ତଦନ୍ତ ଚଳାଇଛି । ଏହି ମାମଲାରେ ପୋଲିସ ମହିଳାଙ୍କ ସ୍ୱାମୀ ମନୋରଞ୍ଜନ ପାତ୍ରଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁସାରେ, ୨୦୧୫ ଜୁନ୍ ୧୨ରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଦକ୍ଷିଣଦିଆ ଗ୍ରାମର ସ୍ୱର୍ଗତ ବିଭୂତି ଭୂଷଣ ଦାସଙ୍କ ଝିଅ ରାଜଶ୍ରୀ ଓରଫ୍ ଲିଲି ପଟ୍ଟାମୁଣ୍ଡାଇ ଥାନା ବଙ୍ଗାଳଦିଆ(ତନୁପୁର) ଗ୍ରାମର ବସନ୍ତ ପାତ୍ରଙ୍କ ଏକମାତ୍ର ପୁଅ ମନୋରଞ୍ଜନ ଓରଫ୍ ବାବୁନିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ କନ୍ୟାପକ୍ଷ ସ୍ୱାଇଁଙ୍କୁ ନଗଦ ୪ଲକ୍ଷ ଟଙ୍କା ସହିତ ସୁନା ଅଳଙ୍କାର ଦେଇଥିଲେ। ବିବାହର କିଛିଦିନ ପରେ ଲିଲି ଓ ବାବୁନି ବରଗଡ଼ ସହରର ଗଙ୍ଗାଧରନଗରକୁ ଆସି ରହିଥିଲେ । ତାଙ୍କର ୩ ବର୍ଷର ଏକ ଝିଅ ଅଛି । ବିବାହ ପୂର୍ବରୁ କୁଆଡେ ଅନ୍ୟ ଜଣେ ଯୁବତୀ ସହିତ ବାବୁନିଙ୍କ ପ୍ରେମ ସମ୍ପର୍କ ରହିଥିଲା। ସେହି ଯୁବତୀ ଭିନ୍ନ ଜାତିର ହୋଇଥିବାରୁ ତାଙ୍କ ସହିତ ବିବାହ ହୋଇ ପାରି ନ ଥିଲା । ତେବେ ବାବୁନି ସେହି ଯୁବତୀଙ୍କ ସହିତ ସମ୍ପର୍କ ରଖି ଆସୁଥିଲେ ବୋଲି ଜାଣିବା ପରେ ଲିଲି ଏ ନେଇ ବାପଘର ଓ ଶାଶୁଘର ଲୋକଙ୍କୁ ଜଣାଇଥିଲେ । ଏହାସତ୍ତ୍ୱେ ଶାଶୁଘର ଲୋକେ ସେହି କଥାକୁ ଗୁରୁତ୍ୱ ଦେଇ ନ ଥିଲେ ଏବଂ ଲିଲିଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ମୃତା ମହିଳାଙ୍କ ଭାଇ ବିଜେନ୍ଦ୍ର ଅଭିଯୋଗ କରିଛନ୍ତି ।

ଗତ ୮ତାରିଖରେ ଶାଶୁଘର ଲୋକେ ଫୋନ କରି ଲିଲି ବିଷ ପିଇ ଦେଇଥିବା ଜଣାଇଥିଲେ । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରମାନେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିବା ପାଇଁ କହିଥିଲେ । ତେବେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଲିଲିଙ୍କ ମୃତ୍ୟୁ ହୋଇଥିବା ନେଇ ଶାଶୁଘର ଲୋକେ କହିଛନ୍ତି । ମାତ୍ର ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ବିଜେନ୍ଦ୍ର ଅଭିଯୋଗ କରିଛନ୍ତି ।

**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK-753014, ODISHA
O.A. No.160 of 2018
Canara Bank, Badambadi Branch, Cuttack... Applicant
Versus
M/s Madhu Electricals & Others.... Defendant
To
Def. (1) M/s Madhu Electricals represented through its proprietor Smt. Madhumita Roy, W/o- Nishikanta Dash, C/o Hemanta Kumar Das, At- Plot No. 1F/113, Sector-10, Po- Markat Nagar, CDA, Cuttack-Pin-753014
Def. (2)- Madhumita Roy, W/o Nishikanta Dash, Prop. M/s Madhu Electricals, At/po- Plot No. IF/113, Sector-10, Markat Nagr, CDA, Cuttack, Pin-753014
Def. (3)- Sri Nishikanta Dash, S/o Hemanta Kumar Dash, At- Plot No. 1F/113, Sector-10, Po- Markat Nagar, CDA, Cuttack, Pin- 753014
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 160 of 2018** in the Court of the Debts of Recovery Tribunal, Cuttack for recovery of **Rs.17,82,846/-** only together with current and future interest, cost and other reliefs. The above mentioned defendants are therefore, directed to appear before this Tribunal in person or through an advocate or duly authorized agent, in support of their defense to show cause within 30days from the date of publication or **on 14.02.2019 at 10.30am** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **7th day of Jan' 2019.**
Sd/- (SRIKANTA KUMAR MAIKAP)
REGISTRAR

## ସଂକ୍ଷେପରେ

### ନିଆଁ ଲାଗି ଘର ଭସ୍ମୀଭୂତ: ନାବାଳିକା ମୃତ

**ରଘୁନାଥପୁର, ୯ ।୧( ଡି.ଏନ.ଏ.)**
ରଘୁନାଥପୁର ଥାନା ସାଦେଇପୁର ପଞ୍ଚାୟତ ରାଉତ ନୂଆଗାଁର ଅଚ୍ୟୁତ ଦାସଙ୍କ ଚାଳଘରେ ନିଆଁ ଲାଗି ପୋଡିଯାଇଛି। ଏଥିରେ ଅଚ୍ୟୁତଙ୍କ ମଝିଆ ନାବାଳିକା ଝିଅ ମାମା (୧୭) ପୋଡି ହୋଇ ମୃତ୍ୟୁ ଘଟିଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପ ପଡି ନ ଥିଲେ ବି ଶଟ ସର୍କିଟ୍ କିମ୍ବା ଚୁଲି ନିଆଁରୁ ଏପରି ଘଟିଥାଇ ପାରେ ବୋଲି ଲୋକେ କହିଛନ୍ତି। ଗ୍ରାମବାସୀ କହିବା ଅନୁସାରେ ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ମାମା ଏକୁଟିଆ ଥିଲେ। ହଠାତ୍ ନିଆଁ ଲାଗିବାରୁ ଉପରେ ପଡିଥିବା ପଲିଥିନ୍ ତଳେ ମାମା ରହି ଯାଇଥିଲେ। ଉଦ୍ଧାର କରିବା ଗ୍ରାମବାସୀଙ୍କ ପକ୍ଷରୁ ସମ୍ଭବ ହୋଇ ନ ଥିଲା। ତେବେ ବହୁ ଉଦ୍ୟମ ପରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ଘର ଭିତରୁ ମାମାଙ୍କୁ ଉଦ୍ଧାର କରିବା ବେଳେ ସେ ନିଆଁରେ ପୋଡି ଯାଇଥିଲେ। ରଘୁନାଥପୁର ଦମକଳ ବାହିନୀ ଓ ପରେ ଜଗତ୍‌ସିଂହପୁର ଦମକଳ ବାହିନୀ ଆସି ପହଞ୍ଚିଥିଲା। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇ ପଠାଇଛି।

### ମହିଳାଙ୍କୁ ଅପହରଣ ଅଭିଯୋଗ

**ଏରସମା,୯।୧(ସ୍ୱ.ପ୍ର.):** ଏରସମା ଥାନା ଗଡ଼ହରିଶପୁର ପଞ୍ଚାୟତର ଅସିଆ ଗ୍ରାମରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଓ ତାଙ୍କ ୧୦ ବର୍ଷର ପୁଅକୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅପହରଣରେ ମହିଳାଙ୍କ ଆଉ ଏକ ପୁଅ ସହଯୋଗ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ମହିଳାଙ୍କ ସ୍ୱାମୀ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମହିଳାଙ୍କୁ ରାତି ୯ଟାରେ କେହି ଜଣେ ଫୋନ୍ କରି ଗାରିଆ ଛକକୁ ଡାକିଥିଲେ। କିନ୍ତୁ ତାଙ୍କ ସ୍ୱାମୀ ସେଠାକୁ ଯିବାକୁ ବାରଣ କରିଥିଲେ। ଏହାର କିଛି ସମୟରେ ପରେ ମହିଳାଙ୍କ ସ୍ୱାମୀ ଦାଣ୍ଡପଟକୁ ଯାଇଥିବାବେଳେ ଖୋର୍ଦ୍ଧା ଜିଲା ଛତ୍ରପୁର ଗ୍ରାମର ଜଣେ ଗଞ୍ଜେଇ ବ୍ୟବସାୟୀ ମହିଳା ଓ ତାଙ୍କ ୧୦ ବର୍ଷର ପୁଅକୁ ଅପହରଣ କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ବାହାରେ ରହି କାମ କରୁଥିବା ମହିଳାଙ୍କ ବଡ଼ ପୁଅ ସମ୍ପୃକ୍ତ ଗଞ୍ଜେଇ ବ୍ୟବସାୟୀଙ୍କ ସହ ଆସିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଘଟଣାର ତଦନ୍ତ ଚାଲିଥିବା ଏସଆଇ ବିଭୂତି ଭୂଷଣ ସେଠୀ କହିଛନ୍ତି।

### ୨୦ ବସ୍ତା ଧାନ ଜଳିଗଲା

**ବାଲିକୁଦା,୯।୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ଇଛାପୁର ପଞ୍ଚାୟତ ଗୋପାଳପୁର ଗାଁରେ ଅଗ୍ନିକାଣ୍ଡ ଘଟି ଦ୍ୱାରିକାନାଥ ନାୟକଙ୍କ ଖଳାରେ ୨୦ ବସ୍ତା ଧାନ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦ୍ୱାରିକାନାଥଙ୍କ ପରିବାର ଲୋକେ ଶୋଇଥିବାବେଳେ ଖଳାରେ ଅମଳ ହୋଇ ବସ୍ତାରେ ରଖାଯାଇଥିବା ଧାନରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ଏହା ଦେଖି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଇଛାପୁର ପୂର୍ବତନ ସମିତିସଭ୍ୟ ଆର୍ତ୍ତବନ୍ଧୁ ବିଶ୍ୱାଳ, ପୂର୍ବତନ ନାଏବ ସରପଞ୍ଚ ତ୍ରିଲୋଚନ ଦାସ, ଦିଲୀପ ମହାନ୍ତି, ଚିତ୍ତରଞ୍ଜନ ସାହୁ, ସନାତନ ଦୋରା, କମଳଲୋଚନ ସ୍ୱାଇଁ ପ୍ରମୁଖ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରାପ୍ରାପ୍ତ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ଅବଗତ କରାଯାଇଥିଲା। ମାତ୍ର ଧାନ ଗଦା ବା ଧାନ ଜଳିଗଲେ ସହାୟତା ପ୍ରଦାନର ବ୍ୟବସ୍ଥା ନାହିଁ ବୋଲି ସେ କହିବା ସହ ଜିଲାପାଳଙ୍କୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ମଲିକାପୁର ଆରଆଇ ମନ୍ଦାକିନୀ ଭୋଇ ଘଟଣାସ୍ଥଳକୁ ଯାଇ ଅନୁଧାନ କରିଛନ୍ତି। ଅମଳ ହୋଇ ରହିଥିବା ବର୍ଷକର ଆହାର ପୋଡି ପାଉଁଶ ହୋଇଯାଇଥିବାରୁ ଦ୍ୱାରିକାନାଥ ଚିନ୍ତାରେ ପଡିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

**ବିରିଡ଼ି,୯।୧(ଡି.ଏନ.ଏ.):** ବିରିଡ଼ି ବ୍ଲକ ବାଲିଆ ଜଳ ସେଚନ ବିଭାଗ ସେକ୍ସନର ଖଲାସୀ ଭୋଳାନାଥ ମଲ୍ଲିକଙ୍କୁ ବୁଧବାର ବିଲୁଆଖାଇ କେନାଲ ସବ୍‌ଡିଭିଜନ ବାଲିଆ ପକ୍ଷରୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସବ୍‌ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳଙ୍କ ସମେତ ସହକାରୀ ଯନ୍ତ୍ରୀ ଗୋବର୍ଦ୍ଧନ ପାଣିଗ୍ରାହୀ, ଦଳେଇଘାଇ ସହକାରୀ ଯନ୍ତ୍ରୀ ନରେନ୍ଦ୍ର ଜେନା, ଶଙ୍ଖାରୀ ସାହି କନିଷ୍ଠ ଯନ୍ତ୍ରୀ ସାଗରିକା ବେହେରା, ରେଢୁଆ କନିଷ୍ଠ ଯନ୍ତ୍ରୀ ଜାଗୃତୀ ବାରିକ, ନାରାୟଣ ବେହେରା, ବୈଦ୍ୟନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭୋଳାନାଥଙ୍କୁ ପୁଷ୍ପଗୁଚ୍ଛ ଓ ଶାଲ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭୁତମୁଣ୍ଡାଇରେ ଟ୍ରକ୍ ଟର୍ମିନାଲ ନିର୍ମାଣ ବିବାଦ

# ପିଡିଏର ଧୋକା, ବନ୍ଦରର ଦାଦାଗିରି

**ରଘୁନାଥ ସାହୁ**
**କୁଜଙ୍ଗ,୯।୧(ସ୍ୱ.ପ୍ର.)**

ଦେଶର ମାନ୍ୟତାପ୍ରାପ୍ତ ବୃହତ୍ତମ ବନ୍ଦର ମଧ୍ୟରେ ପାରାଦୀପ ଅନ୍ୟତମ। ପାରାଦୀପ ବନ୍ଦରର ପଣ୍ୟ କାରବାରରେ ହଜାର ହଜାର ଟ୍ରକ୍ ନିୟୋଜିତ ହୋଇଛି। ତେବେ ଏସବୁ ଟ୍ରକ୍ ରହଣୀ ପାଇଁ ବନ୍ଦରର ନିଜସ୍ୱ ଟ୍ରକ୍ ଟର୍ମିନାଲଟିଏ ନାହିଁ। ୧୦ ବର୍ଷ ତଳେ ଦଇତାରୀ-ପାରାଦୀପ ଜାତୀୟ ରାଜପଥ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଏକ ରାସ୍ତାକଡ଼ ଜନବସତିଠାରୁ ଦୂରରେ ଟ୍ରକ ଟର୍ମିନାଲ ନିର୍ମାଣ ନିଷ୍ପତ୍ତି ହୋଇଥିବାବେଳେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହେଲା ନାହିଁ। ତେବେ ୨୦୧୨ରେ ବନ୍ଦରର ଆବେଦନ କ୍ରମେ ସରକାରଙ୍କ ଦ୍ୱାରା ଗଠିତ ପାରାଦୀପ ଡେଭ୍‌ଲପମେଣ୍ଟ ଅଥରିଟି (ପିଡିଏ) ଏଥିପାଇଁ ତତ୍ପରତା ପ୍ରକାଶ କରିଥିଲା। ଟ୍ରକ ଟର୍ମିନାଲ ନିର୍ମାଣ କରିବା ପାଇଁ ବନ୍ଦରକୁ ଜାତୀୟ ରାଜପଥ କଡ଼ କୁଜଙ୍ଗ ବ୍ଲକ୍‌ର ଭୁତମୁଣ୍ଡାଇଠାରେ ଜାଗା ପ୍ରଦାନ କରାଯାଇଥିଲା। ଏଥିସହ ୨୦୧୨ ମେ ମାସରେ ପିଡିଏ ପକ୍ଷରୁ ୨୦୩୦ ମସିହା ପର୍ଯ୍ୟନ୍ତ ପାରାଦୀପ ଶିଳ୍ପ ସହର ନିକଟ ଭୁତମୁଣ୍ଡାଇ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ପିଡିଏ ପକ୍ଷରୁ ଜାରି ଏକ ସରକାରୀ ନକ୍ସାରେ କେଉଁଠାରେ ଟ୍ରକ ଟର୍ମିନାଲ ନିର୍ମାଣ କରାଯିବ ତାହା ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଯୋଜନାର ୭ ବର୍ଷ ପରେ ସରକାରୀ ନକ୍ସାରେ ନିର୍ଦ୍ଧାରିତ ସ୍ଥାନକୁ ବାଦ୍‌ଦେଇ ପାରାଦୀପ ବନ୍ଦର ଭୁତମୁଣ୍ଡାଇର ଏକ ଜନବସତି ଅଞ୍ଚଳର ମଧ୍ୟଭାଗରେ ଟ୍ରକ ଟର୍ମିନାଲ ଜୋର ଜବରଦସ୍ତ କରିବାକୁ ଉଦ୍ୟମ ଚଳାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ବନ୍ଦରର ଏହି ମେଗା ପ୍ରକଳ୍ପ ନିମନ୍ତେ କୌଣସି ଜନ ଶୁଣାଣି କରାଯାଇ ନାହିଁ। ରାଜ୍ୟ ସରକାରଙ୍କ ଏହି ଜମିରେ ଜନସାଧାରଣଙ୍କ ଆଗୋଚରରେ ହଠାତ୍ ପ୍ରକଳ୍ପ ନିର୍ମାଣ ନିଷ୍ପତ୍ତି ନିଆଯାଇଥିବାରୁ ଏହା ଅଞ୍ଚଳବାସୀଙ୍କୁ ହତବାକ୍ କରିଛି। ଟ୍ରକ ଟର୍ମିନାଲ ପରି ଏକ ପ୍ରଦୂଷଣ ସୃଷ୍ଟିକାରୀ ପ୍ରକଳ୍ପ ଜନବସତି ମଧ୍ୟରେ ନିର୍ମାଣ କରାଗଲେ ୫ ପଞ୍ଚାୟତର ୩୦ ହଜାର ଗ୍ରାମବାସୀ ପ୍ରଭାବିତ ହେବେ। ଏହି ପ୍ରକଳ୍ପ ଲୋକଙ୍କର ମଧ୍ୟ କୌଣସି କାମରେ ଆସିବ ନାହିଁ। ଏସବୁ ଦିଗକୁ ବିଚାର କରି ଟ୍ରକ୍ ଟର୍ମିନାଲ ନିର୍ମାଣକୁ ନେଇ ଗାଁ ଗାଁରେ ଉତ୍ତେଜନା ବଢ଼ିବାରେ ଲାଗିଛି।

ବନ୍ଦର ପକ୍ଷରୁ ଟ୍ରକ ଟର୍ମିନାଲ ନିର୍ମାଣ ନିମନ୍ତେ ଆଗୁଆ ଟେଣ୍ଡର ଶେଷ ହୋଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ପତ୍ର ଦିଆଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ସର୍ଭେ ଓ ଜମି ଚିହ୍ନଟ ନିମନ୍ତେ ଗତ ମାସରେ ମାପଚୁପ ବେଳେ ଘଟଣା ପଦାକୁ ଆସିଥିଲା। ଗତ ୫ ଦିନ ତଳେ ମେଶିନ୍ ଅଣାଯାଇ ମାପ ଓ ବାଲି ଫିଲିଙ୍ଗ୍ ଉଦ୍ୟମ କରାଯିବାବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ଗଠିତ ଆଞ୍ଚଳିକ ସୁରକ୍ଷା ସମିତି ଜୋରଦାର ବିରୋଧ କରିବାରୁ ନିର୍ମାଣକାରୀ ସଂସ୍ଥା ଫେରିଯାଇଥିଲା।

ପ୍ରକାଶ ଯେ, ୨୦୧୨ ମେ ମାସରେ ପିଡିଏ କାର୍ଯ୍ୟାଳୟରେ ପିଡିଏ ସଚିବ ତଥା ପାରାଦୀପ ଏଡିଏମ୍, ଜିଲା ପ୍ରଶାସନ ଓ ଭୁତମୁଣ୍ଡାଇ ସମେତ ଆଖପାଖ ପଞ୍ଚାୟତବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ ପିଡିଏ ପକ୍ଷରୁ ଜାରି ଏକ ରଙ୍ଗିନ ନକ୍ସାରେ ତାଳଦଣ୍ଡା କେନାଲର ଅପରପାର୍ଶ୍ୱ ଅର୍ଥାତ୍ ଉତ୍ତରପଟ ନଦୀକୂଳ ସରକାରୀ ଜାଗାରେ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ସେହିପରି ଭୁତମୁଣ୍ଡାଇ ପଞ୍ଚାୟତର ବିଭିନ୍ନ ସରକାରୀ ଜାଗାରେ ରେଳଷ୍ଟେଶନ, ଶିଳ୍ପ ଓ ଅନ୍ୟାନ୍ୟ ଉନ୍ନତିମୂଳକ ପ୍ରକଳ୍ପ ୨୦୩୦ (DRAFT CDP-2030) ମଧ୍ୟରେ କରାଯିବାକୁ କୁହାଯାଇଥିଲା। ଏ ସମ୍ପର୍କିତ ନକ୍ସାର କପି ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ପ୍ରଦାନ କରାଯାଇଥିଲା। ଯେହେତୁ ନକ୍ସାରେ ଟ୍ରକ ଟର୍ମିନାଲ ଜନବସତି ବାହାରେ କେନାଲ ଆରପଟ ନଦୀ କୂଳରେ ହେବ ବୋଲି ଦର୍ଶାଯାଇଥିଲା, ତେଣୁ ପ୍ରକଳ୍ପ ପାଇଁ ଲୋକେ ପିଡିଏକୁ ସହମତି ଜଣାଇଥିଲେ। ହେଲେ ୭ ବର୍ଷ ପରେ ନକ୍ସସାକୁ ଆଡୁଆଳରେ ରଖି ତାଳଦଣ୍ଡା କେନାଲର ଦକ୍ଷିଣପାର୍ଶ୍ୱ ଏକ ଜନବସତି ଅଞ୍ଚଳରେ ଟର୍ମିନାଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି, ଯାହାକି ସମସ୍ତଙ୍କୁ କ୍ଷୁବ୍ଧ କରିଛି। ପ୍ରଶାସନ ମଧ୍ୟ ଏହାର ଉତ୍ତର ଦେଇପାରୁନାହାନ୍ତି।

ସୂଚନାଯୋଗ୍ୟ, ପାରଦୀପ ବନ୍ଦର ଓ ବିଭିନ୍ନ ଶିଳ୍ପ ସଂସ୍ଥା ଯୋଗୁ ଏହି ଅଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତି ଅସ୍ୱାଭାବିକ ହୋଇପଡିଥିବାରୁ ଲୋକେ ବିଭିନ୍ନ ରୋଗର ଶିକାର ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛନ୍ତି। ଶିଳ୍ପ ଆଇନ ଅନୁଯାୟୀ ଶିଳ୍ପ ସଂସ୍ଥା ଓ ବନ୍ଦର ପ୍ରଶାସନ ଅଞ୍ଚଳବାସୀଙ୍କ ନିମନ୍ତେ ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ନିର୍ମାଣ କରୁ ବୋଲି ଦାବି ହେଉଛି। ଭୁତମୁଣ୍ଡାଇର ଯେଉଁ ସ୍ଥାନରେ ମେଡିକାଲ ନିର୍ମାଣ ପାଇଁ ଦାବି ହେଉଛି, ସେହି ସ୍ଥାନରେ ବେଆଇନ ଭାବେ ଟ୍ରକ ଟର୍ମିନାଲ ନିର୍ମାଣ କରିବାକୁ ଉଦ୍ୟମ କରାଯାଉଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏ ସମ୍ପର୍କରେ ଭୁତମୁଣ୍ଡାଇର ପୂର୍ବତନ ସରପଞ୍ଚ ସାମାଜିକ କର୍ମୀ ସଞ୍ଜୟ କୁମାର ବେହେରା କହିଛନ୍ତି ଯେ, ଟ୍ରକ ଟର୍ମିନାଲ ନିର୍ମାଣ ନିଷ୍ପତ୍ତି ସ୍ଥାନୀୟ ଲୋକଙ୍କୁ ଏକ ଧୋକା। ଏହା କେବେ କରାଇ ଦେବୁନାହିଁ। ଆଞ୍ଚଳିକ ସୁରକ୍ଷା ସମିତି ସହଆବାହକ ସଞ୍ଜୟ ବେହେରା, ପ୍ରକାଶ ତ୍ରିପାଠୀ, ଜାନକୀ ମହାରଥା ଓ ପବିତ୍ର ସାହୁ ପ୍ରମୁଖ ଟର୍ମିନାଲକୁ ଘୋର ବିରୋଧ କରାଯିବ ଓ ବନ୍ଦର ସହିତ ଲଢ଼େଇ ହେବ ବୋଲି କହିଛନ୍ତି।

ଏସମ୍ପର୍କରେ ପିଡିଏ ସଚିବ ତଥା ଏଡିଏମ୍ କାହ୍ନୁଚରଣ ଧିର୍ କହିଛନ୍ତି ଯେ ଏହି ନକ୍ସା ସରକାରୀ ଅନୁମୋଦନ ପାଇସାରିଛି। ବର୍ତ୍ତମାନ ଯେଉଁ ସ୍ଥାନରେ ଟ୍ରକ ଟର୍ମିନାଲ ହେଉଛି, ସେଥିପାଇଁ ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏଥିରେ ପିଡିଏର କୌଣସି ଭୂମିକା ନାହିଁ।


ପୂର୍ବରୁ ପିଡିଏ ପକ୍ଷରୁ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ପ୍ରସ୍ତୁତ ହୋଇଥିବା ନକ୍ସା।

- ଆଢୁଆଳରେ ରଖାଯାଇଛି ସରକାରୀ ନକ୍ସା
- ପ୍ରକଳ୍ପ ପାଇଁ ହୋଇନି ଜନଶୁଣାଣି, ଠିକାଦାର ବାଲି ପକେଇବାରେ ବ୍ୟସ୍ତ
- ଭୁତମୁଣ୍ଡାଇ, ବିଶ୍ୱାଳି ସମେତ ୫ ପଞ୍ଚାୟତରେ ଉତ୍ତେଜନା



ବନ୍ଦ ପାଳନ ବେଳେ ରଘୁନାଥପୁରରେ ଶ୍ରମିକ ସଙ୍ଗଠନ ପକ୍ଷରୁ ହୋଇଥିବା ଶୋଭାଯାତ୍ରା।

## ବନ୍ଦ ସଫଳ ପାଇଁ ୫ କିମି ପଦଯାତ୍ରା

**ରଘୁନାଥପୁର, ୯ ।୧( ଡି.ଏନ.ଏ.)**
ଟ୍ରେଡ ୟୁନିୟନଗୁଡିକ ପକ୍ଷରୁ ଜଗତ୍‌ସିଂହପୁର ନିର୍ମାଣ ଶ୍ରମିକ ସଙ୍ଗଠନ ତାରପୁର ଅଞ୍ଚଳିକ କମିଟି ପକ୍ଷରୁ ରଘୁନାଥପୁର ବ୍ଲକ ତାରପୁର ବାଇପାସ୍‌ଠାରେ ବନ୍ଦ ପାଳନ କରାଯାଇଥିଲା। ଜିଲା ଉପସଭାପତି ବିନ୍ଦସାଗର ଓଝାଙ୍କ ନେତୃତ୍ୱରେ ଶ୍ରମିକମାନେ ୫ କିମି ପଦଯାତ୍ରାରେ ଯାଇ ଜଇପୁର ଛକଠାରେ ପହଞ୍ଚିଥିଲେ। ଏହି ଅବସରରେ ଉପସଭାପତି ଓଝା କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସାଧାରଣ ଜନତାଙ୍କୁ ଚାକିରି ଦେବା ପରିବର୍ତ୍ତେ ପକୁଡି ଛାଣିବାକୁ କହୁଛନ୍ତି ବୋଲି ସେ ବକ୍ତବ୍ୟରେ କହିଥିଲେ। ଏଥିରେ ଜିଲା ସଭାପତି ଲୋଭାକାନ୍ତି ସ୍ୱାଇଁ ଯୋଗଦେଇ ମୋଦି ସରକାର କିପରି ଶ୍ରମ ଆଇନକୁ ଭାଙ୍ଗି ୪ ଟି ଶ୍ରମ କୋର୍ଡ ଲାଗୁ କରିବାକୁ ଚେଷ୍ଟା କରୁଛନ୍ତି ସେସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଧନେଶ୍ୱର ରାଉତ, କର୍ମକର୍ତ୍ତା ପୂର୍ଣ୍ଣଚନ୍ଦ୍ର ବେହେରା, ସଚ୍ଚିକାନ୍ତ ମହାରଣା, ପ୍ରମିଳା ସେଠୀ, ଜୟନ୍ତୀ ଜେନା, ରମେଶ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ବନ୍ଦର ୨ୟ ଦିନ ଶାନ୍ତିପୂର୍ଣ୍ଣ

**କୁଜଙ୍ଗ/ପାରାଦୀପ,୯।୧(ସ୍ୱ.ପ୍ର)**

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ବିଭିନ୍ନ ସଂଗଠନ ପକ୍ଷରୁ ହୋଇଥିବା ଦୁଇଦିନିଆ ଭାରତ ବନ୍ଦ ଦ୍ୱିତୀୟ ଦିନ କୁଜଙ୍ଗ ଓ ପାରାଦୀପରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। କୁଜଙ୍ଗ ଥାନା ଛକରେ ଏଆଇଟିୟୁସି ଆହ୍ୱାନ କ୍ରମେ ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। କଟକ-ପାରାଦୀପ ରାଜ୍ୟରାଜପଥ ଅବରୋଧ କରାଯାଇଥିଲା। ଏଆଇଟିୟୁସି ଜିଲା ସମ୍ପାଦକ ସୁବାସ ମହାପାତ୍ର, ଶରତ ବେହେରା, ହୃଷିକେଶ ନାଥ, ହରେକୃଷ୍ଣ ମାଝୀ, ଦେବେନ୍ଦ୍ର ଆଚାର୍ଯ୍ୟ, ରବୀନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ହିନ୍ଦ୍ ମଜ୍ଦୁର ସଭାର ନେତା ତଥା ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ଉପସଭାପତି ଆଇନଜୀବୀ ଅମୃତ ଦାସ, ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ, ଚିତ୍ରସେନ ରାୟ, ଅକ୍ଷୟ କର, ଅଜୟ ସ୍ୱାଇଁ ପ୍ରମୁଖ ବିଭିନ୍ନ ଶିଳ୍ପ ଅଞ୍ଚଳରେ ପ୍ରତିବାଦ କରିଥିଲେ। ମା' ବୈଦେହୀ ଅଏଲ୍ ରିଫାଇନାରୀ ୱାର୍କର୍ସ ୟୁନିଅନ୍ ପକ୍ଷରୁ ସୁଶାନ୍ତ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଉପଦେଷ୍ଟା ବିଜୟ ସ୍ୱାଇଁ, ସଭାପତି ଦେବବ୍ରତ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରକାଶ ପ୍ରଧାନ, ସନ୍ତୋଷ ଜେନା, ଉପସଭାପତି ବସନ୍ତ ବେହେରା, ସମ୍ପାଦକ ସୌମ୍ୟରଞ୍ଜନ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ। ପାରାଦୀପ ଅଠରବାଙ୍କୀ ମୁଖ୍ୟ ଗେଟ୍, ତୈଳ ବିଶୋଧନାଗାର, ପିପିଏଲ ଆଗରେ ସିଟୁ ପକ୍ଷରୁ ବନ୍ଦ ପାଳନ ହୋଇଥିଲା। ସୁବାସ ମହାପାତ୍ର, ଲଳିତ ପ୍ରଧାନ, ରବୀନ୍ଦ୍ର ମାଝି, ନିର୍ମଳ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଏଟିଏମ୍ କାର୍ଡ ସହ ୨୦ହଜାର ଟଙ୍କା ଉଠାଇ ଦୁର୍ବୃତ୍ତ ଚମ୍ପଟ

**କୁଜଙ୍ଗ/ରାହାମା,୯।୧**
**(ସ୍ୱ.ପ୍ର./ଡି.ଏନ୍.ଏ)**

କୁଜଙ୍ଗ ଥାନା ପଙ୍କପାଳ ଗ୍ରାମର ଜଣେ ବ୍ୟକ୍ତି ବୁଧବାର ପୂର୍ବାହ୍ନ ୯ଟାରେ ତିର୍ତ୍ତୋଲ ଥାନା ଅଧୀନ ରାହାମା ବଜାରରେ ଥିବା ଏସବିଆଇ ଏଟିଏମ୍‌କୁ ଯାଇ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ଏଟିଏମ କାର୍ଡ ସହ ୨୦ ହଜାର ଟଙ୍କା ଉଠାଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ପଙ୍କପାଳର ବିଦ୍ୟାଧର ଦାସ ଏଟିଏମ୍ କାର୍ଡ ଦ୍ୱାରା ଟଙ୍କା ଉଠାଇବାକୁ ରାହାମା ଯାଇଥିଲେ। ଏଟିଏମ୍ କେନ୍ଦ୍ରରେ ତାଙ୍କ ପଛ ପଟେ ଛିଡା ହୋଇଥିବା ଜଣେ ଯୁବକ ପିନ୍‌କୋର୍ଡ ନିରୀକ୍ଷଣ କରିବା ସହ ଟଙ୍କା ଉଠାଣରେ ତାଙ୍କୁ ସହାୟତା କରିଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ବିଦ୍ୟାଧରଙ୍କୁ କୌଶଳରେ ଅନ୍ୟ ଏକ ଏଟିଏମ୍ କାର୍ଡ ଦେଇ ତାଙ୍କ କାର୍ଡ ନେଇଯାଇଥିଲେ। ଏହାର କିଛିକ୍ଷଣ ପରେ ବିଦ୍ୟାଧରଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା ଉଠାଯାଇଥିବା ମୋବାଇଲକୁ ଏସ୍‌ଏମ୍‌ଏସ୍ ଆସିଥିଲା। ଏସ୍‌ବିଆଇ ଏଟିଏମ୍ ନିକଟସ୍ଥ ୟୁକୋ ବ୍ୟାଙ୍କ୍ ଏଟିଏମ୍‌ରୁ ଏହି ଟଙ୍କା ଉଠାଯାଇଥିବା ଜଣାପଡିଥିଲା। ଏନେଇ ସେ ବ୍ୟାଙ୍କ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସିସିଟିଭିରେ ଅଭିଯୁକ୍ତ ଯୁବକଙ୍କ ଫଟୋଚିତ୍ର ରହିଛି। ଏହି ଘଟଣା ରାହାମା ଓ ପଙ୍କପାଳ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।


ସିସି ଟିଭିରେ କଏଦ୍ ଲୁଟ୍ ଦୃଶ୍ୟ।

## ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିକ୍ଷୋଭ

**ବାଲିଆ,୯।୧**
ଦେଶବ୍ୟାପୀ ଟ୍ରେଡ ୟୁନିୟନର ଧର୍ମଘଟ ପରିପ୍ରେକ୍ଷିରେ ବୁଧବାର ବିରିଡି ବ୍ଲକ ସମ୍ମୁଖରେ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ରାଜ୍ୟ ସାଧାରଣ ସହ ସମ୍ପାଦିକା ବିଷ୍ଣୁପ୍ରିୟା ଜେନାଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହାୟିକା ୧୨ ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଧର୍ମଘଟରେ କ୍ଷେତ ମଜଦୂର ୟୁନିୟନ(ନିଖିଳ), ଓଡିଶା ଫରେଷ୍ଟ ଉଡ୍, ଏଗ୍ରିକଲଚର ଆଣ୍ଡ ବିଲ୍‌ଡିଂ କନ୍‌ଷ୍ଟ୍ରକ୍ସନ ୱାର୍କର୍ସ ୟୁନିୟନ ସଂଘ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଭାରତୀୟ କ୍ଷେତ ମଜଦୁର ସଂଘର ଜାତୀୟ ପରିଷଦ ସଭ୍ୟ ତ୍ରୈଲୋକ୍ୟ ନାଥ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ବିଷ୍ଣୁପ୍ରିୟା ଜେନା, ବିଷ୍ଣୁଚରଣ ଦଳାଇ, ସୁନିଲ ମହାନ୍ତି, ନାରାୟଣ ଭୋଳ, ବବିତା ଦାସ, କବିତା ପଟ୍ଟନାୟକ, ସାଇଦା ବେଗମ, ଗୌରାଙ୍ଗ ବୋଷ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ, ଶ୍ରମିକ ଓ କର୍ମଚାରୀ ମାରଣ ନୀତି, ବେକାରୀ ସମସ୍ୟା ଆଦି ପ୍ରସଙ୍ଗ ଉଠାଇ କଟୁ ସମାଲୋଚନା କରିଥିଲେ। ସିଆଇଟିୟୁ ତରଫରୁ ନଟବର ପଲେଇ, ଯୁଧୀଷ୍ଠିର ଦାସ, ଗଣେଶ ଚନ୍ଦ୍ର ମାଣିଆ, ବେଣୁଧର ବାରିକ, ପ୍ରଶାନ୍ତ ମାଣିଆ, ବୁଧଦେବ ପାତ୍ର ପ୍ରମୁଖ ଆନ୍ଦୋଳନ ନେତୃତ୍ୱ ନେଇଥିଲେ।

## ନିପାଣିଆ ଡଙ୍ଗାବୁଡ଼ି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା,୯।୧(ସ୍ୱ.ପ୍ର.)**
ବାଲିକୁଦା ପ୍ରେସ କ୍ଲବ ପକ୍ଷରୁ ନିପାଣିଆ ଡଙ୍ଗାବୁଡିରେ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରେସ୍ କ୍ଲବ ସଭାପତି ମନୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ସଂଘ ସଭାପତି ରାଧାକାନ୍ତ ମିଶ୍ର, ରତ୍ନାକର ନାୟକ, ପ୍ରଫୁଲ୍ଲ ଦାସ, ବିଷ୍ଣୁ ଚରଣ ସ୍ୱାଇଁ, ସମ୍ପାଦକ ତାପସ ସ୍ୱାଇଁ, କୈଳାସ ବିଶ୍ୱାଳ, ଅରୁଣ ମହାନ୍ତି, ସଞ୍ଜୀୟ ମହାନ୍ତି, ବିଧାନ ଚନ୍ଦ୍ର ରାଉଳ, ପରେଶ ଦାସ, ଅଜୟ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ୭ରେ କୃଷକ ସଙ୍ଗଠନର ବ୍ଲକ ଘେରାଉ

**ରଘୁନାଥପୁର, ୯ ।୧( ଡି.ଏନ.ଏ.)**

ମଣ୍ଡିରେ ଧାନ ଦେଉଥିବା ଚାଷୀଙ୍କୁ ୫ ଶହ ଟଙ୍କା ବୋନସ ପ୍ରଦାନ, ଷଣ୍ଢ ଓ ମାଙ୍କଡ଼ ଉତ୍ପାତରୁ ଫସଲ ରକ୍ଷା ପାଇଁ ସରକାର ପଦକ୍ଷେପ ନେବାକୁ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ଫେବୃୟାରୀ ୭ରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ରଘୁନାଥପୁର ବ୍ଲକ ଘେରାଉ କରାଯିବାକୁ ନିଷ୍ପତ୍ତି ହୋଇଛି। ବୁଧବାର ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀଙ୍କୁ ନେଇ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ଏକ ବୈଠକ ହୋଇଥିଲା। ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବାବାଜି ଚରଣ ଜେନା ଧାନ କୁଇଣ୍ଟାଲ ପିଛା ରାଜ୍ୟ ସରକାର ୫ ଶହ ଟଙ୍କା ବୋନସ ଦେବାକୁ ପ୍ରସ୍ତାବ ରଖିଥିଲେ। ଆଇନଜୀବୀ ବାସୁଦେବ ଯୋଗଦେଇ ଷଣ୍ଢ ଓ ମାଙ୍କଡ ଉପଦ୍ରବ ରୋକିବାକୁ ଦାବି କରିଥିଲେ। ଚାଷୀଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। ଆଗକୁ ନିର୍ବାଚନ ଆସୁଥିବାରୁ ସମସ୍ତେ ଭୋଟ ହାତେଇବା ପାଇଁ ଚେଷ୍ଟା ଚଳାଇଛନ୍ତି ବୋଲି ସେ କହିଥିଲେ। ବୈଠକରେ ସିଦ୍ଧାର୍ଥ ତ୍ରିପାଠୀ, ପ୍ରକାଶ ଜେନା, ନିର୍ମଳ ଦାସ ଓ ବିପିନ କୁମାର ସ୍ୱାଇଁ, ଡ. ରାଜକିଶୋର ବରାଳ, କାମିନୀ ପାଲଟାସିଂ, ବିଜନ ମହାପାତ୍ର, ମୁରଲୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କୃଷକ ସଂଗଠନ କର୍ମକର୍ତ୍ତା ଓ ଅନ୍ୟମାନେ।

## ତିର୍ତ୍ତୋଲ ପଞ୍ଚାୟତ ସମିତି ୭ମ ଅଧିବେଶନ

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ

**ତିର୍ତ୍ତୋଲ,୯।୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ୭ମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଜାତା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ତିର୍ତ୍ତୋଲ ବ୍ଲକ ଉପାଧ୍ୟକ୍ଷ ଆଶିଷ ସେଠୀ, ଜିଲା ପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବୀର ରାୟ, ଲିପାଲି ରାଉଳ, ଏମପିଙ୍କ ପ୍ରତିନିଧି ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିପିଓ ସଞ୍ଜୟ ଦାସ ବିବରଣୀ ପାଠ କରିଥିଲେ। ବିଡିଓ ରଞ୍ଜନ କୁମାର ପରିଡାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ସମିତି ସଭ୍ୟ ଅଜୟ ରାଉଳ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଡାକ୍ତର ଅଭାବ ସମ୍ପର୍କରେ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି। ଏହାକୁ ନେଇ ଅନ୍ୟ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପସ୍ଥିତ ନ ଥିବାରୁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସହକାରୀ କୃଷି ଅଧିକାରୀ ନିରଞ୍ଜନ ସାହୁ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ସମ୍ପର୍କରେ କହିଥିଲେ। ଦାଇଁଲୋ ସରପଞ୍ଚ ଧନଞ୍ଜୟ ସୂତାର କହିଲେ ଯେ ପୋଷଲ ପାଣି ପମ୍ପ ଅଚଳ ହୋଇପଡିଥିବାରୁ ଜନସାଧାରଣ ପାନୀୟଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପ୍ରତିକାର ହେଉନାହିଁ। ସମିତି ସଭ୍ୟ ବିଜୟ ମହାନ୍ତି ବିଜୁ ସ୍ୱାସ୍ଥ୍ୟବୀମା କାର୍ଡ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସରପଞ୍ଚ ବସନ୍ତ ସେଠୀ ତରଜଙ୍ଗା ପଞ୍ଚାୟତର ବହୁ ଭୂମିହୀନ, ଗରିବ, ଅନୁସୁଚିତ ଜାତି, ଜନଜାତି, ବିଧବା, ଗୃହ ହୀନ ମହିଳା ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଓ ୬ଟି ରାଜସ୍ୱ ଗ୍ରାମର ବହୁ ଗରିବ ଲୋକ ବିଜୁ କୃଷକ କଲ୍ୟାଣ ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ନ ଥିବା କହିଥିଲେ। ସମିତି ସଭ୍ୟ ରଞ୍ଜିତ ପାଲ ରାସନ କାର୍ଡ ପ୍ରଦାନରେ କରାଯାଇଥିବା ଅନିୟମିତତା ସମ୍ପର୍କରେ ଆଲୋଚନା କରିଥିଲେ। ସମିତିସଭ୍ୟ ବାଇଧର ବଳ ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ସାଙ୍ଗକୁ ଶିକ୍ଷକଙ୍କ ଅଭାବ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସରପଞ୍ଚ ଚିତ୍ତରଞ୍ଜନ ରଥ, ନମିତା ରାଉଳ, ମମତା ସାହୁ, ସୁନିତା ସାମନ୍ତରାୟ, ରମେଶ ଚନ୍ଦ୍ର କୁଅଁର, ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ବେହେରା, କୃଷପ୍ରସାଦ ଦାସ, ସମିତି ସଭ୍ୟ ପ୍ରିୟବ୍ରତ ଗୋସ୍ୱାମୀ, ବରଦା ପ୍ରସାଦ ମହାନ୍ତି, କବିତା ଦାସ, ବିଜୟିନୀ ମଲ୍ଲିକ, ଜୟୀରାମ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ ତନୁପ୍ରଭା ବେଉରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଉତ୍ତର ରଖିଥିଲେ। ବିପିସି ପ୍ରିୟମ୍ବଦା ପଶାୟତ, ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସ୍ୱାଗତିକା ସ୍ୱାଇଁ, ବିତ୍ତ ଅଧିକାରୀ ବସନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀମାନେ।

- ଶିକ୍ଷା, ପାନୀୟଜଳ, ରାଶନ କାର୍ଡ ସମ୍ପର୍କରେ ଆଲୋଚନା
- ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ଅସନ୍ତୋଷ

# ଖଟିରେ ଖଟିରେ...

## ସ୍ୱପ୍ନ ଚୂରମାର

କଥାରେ ଅଛି– ଯିଏ ଚାଖିଥିବ କ୍ଷୀରର ସର ନିତି ଧାଉଁଥିବ ଗଉଡ଼ଘର। ଏହି ଢଙ୍ଗଟି ୩ ନମ୍ବର ଖଟିରେ ଦୁଇଦିନ ହେଲା ଭାରି ଜମିଛି। ହେଲେ ସର ଖାଇବାକୁ ଇଚ୍ଛା ରଖିଥିବା ବ୍ୟକ୍ତିବିଶେଷଙ୍କ ସ୍ୱପ୍ନ ଚୂରମାର ହୋଇଯାଇଛି। ଯଯାତି କ୍ଷେତ୍ରରୁ ଆସିଥିବା ଖଟି ମେମ୍ବର କହିଲେ, ଶ୍ରୀକ୍ଷେତ୍ରରେ ସମାବେଶ ପରେ ଦିଲ୍ଲୀ ଅଭିଯାନ ଶଙ୍ଖ ଦଳିଆଙ୍କୁ ଉତ୍ସାହିତ କରିଛି। ଏହାକୁ ସଫଳ ଆୟୋଜନ ପାଇଁ ଯୁବଗୋଷ୍ଠୀ ଭଲ ପରିଶ୍ରମ କରିଥିଲେ। ଯୋଗକୁ କଥାକୁହା ମାନ୍ୟବର ବିଦାୟ ନେଲେ। ତେଣୁ ଆଗରୁ କ୍ଷମତା ସର ଚାଖିଥିବା କେତେଜଣ ପୂରା ଉତ୍ସାହିତ ଥିଲେ। ହେଲେ ବୁଧବାରିଆ ଖରାବେଳେ ଛାମୁ ନାସ୍ତିବାଣୀ ଶୁଣାଇଦେଲେ। ଏକଥା ଶୁଣି ଫୁଲ ଦଳିଆ ମେମ୍ବର କହିଲେ, ସତରେ କେତେ ଆଶା କରିଥିଲେ। ଛାମୁ ପଦିଏ କଥାରେ ସବୁ ଚୂରମାର କରିଦେଲେ।

## ଏଥର ରକ୍ଷା କର

ଫୁଟିଲେ ଆଖ୍ଖା, ପାପୁଲି ବାଲାଙ୍କୁ ନୂଆ ଜୀବନ ମିଳିଛି। ଦେଖୁନା, କେମିତି ସବୁ କେଞ୍ଚ ପକାଇଲା ଭଳିଆ ହଉଛନ୍ତି। ଆଉ କିଛିଦିନ ପରେ ଦେଖିବ ଏମାନେ ଆଉ ବ୍ରହ୍ମା, ବିଷ୍ଣୁ ମାନିବେ ନାହିଁ। କାଇଁ ଏମାନଙ୍କୁ କ'ଣ ଗୋଟେ ମିଳିଗଲା ? ନାହିଁ ହୋ ଭାଇ, ଆଗକୁ ମିଳିବ ବୋଲି କୁଆଡ଼େ ଶୁଣାଯାଉଛି, ସେଥିପାଇଁ ପରା ବାବୁମାନଙ୍କ ଏତେ ଖୁସି। ଶହୀଦନଗର ପାଖ ଚା ଖଟିର ଦୁଇ ଗେରୁଆ ଭାଇଙ୍କ ଭିତରେ ଏମନ୍ତ କଥା ଚାଲିଥାଏ। ଜଣଙ୍କ ମୁଖରୁ ଏମନ୍ତ କଥା ଶୁଣି ଅନ୍ୟ ଜଣକ ଭାରି ଆଗ୍ରହରେ ବିଷୟଟି କ'ଣ ବୋଲି ପଚାରିଲେ ? ସେଇଠୁ ମହାଶୟ ଜଣକ କହିଲେ, ଇରେ ହେ ତୁମେ କ'ଣ ସତରେ କଥାଟା ଜାଣିନା। କୋଉଠି ରହୁଛ କହିଲ, ସେମାନଙ୍କ ପପୁଭାଇ ପରା ଆମ ରାଇଜ ଆଡେ ଆସୁଛନ୍ତି। ସେଥିପାଇଁ ତ ଏମାନେ ଏବେଠାରୁ ଗଗନରେ ଉଡିବା ଆରମ୍ଭ କରିଦେଲେଣି। ସେଇଠୁ ଏକଥା ଶୁଣୁଥିବା ମହାଶୟ ପଚାରିଲେ, ଇରେ ହେ ଏ ଖବର ଦେଲା କିଏ ? କିଏ ଆଉ କହିବ, ସେଇ ଖଣି ଏରିଆ ମାନ୍ୟବର ପରା ସୂଚନା ଦେଲେ। ଏହା ଶୁଣି ଅନ୍ୟ ଜଣକ କହିଲେ, ହରି ଓମ୍ ହରି ଓମ୍। ହେ ଭଗବାନ ଏଥର ଖଣି ମାନ୍ୟବରଙ୍କୁ ଟିକେ ସାହା ହୁଅ। ଏ ବୟସରେ ତାରିଖ ଉପରେ ତାରିଖ ଦେଇ ମହାଶୟ ବହେ ଶୁଣିଲେଣି। ଏଥର ତାଙ୍କୁ ରକ୍ଷା କର, ପପୁ ଭାଇଙ୍କ ଗସ୍ତ ସୂଚନା ସତ ହଉ।

■ ମାନବ ଚାଲାଣ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

# ସୁସ୍ଥ ସମାଜ ଗଠନରେ ମାନବ ଚାଲାଣ ବାଧକ: ରାଜ୍ୟପାଳ

ଭୁବନେଶ୍ୱର, ୯।୧(ବ୍ୟୁରୋ)

ଦେଶରେ ମାନବ ଚାଲାଣ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଓଡିଶାରୁ ବହୁ ସଂଖ୍ୟାରେ ଅନ୍ୟ ରାଜ୍ୟକୁ ମାନବ ଚାଲାଣ ହେଉଛି। ରାଜ୍ୟରୁ ପ୍ରତ୍ୟେକ ଦିନ ଶିଶୁ ଶ୍ରମିକ ବାହାର ରାଜ୍ୟରେ ନିର୍ଯାତନାର ଶିକାର ହେଉଛନ୍ତି। ଏକ ସୁସ୍ଥ ସମାଜ ଗଠନରେ ଏହା ବାଧକ ସାଜୁଛି। ତେଣୁ ସୁସ୍ଥ ସମାଜ ପାଇଁ ମାନବ ଚାଲାଣକୁ ରୋକିବା ଅତ୍ୟନ୍ତ ଜରୁରୀ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ବୁଧବାର ପୋଲିସ ଭବନରେ ଆୟୋଜିତ ମାନବ ଚାଲାଣ ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ରାଜ୍ୟପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ଗରିବ ତଥା ଆର୍ଥିକ ଅନଗ୍ରସର ଲୋକମାନେ ମାନବ ଚାଲାଣର ଶିକାର ହେଉଛନ୍ତି। ଏ କ୍ଷେତ୍ରରେ ଓଡିଶା ପୋଲିସ ପରିପାଇଁ କଥାଟିଏ, ଅପରେଶନ ସ୍ମାଇଲ ଭଳି କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ପୋଲିସ ଡିଜି ଆର.ପି. ଶର୍ମା କହିଥିଲେ। ୨୦୧୫ରୁ ୨୦୧୭ ମଧ୍ୟରେ ୩ବର୍ଷରେ ରାଜ୍ୟରେ ମାନବ ଚାଲାଣ ସମ୍ପର୍କିତ ୨୫୪ଟି ମାମଲା ରୁଜୁ ହୋଇଥିବାବେଳେ ୨୫୪ ମହିଳା, ୩୨୧ ପୁରୁଷ, ୨୧୦ ନାବାଳକ ଏବଂ ୨୧୭ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଏହି ମାମଲାରେ ୨୧୬ ପୁରୁଷ ଏବଂ ୪୪ ମହିଳାଙ୍କୁ ଗିରଫ କରାଯାଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

ମିଶନ ଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ସୁଜାତା ଆର. କାର୍ତ୍ତିକେୟନ କହିଥିଲେ, କାମଧନ୍ଦା ଅଭାବରୁ ଅନେକ ମହିଳା ବାହାର ରାଜ୍ୟକୁ ଯାଉଛନ୍ତି। ମିଶନଶକ୍ତି ମାଧ୍ୟମରେ ଅନେକ ମହିଳାଙ୍କୁ ରୋଜଗାରକ୍ଷମ କରାଯାଇଛି। ନାବାଳିକା, ନାବାଳକ, ଶିଶୁ ଏବଂ ମହିଳାମାନେ ରାଜ୍ୟ ବାହାରକୁ ଯାଇ ନିର୍ଯାତିତ ହେଉଛନ୍ତି। ତେଣୁ ପ୍ରତ୍ୟେକ ଜିଲାରେ ଥିବା ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଶିଶୁ ସୁରକ୍ଷା କମିଟି ଏ ନେଇ ବିଶେଷ ଯତ୍ନବାନ ହୋଇ କାର୍ଯ୍ୟ କଲେ ମାନବ ଚାଲାଣକୁ ରୋକାଯାଇ ପାରିବ। ଏହି ଅବସରରେ ଓଡ଼ିଶା ପୋଲିସ ଏବଂ ଏକ ଏନ୍‌ଜିଓ ଦ୍ୱାରା ପ୍ରସ୍ତୁତ ପୋଲିସ ମାନୁଆଲ ବହି 'ଭିକ୍ଟିମ ସେଣ୍ଟ୍ରିକ ଇନଭେଷ୍ଟିଗେଶନ' ଉନ୍ମୋଚିତ ହୋଇଥିଲା। ଏହାବ୍ୟତୀତ ମାନବ ଚାଲାଣ ଉପରେ କ୍ରାଇମବ୍ରାଞ୍ଚ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଗବେଷଣା କରାଯାଇ ପ୍ରସ୍ତୁତ ହୋଇଥିବା ରିପୋର୍ଟ ପ୍ରକାଶ କରାଯାଇଥିଲା। ପରୀ–୨ କାର୍ଯ୍ୟକ୍ରମରେ ୧୦୬ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିଥିବା ମହିଳା ଏବଂ ଶିଶୁ ବିକାଶ ବିଭାଗର ୮ଟି ଟିମର ଅଧିକାରୀ ଓ କର୍ମକର୍ତ୍ତାଙ୍କ ସମେତ ୧୪ ପୋଲିସ ଅଫିସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ଏନଡିଆରଏଫ୍‌ର ପୂର୍ବତନ ଡିଜି ପି.ଏମ. ନାୟାର, ତେଲେଙ୍ଗାନାର ଆଇପିଏସ୍ ଅଧିକାରୀ ମହେଶ ଭାଗବତ, ଏନ୍‌ଜିଓ ପ୍ରଜାଓ୍ୱାଲାର ପ୍ରତିଷ୍ଠାତା ସୁନିତା କ୍ରିଷ୍ଣାଙ୍କ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ୧୫୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ଯୋଗଦେଇଥିଲେ।

## ୩ ବର୍ଷରେ ୨୫୪ ମାମଲା ରୁଜୁ



ପୋଲିସ ଭବନରେ ଆୟୋଜିତ ମାନବଚାଲାଣ ସମ୍ପର୍କିତ ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।


### THE ODISHA MINING CORPORATION LIMITED

OMC | ODISHA NEW OPPORTUNITIES

OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

No. CAD-1244

**NIT NO. 01/E-PROC/OMC/2019**

Tender for the following works are invited on-line through e-procurement portal of Govt. of Odisha

| Sl. No. | Name of the Work | Estimated Cost (Rs. in Lakhs) | Time period of the work (in month) | Class of contractor | EMD (Rs.) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Special repair to 88 nos. E-type qtrs (E-1 to E-88) at Central township Kaliapani in the district of Jajpur. | 140.15 | 06 (Six) | B & A | 1,41,000/- | 10,000/- + 18% GST |
| 2. | Construction of different structures for water harvesting and ground water recharge under SDF at Gandhamardan in the district of Keonjhar | 139.21 | 06 (Six) | B & A | 1,40,000/- | 10,000/- + 18% GST |

1. Available of Bid document in Govt. Portal from dt. 19.01.2019 to dt. 02.02.2019 upto 5.00 PM
2. Last date of on-line submission of tender in the portal is dt. 02.02.2019 upto 5.00 PM.
3. Date of opening of Technical Bid is dt. 04.02.2019 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0156/1819 G.M. (Civil)

---

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.

### ODISHA POWER TRANSMISSION CORPORATION LIMITED

OPTCL Lifeline of Odisha

(A Government of Odisha Undertaking)
Office of the Deputy General Manager (Electrical)
EHT(O&M) Division, Duburi (New) At- Bhitarmanika, Po- Pankapal, Dist : Jajpur - 755026
email : ehtm.div.nduburi@optcl.co.in, CIN : U40102OR2004SGC007553
(Connect us- facebook/optcl.odisha, Twitter/optcl.odisha)

No. TECH/02 Date : 11.01.2019

**TENDER CALL NOTICE NO. 02.18-19**

Sealed tenders are invited from contractors having valid civil contract License, Labour License, valid PAN, ITCC, GST Registration Certificate to executive the work of "Provision of Hydrant points in 400 & 220 KV Switch Yard including supply of materials at 400/220KV Grid S/S, New Duburi" under EHT (O&M) Division. Duburi (New). Cost of tender paper is Rs. 2000/- + GST @ 12% i.e. (Rs. 2240/-), EMD @ 1% of the tendered value i.e. (Rs. 2350/-). Sale of tender documents will be from Dt. 15.01.2019 to Dt. 29.01.2019 (During office hours). Last date of submission of tender is Dt. 30.01.2019 upto 01.00 PM. Date of opening of tender is Dt. 30.01.2019 at 3.00 PM. For details visit our website www.optcl.co.in.
Corrigendum if any will be published in our website only.

**Sd./- Dy. General Manager (Elect), EHT (O&M) Division, Duburi (New)**

---

### DISTRICT OFFICE, BARGARH
**(SOCIAL WELFARE SECTION)**
**No. 89/ SW, Dt. 08.01.2019**

**EXTENSION OF SHORT TENDER CALL NOTICE**

Due to some unavoidable condition, the last date of submission of Tender as per short Tender Call Notice No. 67/SW, Dt. 05.01.2019 is hereby extended to dt. 10.01.2019 at 3.00 P.M. and the same will be opened on dt. 10.01.2019 at 4.30 P.M. All other terms and conditions are remain unchanged.

**Sd./- Collector, Bargarh**

---

### OFFICE OF THE EXECUTIVE ENGINEER, L.I. DIVISION, CUTTACK
**e-mail – eeolic_ctc@yahoo.in**

**e-Procurement Notice**

**Bid Identification No.20 /18-19 OLIC (CTC) / Dt. 8/01/2019**

No. CAD-1246: The Executive Engineer, Lift Irrigation Division, Cuttack on behalf of Odisha Lift Irrigation Corporation Limited , Bhubaneswar invites Item Rate bids in online mode for Installation of 200mm dia Tube Wells in different blocks of Jagatsinghpur District from reputed drilling Contractors having minimum 3 years experience in similar nature of works. The proof of registration from the appropriate authority shall be enclosed along with the Bid

| | | |
|---|---|---|
| 1. | Numbers of Packages | 1 Number |
| 2. | Estimated Cost | Rs. 7.80lakh |
| 3. | Tender Paper Cost | As per DTCN. |
| 4. | Date & time of publication | Dt.10.01.2019 from 11.00 hours |
| 5. | Date & time of closing | Dt.18.01.2019 at 17.00 hours |
| 6. | Date & time of opening of bid | Dt. 19.01.2019 at 11.00 hours |
| 7 | The bidders have to participate in online bidding only. | |

Further details can be seen from the website www.tendersorissa.gov.in.
Addendum/corrigendum/cancellation of tender if any, can be seen in the said website.

32238/11/0035/1819 **Sd./- Executive Engineer**

---

### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
**ଛତ୍ରପୁର, ଗଞ୍ଜାମ**

Email: nacchatrapur@rediffmail.com, Ph: 06811-263975

ପତ୍ରସଂଖ୍ୟା: 83/ ତାରିଖ: 08.01.2019

**QUOTATION CALL NOTICE**

Sealed quotations are invited from individual Artists / Art Farms / Contractor or Service Provider for Design Wall Paint (Modern paint, Theme based Paint, Patachitra etc.) at different places of N.A.C., Chatrapur as per requirement. The quotation paper can be had from the Office of N.A.C., Chatrapur, Chatrapur from 11.00AM of 10.01.2019 to 1.00PM of 19.01.2019 during office hours with payment of tender paper cost amounting Rs. 1000/- by Cash. Interested parties can drop their willingness by Quotation paper obtained from N.A.C., Chatrapur Office on or before 2.00PM of 19.01.2019 in this office.

The last date & time of selling of quotation paper is 19.01.2019 upto 1.00PM. Experience certificate in this regard and having PAN, GST & TIN etc. should be produced along with Quotation Paper to this Office on or before the last date & time of receipt of Quotation paper i.e. 2.00PM of 19.01.2019. The same will be opened at 4.30PM dated 19.01.2019 in the presence of the quotationer or their authorized representatives in the Chamber of the Executive Officer, N.A.C., Chatrapur.

***Sd./- Executive Officer, N.A.C., Chatrapur***

---

### OFFICE OF THE MEDICAL OFFICER I/C, CHC KANIHA, DIST.- ANGUL

**TENDER CALL NOTICE**

Sealed tenders are invited from the registered Suppliers / Distributors / Firms for supply of medical equipments to CHC, Kaniha. The tender papers in details along with term & condition of tender can be downloaded from district website i.e. www.angul.nic.in. The Sealed tender should be reached to undersigned on or before 25.01.2019 by 12 Noon by registered / Speed post only. The Technical bid will be opened on 06.02.2019 at 12 Noon in the presence of tenderers or their authorized representatives by the Chairman of purchase committee. The undersigned reserve to right to cancel any or all Tender without assigning any reason thereof. The undersigned is not responsible for any postal of despatched delay.

**Sd./- S. K. Patel**
**Medical Officer, I/C CHC, Kaniha, Angul**

---

### ତହସିଲ କାର୍ଯ୍ୟାଳୟ, ତରଭା, ଜି. ସୁବର୍ଣ୍ଣପୁର

**(ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର)**

ସଂଖ୍ୟା : ୫୭ ତାରିଖ : ୦୯.୦୧.୨୦୧୯

ଏତଦ୍ଦ୍ୱାରା ସର୍ବସାଧାରଣ ତଥା ଲଘୁ ଖଣିଜ ଲିଜ୍ ପାଇଁ ଆଗ୍ରହୀ ପ୍ରତିଷ୍ଠାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତରଭା ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ବର୍ଷ ୨୦୧୯–୨୦୨୦ ରୁ ୨୦୨୩–୨୦୨୪ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡ଼ିଶା ଲଘୁ ଖଣି ଦ୍ରବ୍ୟ ଜନିତ OMMC rule 2016 ର ନିର୍ଦ୍ଧାରିତ ଦରଖାସ୍ତ ଫରମ (FORM–M) ପୂରଣ କରି ଏହାର ତିନି କିତା ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଲଫାପା (Sealed Cover) ମଲାଟରେ ଉତ୍ସର ନାମ ଓ କେସ୍ ନମ୍ବର ଲେଖା ଥାଇ ତହସିଲଦାର ତରଭାଙ୍କ କାର୍ଯ୍ୟାଳୟଠାରେ ଅବସ୍ଥାପିତ ବାକ୍ସରେ ଆସନ୍ତା ତା ୧୧.୦୧.୨୦୧୯ ଠାରୁ ୨୫.୦୧.୨୦୧୯ (ଦିବା ୫.୦୦ ଘଟିକା) ମଧ୍ୟରେ କାର୍ଯ୍ୟ ଦିବସରେ (ଛୁଟିଦିନ ବ୍ୟତୀତ) ଆବେଦନ ପତ୍ର ଦାଖଲ କରିବେ। ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ତା ୨୮.୦୧.୨୦୧୯ ଦିନ ୧୧.୦୦ ଘଟିକା ସମୟରେ ନିଲାମ ବାକ୍ସ ଖୋଲାଯାଇ ତନଖି କରାଯାଇ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଅସମ୍ପୂର୍ଣ୍ଣ ଆବେଦନପତ୍ର ଗ୍ରହଣଯୋଗ୍ୟ ହେବନାହିଁ। ଯେଉଁ ଉତ୍ସଗୁଡିକରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯାଇପାରିବ ନାହିଁ, ସେଗୁଡିକୁ ଦ୍ୱିତୀୟଥର ତା ୨୯.୦୧.୨୦୧୯ ଏବଂ ତୃତୀୟଥର ତା. ୩୧.୦୧.୨୦୧୯ର ୫.୦୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯାଇ ତତ ପରଦିନ ଗୁଡିକରେ ୧୧.୦୦ ଘଟିକାରେ ବାକ୍ସ ଖୋଲାଯାଇ ତନଖି କରାଯାଇ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ। ଏହି ଇସ୍ତାହାରର ସବିଶେଷ ବିବରଣୀ ପାଇଁ ସୁବର୍ଣ୍ଣପୁର ୱେବସାଇଟ୍ www.subarnapur.nic.inରେ ଉପଲବ୍ଧ ହେବ।

**ସ୍ୱା./– ତହସିଲଦାର, ତରଭା**

---

### NOTICE INVITING BID
### Office of the CDM & Public Health Officer, Bhadrak

**Website: www.Bhadrak.nic.in,**
**E-mail: cdmobdk@rediffmail.com**

**Bid Reference No.: 333 M/BDK Date: 09.01.2019**

**No.758-E:-** Bids are invited from eligible transporters to transport Khushi-Sanitary Napkins from the Block Warehouses of Bhadrak District to different Govt. Schools under the Blocks. The bid document with all information relating to the bidding process including cost of bid document, EMD, Eligibility criteria and terms & conditions etc. are available in the website: www.Bhadrak.nic.in. Last date of submission of Tender document is dt.25.01.2019 upto 12 Noon. The Authority reserves the right to accept/ reject any part thereof or all the bids without assigning any reason thereof.

**Sd./-CDM & Public Health Officer**
10123/11/0020/1819 **Bhadrak**

---

### DISTRICT OFFICE, PURI
**(SPORTS SECTION)**
**Letter No. 03/ Sports, Dt. 09.01.2019**

**QUOTATION CALL NOTICE**

District Sports Officer, Puri invites sealed Quotation from Authorized Dealers / Manufacturers / Retailers / Registered Firms for supply of following shoe materials of branded quality for use by the Trainees of Sports Hostel, Puri during the year 2018-19.
i) Warm-up shoes different Sizes with socks
ii) Game shoes of different Sizes with socks (Wrestling & Kabaddi)
The details terms and condition of the Tender shall be available either in the District Sports Office located at Collectorate, Puri during office hours on all working days with effect from the date of publication of this advertisement from 11 AM to 4.30 PM or in the web-site of www.puri.nic.in
Sealed Quotation along with required document and sample shall be received by the office of the undersigned up to 2.00 PM on Dt. 18.01.2019 and shall be opened on the same day at 4.00 PM in presence of the Quotationers or their authorized representative.
The authority reserves the right to accept or reject any / all quotations without assigning any reason thereof.

**Sd./- District Sports Officer, Puri**

---

### ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
**ପତ୍ର ସଂଖ୍ୟା 164 / ଭୁ.ଉ.କ., ଭୁବନେଶ୍ୱର ତା 03.01.2019 ରିଖ**
**GE-338/81**

**ସୂଚନା**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗୋଡ଼ାଗୋପୀନାଥ ପ୍ରସାଦ ଗୃହ ନିର୍ମାଣ ପ୍ରକଳ୍ପରେ ଗୃହ ନଂ–E-75 କୁ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ମହାପାତ୍ର, ସ୍ୱାମୀ- ଶ୍ରୀ ନିରଞ୍ଜନ ମହାପାତ୍ର, ଗ୍ରାମ–ରାହାମ୍ବା, ପୋ–ପୋସ୍ତଳ, ଥାନା–ଗୋବିନ୍ଦପୁର, ଜିଲ୍ଲା–କଟକ, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ମହାପାତ୍ର ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶାନ୍ତିଲତା ଦେବୀ, ସ୍ୱାମୀ–ଚନ୍ଦ୍ରକାନ୍ତ ପଣ୍ଡା, ଗ୍ରାମ–ପାଟପୁର, ପୋ–ଦଶରଥପୁର, ଥାନା–ମଙ୍ଗଳପୁର, ଜିଲ୍ଲା–ଯାଜପୁରଙ୍କ ନାମରେ ମାଲିକାନ ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୧**

---

Government of Odisha No.: 1335-O

### OFFICE OF THE EXECUTIVE ENGINEER, RURAL WORKS DIVISION, JHARSUGUDA

**Email : eerw_jharsuguda@yahoo.co.in, Tel. : 06645-271643**
**Bid Identification No. Online - EEJSG - 08 of 2018-19**

**NOTICE INVITING TENDER FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| 1. Name of the work | : | Road works as per DTCN available in the www.tendersorissa.gov.in |
| 2. Total No. of Work | : | 02 Nos. |
| 3. Estimated Cost | : | Rs. 44.20 Lakhs to 44.21 Lakhs |
| 4. Period of completion | : | 3 (Three) Calendar Months |
| 5. Period and Time of availability of bid document in the portal for bidding | : | Dt. 14.01.2019 at 11.00 A.M. to 21.01.2019 upto 5.00P.M. |
| 6. Date and Time of bid opening | : | Dt. 22.01.2018 at 11.00 A.M. |
| 7. Name and address of the officer inviting Bid | : | E.E., R.W.Division, Jharsuguda |

(1) Other details can be seen from Detailed notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.

**Sd./- (Rashmi Ranjan Mishra)**
**Executive Engineer**
25104/11/0009/1819 **R.W. Division, Jharsuguda**

---

### NOTICE

**No. 342 Date : 09.01.2019**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**

In pursuance to Advt. no. 11810, Dt. 28.12.2018, Zilla Swasthya Samiti, Bargarh invites objections if any, from the candidates applied for the post of Staff Nurse through Walk-in-interview held on dtd. 05.01.2019. Candidates are requested to log in the official website of Bargarh District www.bargarh.nic.in to view the database. The candidates are requested to send their objections if any, to the O/o. Chief District Medical & Public Health Officer, Bargarh, pin-768028 with superscription on the envelope "Objection for the post of ____________" through Regd. Post/ Speed Post only by 17.01.2019 upto 5.00 p.m. No personal contacts and after due date no applications will be entertained.

**Sd./- Chief District Medical Officer-cum-District Mission Director, NHM, Bargarh**

---

### ବିଜ୍ଞପ୍ତି

ସଂଖ୍ୟା : ୮୨୫ ତା. ୦୫.୦୧.୨୦୧୯

No.71–N: ଏତଦ୍ଦ୍ୱାରା ଜନସାଧାରଣ, ଅଭିଭାବକ, ଛାତ୍ର ଛାତ୍ରୀ ଓ ବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅଧିକୃତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ NOC (NO. OBJECTION CERTIFICATE) ନ ପାଇ ରାଜ୍ୟରେ ଅନେକ ଘରୋଇ English Medium ବିଦ୍ୟାଳୟରେ ମାଧ୍ୟମିକ ଶ୍ରେଣୀ (Class–IX ଓ X) ଚାଲୁଥିବାର ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁସାରେ ଘରୋଇ ବିଦ୍ୟାଳୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀ (ପ୍ରଥମରୁ ଅଷ୍ଟମ ଶ୍ରେଣୀ) CBSE / ICSE ସହିତ ଅନୁବନ୍ଧିତ ହେବା ନିମନ୍ତେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଠାରୁ COR ହାସଲ କରିଥିବା ଆବଶ୍ୟକ। ସେହିପରି ଏହି ବିଦ୍ୟାଳୟ ଗୁଡିକର ମାଧ୍ୟମିକ ଶ୍ରେଣୀ (୯ମ ଓ ୧୦ମ) CBSE/ICSE ସହିତ ଅନୁବନ୍ଧିତ ହେବା ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଠାରୁ NOC ହାସଲ କରିଥିବା ଜରୁରୀ ଅଟେ। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟି (High Power Committee)ର ନିଷ୍ପତ୍ତି କ୍ରମେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ଉପଲବ୍‌ଧ ହେଉଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ନବମ ଓ ଦଶମ ଶ୍ରେଣୀ ଶିକ୍ଷାଦାନ କରୁଥିବା ସମସ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଯେଉଁମାନଙ୍କୁ NOC ଦିଆଯାଇଛି ତାହାର ଏକ ତାଲିକା OPEPA Website (Opepa odisha.gov.in)ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଗତ ତା. ୦୭.୧୨.୨୦୧୮ରେ ପ୍ରକାଶିତ କରାଯାଇଛି।

**ସ୍ୱା./– ବିଭୁ ପ୍ରସାଦ ଷଡଙ୍ଗୀ**
27014/11/0006/1819 **ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା**

---

GOVERNMENT OF ODISHA No.: 1099-A

### DEPARTMENT OF WATER RESOURCES, OFFICE OF THE EXECUTIVE ENGINEER, JONK IRRIGATION DIVISION, NUAPADA

**e-Procurement Notice No-(JID)02/2018-19**
**e-mail address: ee.jid.npd@gmail.com**

**PERCENTAGE RATE e-TENDER**

1. The Executive Engineer Jonk Irrigation Division, Nuapada, Dist-Nuapada, Pin-766105, (Odisha) on behalf of Governor of Odisha invites "PERCENTAGE RATE Bids" IN SINGLE COVER SYSTEM, in electronic tendering system for the construction works detailed in the table below, which are eventually to be draw on P1 agreement.

| | |
|---|---|
| Package No | BID ID No(JID)06 / 18-19 TO (JID)19/2018-19 |
| Name of Work | 14, (Fourteen) Nos. C.C. guard wall & protection wall |
| Approximate value of work | Varies Rs.8.83 to Rs.22.09 Lakhs (Excluding GST) |
| Period of Completion | 06 (Six) Calendar Months. |
| Classification of Bidder | 'D', 'C' & 'B' class Contractor only |
| Bid documents available Date and Time | 11.01.2019 to 25.01.2019 up to 17.00 Hrs. |
| Bid clarification start date & Closing date | 11.01.2019 to 25.01.2019 during office hours |
| Last date and time of Receipt of relevant document in hard copy | 28.01.2019 during office hours |
| Date, Time and Venue of opening of bid online | 29.01.2019 at 11.30Hrs. at O/o. the Executive Engineer, Jonk Irr. Division, Nuapada |
| If stipulation arises the Tender will be decided through Lottery System | 14.02.2019 at 11.30Hrs. at O/o. the Executive Engineer, Jonk Irr. Division, Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website **www.tendersodisha.gov.in only**.

**Executive Engineer,**
32026/11/0010/1819 **Jonk Irrigation Division, Nuapada**

---

GOVT. OF ODISHA No.: 1103-A

### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER
### CENTRAL IRRIGATION CIRCLE, BHUBANESWAR

**'e' Procurement Notice No. SECIC - 19/2018-19**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SE, CIC, Bhubaneswar | SECIC/ PID-05 of 2018-19 | Construction of Dry Weather control structure across Kanchi Nallah off taking of Dhaudia Nallah at Malatipatpur. | 186.72 | 186800/- (On-line) | 10000/- (On-line) | "B" Class & "A" Class | 14.01. 2019 at 11.00 A.M. | 29.01.2019 up to 5.00 P.M | 30 .01.2019 at 11.00 A.M. | 06 (Six) Calendar Months |

**E-mail ID: secic_dowr@yahoo.com**
Further details conditions can be seen from Govt. website: **www.tenderorissa.gov.in**.

32160/11/0033/1819 **Sd./- Superintending Engineer, Central Irrigation Circle**

# ଦାମୀ କଷ୍ଟ୍ୟୁମ୍

ମନଲାଖି କଷ୍ଟ୍ୟୁମ୍ ଗ୍ଲାମରକୁ ଆହୁରି ବଢ଼ାଇ ଦେଇଥାଏ। ତେଣୁ ସିନେମାର ସିକ୍ୟୁଏନ୍ସ ହେଉ କି ଗୀତ ସେଥିରେ ଅଭିନେତା-ଅଭିନେତ୍ରୀଙ୍କ କଷ୍ଟ୍ୟୁମ ଦର୍ଶକଙ୍କୁ ପ୍ରଭାବିତ କରିଥାଏ। ଥରେ ଏଥିପାଇଁ ଚର୍ଚ୍ଚାର ପରିସରକୁ ଆସିଥିଲେ କରୀନା। କଥା କ'ଣ କି 'ହିରୋଇନ୍' ଫିଲ୍ମ ପାଇଁ ସେ ୧୩୦ ପ୍ରକାର କଷ୍ଟ୍ୟୁମ ପିନ୍ଧିଥିଲେ। ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଏ ପର୍ଯ୍ୟନ୍ତ କୌଣସି ନାୟିକା ଏତେ ସଂଖ୍ୟକ କଷ୍ଟ୍ୟୁମ ପିନ୍ଧିନାହାନ୍ତି। କେବଳ ସେତିକି ନୁହେଁ ଏସବୁ କଷ୍ଟ୍ୟୁମ ଦାମିକିଆ ଥିଲା।


କରୀନା


ରୀନା ପଣ୍ଡା

### ଅପେରା କଥା

## ରେକର୍ଡ ଡ୍ୟାନ୍ସରରୁ ନାୟିକା

ରୀନା ପଣ୍ଡା। ଜଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ। ନିଜର ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ହାସଲ କରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ସମ୍ପ୍ରତି ଗୌରୀ ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି ସେ। କିପରି ଅଭିନୟ ଜଗତକୁ ଆସିଲେ ପ୍ରଶ୍ନର ଉତ୍ତରରେ ରୀନା କହନ୍ତି, 'ପିଲାଟି ଦିନରୁ ଡ୍ୟାନ୍ସ ପ୍ରତି ଆଗ୍ରହ ଥିଲା। କେବଳ ସେତିକି ନୁହେଁ, ମୋର ଇଚ୍ଛା ଥିଲା ଯଦି ମୋତେ ସୁଯୋଗ ମିଳେ ତେବେ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ପଛାଇବି ନାହିଁ। ସଂଯୋଗବଶତଃ ଥରେ ମୋର ଅପେରା ଜଗତର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ନୟନ ଆଚାର୍ଯ୍ୟଙ୍କ ସହ ଭେଟ ହେଲା। ତାଙ୍କର କେଇପଦ କଥା ମୋତେ ଅପେରାଜଗତକୁ ଟାଣି ଆଣିଥିଲା। ସେତେବେଳେ ମୋତେ ହୋଇଥାଏ ମାତ୍ର ୧୨ବର୍ଷ। ପ୍ରଥମେ ରେକର୍ଡ ଡ୍ୟାନ୍ସରେ ନାଚିବାର ସୁଯୋଗ ମିଳିଲା ଆଉ ତା'ପରେ ଯେତେବେଳେ ମୋତେ ଅଭିନୟ କରିବାକୁ କୁହାଗଲା ତାକୁ ହାତଛଡ଼ା କରି ନ ଥିଲି। ସେତେବେଳେ ତ୍ରିନାଥ ଗଣନାଟ୍ୟରୁ ଏବେ ଗୌରୀ, ଯା ଭିତରେ ଯାହା ଘଟିଛି ତାହା ଇତିହାସ। ମୋ ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ସବୁବେଳେ ଆଶୀର୍ବାଦ ଭାବରେ କାମ କରିଛି।' ଜଗତ୍‌ସିଂହପୁର ବାଲିପାଟଣା ଗ୍ରାମରେ ଜନ୍ମିତା ରୀନାଙ୍କ ବାପା ଶଙ୍କର୍ଷଣ ପଣ୍ଡା ଥିଲେ ସେ ସମୟର ଜଣେ ନାମୀ ଅଭିନେତା ଏବଂ ବାଲିପାଟଣା ଗଣନାଟ୍ୟର ମାଲିକ। ଚଳିତ ଯାତ୍ରା ସିଜନ୍‌ରେ ରୀନାଙ୍କ ଅଭିନୀତ ତଥା ଗୌରୀ ଗଣନାଟ୍ୟ ପରିବେଷିତ ହିଟ୍ ନାଟକଗୁଡ଼ିକ ମଧ୍ୟରେ ରହିଛି 'ବ୍ରହ୍ମାସ୍ତ୍ର' (କୁମ୍‌କୁମ୍), 'ବେଳେବେଳେ ଭୁଲ ହୋଇଯାଏ' (ପ୍ରାଚୀ), 'ଗୌରୀ ନାନୀର ନୂଆ ଠିକଣା (ପରୀ), 'ଏତେ ସରି ତତେ କିଏ କଲା' (ଆଶା) ଏବଂ 'ବାଘ ବୁଲୁଛି ରାଜଧାନୀରେ' (ଇନ୍ଦୁ)।

### ରିଲିଜ ଅପେକ୍ଷାରେ

## ବାପା ତମେ ଭାରି ଦୁଷ୍ଟ

ମାଟ୍ରିକ ପରୀକ୍ଷାରେ ବାରମ୍ବାର ଫେଲ୍ ହୋଇ ଶେଷରେ ଏଥିରେ ଉତ୍ତୀର୍ଣ୍ଣ ହୁଏ ନାଲୁ। କଲେଜ ଯିବା ପରେ ସେ ସାଙ୍ଗ ପିଲାଙ୍କ ସହ ମିଶି ଆରମ୍ଭ କରେ ଦୁଷ୍ଟାମି। ହେଲେ ଏହାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ ତାଙ୍କର ପିତା। ସମୟକ୍ରମେ ବାପା-ପୁଅ ଭିତରେ ସମ୍ପର୍କ ତିକ୍ତ ହୁଏ। ପ୍ରାଚୀନ ପରମ୍ପରାକୁ ଜାବୁଡ଼ି ଧରିଥିବା ନାଲୁର ପିତା ହଠାତ ଆଧୁନିକ ଷ୍ଟାଇଲକୁ ଆପଣେଇ ନିଅନ୍ତି। ଆଉ ତା'ପରେ ସେ କ'ଣ ନିଜ ପୁଅର ସ୍ୱଭାବରେ ପରିବର୍ତ୍ତନ ଆଣିପାରନ୍ତି। ନିଜର ଦୁଷ୍ଟାମି ଭିତରେ ସ୍ୱପ୍ନା ପ୍ରେମରେ ଫସିଯାଇଥିବା ନାଲୁ କ'ଣ ସେଥିରେ ସଫଳ ହୁଏ ? ବାସ୍, ଏସବୁର ଉତ୍ତର ରହିଛି ଚଳିତ ମାସ ୧୧ରେ ରିଲିଜ ହେଉଥିବା 'ବାପା ତମେ ଭାରି ଦୁଷ୍ଟ' ଚଳଚ୍ଚିତ୍ରରେ। ପୂର୍ବରୁ ଧାରାବାହିକ 'ମାନିନୀ'ର ମୁଖ୍ୟ ଭୂମିକା ଏବଂ ଓଡ଼ିଆ ସିନେମା 'ଲୋକାଲ ଟୋକା ଲଭ୍ ଚୋଖା'ରେ ନେଗେଟିଭ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ଜୟଜିତ ଦାସ ଓରଫ ଜୟ ଏହାର ନାୟକ (ନାଲୁ) ଭୂମିକାରେ ଅଭିନୟ କରୁଥିବା ବେଳେ ସ୍ୱପ୍ନା ଚରିତ୍ରରେ ଆସୁଛନ୍ତି ସମିତା। ଏଥିରେ ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ ବାପା ଭୂମିକାରେ ଦେଖିବାକୁ ମିଳିବ। 'ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ସେଥିପାଇଁ ବେଶ୍ ପରିଶ୍ରମ କରିଛି। ଫିଲ୍ମଟି ଦର୍ଶକଙ୍କୁ ସବୁ ଦୃଷ୍ଟିକୋଣରୁ ମନୋରଞ୍ଜନର ଖୋରାକ ଯୋଗାଇବ' ବୋଲି କହନ୍ତି ଜୟ। ସିଦ୍ଧାର୍ଥ ଟିଭି ବ୍ୟାନରରେ ଏହି ଚିତ୍ରର ପ୍ରଯୋଜନା ଦାୟିତ୍ୱ ସୀତାରାମ ଅଗ୍ରୱାଲ ତୁଲାଇ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଟି. ଗଣେଶ।


ଜୟ-ସମିତା

### ଡେଲିଭରି ସିକ୍ୟୁଏନ୍ସ

ନିଜ ସିନେମାକୁ ନେଇ ଜଣେ ନିର୍ଦ୍ଦେଶକ ବେଶ୍ କିଛି ଚିନ୍ତା କରିଥାଆନ୍ତି। ହେଲେ ବେଳେବେଳେ ସବୁ ଆଇଡିଆକୁ ସେହି ଫିଲ୍ମରେ ଉପଯୋଗ କରିହୋଇ ନ ଥାଏ। ଠିକ୍ ସେପରି ଏକ ଘଟଣାର ସାମ୍ନା କରିଥିଲେ ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ରାଜକୁମାର ହିରାନୀ। ତାଙ୍କ ନିର୍ଦ୍ଦେଶିତ 'ମୁନ୍ନା ଭାଇ ଏମ୍‌ବିବିଏସ୍' (ସଞ୍ଜୟ ଦତ୍ତ, ବିଦ୍ୟା ବାଲାନ୍) ସୁପରହିଟ୍ ହୋଇଥିଲା। ଏଥିରେ ଏକ ଡେଲିଭରି (ପ୍ରସବ) ଦୃଶ୍ୟକୁ ଏଥିରେ ସାମିଲ କରିବାକୁ ଚିନ୍ତା କରିଥିଲେ ନିର୍ଦ୍ଦେଶକ। କିନ୍ତୁ ତାହା ହୋଇପାରି ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ସେଭଳି ଏକ ଦୃଶ୍ୟକୁ ବଡ଼ ପରଦାରେ ବେଶ୍ ସୁନ୍ଦର ଭାବରେ ଦୃଶ୍ୟାୟନ କରିଥିଲେ ସେ। ଚଳଚ୍ଚିତ୍ରଟି ଥିଲା 'ଥ୍ରୀ ଇଡିୟଟସ'। ଆମିର ଖାଁ, କରୀନା କପୁର ଅଭିନୀତ ତଥା ହିରାନୀଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମଟି ମଧ୍ୟ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।

### ନୂଆ ସିନେମା


ଦେବ୍- ମନସ୍ୱିତା

## ଲଭ୍ ଟ୍ୱିଷ୍ଟ

ପ୍ରେମ କରିବା ସମୟରେ ଅନେକ ଘଟଣା ଘଟିଥାଏ। ସେଗୁଡ଼ିକ ମଧ୍ୟରୁ କେତେକକୁ ଭୁଲିବା ଅସମ୍ଭବ ହୋଇଯାଏ। ବେଳେବେଳେ ଏମିତି ଘଟଣା ଘଟେ, ଯାହା ପ୍ରେମରେ ଟ୍ୱିଷ୍ଟ ଆଣିଥାଏ। ଆଖି ପିଛୁଳାକେ ପ୍ରେମରେ ଦେଖାଦିଏ ପରିବର୍ତ୍ତନ। ସେପରି କିଛି ରୋମାଞ୍ଚକର କଥାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଲଭ୍ ଟ୍ୱିଷ୍ଟ'। ଆନନ୍ଦ ଭାରତୀ ପ୍ରଡକ୍ସନ ବ୍ୟାନରରେ ଫିଲ୍ମର ପ୍ରଯୋଜନା କରିଛନ୍ତି ଅନନ୍ତ କୁମାର ସାମଲ। କାହାଣୀ ରଚନା ସହ ଚିତ୍ରନାଟ୍ୟ, ସଂଳାପ ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସଚ୍ଚିଦାନନ୍ଦ ସାମଲ। ଅରୁଣ ମନ୍ତ୍ରୀ, ବାପୁ ଗୋସ୍ୱାମୀ ଏବଂ ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକ ସ୍ୱର ଦେଇଛନ୍ତି ସୁଶୀଲ ଦଳାଇ। କଣ୍ଠଦାନ କରିଛନ୍ତି ହ୍ୟୁମନ ସାଗର, ଅସୀମା ପଣ୍ଡା, ସଞ୍ଜୁ, ବିଷ୍ଣୁମୋହନ କବି ଏବଂ ତାରିକ ଅଜିଜ। ଖାସ୍ କଥା ହେଲା, ଏଥିରେ ଦୁଇଜଣ ନବାଗତ ଓଲିଉଡ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେମାନେ ହେଲେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର ଦେବ୍ ଏବଂ ମନସ୍ୱିତା। ଏମାନଙ୍କ ବ୍ୟତୀତ ଅଜିତ ଦାସ, ମିହିର ଦାସ, ପୁଷ୍ପା ପଣ୍ଡା, ପ୍ରଜ୍ଞା, କାଳୀ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।

## ଅତୀତରୁ...


ଦୀପିକା

❖ସନ୍ଦୀପ ଫିଲ୍ମସ ପ୍ରା.ଲି. କଲିକତା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମେଘମୁକ୍ତି', ଯାହାର ନିର୍ଦ୍ଦେଶନା ଦେଇଥିଲେ ବିନୁ ବର୍ଦ୍ଧନ। ଅଜିତ ଦାସ, ଶ୍ରୀରାମ ପଣ୍ଡା, ଜ୍ୟୋତ୍ସ୍ନା ମହାପାତ୍ର (ମିନୁ), କାଶୀ ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଗୀତଗୁଡିକୁ ସ୍ୱର ଦେଇଥିଲେ ଶାନ୍ତନୁ ମହାପାତ୍ର।

❖ଦୀପା ସାହୁ, ପ୍ରସନ୍ନ ମିଶ୍ର, ଜୟାଙ୍କ ଅଭିନୀତ 'ଜୟ ମା ମଙ୍ଗଳା' ସିନେମାରେ ଅଭିନୟ କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଜଟାଧାରୀ ମିଶ୍ରଙ୍କ ପ୍ରଯୋଜିତ ଏହି ଚିତ୍ରର ସ୍ୱର ସଂଯୋଜନା କରିଥିଲେ ବାସୁଦେବ ରଥ।

## ଅପେକ୍ଷାରେ ଦୀପିକା

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ରହିବା ନିହାତି ଦରକାର। ତେଣୁ ସେତେବେଳ ଯାଏ ଥଣ୍ଡା ମିଜାସରେ ସେ ଅପେକ୍ଷା କରିବାକୁ ମାଇଣ୍ଡ ମେକଅପ କରିସାରିଛନ୍ତି। ଏହି ଅଭିନେତ୍ରୀ ଜଣକ ହେଲେ ଦୀପିକା ପାଦୁକୋନ୍। ବଲିଉଡ୍‌ରେ ପାଦ ଦେବା ପରେ ତାଙ୍କୁ ବେଶ୍ ନେମ୍-ଫେମ୍ ମିଳିଛି। ହେଲେ ତାଙ୍କ ମନରେ ଗୋଟିଏ ଅବଶୋଷ ରହିଯାଇଛି। ତାହା ହେଲା ମନଲାଖି କାହାଣୀଟିଏ ରଚନା କରିବା। କଥା କ'ଣ କି ନିକଟରେ ସେ ତାଙ୍କର ଜଣେ ସାଙ୍ଗଙ୍କର ବାର୍ଥ ଡେ' ପାର୍ଟିରେ ଯୋଗ ଦେଇଥିଲେ। ସେଠାରେ କଥା ପ୍ରସଙ୍ଗରେ ଜଣେ ସାଙ୍ଗ ତାଙ୍କୁ କାହାଣୀ ରଚନା କରିବାକୁ କହିଥିଲେ। ଆଉ ଏହା ପରେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବାରେ ସେ ଲାଗିପଡିଛନ୍ତି। ଅପେକ୍ଷା କରିବାକୁ ପଡୁ ପଛକେ ହେଲେ ଭଲ କାହାଣୀଟିଏ ରଚନା କରି ତାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ଯୋଜନାରେ ମଧ୍ୟ ଅଛନ୍ତି। ତେବେ ଏହି ଦିନ କେବେ ଆସୁଛି ତାହା ଦେଖିବାକୁ ବାକି ରହିଲା।

“ ଦେଶରେ ସ୍ମାର୍ଟ ମିଟର ଲାଗିଯିବା ପରେ ବିଲ୍ ପ୍ରଦାନ ଓ ପେମେଣ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅନ୍‌ଲାଇନ ହୋଇଯିବ ।
– ଆର୍.କେ ସିଂ, କେନ୍ଦ୍ର ଶକ୍ତିମନ୍ତ୍ରୀ



“ ଡାଟା ସୁରକ୍ଷାକୁ ନେଇ ଭାରତକୁ ମଧ୍ୟମ ମାର୍ଗ ଆପଣାଇବାକୁ ପଡିବ ।
– ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ



## ସଂକ୍ଷେପରେ

### ୭.୩% ରହିବ ଜିଡିପି

**ୱାଶିଂଟନ,୯-୧:** ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହାର ୭.୩ ପ୍ରତିଶତ ରହିବ। ସେହିଭଳି ପରବର୍ତ୍ତୀ ଦୁଇଟି ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ୭.୫ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ରିପାର୍ଟରେ ଅନୁମାନ କରାଯାଇଛି। ଏହି ରିପୋର୍ଟରେ କୁହାଯାଇଛି ଯେ, ପୁଞ୍ଜିନିବେଶ ଧାରା ଓ ବ୍ୟୟ ବୃଦ୍ଧି ପାଇବାକୁ ଏହା କାରଣ ବୋଲି ଦର୍ଶାଇଛି। ବିଶ୍ୱରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ତା'ର ଅର୍ଥନୀତିକୁ ଆଗେଇ ନେବ ବୋଲି ରିପୋର୍ଟରେ କୁହାଯାଇଛି। ଏହି ସମୟରେ ଚାଇନାର ଜିଡିପି ୬.୨% ରହିବ ଏବଂ ୨୦୧୯ ଓ ୨୦୨୦ରେ ଏହା ୬ ପ୍ରତିଶତକୁ ଖସି ଆସିବ ବୋଲି ଅନୁମାନ କରାଯାଇଛି।

### ଆୟକର ଛାଡ଼ ସୀମା ୫ ଲକ୍ଷକୁ ବୃଦ୍ଧି ହେଉ: ସିଆଇଆଇ

**ନୂଆଦିଲ୍ଲୀ,୯-୧:** ଭାରତୀୟ ଉଦ୍ୟୋଗ ମହାସଂଘ (ସିଆଇଆଇ) ଅନ୍ତରୀଣ ବଜେଟ୍‌ରେ ଆୟକର ଛାଡ଼ ସୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ଏଥିସହିତ ସଞ୍ଚୟକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଧାରା ୮୦ସି ଅନ୍ତର୍ଗତରେ ଛାଡ଼ସୀମାକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଉଦ୍ୟୋଗ ମହାସଂଘ କହିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ଦାଖଲ କରିଥିବା ବଜେଟ ପୂର୍ବ ସୁପାରିସରେ ମହାସଂଘ କହିଛି ଯେ, ବ୍ୟକ୍ତିଗତ ଆୟକରର ସର୍ବାଧିକ ଟିକସ ସ୍ଲାବ୍‌କୁ ମଧ ୩୦ରୁ ୨୫% ଚିକିତ୍ସା ଖର୍ଚ୍ଚ ଓ ପରିବହନ ଭତ୍ତା ଉପରେ ମଧ ଆୟକର ଛାଡ଼ ମିଳିବା ଆବଶ୍ୟକ।

## ଟୋକନ ସିଷ୍ଟମ ଆଣୁଛି ଆର୍‌ବିଆଇ

# ଡେବିଟ୍-କ୍ରେଡିଟ୍ କାର୍ଡ ହେବ ଅଧିକ ସୁରକ୍ଷିତ

**ମୁମ୍ବାଇ,୯-୧**

**ଗାଇଡଲାଇନ ଜାରି**

- କାର୍ଡର ବାସ୍ତବିକ ତଥ୍ୟ ସ୍ଥାନରେ ଟୋକନ ବ୍ୟବହାର କରାଯିବ
- ଅଧିକୃତ କାର୍ଡ ନେଟ୍‌ୱର୍କ କମ୍ପାନୀକୁ ଏଥିପାଇଁ ମିଳିବ କ୍ଷମତା
- ନେଟ୍‌ୱର୍କ ପକ୍ଷରୁ ଅଡିଟ୍ ବ୍ୟବସ୍ଥା କରାଯିବ
- ବର୍ଷକରେ ଅନ୍ତତଃପକ୍ଷେ ଥରେ ହେବ ଅଡିଟ୍



ଡେବିଟ୍ ଓ କ୍ରେଡିଟ୍ କାର୍ଡ ମାଧ୍ୟମରେ ନେଣଦେଣକୁ ଅଧିକ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ 'ଟୋକନ' ବ୍ୟବସ୍ଥା ଆଣିବାକୁ ଯାଉଛି। ଏଥିପାଇଁ ଗାଇଡଲାଇନ ଜାରି କରାଯାଇଛି।

ଗାଇଡଲାଇନ ଅନୁଯାୟୀ, କାର୍ଡର ବାସ୍ତବିକ ତଥ୍ୟକୁ ଏକ ୟୁନିକ କୋଡ୍ 'ଟୋକନ'ରେ ବଦଳାଇ ଦିଆଯିବ। ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ଟର୍ମିନାଲ, କ୍ୱିକ୍ ରେସପନ୍ସ(କ୍ୟୁଆର୍) କୋଡ୍ ସହ ସମ୍ପର୍କ ରହିତ ପେମେଣ୍ଟ ଲାଗି କାର୍ଡର ବାସ୍ତବିକ ତଥ୍ୟ ସ୍ଥାନରେ ଟୋକନ ବ୍ୟବହାର କରାଯିବ। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ଟୋକନ କାର୍ଡ ଦ୍ୱାରା ନେଣଦେଣ କରିବାର ସୁବିଧା ବର୍ତ୍ତମାନ କେବଳ ମୋବାଇଲ ଓ ଟ୍ୟାବ୍‌ଲେଟ ଜରିଆରେ ଉପଲବ୍ଧ ହେବ। ଏଥିରୁ ପ୍ରାପ୍ତ ଅନୁଭବ ଆଧାରରେ ଏହାକୁ ଅନ୍ୟ କାର୍ଡ ପ୍ରଦାନ ବ୍ୟବସ୍ଥାରେ ବିସ୍ତାର କରାଯିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, କାର୍ଡର ଟୋକେନାଇଜେଶନ ଓ ଟୋକନ ବ୍ୟବସ୍ଥାରୁ ହଟିବା କାମ କେବଳ ଅଧିକୃତ କାର୍ଡ ନେଟ୍‌ୱାର୍କ ଦ୍ୱାରା ହି କରାଯିବ। ଏଥିରେ ମୂଳ ପ୍ରାଥମିକ ଆକାଉଣ୍ଟ ନମ୍ବର(ପିଏଏନ୍)ର ରିକଭରି ମଧ୍ୟ ଅଧିକୃତ କାର୍ଡ ନେଟ୍‌ୱାର୍କ ଦ୍ୱାରା ସମ୍ଭବ ହେବ। ଗ୍ରାହକ ଏହି ସେବା ପାଇବା ଲାଗି କୌଣସି ଶୁଳ୍କ ଦେବେ ନାହିଁ। କାର୍ଡ ଲାଗି ଟୋକନ ସେବା ଆରମ୍ଭ କରିବା ପୂର୍ବରୁ ଅଧିକୃତ କାର୍ଡ ପେମେଣ୍ଟ ନେଟ୍‌ୱର୍କ କମ୍ପାନୀକୁ ନିଶ୍ଚିତ ଅବଧି ଭିତରେ ଅଡିଟ ପ୍ରଣାଳୀ ସ୍ଥାପନ କରିବାକୁ ହେବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ କହିଛି। ଏହି ଅଡିଟ ବର୍ଷରେ ଅତିକମ୍‌ରେ ଥରେ କରିବାକୁ ହେବ। ଯେକୌଣସି କାର୍ଡକୁ ଟୋକନ ବ୍ୟବସ୍ଥା ଲାଗି ପଞ୍ଜୀକୃତ କରିବାକୁ ହେଲେ ଉପଭୋକ୍ତାଙ୍କ ସ୍ୱତନ୍ତ୍ର ସହମତି ନେବାକୁ ପଡିବ।

## ନିର୍ମାଣାଧୀନ ଫ୍ଲାଟ୍‌ରେ ଜିଏସ୍‌ଟି ହ୍ରାସ: ଆଜି ଆସିପାରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୯-୧**

ଜିଏସ୍‌ଟି କାଉନସିଲ୍‌ର ୩୨ତମ ବୈଠକ ଗୁରୁବାର ଏଠାରେ ବସିବାକୁ ଯାଉଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। କାଉନସିଲ୍‌ର ୩୧ତମ ବୈଠକରେ କେତେକ ସାମଗ୍ରୀ ଦର ହ୍ରାସ କରାଯାଇଥିଲା। ଏହି ବୈଠକରେ ନିର୍ମାଣାଧୀନ ଫ୍ଲାଟ ଅଥବା ଘର ଉପରେ ଜିଏସ୍‌ଟି ଦରକୁ ୫%କୁ ହ୍ରାସ କରିବା, ଏମ୍‌ଏସ୍‌ଏମ୍‌ଇଙ୍କ କାରବାର ସୀମା ବୃଦ୍ଧି ଆଦି ପ୍ରସଙ୍ଗରେ ନିଷ୍ପତ୍ତି ହୋଇପାରେ। ଏହାଛଡ଼ା ୨୮% ସ୍ଲାବ୍‌ରେ ରହିଥିବା ସିମେଣ୍ଟ ଓ ଟାୟାରକୁ ଏଥିରୁ ବାଦ୍ ଦେଇ ଟିକସ ହ୍ରାସ ନେଇ ଆଲୋଚନା ହୋଇପାରେ। ଏହା ହେଲେ ରିଏଲ ଇଷ୍ଟେଟ ସେକ୍ଟରରେ ଅଭିବୃଦ୍ଧି ବଢ଼ିବ ବୋଲି ଆଶାକରାଯାଉଛି। କାରଣ ଘର କିଣିବା ଅଧିକ ଶସ୍ତା ହେବ। ଅନ୍ୟପକ୍ଷରେ ଦୁଇଚକିଆ ଯାନ ନିର୍ମାତାମାନେ ଜିଏସ୍‌ଟି ଦରକୁ ୨୮ରୁ ୧୮% ହ୍ରାସ ପାଇଁ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ଏ କ୍ଷେତ୍ରରେ ମଧ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ସେହିପରି ମାଲ୍ ଯୋଗାଣକାରୀଙ୍କ ଲାଗି ସୀମା ବଢ଼ିପାରେ। ଏହାକୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି କମ୍ପୋଜିଶନ ସ୍କିମ୍‌କୁ ନେଇ କାଉନସିଲ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଅଧିକ ଛାଡ଼ ମିଳିବ। ଫଳରେ କାରବାର ବୃଦ୍ଧି ପାଇବ। ମନ୍ତ୍ରିଗୋଷ୍ଠୀ କାରବାର ସୀମାକୁ ୧ କୋଟିରୁ ଦେଢ଼ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସୁପାରିସ କରିସାରିଛନ୍ତି।

## ପିଏନ୍‌ଜି, ବାୟୋଗ୍ୟାସ୍‌ରେ ମିଳିପାରେ ସବ୍‌ସିଡି

**ନୂଆଦିଲ୍ଲୀ,୯-୧**

ଆସନ୍ତା ଲୋକ ସଭା ନିର୍ବାଚନ ବୈତରଣୀ ପାରିହେବା ପାଇଁ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ଗରିବ ଓ ମଧ୍ୟବିତ୍ତଙ୍କୁ ଆଉ ଏକ ଥୋପ ଦେବାକୁ ଚାହୁଁଛନ୍ତି। କୁକିଂ ସବ୍‌ସିଡି ପରିସରକୁ ବୃଦ୍ଧି କରି ପାଇପ୍ ନାଚୁରାଲ ଗ୍ୟାସ୍ (ପିଏନ୍‌ଜି) ଓ ବାୟୋଗ୍ୟାସ୍‌ରେ ସବ୍‌ସିଡି ଦେବାକୁ ସରକାର ଚିନ୍ତା କରୁଛନ୍ତି। ଏନେଇ ନୀତି ଆୟୋଗ ପକ୍ଷରୁ ଆଗତ ଏକ ପ୍ରସ୍ତାବ ବିଚାରାଧୀନ ରହିଛି। କେନ୍ଦ୍ର ସରକାର ଆଗାମୀ ନିର୍ବାଚନ ପୂର୍ବରୁ ଏ ସମ୍ପର୍କରେ ଘୋଷଣା କରିପାରନ୍ତି। ସରକାରଙ୍କ ଉକ୍ତ ପଦକ୍ଷେପ ଯୋଗୁ ଯେକୌଣସି ଇନ୍ଧନ ବ୍ୟବହାର କରି ରୋଷେଇ କରୁଥିବା ଉପଭୋକ୍ତାଙ୍କୁ ଫାଇଦା ମିଳିବ। ବର୍ତ୍ତମାନ ଏଲ୍‌ପିଜି ଓ କିରୋସିନରେ ହିଁ କେବଳ ସବ୍‌ସିଡି ଦିଆଯାଉଛି। ରୋଷେଇରେ ବ୍ୟବହୃତ ସମସ୍ତ ପ୍ରକାର ଇନ୍ଧନ ଉପରେ ସବ୍‌ସିଡି ଦିଆଯିବା ଆବଶ୍ୟକ ବୋଲି ଗତ ବର୍ଷ ନୀତି ଆୟୋଗ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ପତ୍ର ଲେଖି ପ୍ରସ୍ତାବ ଦେଇଥିଲେ। ଏଲ୍‌ପିଜି ଓ କିରୋସିନ ଭଳି ଏଭଳି ସବ୍‌ସିଡିକୁ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ ଯୋଜନା ହେଉଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପେଟ୍ରୋଲିୟମ ମନ୍ତ୍ରଣାଳୟ ଏହି ସବ୍‌ସିଡି ଯୋଗୁ ହେବାକୁ ଥିବା ଖର୍ଚ୍ଚ ଆକଳନ କରୁଛି।

## ଏୟାର ଇଣ୍ଡିଆ ବିକ୍ରିରୁ ମିଳିବ ୭ ହଜାର କୋଟି

**ନୂଆଦିଲ୍ଲୀ,୯-୧**



ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ବୋଝକୁ କେନ୍ଦ୍ର ସରକାର ଆଉ ମୁଣ୍ଡାଇବାକୁ ଚାହୁଁନାହାନ୍ତି। ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ବିକିବାକୁ ସରକାରଙ୍କ ଲକ୍ଷ୍ୟ ରହିଛି। ଏହି ବିକ୍ରିରୁ ପ୍ରାୟ ୧ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୭ ହଜାର କୋଟି ଟଙ୍କା ପାଇବାକୁ ଯୋଜନା ପ୍ରସ୍ତୁତ ହେଉଛି। ଜଣେ ଅଧିକାରୀ ପ୍ରକାଶ କରିଛନ୍ତି ଯେ, ସରକାର ୨୦୧୯-୨୦ ଦ୍ୱିତୀୟାର୍ଦ୍ଧରେ ଉକ୍ତ ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ କରିବେ। ଏଥିପୂର୍ବରୁ ଏହାର କିଛି ସହାୟକ କମ୍ପାନୀ ଓ ସମ୍ପତ୍ତିକୁ ବିକ୍ରି କରାଯିବ।

# ନିବେଶ ବେଳେ ସଂସ୍ଥାର କ୍ରେଡିଟ୍ ରେଟିଂକୁ ଦେଖନ୍ତୁ

**ଅର୍ଥର ଅର୍ଥ**



Rupkumar Pradhan
CERTIFIED FINANCIAL PLANNER[CM]
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▸▸ସର୍ବାଧିକ ୫୦,୦୦୦ ଟଙ୍କାର ବ୍ୟାଙ୍କ ସ୍ଥାୟୀ ଜମା ସୁଧରାଶି ଉପରେ ଆୟକର ଛାଡ଼ ସୁବିଧା ରହିଛି କି? ସବୁ ଭାରତୀୟ ନାଗରିକ ଏହି ସୁବିଧା ପାଇବେ କି? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।**

**– ସଂଗ୍ରାମ ସାହୁ, ଅନୁଗୋଳ**

■ଆୟକର ନିୟମ ଧାରା ୮୦ ଟିଟିବି ଅନୁସାରେ ବ୍ୟାଙ୍କ ସ୍ଥାୟୀ ଜମା, ରେକରିଂ କିମ୍ବା ସଞ୍ଚୟ ଜମା ଖାତାରୁ ମିଳୁଥିବା ସୁଧରାଶି ସର୍ବାଧିକ ୫୦,୦୦୦ ଟଙ୍କା ଉପରେ ଛାଡ଼ ସୁବିଧା ପାଇ ପାରିବେ। ଡାକଘର ସଞ୍ଚୟ ସ୍କିମ୍‌ସବୁର ସୁଧରାଶି ମଧ ଅନ୍ତର୍ଭୁକ୍ତ। ଏହି ୫୦,୦୦୦ ଟଙ୍କା ଆୟକର ଛାଡ଼ କେବଳ ବରିଷ୍ଠ ନାଗରିକଙ୍କ ପାଇଁ ଉପଲବ୍ଧ। ବିଗତ ବଜେଟରେ ଏଭଳି ସୁବିଧା କରାଯାଇଛି।

**▸▸ଜମା କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକର ସୁଧହାର ତୁଳନାରେ କମ୍ପାନୀଗୁଡ଼ିକ ଅଧିକ ସୁଧ ହାର ପ୍ରଦାନ କରୁଛନ୍ତି। ଏଭଳି ସ୍ଥିତିରେ ଏକ ଭଲ କମ୍ପାନୀର ସ୍ଥାୟୀ ଜମା ସ୍କିମ କିଭଳି ଭାବେ ଚୟନ କରିବି? ଏଭଳି ନିବେଶ ଲାଗି କେଉଁ ପ୍ରକାରର ପଦକ୍ଷେପ ନେବା ଉଚିତ ହେବ?**

**– ମଦନ ମୋହନ ସୁବୁଦ୍ଧି, ବ୍ରହ୍ମପୁର**

■ସର୍ବାଧିକ କ୍ରେଡିଟ୍ ରେଟିଂ ଥିବା ସ୍ଥାୟୀ ଜମା ସ୍କିମ୍ ଚୟନ କରିବା ଉଚିତ। ସର୍ବାଧିକ କ୍ରେଡିଟ ରେଟିଂ ଥିବା କମ୍ପାନୀର ସ୍ଥାୟୀ ଜମା ଚୟନ କଲେ ହୁଏତ ଆପଣଙ୍କୁ କମ୍ ସୁଧହାର ପ୍ରଦାନ କରିବ କିନ୍ତୁ ପ୍ରକୃତ କ୍ଷେତ୍ରରେ ଏଥିରେ ନିବେଶ କରିବା ନିରାପଦ ଏବଂ ସୁରକ୍ଷିତ। ବ୍ୟାଙ୍କ ସ୍ଥାୟୀ ଜମା ତୁଳନାରେ କମ୍ପାନୀର ସ୍ଥାୟୀ ଜମା ସୁଧହାର ଅଧିକ ରହିଲେ ସେଥିରେ ନିବେଶ କରି ପାରନ୍ତି, ଯାହାକି ୩ରୁ ୪% ଅଧିକ ସୁଧ ପ୍ରଦାନ କରିଥାଏ। ଏହି କ୍ଷେତ୍ରରେ ଆପଣ ଯେତେ କମ୍ ବର୍ଷ ପାଇଁ (ସ୍ୱଳ୍ପ କାଳୀନ ନିବେଶ ୧-୩ ବର୍ଷ ପାଇଁ) ନିବେଶ କରିବା ଉଚିତ ହେବ। ଯେତେ ଅଧିକ ବର୍ଷ ପାଇଁ ନିବେଶ କରିବେ ଆପଣ ସେତେ ଅଧିକ ରିସ୍କ ବହନ କରିବେ। ଅର୍ଥାତ ଆପଣଙ୍କ ସ୍ଥାୟୀ ଜମା ରାଶି ଉପରେ କମ୍ପାନୀର ପ୍ରତିକୂଳ ପରିସ୍ଥିତିର ଖରାପ ପ୍ରଭାବ ପଡ଼ିବ। କମ୍ପାନୀର ଭବିଷ୍ୟତ ଉପରେ ଏହାର ପ୍ରଭାବ ପକାଇବ। ସର୍ବଶେଷରେ ଆପଣ କମ୍ପାନୀର ପରିଚାଳନାଗତ ଶୈଳୀ ଓ କାର୍ଯ୍ୟଶୈଳୀ ଉପରେ ନଜର ରଖିବା ନିହାତି ଜରୁରୀ। ଯଦି କମ୍ପାନୀ ଦେବାଳିଆ ହୋଇଗଲା ହୁଏତ ଆପଣଙ୍କ ମୂଳଧନ ଫେରିପାଇବା ମଧ କଷ୍ଟକର ହୋଇଯିବ କିମ୍ବା ଆପଣ ନିଜର ମୂଳଧନର କ୍ଷତି ହୋଇ ପାରେ।

ଯଦି ଆପଣ ଜଣେ ବରିଷ୍ଠ ନାଗରିକ ତେବେ ଆପଣ ବ୍ୟାଙ୍କ ସ୍ଥାୟୀ ଜମା କିମ୍ବା ଡାକଘର ସଞ୍ଚୟ ସ୍କିମସବୁ ଯଥା-ବରିଷ୍ଠ ନାଗରିକ ସଞ୍ଚୟ ସ୍କିମରେ ନିବେଶ କରିପାରିବେ। କମ୍ପାନୀ ସ୍ଥାୟୀ ଜମା ସ୍କିମରେ ନିବେଶ କରି ନିଜର ମୂଳଧନକୁ ନିବେଶ କରି ରିସ୍କ ନିଅନ୍ତୁ ନାହିଁ।

କୌଣସି କମ୍ପାନୀର ସ୍ଥାୟୀ ଜମାର ସୁଧହାର ପ୍ରଦାନ ଓ କେତେ ସୁରକ୍ଷିତ ଏହା କମ୍ପାନୀର ରେଟିଂ ଉପରେ ନିର୍ଭର କରିଥାଏ। ଆମ ଦେଶରେ କ୍ରିସିଲ, ଇକ୍ରା, କେୟାର ଭଳି ବିଭିନ୍ନ ରେଟିଂ ଏଜେନ୍ସି ରହିଛନ୍ତି। ଏହି ଏଜେନ୍ସିଗୁଡ଼ିକ ବିଭିନ୍ନ କମ୍ପାନୀର ସ୍ଥାୟୀ ଜମା ଏବଂ ଡିବେଞ୍ଚର ଇତ୍ୟାଦିକୁ ରେଟିଂ ଦେଇଥାନ୍ତି। ଆମର ପରାମର୍ଶ କମ୍ପାନୀର ରେଟିଂ ଦେଖନ୍ତୁ। ଯଦି କମ୍ପାନୀର ରେଟିଂ ଭଲ ନାହିଁ ତେବେ ନିବେଶ କରନ୍ତୁ ନାହିଁ।

**ଆର୍ଥିକ ଲକ୍ଷ୍ୟ-୧ କୋଟି ଟଙ୍କାର ପାଣ୍ଠି ଗଠନ**

| ଦୈନିକ ସଞ୍ଚୟ | ମାସିକ ନିବେଶ (ଟଙ୍କା) | ନିବେଶ ଅବଧି | ମାସ | ବାର୍ଷିକ ସୁଧହାର ଧରିନେବା | ୧୫ବର୍ଷ ପରେ ପାଣ୍ଠି ଗଠନ |
|---|---|---|---|---|---|
| ୫୦୦ ଟଙ୍କା | ୧୫,୦୦୦ | ୧୫ ବର୍ଷ | ୧୮୦ | ୧୫% | ୧,୦୧,୫୨,୯୪୯ |

**▸▸ମୋର ବୟସ ୩୧ ବର୍ଷ । ଆସନ୍ତା ୧୫ ବର୍ଷରେ ୧ କୋଟି ଟଙ୍କାର ପାଣ୍ଠି ଗଠନ କରିବାକୁ ଚାହୁଁଛି। ଏଥି ଲାଗି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଚାହୁଁଛି। ମାସିକ କେତେ ଟଙ୍କା ନିବେଶ କରିବାକୁ ପଡ଼ିବ?**

**– ସୁନିତା ମିଶ୍ର, କଟକ**

■ଦୈନିକ ଯଦି ୫୦୦ ଟଙ୍କା ସଞ୍ଚୟ କରନ୍ତି ଓ ମ୍ୟୁଚୁଆଲ ଫଣ୍ଡର ବାର୍ଷିକ ସୁଧହାର ୧୫% ଧରି ନେବା ତେବେ ୧୫ ବର୍ଷରେ ୧ କୋଟି ଟଙ୍କାର ପାଣ୍ଠି ଗଠନ କରିପାରିବେ। ଉପରୋକ୍ତ ଟେବୁଲକୁ ଦେଖିଲେ ବୁଝି ପାରିବେ।

ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ପୂର୍ବରୁ ଏ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବୁଝି ନିବେଶ କରନ୍ତୁ। ଆମର ପରାମର୍ଶ ଆପଣ ଜଣେ 'ସାର୍ଟିଫାଏଡ ଫାଇନାନ୍‌ସିଆଲ୍ ପ୍ଲାନର' କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କୁ ସାକ୍ଷାତ୍ କରି ଭଲ ଭାବେ ସବୁ ବିଷୟ ଅବଗତ ହେବା ପରେ ନିବେଶ କରନ୍ତୁ।

## ଟ୍ରେନ୍ ୧୮ ଗଢ଼ିବା ବିଳମ୍ବିତ ହେଉଛି

**ନୂଆଦିଲ୍ଲୀ,୯-୧**

ରେଳ ମନ୍ତ୍ରଣାଳୟ ଅଧୀନରେ ଦୁଇଟି ବିଭାଗ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଯିବାରୁ ଦେଶର ସବୁଠୁ ଦ୍ରୁତଗାମୀ ଟ୍ରେନ କୁହାଯାଉଥିବା 'ଟ୍ରେନ ୧୮'ର ଗଢ଼ିବା ବିଳମ୍ବିତ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆ ଟ୍ରେନ ପ୍ରଚଳନକୁ ନେଇ ଦୁଇ ବିଭାଗ ଇଲେକ୍ଟ୍ରିକାଲ ଓ ମେକାନିକାଲ ମଧ୍ୟରେ ସର୍ବଦା ଟଣାଓଟରା ଲାଗିଥାଏ। ଟ୍ରେନ ୧୮ କ୍ଷେତ୍ରରେ ମଧ ତାହା ଦେଖିବାକୁ ମିଳିଛି। ରେଳ ମନ୍ତ୍ରଣାଳୟ ଅଧୀନ ଚିଫ୍ କମିଶନର ଅଫ୍ ରେଲୱେ ସେଫ୍‌ଟି(ସିସିଆର୍‌ଏସ) ଗତ ବର୍ଷ ଡିସେମ୍ବର ୨୧ରେ ଟ୍ରେନ ୧୮ର ବାଣିଜ୍ୟିକ ଚଳାଚଳ ଲାଗି ସୁରକ୍ଷା ସାର୍ଟିଫିକେଟ ଦେଇଥିଲେ ମଧ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଜେନେରାଲ (ଇଆଇଜି) ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି।

**ପୂର୍ବ ତଟ ରେଳପଥ**
**ଶୁଦ୍ଧିପତ୍ର**
ବିଜ୍ଞପ୍ତି ସଂ. SDCM/KUR/YTSK, ତାରିଖ. 01.01.2019, ରେ ନନ୍ ସବ୍-ଅର୍ବାନ ଗ୍ରେଡ୍ (NSG)-5, ରେ ଷ୍ଟେସନ ର ନାମ ଅନଗୁଳ, ଛତ୍ରପୁର, ଧାନମଣ୍ଡଳ, **ଢେଙ୍କାନାଳ**, ଇଚ୍ଛାପୁରମ, କେନ୍ଦୁଝରଗଡ଼, ଖଲିକୋଟ, ପାରାଦ୍ୱୀପ, ସୋମପେଟା, ତାଳଚେର ଏବଂ ତାଳଚେର ରୋଡ୍ ପଢ଼ିବା ଆବଶ୍ୟକ । ବିଜ୍ଞପ୍ତିର ଅନ୍ୟ ସମସ୍ତ ବିବରଣୀ ଅପରିବର୍ତ୍ତିତ ରହିବ ।
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ), ଖୋର୍ଦ୍ଧା ରୋଡ୍
PR-426/J/18-19

See Career Appointment on every Wednesday & Saturday

**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)
**EXPRESSION OF INTEREST(EOI)- NOTICE**
Applications for Expression of Interest (EOI) are invited by NIFT Bhubaneswar for Empanelment of Event Management and Organization Agency/Company/Institute for organization of Fashion Show at Institutional level/India and Abroad, last date for receipt of applications for Expression of Interest are **31.01.2019** at **2:00** PM. For more details please visit our website: **www.nift.ac.in**
**- Director**

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
PLOT NO.C/2, NAYAPALLI, BHUBANESWAR-751012

**REQUEST FOR PROPOSAL**
**Selection of Recruitment Agency To Conduct Computer Based Test (CBT) For Recruitment of Different Posts For & on Behalf Of OSCSC LTD.**

**RFP No.03/OSCSC/2019 Dated-10.01.2019**

Proposals / Tenders are invited from interested bidders i.e. companies registered under Companies Act in India / partnership firms or firm of proprietorship registered under relevant Acts in India and having eligibility as per the criteria of the RFP published in the official website **www.foododisha.in**, **www.oscsc.in**, **www.odisha.gov.in**, **www.tendersodisha.gov.in** for "Selection of Recruitment Agency to Conduct Computer Based Test (CBT) for appointment to Different Posts of OSCSC LTD.". The bidder must deposit Rs.10,000/- (Rupees Ten Thousand Only) as Bid Processing Fee and EMD of Rs.3.00 Lakhs ( Rupees Three Lakhs Only) at the time of submission of application through online payment gate way service.

| | | |
|---|---|---|
| 1 | Availability of RFP document | From 10.01.2019 |
| 2 | Pre-Bid Meeting | On 18.01.2019 at 15.00 Hours at the Conference Hall of OSCSC, Bhubaneswar |
| 3 | Last date and time for **online** submission of completed proposal | Through e-Procurement Portal : **<www.tendersodisha.gov.in>** on 02.02.2019 up-to 17.00 Hours. |
| 4 | Date, time and venue for opening of Technical Proposal & Pre-qualification Evaluation | On 04.02.2019 at 1130 Hours at the Conference Hall of OSCSC, Bhubaneswar |
| 5 | Technical Presentation by the qualified Bidders only | To be communicated to the qualified bidders only via E-mail. |
| 6 | Date & time of Financial Bid opening (Only of Technically Qualified Bidders) | To be announced after technical bid evaluation. |

For amendment/ cancellation/ eventual re-tender/ corrigendum please refer to the website i.e. www.tendersodisha.gov.in.The authority reserves the right to cancel in part or the entire tender process without assigning any reason there off.
**MD, OSCSC Ltd.**

**BHUBANESWAR MUNICIPAL CORPORATION**
**No.1087 COMPETITIVE BIDDING THROUGH e-Procurement Dt.08/01/19**

**NOTICE INVITING TENDER**
**Bid Reference No. BMC-EED-II-35/2018-19 Dt.08.01.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EED-II-35/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **19** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **3,61,084/- to Rs. 19,85,448/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 10.01.2019 to 5.00 P.M on 19.01.2019** for online bidding.
7. Bids received online will be opened at **11.30 A.M on 25.01.2019.** The bidder must possess valid and Compatible **Digital Signature Certificate (DSC)**.
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**
**Executive Engineer**
**BMC Division No.-II**
**Progress Through Partnership for a Better Bhubaneswar**

**OFFICE OF THE CHAIRMAN, DISTRICT LEGAL SERVICES AUTHORITY, GANJAM, BERHAMPUR**
**SHORT ADVERTISEMENT**
**Dated the 7th January, 2019**

Applications in the prescribed format are invited from the desirous candidates for recruitment to the posts of Junior Clerk of District Legal Services Authority (DLSA), Ganjam/Junior Clerk-cum-Typist of Taluk Legal Services Committees (TLSC), Bhanjanagar. Such appointment shall be governed by G.A. Department Notification No. 32010/Gen. Dtd.12.11.2013 and G.A. Department Notification No. 19574/Gen/Dtd.12.09.2017.
Sience the posts of Junior Clerk in DLSA and Junior Clerk-cum-Typist in TLSC are identical for all practical purposes, the candidates are required to submit only one application. The candidates shall be selected for appointment on the basis of their position in the common merit list and may be posted either as Jr. Clerk of DLSA or Jr. Clerk-cum-Typist of TLSC functioning under the terrotorial jurisdiction of DLSA, Ganjam, Berhampur as per decision of the appointing authority.
The decision of the District Judge-cum-Chairman, District Legal Services Authority (DLSA), Ganjam, Berhampur as to the result of the Examination shall be final and in no case, shall liable to be challenged. The authority reserves the right to cancel the recruitment process at any time without any prior notice.
**CATEGORY WISE VACANCY POSITION:**

| Name of the Post | UR (W) | SEBC | SC | ST | Total | Scale of Pay |
|---|---|---|---|---|---|---|
| Jr. Clerk/ Junior Clerk-cum-Typist | 1 | - | - | 1 | 2 | Rs.8,880/- |

(The number of posts as indicated above may increase or decrease).
Reservation in respect of different categories of candidates shall be as per applicable Rules/Policies/ Guidelines. Last date of receipt of application is **25.01.2019**. For details visit Distirct Court website **https://districts.ecourts.gov.in/ganjam** or Distirct Portal website **www.ganjam.nic.in**. The candidates shall have to carefully study the details advertisement from the website prior to filling of application forms.
**Sd./- Shri B.P. Routray**
**07.01.2019**
**Chairman, District Legal Services Recuritment Committee, Ganjam, Berhampur**

“ବିଶ୍ୱର ଯେ କୌଣସି ସ୍ଥାନ କିମ୍ବା ପରିବେଶରେ ଭାରତୀୟ ବୋଲରମାନେ ବୋଲିଂ କରିବାର ଦକ୍ଷତା ରଖିଥିବା ପ୍ରମାଣିତ କରିଛନ୍ତି ।

– ସଚିନ ତେନ୍ଦୁଲକର, ପ୍ରାକ୍ତନ ଭାରତୀୟ ବ୍ୟାଟିଂ କିମ୍ବଦନ୍ତୀ



“ଆଫ୍ରିକାର ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ପୁରସ୍କାର ଜିତିବା ପିଲାଦିନରୁ ସ୍ୱପ୍ନ ରହିଥିଲା । ଏବେ ଏହାକୁ ଲଗାତର ୨ ବର୍ଷ ହେଲା ଜିତି ଆସୁଛି ।

– ମହମ୍ମଦ ସାଲ୍‌ହ, ଇଜିପ୍ଟର ଷ୍ଟାର୍ ଫରୱାର୍ଡ



## ସଂକ୍ଷେପରେ

### ବେଦୀଙ୍କ ୪୪ ବର୍ଷର ରେକର୍ଡ ଭାଙ୍ଗିଲେ ବିହାରର ଅମନ



ପାଟନା, ୯।୧- ବିହାରର ବାମହାତୀ ସ୍ପିନର ଆଶୁତୋଷ ଅମନ ରଣଜୀ ଟ୍ରଫି ଇତିହାସରେ ଗୋଟିଏ ସିଜନରେ ସର୍ବାଧିକ ଉଇକେଟ୍ ନେବାରେ ସୌଭାଗ୍ୟ ଲାଭ କରିଛନ୍ତି। ଅମନ ଚଳିତ ରଣଜୀ ଟ୍ରଫିରେ ୬୮ ଉଇକେଟ୍ ଅକ୍ତିଆର କରି ବୋଲିଂ ତାଲିକାର ଶୀର୍ଷରେ ରହିଛନ୍ତି। ଏଥିସହ ସେ କିମ୍ବଦନ୍ତୀ ବୋଲର ବିଶେନ ସିଂ ବେଦୀଙ୍କ ନାମରେ ବହୁବର୍ଷ ଧରି ରହିଥିବା ଏହି ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ବେଦୀ ୧୯୭୪-୭୫ ସିଜନରେ ଦିଲ୍ଲୀ ପକ୍ଷରୁ ପ୍ରତିନିଧିତ୍ୱ କରି ୬୪ଟି ଉଇକେଟ୍ ନେଇ ଗତ ୪୪ ବର୍ଷ ଧରି ଏହି ରେକର୍ଡର ଅଧିକାରୀ ଥିଲେ। ବହୁ ବର୍ଷ ପରେ ବିହାର ରଣଜୀ ଟ୍ରଫି କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଅମନ ଏଥିରେ ପ୍ରଥମଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିଲେ। ପଦାର୍ପଣରେ ତାଙ୍କୁ ଦଳର ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ଲେଟ୍ ଗ୍ରୁପ୍‌ରେ ବିହାର ନିଜର ଅନ୍ତିମ ମ୍ୟାଚ୍‌ରେ ୩ ଉଇକେଟ୍‌ରେ ମଣିପୁରକୁ ପରାସ୍ତ କରିଛି। ୩୨ ବର୍ଷୀୟ ଅମନ ଏହି ମ୍ୟାଚର ପ୍ରଥମ ଇନିଂସରେ ୪ ଓ ୨ୟ ଇନିଂସରେ ୭ ଉଇକେଟ୍ ସହ ମୋଟ୍ ୧୧ଟି ସଫଳତା ପାଇଥିଲେ।

### ‘ଭାରତୀୟ ବିଶ୍ୱକପ୍ ଦଳର ଅଂଶବିଶେଷ ପନ୍ତ’

ନୂଆଦିଲ୍ଲୀ,୯।୧: ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଦିନିକିଆ ଦଳର ସ୍ଥାନ ପାଇନାହାନ୍ତି। କିନ୍ତୁ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କ କହିବା ଅନୁଯାୟୀ ପନ୍ତ ଭାରତୀୟ ବିଶ୍ୱକପ୍ ଦଳର ଅଂଶବିଶେଷ। ୨୧ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ମାତ୍ର ଏପର୍ଯ୍ୟନ୍ତ ୩ଟି ଦିନିକିଆ ମ୍ୟାଚ୍ ଖେଳି ମାତ୍ର ୪୧ ରନ୍ କରିପାରିଛନ୍ତି। ତାଙ୍କର ଖରାପ ପ୍ରଦର୍ଶନ ଯୋଗୁ ଦୀନେଶ କାର୍ତ୍ତିକ ଭାରତୀୟ ଦିନିକିଆ ଦଳରେ ନିଜ ସ୍ଥାନ ଦୃଢ଼ କରି ନେଇଥିଲେ। ଉଇକେଟକିପିଂ ଦାୟିତ୍ୱ ଲାଗି ମହେନ୍ଦ୍ର ସିଂ ଧୋନୀ ପ୍ରଥମ ବିକଳ୍ପ। ହେଲେ ଭାରତୀୟ ଦଳର ବିଶ୍ୱକପ୍ ଯୋଜନା ଲାଗି ଉଇକେଟକିପରଙ୍କ ଦୌଡ଼ରେ ପନ୍ତ ନିଶ୍ଚିତ ଅଛନ୍ତି। ପ୍ରତ୍ୟେକ ଉଇକେଟକିପର ଭଲ ପ୍ରଦର୍ଶନ କରୁଛନ୍ତି। ତାଙ୍କ ଲାଗି କେତେକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ପ୍ରସାଦ କହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଟେଷ୍ଟ ପନ୍ତଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସେ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ଥିଲେ। ସେ ୩୫୦ ରନ୍ କରିଥିଲେ। ପନ୍ତ ଏବେ ଭାରତ ଏ’ ଦଳ ସହ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବେ। ଆସନ୍ତା ୧୨ ତାରିଖଠାରୁ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦିନିକିଆ ସିରିଜ୍ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚ୍ ସିଡ୍‌ନୀଠାରେ ଖେଳାଯିବ। ଏହି ଦ୍ୱିପାକ୍ଷିକ ସିରିଜ୍ ପରେ ନ୍ୟୁଜିଲାଣ୍ଡରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବ।

# ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ

ଭୁବନେଶ୍ୱର, ୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ହରିୟାଣା ସହ ଡ୍ର’ରୁ ସିଜନ ଆରମ୍ଭ କରିଥିବା ଓଡ଼ିଶା କ୍ରିକେଟ ଟିମ୍ ଗୋଆ ବିପକ୍ଷରେ ବୃହତ ବିଜୟ ସହ ଚଳିତ ରଣଜୀ ଟ୍ରଫି ସିଜନ ଶେଷ କରିଛି। ଭୁବନେଶ୍ୱର ଡେରାସସ୍ଥିତ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଗୋଆ ବିପକ୍ଷ ଅନ୍ତିମ ମ୍ୟାଚ୍‌କୁ ଓଡ଼ିଶା ୨୭୬ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଘରୋଇ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୩୮୭ ରନର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରିଥିବା ଗୋଆ ବୁଧବାର ୩ୟ ଦିବସରେ ୧୧୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମ୍ୟାଚ୍‌ରେ ମୋଟ୍ ୮୨ ରନ ସହ ୫ ଉଇକେଟ୍ ଅକ୍ତିଆର କରିଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ବିଜୟ ସହ ଓଡ଼ିଶା ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରିଛି। ପୂର୍ବରୁ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଓଡ଼ିଶା ଏଥିସହ ୯ ମ୍ୟାଚ୍‌ରୁ ୪ ବିଜୟ, ୩ ପରାଜୟ ଓ ୨ ଡ୍ର’ସହ ୨୬ ପଏଣ୍ଟ ପାଇ ଗ୍ରୁପ୍-ସି’ର ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଅପରପକ୍ଷରେ ଗୋଆ ୭ମ ପରାଜୟ ସହ ୧୦ ଦଳୀୟ ଏହି ଟେବୁଲ ତାଲିକାର ସର୍ବନିମ୍ନ ସ୍ଥାନ ହାସଲ କରିଛି।

୨୩୬ ରନରେ ଅଗ୍ରଣୀ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ବୁଧବାର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବଦିନର ଅସମାପ୍ତ



ଗୋଆ ବିପକ୍ଷରେ ବିଜୟ ହାସଲ ପରେ ଉଲ୍ଲସିତ ଓଡ଼ିଶା ରଣଜୀ ଦଳ।

**ରଣଜୀ ଟ୍ରଫି**

୨ୟ ଇନିଂସ ସ୍କୋର ୩୭/୧ରୁ ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୩ୟ ଦିନରେ ଆଉ ୧୧୪ ରନ ଯୋଡ଼ି ବଳକା ୯ଟି ଉଇକେଟ୍ ହରାଇଥିଲା। ଓଡ଼ିଶା ପକ୍ଷରୁ କୌଣସି ବ୍ୟାଟ୍ସମ୍ୟାନ ବଡ଼ ଇନିଂସ ଖେଳିବାରେ ସଫଳ ହୋଇପାରି ନ ଥିଲେ। ଉଇକେଟ୍‌କିପର ସୁଜିତ ଲେଙ୍କା ସର୍ବାଧିକ ୩୯ ରନ କରିଥିବାବେଳେ ଦେବାଶିଷ ସାମନ୍ତରାୟ ୩୧, ଅନୁରାଗ ଷଡ଼ଙ୍ଗୀ ୨୩, ସୂର୍ଯ୍ୟକାନ୍ତ ୧୭, ଶାନ୍ତନୁ ମିଶ୍ର ୧୪, ଅଧିନାୟକ ଶୁଭ୍ରାଂଶୁ ୯, ବିପ୍ଳବ ସାମନ୍ତରାୟ ୨, ଅଭିଷେକ ରାଉତ ୧୦ ରନ କରିଥିଲେ। ଭ୍ରମଣକାରୀ ଗୋଆ ପକ୍ଷରୁ ଦୁଇ ଦ୍ରୁତ ବୋଲର ଲକ୍ଷ୍ୟ ଗର୍ଗ (୫) ଓ କ୍ରିଷ୍ଣା ଦାସ (୪) ୯ଟି ଉଇକେଟ୍ ବାଣ୍ଟି ନେଇଥିଲେ। ଜବାବରେ ୩୮୭ ରନର ଟାର୍ଗେଟ୍‌କୁ ପିଛା କରିଥିବା ଗୋଆ ପ୍ରଥମ ଇନିଂସ ପରି ଏଥର ମଧ୍ୟ ଘରୋଇ ଦଳର ଦ୍ରୁତ ବୋଲିଂକୁ ସାମ୍ନା କରି ନ ପାରି ମାତ୍ର ୧୧୧ ରନରେ ସମସ୍ତ ଉଇକେଟ୍ ହରାଇ ପରାଜୟବରଣ କରିଥିଲା। ଅମୋଘ ସୁନୀଲ ଦେଶାଇ (୨୮), ଦର୍ଶନ ମିଶାଲ (୨୦), ସୂର୍ଯ୍ୟାଶ ପ୍ରଭୁଦେଶାଇ (୧୮) ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିଜୟୀ ଓଡ଼ିଶା ପକ୍ଷରୁ ଯୁବ ସୁଇଂ ବୋଲର ରାଜେଶ ମହାନ୍ତି (୫/୪୯) ଓ ବସନ୍ତ ମହାନ୍ତି (୪/୨୧) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ବିପ୍ଳବଙ୍କୁ ଏକମାତ୍ର ସଫଳତା ମିଳିଥିଲା। ପ୍ରଥମ ଇନିଂସରେ ୫ ଉଇକେଟ୍ ନେଇଥିବା ସୂର୍ଯ୍ୟକାନ୍ତ ଉଇକେଟ୍ ଶୂନ୍ୟ ରହିଥିଲେ। ପୂରା ମ୍ୟାଚ୍‌ରେ ରାଜେଶ ୮, ବସନ୍ତ ୬, ସୂର୍ଯ୍ୟକାନ୍ତ ୫ ଉଇକେଟ୍ ନେଇଛନ୍ତି।

## ଶୁଭ୍ରାଂଶୁ, ବସନ୍ତ ଶୀର୍ଷରେ

ଭୁବନେଶ୍ୱର, ୯।୧(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା କ୍ରିକେଟ ଦଳ ବିଜୟ ସହ ଏହାର ଅଭିଯାନ ଶେଷ କରିଛି। ଓଡ଼ିଶା ତା’ର ଅନ୍ତିମ ମ୍ୟାଚ୍‌ରେ ଗୋଆକୁ ୨୭୬ ରନର ବୃହତ ବ୍ୟବଧାନରେ ପରାସ୍ତ କରିଥିଲେ ମଧ୍ୟ ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ିଛି। ତେବେ ବ୍ୟକ୍ତିଗତ ପ୍ରଦର୍ଶନରେ ଶୁଭ୍ରାଂଶୁ ସେନାପତି ଓ ବସନ୍ତ ମହାନ୍ତି ଯଥାକ୍ରମେ ବ୍ୟାଟିଂ ଓ ବୋଲିଂରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ସିଜନରେ ପୂରା ୯ଟି ଯାକ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିବା ଶୁଭ୍ରାଂଶୁ ୧୭ ଇନିଂସରୁ ୬୧୭ ରନ କରିଛନ୍ତି। ଓଡ଼ିଶା ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସେ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଅପରାଜିତ ୧୫୭ ରନର ଶତକୀୟ ଇନିଂସ ରହିଥିବାବେଳେ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ବୋଲିଂ ବିଭାଗକୁ ନଜର ପକାଇଲେ ବସନ୍ତ ଶୀର୍ଷରେ ରହିଛନ୍ତି। ପିତାଙ୍କ ବିୟୋଗ ଯୋଗୁ ହରିୟାଣା ବିପକ୍ଷ ସିଜନ ପ୍ରଥମ ମ୍ୟାଚ୍ ଖେଳିପାରି ନ ଥିବା ବସନ୍ତ ଉତ୍ତରପ୍ରଦେଶ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ୬ ଉଇକେଟ୍ ନେଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ସିଜନରେ ସେ ୮ ମ୍ୟାଚ୍‌ରୁ ୧୧.୭୦ ଆଭରେଜରେ ୪୪ ଉଇକେଟ୍ ନେଇଛନ୍ତି। ସେହିଭଳି ଏହି ସିଜନରେ ସେ ୧୦୦ଟି ମେଡେନ ଓଭର ବୋଲିଂ କରିବାର ଆଉ ଏକ ସଫଳତା ପାଇଛନ୍ତି। ସେହିଭଳି ଚଳିତ ସିଜନରେ ପଦାର୍ପଣ କରିଥିବା ରାଜେଶ ମହାନ୍ତି ମଧ୍ୟ ୮ ମ୍ୟାଚ୍‌ରୁ ୪୦ ଉଇକେଟ୍ ନେଇ ପ୍ରଦର୍ଶନର ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ଅପରପକ୍ଷରେ ସୂର୍ଯ୍ୟକାନ୍ତ ପ୍ରଧାନ ଦଳ ପକ୍ଷରୁ ଶ୍ରେଷ୍ଠ ଅଲ୍‌ରାଉଣ୍ଡର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସୂର୍ଯ୍ୟକାନ୍ତ ୭ ମ୍ୟାଚ୍‌ରୁ ୨୨୯ ରନ କରିଥିବାବେଳେ ବୋଲିଂରେ ୨୫ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ପଠାଇବାରେ ସକ୍ଷମ ହୋଇଛନ୍ତି। ସିଜନରେ ସେ ୩ଟି ଅର୍ଦ୍ଧଶତକ ମାରିଥିଲେ।

## ଅଙ୍ଗୁଳାଇ କପ୍ ଫାଇନାଲରେ ବାଲାବାବା

ମାର୍ଶାଘାଇ, ୯।୧ ( ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୧୪ତମ ଅଙ୍ଗୁଳାଇ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ୨ୟ ସେମିଫାଇନାଲରେ କଟକର ଜୁଭେନାଇଲ୍ ଟିମ୍‌କୁ ହରାଇ କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ବାଲାବାବା ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ୍ ହରାଇ ୨୩୦ ରନ୍ କରିଥିଲା । ଦଳ ତରଫରୁ ସଞ୍ଜୀବ ସାହୁ ୫୩ (୩୦) ଏବଂ ଅମିତ୍ ସାହୁ ୬୦(୪୦) ରନ୍ ସଂଗ୍ରହ କରିଥିଲେ। ଜବାବରେ ଜୁଭେନାଇଲ୍ ୧୦୫ ରନ୍ କରି ଅଲଆଉଟ ହୋଇଯାଇଥିଲା । ବାଲାବାବା ଟିମ୍ ପ୍ରଥମ ସେମିଫାଇନାଲର ବିଜେତା କଟକର ୟୁନିୟନ୍ ସ୍ପୋର୍ଟିଂକୁ ଆସନ୍ତା ୧୪ ତାରିଖ ଫାଇନାଲରେ ଭେଟିବ । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସଞ୍ଜୀବ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

## ଭକ୍ତରାମଙ୍କୁ ସ୍ୱର୍ଣ୍ଣ, ମୁନାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)

ପୁଣେଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଭାରୋତ୍ତୋଳନର ୪୯ କେଜି ବର୍ଗରେ ଓଡ଼ିଶାର ଭକ୍ତରାମ ଦେହୁରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୫୫ କେଜି ବିଭାଗରେ ମୁନା ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି।



ଭକ୍ତରାମ ଦେହୁରି ଓ ମୁନା ନାୟକ କୋଚ୍ ସୀତା ଶର୍ମାଙ୍କ ସହ।

## ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା

ଢେଙ୍କାନାଳ ଅଫିସ, ୯।୧

ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆରେ ଚାଲିଥିବା ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତାର ବୁଧବାର ଥିଲା ତୃତୀୟ ଦିବସ। ରିଭଲଭର, ରାଇଫଲ, ପିସ୍ତଲ ଚାଳନାର ବିଭିନ୍ନ ବିଭାଗରେ ଆୟୋଜିତ ଫାୟାରିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ପ୍ରତିଯୋଗୀ।

୫୦ମିଟର ରିଭଲଭର ଚାଳନା କାଟେଗୋରି-୨ରେ ବି.ଏସ୍. ବନିହା, କେ.ସି. ବଳବନ୍ତରାୟ, ଏ.କେ. ପ୍ରଧାନ, କାଟେଗୋରି-୩ରେ ଆର.ସି. ମହାନ୍ତି, ଜି. ଥାପ୍ପା, ବାବୁଲା ସାହୁ, କାଟେଗୋରି-୪ରେ ଆର୍. ଗୁରୁଙ୍ଗ, ଏସ୍‌ଏନ୍ ଧଳସାମନ୍ତ, ଏସ୍. ବିଶ୍ୱାଳ, କାଟେଗୋରି-୫ରେ ଦେବାଶିଷ ସ୍ୱାଇଁ, ଡବ୍ଲ୍ୟୁ. ହେମ୍ବ୍ରମ୍, ପି. ନାୟକ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

୩୦୦ ମିଟର ରାଇଫଲ କାଟେଗୋରି-୨ରେ ଏସ୍.କେ. ସୁନା, ଏମ୍.ଏସ୍. ଫରିଦ୍, କେ.ଜି. ବଳବନ୍ତରାୟ, କାଟେଗୋରି-୩ରେ ଏ.କେ. ବାରିକ, ଆଇ. ଖାନ୍, ବାଲକ୍ରିଷ୍ଣ ଥାପ୍ପା, କାଟେଗୋରି-୪ରେ ବାହାଦୁର ଥାପ୍ପା, ଏ.କେ. ଗୁରୁଙ୍ଗ, କେ.କେ. ପରିଡ଼ା, କାଟେଗୋରି-୫ରେ ଡି.ଏଲ୍. ପାଣ୍ଡେ, ଆର. ସାହୁ, ଏମ୍.ଆର. ଜୁଏଜ୍ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

୨୫ମିଟର ରିଭଲଭର ଏବଂ ପିସ୍ତଲ ଚାଳନା କାଟେଗୋରି-୨ରେ ଏମ୍.ଏସ୍. ଫରିଦ, ବି.ଏସ୍. ବନିହା, ଏ.କେ. ପ୍ରଧାନ, କାଟେଗୋରି-୩ରେ ଜି. ଥାପ୍ପା, ପି.କେ. ଦେହୁରୀ, ଆର. ମହାଣା, କାଟେଗୋରି-୪ରେ ଆର. ଗୁରୁଙ୍ଗ, ବି.କେ. ଯାଦବ, ଏସ୍.କେ. କର, କାଟେଗୋରି-୫ରେ ୟୁ. କାଣ୍ଡି, ଡବ୍ଲ୍ୟୁ. ହେମ୍ବ୍ରମ, ପି. ନାୟକ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ହାତେଇବାରେ ସଫଳ ହୋଇଛନ୍ତି। ୩୦ମିଟର ରିଭଲଭର ଏବଂ ପିସ୍ତଲ ଚାଳନା କେଟେଗୋରି-୨ରେ ବି.ଏସ୍ ବନିହା ସ୍ୱର୍ଣ୍ଣ, କେ.ସି. ବଳବନ୍ତରାୟ ରୌପ୍ୟ, ବି. ଜେନା ବ୍ରୋଞ୍ଜ, କାଟେଗୋରି-୩ରେ ବି. ଥାପ୍ପା ସ୍ୱର୍ଣ୍ଣ, ବାବୁଲା ସାହୁ ରୌପ୍ୟ, ଜି. ଥାପ୍ପା ଏବଂ ଆର୍.ସି. ମହାନ୍ତି ଯୁଗ୍ମ ଭାବେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। କାଟେଗୋରି-୪ରେ ଆର୍. ଗୁରୁଙ୍ଗ ସ୍ୱର୍ଣ୍ଣ, ୟୁ.ଏସ୍. ନାୟକ ରୌପ୍ୟ, ଏସ୍.କେ. କର ବ୍ରୋଞ୍ଜ୍, କାଟେଗୋରି-୫ରେ ଦେବାଶିଷ ସ୍ୱାଇଁ ସ୍ୱର୍ଣ୍ଣ, ବି. ନାୟକ ରୌପ୍ୟ ଏବଂ ଦେବାଶିଷ ନାୟକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସିନର୍ଜି ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ଇତିଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।




ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ପୁରୁଷ ହକି କୋଚ୍ ପଦରୁ ହରେନ୍ଦ୍ର ବିଦା

ନୂଆଦିଲ୍ଲୀ, ୯।୧(ପି.ଟି.)

ଭାରତୀୟ ପୁରୁଷ ହକି କୋଚ୍ ପଦରୁ ହରେନ୍ଦ୍ର ସିଂଙ୍କୁ ବୁଧବାର ବହିଷ୍କୃତ କରାଯାଇଛି। ୨୦୧୮ରେ ଭାରତୀୟ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇ ନ ଥିବାରୁ ହରେନ୍ଦ୍ରଙ୍କୁ କୋଚ୍ ପଦରୁ ଅବ୍ୟାହତି ଦିଆଯାଇଛି। ତେବେ ତାଙ୍କୁ ଜୁନିୟର ଦଳର ପ୍ରଶିକ୍ଷକ ଦାୟିତ୍ୱ ଅର୍ପଣ କରାଯାଇଛି। ଗତ କିଛିବର୍ଷର ଘଟଣାକୁ ଦେଖିବାକୁ ଗଲେ ଭାରତୀୟ ହକି ଦଳର କୋଚ୍ ପରିବର୍ତ୍ତନ ପ୍ରକ୍ରିୟା ଜାରି ରହିଛି। ହରେନ୍ଦ୍ର ଏହାର ସଦ୍ୟତମ ଶିକାର ହୋଇଛନ୍ତି। ଗତ ମେ’ ମାସରେ ସେ ଭାରତୀୟ ସିନିୟର ଦଳର କୋଚ୍ ଦାୟିତ୍ୱ ନେଇଥିଲେ। ‘୨୦୧୮ରେ ଭାରତୀୟ ହକି ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ବଡ଼ ଟୁର୍ନାମେଣ୍ଟଗୁଡ଼ିକରେ ଫଳାଫଳ ଆଶାନୁରୂପ ହୋଇ ନ ଥିଲା। ଅନ୍ୟପକ୍ଷରେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଦୀର୍ଘକାଳୀନ ଭିତ୍ତିରେ ହରେନ୍ଦ୍ରଙ୍କୁ ଜୁନିୟର ଦଳର କୋଚ୍ ଭାବେ ନିଯୁକ୍ତ କରାଯାଇଛି’ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ଭାରତୀୟ ଜୁନିୟର ହକି ଦଳ ବିଶ୍ୱକପ୍ ବିଜୟୀ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତବର୍ଷ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପଦକଶୂନ୍ୟ ରହିବାରୁ ହରେନ୍ଦ୍ରଙ୍କୁ ସିନିୟର ଦଳର କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ତାଙ୍କ କାର୍ଯ୍ୟକାଳ ସମୟରେ ଭାରତର ଭାଗ୍ୟ ପରିବର୍ତ୍ତନ ହୋଇ ନ ଥିଲା। ଚାମ୍ପିୟନ ଦଳ ଭାବେ ଭାରତ ଇଣ୍ଡୋନେସିଆ ଏସିଆନ ଗେମ୍ସରେ ଖେଳିଥିଲେ ହେଁ ନୈରାଶ୍ୟଜନକ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଥିଲା। ‘‘ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ପାଇଁ ଖୁବ୍‌ଶୀଘ୍ର ବିଜ୍ଞାପନ ଦିଆଯିବ। ମାର୍ଚ୍ଚ ୨୩ରୁ ଆରମ୍ଭ ହେଉଥିବା ସୁଲତାନ ଆଜଲାନଶାହ କପ୍ ପାଇଁ ଫେବୃୟାରୀରେ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ। ନୂଆ କୋଚ୍ ନିଯୁକ୍ତ ହେବା ପର୍ଯ୍ୟନ୍ତ ହାଇ ପରଫର୍ମାନ୍ସ ଡାଇରେକ୍ଟର ଡେଭିଡ୍ ଜନ୍ ଏବଂ ଆନାଲିଟିକାଲ କୋଚ୍ କ୍ରିସ୍ ସିରିଏଲୋଙ୍କ ତତ୍ତ୍ୱାବଧାନରେ ଦଳ ରହିବ’’ ବୋଲି ହକି ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି।

୨୦୨୧ ଜୁନିୟର ହକି ବିଶ୍ୱକପ୍ ଏବଂ ୨୦୨୦ ଓ ୨୦୨୪ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ହାଇ ପରଫର୍ମାନ୍ସ ଏବଂ ଡେଭ୍‌ଲପ୍‌ମେଣ୍ଟ କମିଟି ବୈଠକ ଗତ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟି ଅଧ୍ୟକ୍ଷ ଆର୍.ପି. ସିଂ, ଅଲିମ୍ପିଆନ ହରବିନ୍ଦର ସିଂ, ବି.ପି. ଗୋବିନ୍ଦା ଓ ସୟଦ ଅଲୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଜୁନିୟର ହକି ଦଳର କ୍ୟାମ୍ପ ଆସନ୍ତା ମାର୍ଚ୍ଚରେ ଆରମ୍ଭ ହେବ। ତେଣୁ ହରେନ୍ଦ୍ରଙ୍କୁ ଜୁନିୟର ଦଳର ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ହରେନ୍ଦ୍ରଙ୍କ ପ୍ରଶିକ୍ଷଣରେ ଜୁନିୟର ଭାରତୀୟ ଦଳ ୨୦୧୬ରେ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଏହାପରେ ସେ ଭାରତୀୟ ସିନିୟର ମହିଳା ଦଳର କୋଚ୍ ହୋଇଥିଲେ। ପରେ ଗତବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ଏସିଆନ ଗେମ୍ସ ପୂର୍ବରୁ ନେଦରଲାଣ୍ଡସର ଜୋର୍ଡ ମାରିଜ୍‌ନେଙ୍କୁ ମହିଳା ଦଳର କୋଚ୍ କରାଯାଇ ହରେନ୍ଦ୍ରଙ୍କୁ ପୁରୁଷ ଦଳର ଦାୟିତ୍ୱ ଦିଆଯାଇଥିଲା। ତେବେ ବାରମ୍ବାର କୋଚ୍ ପରିବର୍ତ୍ତନକୁ କିମ୍ବଦନ୍ତୀ ଅଷ୍ଟ୍ରେଲିଆନ ଅଧିନାୟକ ତଥା କୋଚ୍ ରିକ୍ ଚାର୍ଲ୍ସୱର୍ଥଙ୍କ ସମେତ ଅନେକେ ନାପସନ୍ଦ କରିଥିଲେ। ୧୯୭୫ ପରେ ଗତ ବିଶ୍ୱକପ୍‌ରେ ଭାରତ ପଦକ ଜିତିବ ବୋଲି ଆଶା କରାଯାଉଥିଲା। ମାତ୍ର କ୍ୱାର୍ଟର ଫାଇନାଲରେ ହାରି ଭାରତ ବିଦାୟ ନେଇଥିଲା। ଫଳରେ ସପୋର୍ଟ ଷ୍ଟାଫ୍ ପରିବର୍ତ୍ତନ ହେବା ଆଶଙ୍କା ଉପୁଜିଥିଲା। ଶେଷରେ କୋଚ୍ ହରେନ୍ଦ୍ରଙ୍କୁ ବିଦା ହେବାକୁ ପଡ଼ିଲା। ଏହାକୁ କିନ୍ତୁ ପସନ୍ଦ କରିନାହାନ୍ତି ପୂର୍ବତନ ଭାରତୀୟ ହକି ଅଧିନାୟକ ଜାଫର ଇକ୍‌ବାଲ। ‘‘ହକି ଇଣ୍ଡିଆର ଏହା ଏକ ଅଣପେସାଦାର ନିଷ୍ପତ୍ତି। ଅଲିମ୍ପିକ୍ସ ଆଉ ୨ ବର୍ଷରୁ କମ୍ ସମୟ ଥିବାବେଳେ ବାରମ୍ବାର କୋଚ୍ ପରିବର୍ତ୍ତନ ଶୁଭଙ୍କର ନୁହେଁ। ଏହା ଆଉ ବିସ୍ମୟକର ହୋଇ ରହିନାହିଁ। ତେବେ ଏପରି ଜାରି ରହିଲେ ଦଳଠାରୁ ବିଜୟ ଆଶା କରାଯାଇପାରିବ ନାହିଁ। ଜର୍ମାନୀ ସେମିଫାଇନାଲରେ ପରାଜିତ ହୋଇଥିଲା। ସେଥିପାଇଁ ଦଳକୁ ଖରାପ କୁହାଯାଇପାରିବ ନାହିଁ’’ ବୋଲି ଇକ୍‌ବାଲ ପ୍ରକାଶ କରିଛନ୍ତି।



ହରେନ୍ଦ୍ର ସିଂ





❝ ମୁଁ ବହୁତ ଖୁସି। ଭାରତୀୟ ଦଳରୁ ଡାକରା ପାଇବି ବୋଲି ଆଶା ମଧ କରି ନ ଥିଲି। ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତିରେ ଦାୟିତ୍ୱ ନେବାକୁ ପ୍ରସ୍ତୁତ ରହିଛି ।
– ମହମ୍ମଦ ସିରାଜ, ଭାରତୀୟ ଦ୍ରୁତ ବୋଲର



❝ ଏସିଆନ୍ କପ୍‌ରେ ୩ଟି ଯାକ ମ୍ୟାଚ୍ ଆମ ପାଇଁ ସଂଘର୍ଷପୂର୍ଣ୍ଣ ରହିବ। ୟୁଏଇ ବିପକ୍ଷ ମ୍ୟାଚ୍‌ରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ।
– ଷ୍ଟିଫେନ କନ୍‌ଷ୍ଟାଣ୍ଟିନ, ଭାରତୀୟ ଫୁଟ୍‌ବଲ କୋଚ୍

## ସଂକ୍ଷେପରେ

### ଭାରତ- ୟୁଏଇ ମୁକାବିଲା ଆଜି

ଆବୁଧାବି, ୯।୧(ପି.ଟି.)- ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ଗୁରୁବାର ଆୟୋଜକ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ଭେଟିବ। ପ୍ରଥମ ମାଚ୍‌ରେ ଭାରତ ଥାଇଲାଣ୍ଡକୁ ୪-୧ ଗୋଲରେ ପରାସ୍ତ କରି ଏକ ଐତିହାସିକ ବିଜୟ ହାସଲ କରିଥିଲା। ସ୍ଥାନୀୟ ଜାଏଦ୍ ସ୍ପୋର୍ଟ୍ସ ସିଟି ଷ୍ଟାଡିୟମରେ ଘରୋଇ ୟୁଏଇ ବିପକ୍ଷରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଥାଇଲାଣ୍ଡ ବିପକ୍ଷରେ ଭାରତ ପ୍ରଥମାର୍ଦ୍ଧରେ ମ୍ୟାଚ୍ ୧-୧ ସମାନ ସ୍ତରରେ ରଖିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଦମ୍‌ଦାର ପ୍ରଦର୍ଶନ କରି ଭାରତ ଥାଇଲାଣ୍ଡ ଆକ୍ରମଣକୁ ପ୍ରତିହତ କରିବା ସହ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ସହଜରେ ମ୍ୟାଚ୍‌କୁ ହାତେଇ ନେଇଥିଲା। ଉଚ୍ଚକୋଟୀର ପ୍ରଦର୍ଶନ କରି ମ୍ୟାଚ୍ ହାତେଇବା ସହ ଭାରତ ୩ ପଏଣ୍ଟ ହାସଲ କରିଛି। ଏଥିସହ ଭାରତ ଗୋଲ ଆଭରେଜ ପ୍ଲସ୍ ୩ ହାସଲ କରିବା ସହ ଗ୍ରୁପ ଏ'ର ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଏକ ଯୁବ ଦଳ ଓ ଭଲ ପ୍ରଦର୍ଶନ କରିବାକୁ ଆଗ୍ରହୀ ବୋଲି କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ୍ କହିଛନ୍ତି। ୟୁଏଇ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ମଧ ଭାରତ ସମାନ ଗୁରୁତ୍ୱ ଦେବ। ଥାଇଲାଣ୍ଡ ବିପକ୍ଷରେ ଷ୍ଟ୍ରାଇକର ସୁନୀଲ ଛେତ୍ରୀ ଦୁଇଟି, ଅନିରୁଦ୍ଧ ଥାପ୍ପା ଓ ଜେଜେ ଲାଲପେଖଲୁଆ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ୩ ଖେଳାଳିଙ୍କୁ ବାଦ୍ ଦେଲେ ଭାରତ ଆଶିକ୍ କୁରୁନିୟାନ ଉଚ୍ଚକୋଟୀର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୟୁଏଇ ବିପକ୍ଷରେ ଭାରତ ଏହି ପ୍ରଦର୍ଶନ ଦୋହରାଇବ ବୋଲି ଆଶା କରାଯାଉଛି। ୟୁଏଇ ଫିଫା ର୍‍ୟାଙ୍କିଙ୍ଗ୍‌ର ୭୯ତମ ସ୍ଥାନରେ ରହିଛି ଓ ଗ୍ରୁପ୍ ଏ'ରେ ୟୁଏଇ ଶ୍ରେଷ୍ଠ ର୍‍ୟାଙ୍କ ଦଳ ଭାବେ ଫେଭରାଇଟ ବିବେଚିତ ହେଉଛି। ଭାରତ ୯୭ତମ ସ୍ଥାନରେ ରହିଛି। ଫଳରେ ଭାରତ ଏହି ମ୍ୟାଚ୍‌ରେ କଡ଼ା ମୁକାବିଲାର ସମ୍ମୁଖୀନ ହେବ। ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ହେଲେ ଭାରତକୁ ସବୁ ବିଭାଗରେ ଭଲ ପ୍ରଦର୍ଶନ କରିବାକୁ ହେବ। ମିଡ୍ ଫିଲ୍ଡରେ ଭାରତ ଅନିରୁଦ୍ଧ ଥାପ୍ପା ଓ ପ୍ରଣୟ ହାଲଦାରଙ୍କ ଭୂମିକା ନିର୍ଣ୍ଣାୟକ ହେବ। ଏସିଆର ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିବା ଅଲି ମାବଖୋଟ ଆହତ ହୋଇଥିବାରୁ ୟୁଏଇ ସମସ୍ୟାର ସମ୍ମୁଖୀନ ହେବ। କୋଚ୍ ଅଲବେର୍ଟୋ ଜାଚେରୋନିଙ୍କ ତତ୍ତ୍ୱାବଧାନରେ ୟୁଏଇ ଏଥର କିଛି କମାଲ କରିବା ଲକ୍ଷ୍ୟରେ ରହିଛି। ଶନିବାର ଖେଳାଯାଇଥିବା ୟୁଏଇ- ବାହାରିନ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ରେ ବିଜୟୀ ହୋଇପାରି ନ ଥିବାରୁ ୟୁଏଇ ତ୍ରୁଟି ସୁଧାରି ଭଲ ପ୍ରଦର୍ଶନ କରି ବାଜି ମାରିବାକୁ ଚେଷ୍ଟା କରିବ। ଭାରତ ବିପକ୍ଷରେ ୟୁଏଇ ଭିନ୍ନ ପ୍ରକାର ରଣନୀତି ନେଇ ପଡିଆକୁ ଓହ୍ଲାଇବ ବୋଲି ଜାଜେରୋନି କହିଛନ୍ତି। ଭାରତ ମଧ କଡ଼ା ସଂଘର୍ଷ କରି ପ୍ରଥମ ମ୍ୟାଚ୍ ଭଳି କମାଲ କରିବା ଲକ୍ଷ୍ୟରେ ରହିଛି।

### ଧୋନୀ, ଧାୱନଙ୍କ ନେଟ୍ ପ୍ରାକ୍ଟିସ୍

ସିଡ୍‌ନୀ, ୯।୧(ପି.ଟି.)- ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଟେଷ୍ଟ ସିରିଜ ବିଜୟ ପରେ ଏବେ ଦିନିକିଆ ସିରିଜ ଉପରେ ସମସ୍ତଙ୍କ ନଜର ରହିଛି। ଶନିବାରଠାରୁ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସରିଜ୍। ସିଡନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପ୍ରଥମ ଦିନିକିଆ ଖେଳାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଟିମ୍ ଇଣ୍ଡିଆ ନେଟ୍ ପ୍ରାକ୍ଟିସ୍ ଆରମ୍ଭ କରିଛି। ଆଉ କିଛି ମାସ ପରେ ଇଂଲଣ୍ଡରେ ୨୦୧୯ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଦିନିକିଆ ଫର୍ମାଟ ଉପରେ ସମସ୍ତଙ୍କ ନଜର । ଦିନିକିଆ ସ୍ପେଶାଲିଷ୍ଟ ତଥା ଅଭିଜ୍ଞ ଉଇକେଟ କିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ଓ ବରିଷ୍ଠ ଓପନର ଶିଖର ଧାୱନ୍ ଏସ୍‌ସିଜିରେ ନେଟ ପ୍ରାକ୍ଟିସ୍‌ରେ ଯୋଗ ଦେଇଛନ୍ତି। ବିଶ୍ୱକପ୍ ପୂର୍ବରୁ ଦିନିକିଆ ଫର୍ମାଟର ଏକ ଲମ୍ବା ସିଜନ ଭାରତ ଆଗରେ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ମଧ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଓ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଅଷ୍ଟ୍ରେଲିଆ ଭାରତ ଗସ୍ତରେ ଆସି ୫ଟି ଦିନିକିଆ ଓ ୨ଟି ଟି୨୦ ମ୍ୟାଚ୍ ଖେଳିବ। ଏହାପରେ ମାର୍ଚ୍ଚ ୨୯ରୁ ଆରମ୍ଭ ହେବ ୨୦୧୯ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)। ଧୋନୀ, ଧାୱନଙ୍କ ସମେତ ଅନ୍ୟ ଦିନିକିଆ ସ୍ପେଶାଲିଷ୍ଟ ରୋହିତ ଶର୍ମା, ଅମ୍ବାତି ରାୟୁଡୁ, କେଦାର ଯାଦବ, ୟୁଜବେନ୍ଦ୍ର ଚହଲ, ଦୀନେଶ କାର୍ତ୍ତିକ ଓ ଖଲିଲ ଅହମ୍ମଦ ମଧ ଭାରତୀୟ ଦଳରେ ଯୋଗ ଦେଇଛନ୍ତି। ବୁଧବାର ୪ ନୂଆ ଭାରତୀୟ ସଦସ୍ୟ ଏସ୍‌ସିଜିରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି।



କଟକରେ ଅନୁଷ୍ଠିତ ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପର ପୁରୁଷ ବିଭାଗ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।


ମହିଳା ସିଙ୍ଗଲ୍ସ ଫାଇନାଲରେ ବିଜୟୀ ହେବା ପରେ ଉଲ୍ଲସିତ ଅର୍ଚ୍ଚନା କାମଥ। (ଫଟୋ: ରାଜକିଶୋର ମହାନ୍ତି)

# ଟାଇଟଲ ହାସଲରେ ଶରଥଙ୍କ ରେକର୍ଡ

କଟକ ଅଫିସ, ୯।୧

**ଜାତୀୟ ଟିଟି ଉଦ୍‌ଯାପିତ**
- ସିଙ୍ଗଲ୍ସ ପୁରୁଷ-ଶରଥ କମଲ
- ସିଙ୍ଗଲ୍ସ ମହିଳା- ଅର୍ଚ୍ଚନା କାମଥ
- ପୁରୁଷ ଡବଲ୍ସ- ଅର୍ଜୁନ ଘୋଷ ଓ ରୋନିତ ଭଞ୍ଜ
- ମହିଳା ଡବଲ୍ସ- ନିଖତ ବାନୁ ଓ ଶ୍ରେଜା ଆକୁଲା
- ମିକ୍ସଡ ଡବଲ୍ସ- ଶରଥ କମଲ ଓ ମନିକା ବାତ୍ରା



ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ସିଙ୍ଗଲ୍ସ ପୁରୁଷ ଟାଇଟଲ ବିଜୟୀ ହୋଇଛନ୍ତି ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି)ର ଶରଥ କମଲ। ଏହି ଟାଇଟଲ ସହିତ ଶରଥ ଜାତୀୟ ଟିଟି କ୍ରୀଡ଼ା କ୍ଷେତ୍ରରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ସର୍ବାଧିକ ୯ଥର ଚାମ୍ପିୟନ ହେବାର ରେକର୍ଡ ଶରଥଙ୍କ ନାମରେ ଲିପିବଦ୍ଧ ହୋଇଛି। ୮ଥର ଜାତୀୟ ଚାମ୍ପିୟନଶିପ ଜିତିବାର ରେକର୍ଡ ପୂର୍ବତନ ଖେଳାଳି କମଲେଶ ମେହତା ଓ ଶରଥଙ୍କ ନାମରେ ଥିଲା। ଅନ୍ୟପକ୍ଷରେ ସିଙ୍ଗଲ୍ସ ମହିଳା ଟାଇଟଲ ଜିତିଛନ୍ତି ପିଏସପିବିର ଅର୍ଚ୍ଚନା କାମଥ। ପୁରୁଷ ଡବଲ୍ସ ଟାଇଟଲ ପଶ୍ଚିମବଙ୍ଗର ଅର୍ଜୁନ ଘୋଷ-ରୋନିତ ଭଞ୍ଜ, ମହିଳା ଡବଲ୍ସ ଟାଇଟଲ ତେଲେଙ୍ଗାନାର ନିଖତ ବାନୁ-ଶ୍ରେଜା ଆକୁଲା ହାସଲ କରିଛନ୍ତି।

ପୁରୁଷ ସିଙ୍ଗଲ୍ସର ଫାଇନାଲ ମୁକାବିଲା ଶରଥ ଓ ଜି ସାଥିୟାଁଙ୍କ ମଧ୍ୟରେ ହୋଇଥିଲା। ରୋମାଞ୍ଚକ ଭାବେ ଫାଇନାଲ ମୁକାବିଲା ଶେଷ ହୋଇଥିଲା। ପ୍ରଥମ ସେଟ ସାଥିୟାଁ ଜିତିଥିଲେ। ୧୩-୧୧ ପଏଣ୍ଟରେ ବିଜୟୀ ହୋଇ ସେ ଅଭିଯାନ ଆରମ୍ଭ କରିଥିଲେ। ପରବର୍ତ୍ତୀ ୨ ସେଟ ଜିତି ଶରଥ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୧୧-୫, ୧୧-୬ ପଏଣ୍ଟରେ ସେ ୨ୟ ଓ ୩ୟ ସେଟକୁ ନିଜ ନାମରେ କରିଥିଲେ। ୪ର୍ଥ ଓ ୫ମ ସେଟ ପୁନର୍ବାର ସାଥିୟାଁଙ୍କ ଅକ୍ତିଆରକୁ ଯାଇଥିଲା। ୧୧-୫, ୧୨-୧୦ ପଏଣ୍ଟରେ ସେ ବିଜୟୀ ହୋଇ ୩-୨ ସେଟର ଅଗ୍ରଣୀ ନେଇଥିଲେ। ମାତ୍ର ୬ଷ୍ଠ ସେଟକୁ ୧୧-୬ ଓ ୭ମ ସେଟକୁ ୧୪-୧୨ ପଏଣ୍ଟରେ ତଥା ମ୍ୟାଚ୍‌କୁ ୪-୩ ସେଟରେ ଜିତି ଶରଥ ଚାମ୍ପିୟନ ହୋଇଛନ୍ତି। ମହିଳା ସିଙ୍ଗଲ୍ସରେ ଅର୍ଚ୍ଚନା କାମଥ ୪-୨ ସେଟରେ ପଶ୍ଚିମବଙ୍ଗର କ୍ରୀତିକା ସିହ୍ନା ରାୟଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧ମ, ୩ୟ, ୪ର୍ଥ ଓ ୬ଷ୍ଠ ସେଟକୁ ଅର୍ଚ୍ଚନା(୧୨-୧୦, ୧୧-୯, ୧୨-୧୦, ୧୧-୩) ଜିତିଥିବା ବେଳେ କ୍ରୀତିକା ୨ୟ ଓ ୫ମ (୮-୧୧, ୭-୧୧) ସେଟରେ ବିଜୟୀ ହୋଇଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ଅର୍ଜୁନ ଘୋଷ-ରୋନିତ ଭଞ୍ଜ ୩-୧ ସେଟରେ ଆରଏସ୍‌ପିବିର ଅନିର୍ବାଣ ଘୋଷ-ଅନିର୍ବାଣ ନନ୍ଦୀଙ୍କୁ ଓ ମହିଳା ଡବଲ୍ସ ଫାଇନାଲରେ ତେଲେଙ୍ଗାନାର ନିଖତ ବାନୁ-ଶ୍ରେଜା ଆକୁଲା ୩-୧ ସେଟରେ ମହାରାଷ୍ଟ୍ରର ଅନନ୍ୟା ବଶକ-ଏଚ୍ ସୃଷ୍ଟିଙ୍କୁ ହରାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଡି.ପି. ବାଗଚୀ, ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ. ପି. ସିଂ, ଉପସଭାପତି ସଞ୍ଜୟ ସିଂ, ଉପଦେଷ୍ଟା ଧନରାଜ ଚୌଧୁରୀ, କୋଷାଧ୍ୟକ୍ଷ ଅରୁଣ ବାନାର୍ଜୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ, କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଇଲେଭେନ ସ୍ପୋର୍ଟ୍ସ ଅଧ୍ୟକ୍ଷ କମଲେଶ ମେହତା, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ଏଲ ଏନ ଗୁପ୍ତା, ଉପସଭାପତି ସଞ୍ଜୟ ସିଂ, ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ମାର୍ଟିନ ଆହତ

ନୂଆଦିଲ୍ଲୀ, ୯।୧

ପୂର୍ବତନ ଭାରତୀୟ କ୍ରିକେଟର ଜ୍ୟାକବ ମାର୍ଟିନ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ସପ୍ତାହ ପୂର୍ବରୁ ମୋଟରସାଇକେଲରେ ଯିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲୁ ରହିଛି। ଏ ସଂକ୍ରାନ୍ତରେ କ୍ରିକେଟର ୟୁସୁଫ୍ ପଠାନ ଟୁଇଟ କରି ସୂଚନା ଦେଇଛନ୍ତି। ବରୋଦା ପକ୍ଷରୁ ଖେଳିଥିବା ୪୬ ବର୍ଷୀୟ ମାର୍ଟିନ ୧୯୯୯ ୨୦୦୧ ମଧ୍ୟରେ ୧୦ଟି ଦିନିକିଆ ଖେଳିଛନ୍ତି। ୧୯୯୯ ସେପ୍ଟେମ୍ବର ୧୧ ତାରିଖରେ ଟରଣ୍ଟୋରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସେ ଦିନିକିଆ ପଦାର୍ପଣ କରିଥିଲେ। ୨୨.୫୭ ରନ ହାରରେ ଗୁଜରାଟରେ ଏହି କ୍ରିକେଟର ୧୫୮ ରନ ସଂଗ୍ରହ କରିଛନ୍ତି। ବରୋଦାକୁ ବାଦ୍ ଦେଲେ ସେ ରେଲୱେ ତରଫରୁ ମଧ ଘରୋଇ କ୍ରିକେଟ ଖେଳିଛନ୍ତି। ୧୩୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ମାର୍ଟିନ ୪୬. ୬୫ ରନ ହାରରେ ୯୧୯୨ ରନ ସଂଗ୍ରହ କରିଛନ୍ତି।

## ମହିଳାଙ୍କୁ ଆପତ୍ତିଜନକ ମନ୍ତବ୍ୟ
# ପାଣ୍ଡ୍ୟା, ରାହୁଲଙ୍କୁ କାରଣଦର୍ଶାଅ ନୋଟିସ୍

ନୂଆଦିଲ୍ଲୀ, ୯।୧(ପି.ଟି.)

ଏକ ଟିଭି ଶୋ'ରେ ମହିଳାଙ୍କୁ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଦୁଇ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ କ୍ରିକେଟ ପ୍ରଶାସକ କମିଟି (ସିଓଏ) କାରଣଦର୍ଶାଅ ନୋଟିସ ଜାରି କରିଛି। ୨୪ ଘଣ୍ଟା ମଧ୍ୟରେ ସଫେଇ ଦେବାକୁ ଏହି ଦୁଇଜଣଙ୍କୁ କୁହାଯାଇଛି।

ଜଣାଶୁଣା ସିନେମା ନିର୍ଦ୍ଦେଶକ କରନ ଜୋହରଙ୍କ ଦ୍ୱାରା ଆୟୋଜିତ ହେଉଥିବା ଲୋକପ୍ରିୟ ଟିଭି ଶୋ' 'କଫି ୱିଥ୍ କରନ'ରେ ପାଣ୍ଡ୍ୟା ଓ ରାହୁଲ ମହିଳାଙ୍କ ସମ୍ବନ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏ ନେଇ ଆଲୋଚନା ପର୍ଯ୍ୟାଲୋଚନା ସୃଷ୍ଟି ହେବା ପରେ ଅବଶ୍ୟ ପାଣ୍ଡ୍ୟା ନିଜ ମନ୍ତବ୍ୟ ପାଇଁ କ୍ଷମା ମାଗିଥିଲେ। ଶୋ'ର ପରିଚାଳନା ଶୈଳୀରେ ମୁଁ ଅତ୍ୟଧିକ ଉତ୍ସାହିତ ହୋଇପଡି ଅଜାଣତରେ ଏପରି ମନ୍ତବ୍ୟ ଦେଇଥିଲି ବୋଲି ପାଣ୍ଡ୍ୟା କହିଛନ୍ତି। ମୋ ମନ୍ତବ୍ୟରେ ଯଦି କେହି ଆଘାତ ପାଇଥାନ୍ତି ତାହେଲେ ମୁଁ ଦୁଃଖିତ। କାହାକୁ ଅସମ୍ମାନ କରିବା ମୋର ଉଦ୍ଦେଶ୍ୟ ନ ଥିଲା ବୋଲି ପାଣ୍ଡ୍ୟା କହିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ ଆମେ ପାଣ୍ଡ୍ୟା ଓ ରାହୁଲଙ୍କ ନିକଟକୁ କାରଣଦର୍ଶାଅ ନୋଟିସ୍ ଜାରି କରିଛୁ ବୋଲି ସିଓଏ ମୁଖ୍ୟ ବିନୋଦ ରାୟ କହିଛନ୍ତି।

ନିଜ ସେକ୍ସ ଲାଇଫ୍ ଉପରେ ଖୋଲାଖୋଲି ମନ୍ତବ୍ୟ ଦେବା ଓ ଏ ନେଇ ନିଜ ପରିବାର ସଦସ୍ୟଙ୍କ ଖୋଲା ଚିନ୍ତାଧାରା ନେଇ ପାଣ୍ଡ୍ୟା ନିଜର ମତ ରଖିଥିଲେ। ଯେତେବେଳେ ପ୍ରଥମେ କୌଣସି ଝିଅ ସହ ଶାରୀରିକ ସମ୍ପର୍କ ରଖିଥିଲି ସେତେବେଳେ ଏ ନେଇ ଘର ଲୋକଙ୍କୁ ଖୋଲାଖୋଲି ଭାବେ ଜଣାଇଥିଲି। କ୍ଲବ୍ କିମ୍ବା ପାର୍ଟିରେ ମହିଳାଙ୍କୁ ସେମାନଙ୍କ ନାଁ କାହିଁକି ପଚାରନ୍ତି ନାହିଁ ବୋଲି କରନ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ଦେବାକୁ ଯାଇ ପାଣ୍ଡ୍ୟା ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ମହିଳାଙ୍କ ନାଁ ପଚାରିବା ଅପେକ୍ଷା ସେମାନଙ୍କ ଚାଲିଚଳନ ଦେଖିବାକୁ ଅଧିକ ପସନ୍ଦ କରିଥାଏ ବୋଲି ପାଣ୍ଡ୍ୟା କହିଥିଲେ। ଏହାପରେ ପାଣ୍ଡ୍ୟାଙ୍କୁ ବିଭିନ୍ନ ମହଲରୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡିଥିଲା। ତେବେ ଏହି ଶୋ' ଅବସରରେ ଉତ୍ତର ଦେବା ବେଳେ ରାହୁଲ ପାଣ୍ଡ୍ୟାଙ୍କ ଭଳି ସୀମା ଲଂଘନ କରି ନ ଥିଲେ ମଧ କେତେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ।

# ନିମପୁର ସ୍ପୋର୍ଟିଂ ସେମିରେ

ନିମାପଡ଼ା, ୯।୧(ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ବାରବାଟୀ ପଡିଆରେ ଅନୁଷ୍ଠିତ ୧୦ମ ରାଜ୍ୟସ୍ତରୀୟ ନିମାପଡ଼ା କପ୍ ପ୍ରତିଯୋଗିତାର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂକୁ ୫ ଉଇକେଟରେ ପରାସ୍ତ କରି ନିମପୁର ସ୍ପୋର୍ଟିଂ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ରାମେଶ୍ୱର ସ୍ପୋର୍ଟିଂ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବିଶ୍ୱଜିତ ଭୂୟାଁଙ୍କ ୬୭ରନ ଓ ନରେନ୍ଦ୍ର ଦାସଙ୍କ ୩୭ରନ ବଳରେ ଦଳ ସମସ୍ତ ଉଇକେଟ ହରାଇ ୧୮୫ରନ କରିଥିଲା। ଜବାବରେ ନିମପୁର ସ୍ପୋର୍ଟିଂ ୫ ଉଇକେଟ ହରାଇ ୧୮୬ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସୁମିତ୍ ମହାପାତ୍ର ୮୦ରନ ଓ ବିକ୍ରମ ସାମଲ ୩୪ରନ ସଂଗ୍ରହ କରିଥିଲେ। ଅମ୍ପାୟର ସତ୍ୟନ୍ଦ୍ରମୋହନ ମହାନ୍ତି ଓ ଅୟଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ନିମପୁର ସ୍ପୋର୍ଟିଂର ସୁମିତ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ରାମେଶ୍ୱର ସ୍ପୋର୍ଟିଂର ବିଶ୍ୱଜିତ ଭୂୟାଁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅତିଥିଭାବେ ଡା. ଶଶାଙ୍କ ଶେଖର ନାୟକ, ଶ୍ୱେତପର୍ଣ୍ଣା ରାୟ ମହାପାତ୍ର ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଗୁରୁବାର ଆୟୋଜିତ ୪ର୍ଥ କ୍ୱାର୍ଟର ଫାଇନାଲ ଇଲେଭେନଷ୍ଟାର ଯାଜପୁର ଓ ଭୁବନେଶ୍ୱର ପ୍ରଗତୀ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।



ସୁମିତ୍ ମହାପାତ୍ର ଓ ବିଶ୍ୱଜିତ ଭୂୟାଁଙ୍କୁ ପୁରସ୍କୃତ କରାଯାଉଛି।

**ନିମାପଡ଼ା କପ୍**

# ଫାଇନାଲରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ

ବାଙ୍କୀ, ୯।୧ (ସ୍ୱ.ପ୍ର)

**ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ**

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରିପଡ଼ା ମହାବେରେଣା କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୧ତମ ହରିଶ୍ଚନ୍ଦ୍ର ମିଶ୍ର ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍ ବାଙ୍କୀ ଆଥଲେଟିକ ଆସୋସିଏଶନ ଓ ଖୋର୍ଦ୍ଧା କଳିଙ୍ଗ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଙ୍କୀ ଆଥଲେଟିକ୍ ଆସୋସିଏଶନ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୭୭ ରନ୍ କରିଥିଲା। ଦଳର ସବୀର ବେହେରା ୬୦ ରନ୍ କରି ଅପରାଜିତ ରହିଥିଲେ। ବିପକ୍ଷ ଦଳର ଅମିତ ବେହେରା ୩ଟି ଏବଂ ସ୍ୱାଧୀନ ପାଇକରାୟ ଓ ସିଦ୍ଧାର୍ଥ ମହାନ୍ତି ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ୧୭୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଖୋର୍ଦ୍ଧା କଳିଙ୍ଗ କ୍ଲବ ୧୭.୫ ଓଭରରେ ୧୦ ଉଇକେଟ୍ ହରାଇ ୧୨୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ପ୍ରାଣବନ୍ଧୁ ସାମନ୍ତରାୟ ସର୍ବାଧିକ ୨୮ ରନ ସଂଗ୍ରହ କରିଥିଲେ। ବାଙ୍କୀ ଦଳର ଅସୀମା ନନ୍ଦ ରାଉତରାୟ ଓ ଜ୍ୟୋତି ରଞ୍ଜନ ଦାସ ୩ଟି ଲେଖାଏ ଉଇକେଟ ନେଇଥିଲେ। ବିଜୟୀ ଦଳର ସବୀର ବେହେରାଙ୍କୁ ଅତିଥି ଜୟପ୍ରକାଶ ମିଶ୍ର ଓ ବ୍ରଜବନ୍ଧୁ ଦାସ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଭଗବାନ ପ୍ରଧାନ ଓ ଶରତ ରାଉତ ମ୍ୟାଚ୍ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ମନୋଜ ଦାସ, ହରିଶ୍ଚନ୍ଦ୍ର ତ୍ରିପାଠୀ ଓ ସ୍ୱାଧୀନ ନାୟକ କାର୍ଯ୍ୟ ତୁଲାଇଥିଲେ। ସ୍କୋରର ଥିଲେ ପ୍ରଭାତ ପଣ୍ଡା, ଭାସ୍କର ପରିଡ଼ା ଓ ଚନ୍ଦ୍ରମଣି ନାୟକ। ଗୁରୁବାର ଭାଲିଆବାଡ଼ି ଖୋର୍ଦ୍ଧା ଓ ବୈଦେଶ୍ୱର ଦଳ ମଧ୍ୟରେ ମ୍ୟାଚ୍ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସଦାଶିବ ଦାସ ଜଣାଇଛନ୍ତି।


ଅତିଥିଙ୍କଠାରୁ ସବିର ବେହେରା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# ସେମିଫାଇନାଲରେ ସ୍କାନ୍

ରାଜନଗର, ୯।୧ (ଡି.ଏନ.ଏ.)

**ଚଞ୍ଚଳା ଟ୍ରଫି**

ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ରାଜନଗରସ୍ଥିତ ବଡ଼ପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡାର ବାଲାବାବା କ୍ରିକେଟ ଟିମ୍‌କୁ ୩୧ ରନ୍‌ରେ ହରାଇ ଭୁବନେଶ୍ୱରର ସ୍କାନ୍ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ସ୍କାନ୍ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଦଳ ପକ୍ଷରୁ କୌଶିକ ଦାସ ୨୦ ବଲରେ ୩୭, ସୁକାନ୍ତ ଦାସ ୩୬ ବଲରେ ୬୬ ରନ କରିଥିଲେ। ବାଲାବାବା କ୍ରିକେଟ ଟିମ୍‌ର ଅସିତ୍ ଦାସ ୪ ଓଭର ବୋଲିଂ କରି ୨୬ ରନ ଦେଇ ୨ ଉଇକେଟ, ଉତ୍କଳ ରାଉତ ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ବାଲାବାବା କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ କରିବା ପାଇଁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଉତ୍କଳ ରାଉତ ୨୭ ବଲରୁ ୪୨, ରୋହିତ ଗାହାଣ ୨୫ ବଲରୁ ୫୨ ରନ୍ କରିଥିଲେ। ସ୍କାନ୍ ସ୍ପୋର୍ଟିଂର ରବୀନ୍ଦ୍ର ନାୟକ ୪ ଓଭରରେ ୨୪ ରନ ଦେଇ ୩ଟି, ଏବଂ ସୁକାନ୍ତ ଦାସ ଓ ମୋହନ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ସ୍କାନ୍ ସ୍ପୋର୍ଟିଂର ସୁକାନ୍ତ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ମହେଶ୍ୱର ବଳ, ମହେଶ୍ୱର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ନିରୋଦ ବଳ, ସୁବାସ ଚନ୍ଦ୍ର ପ୍ରଧାନ ଖେଳ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୦/୨୦୧୯ Bhubaneswar, Thursday, January 10/2019

## ସଂକ୍ଷେପରେ

### ରାସ୍ତାକଡ଼ରୁ ଡ୍ରାଇଭରଙ୍କ ମୃତଦେହ ଉଦ୍ଧାର
## ହତ୍ୟା ଅଭିଯୋଗ ଆଣିଲେ ବଡ଼ଭାଇ

**କଳିଙ୍ଗନଗର/ଡୁବୁରୀ, ୯।୧(ଡି.ଏନ୍.ଏ.):** କଳିଙ୍ଗନଗର ପୋଲିସ ବୁଧବାର ସୁଳିଆ ଗ୍ରାମ ମୁଣ୍ଡ ରାସ୍ତାକଡ଼ରୁ ଜଣେ ଡ୍ରାଇଭରଙ୍କ ମୃତ ଦେହ ଉଦ୍ଧାର କରିଛି। ମୃତ ଡ୍ରାଇଭର ଜଣଙ୍କ ମଣ୍ଡପଡା ଗ୍ରାମର ଗୋବର୍ଦ୍ଧନ ମହାନ୍ତ (୪୮)। ତେବେ ଗୋବର୍ଦ୍ଧନଙ୍କ ମୁଣ୍ଡରେ ଖୁବ୍ ଜୋରରେ ଆଘାତ ଲାଗିଥିବାବେଳେ ଦେହରେ ଚାଦର ଘୋଡାଇ ହୋଇଥିବାରୁ ତାଙ୍କୁ କେହି ହତ୍ୟା କରି ରାସ୍ତା କଡରେ ଫିଙ୍ଗି ଦେଇଥିବା ଗୋବର୍ଦ୍ଧନଙ୍କ ବଡ଼ ଭାଇ ଦେବେନ୍ଦ୍ର ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୬/୧୯) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୋବର୍ଦ୍ଧନ ମଙ୍ଗଳବାର ରାତିରେ କୌଣସି ଏକ କାମରେ ବାଇକ୍‌ରେ ସୁଳିଆ ଗ୍ରାମକୁ ଯାଇଥିଲେ। ସକାଳୁ ସୁଳିଆ ଗ୍ରାମ ଲୋକେ ରାସ୍ତା କଡ଼ରେ ଗୋବର୍ଦ୍ଧନ ମରି ପଡିଥିବାର ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ କଳିଙ୍ଗନଗର ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ବାଇକଟିକୁ ଜବତ କରିବାସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

## ହତ୍ୟା ଉଦ୍ୟମ ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା, ୯।୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ବୁଧବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ନେଉଳପୁର ଗ୍ରାମର ବାବୁନା ସେଠୀ। ପ୍ରକାଶ ଯେ, ଗ୍ରାମର ସେକ୍ ସାହିଲ ଚାନ୍ଦକୁ ଗତ ବର୍ଷ ସେପ୍ଟେମ୍ବରରେ ସେହି ଗ୍ରାମର ବାବୁନା ସେଠୀ ଓ ସେକ ଓରେଲ ଖଣ୍ଡାରେ ଅକ୍ରମଣ କରିଥିଲେ। ସାହିଲଙ୍କ ମୁଣ୍ଡରେ ଗଭିର ଆଘାତ ଲାଗବାରୁ ସେ ଗୁରୁତର ହୋଇପଡିଥିଲେ। ଚିକିତ୍ସାପରେ ସେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୪୫୯/୧୮) ରୁଜୁକରି ତଦନ୍ତ ଚଳାଇଥିବାବେଳେ ବୁବୁନା ଓ ଓରେଲ ଫେରାର ହୋଇଯାଇଥିଲେ। କିନ୍ତୁ ମଙ୍ଗଳବାର ପୁନଶ୍ଚ ବାବୁନା ସାହିଲ ଚାନ୍ଦଙ୍କୁ ହାଣିବା ପାଇଁ ଉଦ୍ୟମ କରିଥିଲେ। ସାହିଲଙ୍କ ଅଭିଯୋଗ କ୍ରମେ ଧର୍ମଶାଳା ପୋଲିସ ଏକ ମାମଲା (୧୨/୧୯) ରୁଜୁ କରି ଅଭିଯୁକ୍ତ ବାବୁନା ସେଠୀଙ୍କୁ ବିଳମ୍ବିତ ରାତିରେ ଗିରଫ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ଧାନ ସଂଗ୍ରହରେ ଦୁର୍ନୀତି
# ପ୍ୟାକ୍ସ କର୍ମଚାରୀ, ମଧ୍ୟସ୍ଥ ମାଲାମାଲ

**ଯାଜପୁର ଅଫିସ,୯।୧**

- ଭାଷଣରେ ସୀମିତି ନେତାଙ୍କ କାର୍ଯ୍ୟ
- ଉତ୍ପାଦନରୁ ୨୦ପ୍ରତିଶତ ହେଉଛି ସଂଗ୍ରହ
- ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଜିଲାର ଚାଷୀ ଯେପରି ମଣ୍ଡିରେ ଧାନ ବିକ୍ରି କରି ନିର୍ଦ୍ଧାରିତ ସମୟରେ ସହାୟକ ମୂଲ୍ୟ ପାଇବେ ସେଥିପାଇଁ ପ୍ରତିବର୍ଷ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଧାନ ସଂଗ୍ରହ କମିଟି ବୈଠକରେ ଗୁରୁତ୍ୱାରୋପ କରାଯାଉଛି। ଜିଲା ପରିଷଦ ସଭାପତି ପ୍ରାୟ ବୈଠକରେ ଉପସ୍ଥିତ ରୁହନ୍ତି। ଆଉ ଧାନ ସଂଗ୍ରହ ସମୟରେ ଯେପରି ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଏ ସେନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥାନ୍ତି। କିନ୍ତୁ ପରବର୍ତ୍ତି ସମୟରେ ଧାନ କିଣା ହେଲା କି ନାହିଁ, ପ୍ୟାକ୍ସ କେତେ ଖୋଲିଲା, ଚାଷୀ ଉପଯୁକ୍ତ ଭାବେ ପାଉଣା ପାଉଛନ୍ତି କି ନାହିଁ ଆଦି ବୁଝିବାକୁ ତାଙ୍କ ପାଖରେ ସମୟ ନ ଥାଏ। ଲୋକ ପ୍ରତିନିଧିଙ୍କ ଏଭଳି ଅବହେଳା ଓ ମଧ୍ୟସ୍ଥମାନଙ୍କ ସହିତ ମଧୁଚନ୍ଦ୍ରିକା ଜିଲାର ଧାନ ସଂଗ୍ରହକୁ ଭଣ୍ଡୁର କରି ଆସିଛି। ବାସ୍ତବ କଥା ହେଲା ମଧ୍ୟସ୍ଥଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଧାନ ଉତ୍ପାଦନର ମାତ୍ର ୨୦ ରୁ ୨୫ ପ୍ରତିଶତ ସରକାରୀ ଭାବେ ସଂଗ୍ରହ କରାଯାଉଛି। କିନ୍ତୁ ଚଳିତବର୍ଷ ସରକାର ଧାନ ସଂଗ୍ରହ ପରିମାଣକୁ ୨ଗୁଣ ବୃଦ୍ଧି କରିଛନ୍ତି। ଏପରିକି ଧାନ ସଂଗ୍ରହରେ ଭାଗ ନେଇ ନ ଥିବା ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସମବାୟ ସମିତିର ନିବନ୍ଧକ ନିର୍ଦ୍ଦେଶ ଜାରି କରିଛନ୍ତି।

ଚଳିତ ବର୍ଷ ଖରିଫ ଋତୁ ଧାନ ସଂଗ୍ରହ କ୍ଷେତ୍ରରେ ଅବହେଳା ଜିଲା ପ୍ରଶାସନ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। କ୍ରୟ ସଂସ୍ଥାର ଅଧିକାରୀ ଓ ପ୍ରତିନିଧିମାନେ ବହୁ ମଣ୍ଡିରେ ପହଞ୍ଚି ନ ଥିବାରୁ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀଙ୍କୁ ଦୀର୍ଘ ସମୟ ଧରି ପ୍ରତୀକ୍ଷା କରିବାକୁ ପଡୁଛି। ଧାନ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଜିଲାର ଅଧିକାଂଶ ଚାଷୀ ନିର୍ଦ୍ଧାରିତ ମୂଲ୍ୟଠାରୁ ୫୦୦/୬୦୦ ଟଙ୍କା କମ୍‌ରେ କଷ୍ଟୋପାର୍ଜିତ ଧାନକୁ ଇତିମଧ୍ୟରେ ମଧ୍ୟସ୍ଥ ହାତରେ ବିକ୍ରି କରି ସାରିଛନ୍ତି। ଆଉ ଏବେ ଯେଉଁ ଧାନ ସଂଗ୍ରହ ହେଉଛି ତାହା ଚାଷୀଙ୍କ ପରିଚୟପତ୍ର ବଳରେ ମଧ୍ୟସ୍ଥମାନେ ହିଁ ଧାନ ବିକ୍ରି କରୁଛନ୍ତି। ଜିଲାର ୧,୦୮,୭୦୪ ହେକ୍ଟର ଜମିରେ ପ୍ରାୟ ୨୭,୦୯,୧୫୦ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଥାଏ। ସେଥିରୁ ସରକାରୀ ଭାବେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ମାତ୍ର ୫,୪୪,୧୧୭ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରତିବର୍ଷ ହାରାହାରି ଭାବେ ୮ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥାଏ। ବାକି ପ୍ରାୟ ୨୦ଲକ୍ଷ କୁଇଣ୍ଟାଲ ଧାନକୁ ଚାଷୀ ବାଧ୍ୟ ହୋଇ ମଧ୍ୟସ୍ଥ ହାତରେ ଟେକି ଦେଇଥାନ୍ତି। ନିଜ କର୍ମୀ ଓ ଠିକାଦାରଙ୍କୁ ମଧ୍ୟସ୍ଥ ସଜାଇ ସେମାନଙ୍କୁ ମାଲାମାଲ କରିବାକୁ ଜିଲାର କେତେକ ପ୍ରଭାବଶାଳୀ ନେତାଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ନୀରବ ରହି ଏଭଳି କାର୍ଯ୍ୟ କରିଥାଏ। କିନ୍ତୁ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟ ଧାନ ସଂଗ୍ରହ ପରିମାଣକୁ ୨ଗୁଣ ବୃଦ୍ଧି କରି ଚାଷୀଙ୍କ ଆସ୍ଥାଭାଜନ ହେବାକୁ ପ୍ରଶାସନ ଉଦ୍ୟମ କରିଛି। କିନ୍ତୁ ପ୍ରାରମ୍ଭରୁ ଯଦି ମଣ୍ଡି ଖୋଲିବାରେ ତତ୍ପରତା ପ୍ରକାଶ କରିଥାନ୍ତେ ତେବେ ଚାଷୀ ନିଶ୍ଚିତ ଭାବରେ ଉପକୃତ ହୋଇ ପାରିଥାନ୍ତେ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷେ ବୁଧବାର ୯ ତାରିଖ ସୁଦ୍ଧା ଜିଲାର ୧୨୦ଟି ପ୍ୟାକ୍ସ ମଧ୍ୟରୁ ୯୯ଟି ପ୍ୟାକ୍ସ ଜରିଆରେ ୨,୬୪,୮୪୨.୧୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏଥିରେ ୧୧ଟି ମିଲର୍ସ ଭାଗ ନେଇଥିବାବେଳେ ହରେକୃଷ୍ଣ ରାଇସ ପ୍ରୋସେସିଂ ଆଣ୍ଡ ଏକ୍ସପୋର୍ଟ ସର୍ବନିମ୍ନ ୧୪୬୪.୭୭ କୁଇଣ୍ଟାଲ, ଏସ୍‌ଜିଏସ୍ ଫୁଡ ପ୍ରଡକ୍ସ ୨୮୭୦.୪୪ କୁଇଣ୍ଟାଲ, ବାବା ଚନ୍ଦ୍ରଶେଖର ରାଇସ ମିଲ ୩୫୯୬.୯୦ କୁଇଣ୍ଟାଲ ଧାନ ସଂଗ୍ରହ କରିଛନ୍ତି। କୃପାଳୁ ରାଇସ ମିଲ୍ ସର୍ବାଧିକ ୯୪୮୮୨.୫୩ କୁଇଣ୍ଟାଲ ଧାନ ସଂଗ୍ରହ କରିଛି। ପୂର୍ବରୁ ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବରେ ମିଲର୍ସଙ୍କ ଉପରେ ନିର୍ଭର କରୁଥିବାରୁ ଚାଷୀମାନେ ବିଭିନ୍ନ ଭାବରେ କ୍ଷତିଗ୍ରସ୍ତ ହେଉଥିଲେ। ଚାଷୀଙ୍କୁ ଏହି କ୍ଷତିରୁ ରକ୍ଷା କରିବାକୁ ରାଜ୍ୟ ସରକାର ସରକାରୀ ଓ ସରକାରଙ୍କ ଅଧିକୃତ ପ୍ୟାକ୍ସ ଜରିଆରେ ଧାନ ସଂଗ୍ରହ କରୁଛନ୍ତି। କିନ୍ତୁ ପ୍ୟାକ୍ସ କର୍ମଚାରୀମାନେ ନିଜର ଫାଇଦା ଦେଖି ବିଳମ୍ବରେ ଅବା ଆଦୌ ମଣ୍ଡି ଖୋଲି ନ ଥିବାରୁ ପୂର୍ବଭଳି ଚାଷୀ ଆହୁରି କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ ଏଆର୍‌ସିଏସ୍ ବେଣୁଧର ମଲ୍ଲିକ ମଣ୍ଡି ଖୋଲି ନ ଥିବା ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି କହିଛନ୍ତି। ରାଜ୍ୟ ସମବାୟ ସମିତିର ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୮୮୧/୯।୧।୨୦୧୯ରେ ୨ଦିନ ମଧ୍ୟରେ ଯେଉଁ ପ୍ୟାକ୍ସ କର୍ମଚାରୀ ମଣ୍ଡି ଖୋଲି ନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆର୍‌ସିଏସଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଏଠାରେ କେତେଜଣ ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ଚାଷୀ ମହଲ ଅପେକ୍ଷାରେ ବସିଛନ୍ତି।

### ମା’ ଧବଳେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ
## ହରିପୁର ପିସିସି ଚାମ୍ପିୟନ

**ଯାଜପୁର ଅଫିସ,୯।୧**

ଯାଜପୁର ବ୍ଲକ ଛତିଶଦେବିଲ ଖେଳ ପଡ଼ିଆରେ ଚାଲିଥିବା ମା’ ଧବଳେଇ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହରିପୁର ପିସିସି କ୍ରିକେଟ କ୍ଲବ ୪୭ରନ ବ୍ୟବଧାନରେ ବିସ୍ମିଲା ରଘୁନାଥକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ହରିପୁର ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ଓଭରରେ ୪ଉଇକେଟ ହରାଇ ୧୩୪ରନ୍ ସଂଗ୍ରହ କରିଥିଲା। ଜବାବରେ ରଘୁନାଥ ସମସ୍ତ ଉଇକେଟ ହରାଇ ମାତ୍ର ୮୭ରନ ସଂଗ୍ରହ କରିଥିଲା। ମ୍ୟାଚକୁ ଜଗଦୀଶ ବିଶ୍ୱାଳ ଓ ସୁବ୍ରତ ବିଶ୍ୱାଳ ପରିଚାଳନା କରିଥିବାବେଳେ ଦେବବ୍ରତ ବିଶ୍ୱାଳ, ରସିଦ ଖାନ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ ଓ ସମାଜସେବୀ ପ୍ରେମାନନ୍ଦ ବିଶ୍ୱାଳ ମୁଖ୍ୟଅତିଥି, ନୀଳମଣି ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ମଧୁସୁଦନ ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇଥିଲେ। ଟୁକୁନି ମାଝି ମ୍ୟାନ ଅଫ ଦି ମ୍ୟାଚ ଓ ସୁନୀଲ ମହାନ୍ତି ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ।

### ପ୍ରଥମ ବାର୍ଷିକ କେପିଏଲ ଉଦ୍‌ଘାଟିତ
## ଉଦ୍‌ଘାଟନୀ ମ୍ୟାଚରେ ଇଲେଭେନ ଷ୍ଟାର ବିଜୟୀ

**ରସୁଲପୁର, ୯।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଖଣ୍ଡିତର ନୋଡାଲ ହାଇସ୍କୁଲ ଖେଳପଡିଆରେ ବୁଧବାର ଖଣ୍ଡିତର ପ୍ରିମିୟମ ଲିଗ୍ ଟୁର୍ନାମେଣ୍ଟ (କେପିଏଲ) ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଏମଡିସିସି ଏକାଦଶ, ମଲପଡ଼ାକୁ ହରାଇ ଇଲେଭେନ ଷ୍ଟାର ବିଜୟୀ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ କେପିଏଲର ସଭାପତି ନିରୋଦ ଭୂଷଣ କର ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ



କ୍ରିକେଟ୍ ମ୍ୟାଚ୍‌କୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ରସୁଲପୁର ବିଡିଓ ଉମାକାନ୍ତ ପରିଡା ମୁଖ୍ୟ ଅତିଥିଭାବରେ ଯୋଗଦେଇ ଖେଳାଳିଙ୍କୁ ଖେଳୁଆଡ ମନୋଭାବ ନେଇ ଖେଳିବା ସହ ଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବରେ ଶିକ୍ଷକ ସୁନନ୍ଦ କୁମାର ରାଉତ, ଦଳିତ ନେତା ଗୟାଧର ମଳିକ, ସ୍ଥାନୀୟ ସରପଞ୍ଚ ଗୋଲଖ ବିହାରୀ ପଣ୍ଡା, ରବୀନ୍ଦ୍ର ପୃଷ୍ଟି, ସନ୍ତୋଷ ପୃଷ୍ଟି, ଅରୁଣ କୁମାର ସାହୁ, ଫାଲଗୁନି ବିଭୂକଲ୍ୟାଣ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ନିଲମ୍ବିତ କଲେ ଜିଲାପାଳ

**ଚଣ୍ଡିଖୋଲ, ୯।୧ (ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ବାଲିକୁଦା ଓ ବିକ୍ରମତିରଣ ପଞ୍ଚାୟତର ଦାୟିତ୍ୱରେ ରହିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ତପନ କୁମାର ବେହେରାଙ୍କୁ ଯାଜପୁର ଜିଲାପାଳ ନିଲମ୍ବିତ କରିଛନ୍ତି। ତପନ ସରକାରୀ କାର୍ଯ୍ୟରେ ଅବହେଳା କରିବା ସହିତ ପଞ୍ଚାୟତକୁ ଆଦୌ ଯାଉ ନ ଥିଲେ କିମ୍ବା ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରୁ ନ ଥିଲେ। ଏହାସହ ଉପରିସ୍ଥ ଅଧିକାରୀ ବାରମ୍ବାର ତାଗିଦ କଲେ ସୁଦ୍ଧା ଅଧିକାରୀଙ୍କ ନିର୍ଦ୍ଦେଶକୁ ଖାତିର କରୁ ନ ଥିଲେ। ଏସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ପରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ବୁଧବାର ତାଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ଏହାର ଏକ ନିର୍ଦ୍ଦେଶନାମା ବଡ଼ଚଣା ବିଡିଓ ଓ ପଞ୍ଚାୟତିରାଜ ବିଭାଗକୁ ପଠାଯାଇଛି।

### ଦୁଇ ସ୍ଥାନରେ ଦୁର୍ଘଟଣା
## ବିଦେଶୀ ଇଞ୍ଜିନିୟର ମୃତ, ୪ ଆହତ

**ଚଣ୍ଡିଖୋଲ, ୯।୧ (ଡି.ଏନ୍.ଏ.)**

୧୬ ନଂ ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ କଢେଇ ଛକ ନିକଟରେ ବୁଧବାର ଅପରାହ୍ନରେ ଛିଡ଼ା ହୋଇଥିବା ଏକ ଟ୍ରଲର ପଛକୁ ଏକ କାର ଧକ୍କାଦେବାରୁ ଜଣେ ବିଦେଶୀ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ବିଦେଶୀ ଇଞ୍ଜିନିୟର କାଇ ଯୁହେଙ୍ଗଙ୍କ ସମେତ ଅନ୍ୟ ଦୁଇ ଯୁବକ ଭୁବନେଶ୍ୱରସ୍ଥିତ ଜିନ୍ଦଲ କାରଖାନାରୁ ଯାଜପୁର କଳିଙ୍ଗନଗରସ୍ଥିତ ଜିନ୍ଦଲ କାରଖାନାକୁ ଏକ କାର୍ ଯୋଗେ ଯାଉଥିଲେ। କଢେଇ ଛକ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ମାଲ୍ ବୋଝେଇ ଟ୍ରଲର ପଛକୁ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ବିଦେଶୀ ଇଞ୍ଜିନିୟରଙ୍କ ସମେତ ଅନ୍ୟ ଦୁଇ ଯୁବକ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ବିଦେଶୀ ଇଞ୍ଜିନିୟର ଯୁହେଙ୍ଗଙ୍କୁ ମୃତ ଘୋଷଣା କରିଥିଲେ। କାର ଚାଳକ କୃଷ୍ଣଚନ୍ଦ୍ର ଭୂୟାଁଙ୍କୁ ପୋଲିସ ପଚରାଉଚରା ଜାରି ରଖିବା ସହ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିଛି।

ଅନ୍ୟଏକ ଘଟଣାରେ ଏହି ଥାନା ଅନ୍ତର୍ଗତ ବଡ଼ଚଣା–ଦର୍ପଣ ପୂର୍ତ୍ତବିଭାଗ ରାସ୍ତାର ଖଇରାଠାରୁ ବଡ଼ଚଣା ମଧ୍ୟରେ ଦୁଇଜଣ ଯୁବକ ଏକ ବାଇକରେ ଯାଉଥିବାବେଳେ ବୁଧବାର ମଧ୍ୟାହ୍ନରେ କାଞ୍ଚିଆ ବଜାରଠାରେ ଜଣେ ବାଇକ ଆରୋହୀଙ୍କୁ ପ୍ରଥମେ ଧକ୍କା ଦେଇଥିଲେ। ଫଳରେ ବାଇକ ଆରୋହୀ ଜଣକ ଘଟଣା ସ୍ଥଳରେ ପଡ଼ିଯାଇଥିଲେ। ଯୁବକ ଦ୍ୱୟ ସେଠାରୁ ଖସି ପଳାଇ ଆସି ବଡଚଣା ଛକ ନିକଟରେ ଆଉ ଜଣେ ମହିଳାଙ୍କୁ ଧକ୍କାଦେଇ ଘଟଣାସ୍ଥଳରେ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ବଡ଼ଚଣା ପୋଲିସ ଯୁବକ ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ଯୁବକଦ୍ୱୟଙ୍କ ପରିଚୟ ମିଳିପାରି ନାହିଁ।

### ୪ର୍ଥ ସୌରିକ ଯୁବ ମହୋତ୍ସବ ଉଦ୍‌ଘାଟିତ
# ‘ପରମ୍ପରା ପାଳିଚିନ୍ତି ସୌରିକ ଯୁବ ମହୋତ୍ସବ’



ବିଧାୟକ ଓ ସୁକିନ୍ଦା ରାଜାଙ୍କ ସହିତ ସମ୍ବର୍ଦ୍ଧିତ ବାରପ୍ରଧାନମାନେ।

- ନଗଡା ଗଣଦୌଡ଼ରୁ ଆରମ୍ଭ ହେଲା ମହୋତ୍ସବ
- ସନ୍ଧ୍ୟାରେ ମନମୋହିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**କାଳିଆପାଣି, ୯।୧(ଡି.ଏନ୍.ଏ.)**

କାଳିଆପାଣି ଟାଉନ୍‌ଶପ୍ ଖେଳ ପଡ଼ିଆରେ ୪ର୍ଥ ବାର୍ଷିକ ସୌରିକ ଯୁବ ମହୋତ୍ସବ ବୁଧବାର ସକାଳେ ନଗଡା ଗଣଦୌଡରୁ ଆରମ୍ଭ ହୋଇଛି। ତିନିଦିନ ଧରି ଆୟୋଜିତ ମହୋତ୍ସବରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଗଣଦୌଡରେ ସାମିଲ ହୋଇଥିଲେ। ସୌରିକ ଯୁବ ମହୋତ୍ସବ ସୁକିନ୍ଦା ଖଣି ଅଞ୍ଚଳର ପରମ୍ପରା ପାଳିଚିନ୍ତି। ସୌରିକ ଅଞ୍ଚଳର ମୂଲ୍ୟକୁ କେହି ଆକଳନ କରି ପାରିବେ ନାହିଁ। ବିଶ୍ୱର ଷ୍ଟିଲ ବଜାର ସୌରିକ ଅଞ୍ଚଳ ଦ୍ୱାରା ପରିଚାଳିତ ହେଉଛି। ଫଳରେ ସୌରିକ ଅଞ୍ଚଳ ବିଶ୍ୱରେ ପରିଚିତ ଥିବାବେଳେ ଅଞ୍ଚଳର ଲୁକ୍କାୟିତ ଯୁବ ପ୍ରତିଭା ମହୋତ୍ସବ ଦ୍ୱାରା ସବୁ ସ୍ତରରେ ପହଞ୍ଚି ପାରୁଛି ବୋଲି ଘଡେଇ କହିଛନ୍ତି। ସୁକିନ୍ଦା ରାଜା ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୌରିକ ମହୋତ୍ସବ ତତ୍କାଳୀନ ସୁକିନ୍ଦା ରାଜତନ୍ତ୍ରର ୬୦ କୋଶର ସମସ୍ତ ପ୍ରଜାଙ୍କ ସହିତ ସମ୍ପର୍କ ଯୋଡିବାର ମାଧ୍ୟମ ହୋଇପାରିଛି। ବଣ, ଜଙ୍ଗଲ ଘେରା ସୌରିକ ଅଞ୍ଚଳ ଏବେ ବନ୍ୟ ଶୂନ୍ୟ ହେବାରେ ଲାଗିଛି। ଯୁବପିଢି ଏକତ୍ରିତ ହୋଇ ଆଗାମୀ ପିଢିଙ୍କ ପାଇଁ ବଣଜଙ୍ଗଲକୁ ସୁରକ୍ଷିତ ରଖିବା ସହିତ ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ରକ୍ଷା ଦିଗରେ କାର୍ଯ୍ୟ କରିବା ଦରକାର। ଏଥିସହ ନିଶାନିବାରଣ ଦିଗରେ ମଧ୍ୟ ଯୁବକମାନେ ଆଗଭର ଓ ଉତ୍ସାହିତ ହେବା ଆବଶ୍ୟକ ବୋଲି ରାଜା ଭୂଦେବ କହିଥିଲେ। ସେହିପରି ଟାଟାଷ୍ଟିଲର ଖଣି ମୁଖ୍ୟ ରାଜେଶ ପଟେଲ ଯୋଗଦେଇ ଯୁବ ମହୋତ୍ସବକୁ ସ୍ଥାନୀୟ ଅଞ୍ଚଳର ଗଣପର୍ବ ସହିତ ତୁଳନା କରିବା ସହ ମହୋତ୍ସବ ଯୁବ ସମାଜ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରୁଛି ବୋଲି କହିଥିଲେ। ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୌରିକ ଅଞ୍ଚଳର ବାରପ୍ରଧାନୀଙ୍କୁ ବିଧାୟକ ଘଡେଇ ଓ ସୁକିନ୍ଦା ରାଜା ଉପଢ଼ୋକନ ଦେଇ ସମ୍ମାନିତ କରିଛନ୍ତି। ସନ୍ଧ୍ୟାରେ କଟକସ୍ଥିତ ଜାଭେଦ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ନୃତ୍ୟ ପ୍ରଦର୍ଶନ ଦର୍ଶକଙ୍କ ମନମୋହିଥିବାବେଳେ ପୁପୁଲ ଭୂୟାଁ, ଆର.ଏସ୍ କୁମାର, ସ୍ୱର୍ଣ୍ଣଲକ୍ଷ୍ମୀଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ।



ଗଣଦୌଡ଼ରେ ସାମିଲ ହୋଇଥିବା ଯୁବଗୋଷ୍ଠୀ।

ଚଳିତ ବର୍ଷ ପ୍ରଥମ ଥର କରି ନଗଡା ଅଞ୍ଚଳର ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ଯୁବକ ପର୍ଯ୍ୟନ୍ତ ୪ର୍ଥ ସୌରିକ ଯୁବ ମହୋତ୍ସବର ଗଣଦୌଡରେ ସାମିଲ ହୋଇଥିଲେ। ଖଣି ଅଞ୍ଚଳର କଂସ, କାଳିଆପାଣି, ଚିଙ୍ଗୁଡିପାଳ, ରାସୋଁଳ, କାଙ୍କଡପାଳ, କୁହିକା, ପିମ୍ପୁଡିଆ, ବନ୍ଧଗାଁ, ଦୁଧୁଯୋରୀ ପ୍ରଭୃତି ୯ଟି ପଞ୍ଚାୟତରୁ ଶତାଧିକ ଯୁବକ ମହୋତ୍ସବ ସଙ୍କେତ ଜର୍ସି ପରିଧାନ କରି ଦୌଡରେ ସାମିଲ ହୋଇଥିଲେ। ତଳ ନଗଡା ପ୍ରାଥମିକ ସ୍କୁଲ ନିକଟରୁ ସକାଳ ୯ଟାରେ ଗଣଦୌଡ ଆରମ୍ଭ ହୋଇ ନଗଡାରେ ସମାପ୍ତ ହୋଇଥିଲା। ଅପରାହ୍ନ ୩ଟାରେ ୯ଟି ପଞ୍ଚାୟତରୁ ଭିନ୍ନଭିନ୍ନ ୯ଟି ବିଶାଳ ପ୍ରଦର୍ଶନୀ ଶୋଭାଯାତ୍ରା ବାହାରି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ଟାଟାଷ୍ଟିଲ ଖଣି ମୁଖ୍ୟ ରାଜେଶ ପଟେଲ, ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା, ଟିଏସ୍‌ଆରଡିଏସ୍‌ର ପୂର୍ବତନ ମୁଖ୍ୟ ପରିଚାଳକ ବିରେନ ରମେଶ ଭୁଟା, ଇମ୍ଫାର ଉପ ସଭାପତି ସୁଧାଂଶୁ ପାଟନୀ, ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଦିବ୍ୟରଞ୍ଜନ ବରାଳ, ଜିଲା ପରିଷଦ ସଭ୍ୟ ପ୍ରତାପ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ଜିଲା ପରିଷଦ ବିଦ୍ୟାଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




୩୩
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଦୃଢ଼ ମନୋବଳ ହିଁ କାର୍ଯ୍ୟ ସିଦ୍ଧିର ସୁଗମ ପଥ।
- ଗୌରୀଶଙ୍କର



## ସଂକ୍ଷେପରେ

### 'ଜବାବ ମାଗୁଛି ଓଡ଼ିଶା' ଅଭିଯାନ ପାଇଁ ପ୍ରସ୍ତୁତି

**ସିଂହପୁର,୯।୧(ଡିଏନ୍ଏ):** ସିଂହପୁରସ୍ଥିତ ଦରିଆ ନାହାକାଣୀ ପୀଠରେ ବୁଧବାର ଭାଜପା ପକ୍ଷରୁ ଜବାବ ମାଗୁଛି ଓଡିଶା ଅଭିଯାନକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟକ୍ରମକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ରାଜ୍ୟ ସରକାରଙ୍କ ଦୁର୍ନୀତି ଲୋକଲୋଚନକୁ ଆଣିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ବାପି ଧଳଙ୍କ ଅଧକ୍ଷତାରେ ସହ ସଂଯୋଜକ ଜ୍ୟୋତି ରଞ୍ଜନ ବେଉରିଆ, ୪ଟି ଜୋନର ସଭାପତି ଏହି ଅଭିଯାନକୁ ସଫଳ କରିବା ସହ ଆସନ୍ତା ୧୧ତାରିଖ ଜରୀ ପଞ୍ଚାୟତର ମଦନ ମୋହନ ମନ୍ଦିରଠାରୁ ଅଭିଯାନର ଶୁଭାରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଯୁବନେତା ତାପସ ନାଥ ବିଶ୍ୱଜିତ ସାମଲ, ମାନସ ସାମଲ, ମନୋଜ ଜେନା, ଦିଲିପ ଜେନା, ନିରଞ୍ଜନ ଜେନାଙ୍କ ସମେତ ବହୁ ଯୁବ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କୁବେର ସମାଜର ବନ୍ଧୁମିଳନ

**ଯାଜପୁର ରୋଡ଼,୯।୧(ନି.ପ୍ର):** ଯାଜପୁର ରୋଡ଼ର କୁବେର ସମାଜର ନୂଆବର୍ଷ ପାଇଁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ବନ୍ଧୁମିଳନ ରେମୋଳଠାରେ ନିଆରା ଢଙ୍ଗରେ ପାଳିତ ହୋଇଥିଲା। ବରିଷ୍ଠ ସଭ୍ୟମାନେ ନିଜନିଜ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ବିଦେଶୀ ପକ୍ଷୀଙ୍କ ଦୃଶ୍ୟକୁ ଉପଭୋଗ କରିଥିଲେ। ଏଥିରେ କୁବେର ସମାଜ ସଭାପତି ହୃଷିକେଶ ସାହୁ ଅଧକ୍ଷତା କରିଥିଲେ। କୁବେର ସମାଜ ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ସମ୍ପାଦକ ବିଷ୍ଣୁ ମୋହନ ସାହୁ ବିବରଣୀ ପାଠ କରିଥିଲେ। ନରେନ୍ଦ୍ର ଖୁଣ୍ଟିଆ, ପ୍ରଭାତ ସାହୁ, ଶିଶିର ସାହୁ, ଦିନେଶ ସାହୁ, ବଟକୃଷ୍ଣ ସାହୁ, ବାବୁଲି ସାହୁ, ତପନ କୁମାର ସାହୁ ଓ ସନାତନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଶେଷରେ କୋଷାଧକ୍ଷ ଗୋପାଳ ସାହୁ ଧନ୍ୟବାଦ ଦେଇଥିଲେ।

### କରଦା ହରିହାଟ ମେଳା ପାଇଁ ପ୍ରସ୍ତୁତି ବୈଠକ

**କୋରେଇ,୯।୧(ସ୍ୱ.ପ୍ର):** ଚଳିତ ବର୍ଷ କୋରେଇ ବ୍ଲକ କରଦା ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା ହରିହାଟ ମେଳା ଓ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦଧିବାମନ ଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଠାଧିଶ ବାବାଜୀ କୃଷ୍ଣଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ବେହେରାଙ୍କ ସଭାପତିତ୍ୱ କରିଥିଲେ। ମେଳା କମିଟି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ମେଳା ଓ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବା ଲାଗି ପୋଲିସ ବାହିନୀ, ଦମକଳ ବାହିନୀ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ସହିତ ସମ୍ପର୍କ ରଖି ମେଳା ଆୟୋଜନ କରିବା ଲାଗି ଅଧକ୍ଷ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ସ୍ଥାନୀୟ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବଳରାମ ସାହୁ, ସୁବାସ ଧଳ, ନିତ୍ୟାନନ୍ଦ ସାହୁ, ଅଦ୍ୱୈତ୍ୟ ପ୍ରସାଦ ନାୟକ, ମଣିନାଥ ପଣ୍ଡା, ମଦନ ଯେନା, ସାବିତ୍ରୀ ସାହୁ, କାଞ୍ଚନ ମାଳା ସାହୁ, ଗୋକୁଳ ଚନ୍ଦ୍ର ସାହୁ, ରତ୍ନାକର ସାହୁ, ସୁଶୀଲ ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୨୦ ତାରିଖ ମେଳାର ଦ୍ୱିତୀୟ ବୈଠକ ଆୟୋଜନ କରାଯିବା ଲାଗି ସ୍ଥିରୀକୃତ ହୋଇଥିଲା। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତ ବନ୍ଦକୁ ଧର୍ମଶାଳା ଶ୍ରମିକ ସଂଘର ସମର୍ଥନ

**ଧର୍ମଶାଳା, ୯।୧(ଡି.ଏନ୍.ଏ.):** କେନ୍ଦ୍ରୀୟ ମିଳିତ ଟ୍ରେଡ୍ ୟୁନିୟନ୍‌ର ଆହ୍ୱାନକ୍ରମେ ବୁଧବାର ଦ୍ୱିତୀୟ ଦିନରେ ଭାରତ ବନ୍ଦର ପ୍ରଭାବ ଧର୍ମଶାଳାରେ ଦେଖିବାକୁ ମିଳିଛି। ଧର୍ମଶାଳା ଶ୍ରମିକ ସଙ୍ଗଠନର ସଭାପତି ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଜାରକା ବଜାରସ୍ଥିତ ବ୍ଲକ କାର୍ଯ୍ୟାଳୟ ଓ ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରିଥିଲେ। ଏଥିସହ ବିଭିନ୍ନ ଦୋକାନ ବଜାର ବନ୍ଦ କରିବା ସହ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଆନ୍ଦୋଳନରେ ଅଞ୍ଜନ ମଲିକ, ପ୍ରଶାନ୍ତ ଦାସ, ନିରଞ୍ଜନ ମଲିକ, ସଞ୍ଜୟ ରାଉତ, ସୁବ୍ରତ ଦାସ, ଅକ୍ଷୟ ମଲିକ, ତଫିମୁଲ କରିମ, ବିରଞ୍ଚି ସାହୁ, ରବୀନ୍ଦ୍ର ଧୀରଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

■ ମୁଖ୍ୟ ପ୍ରବେଶ ଦ୍ୱାର ଭୁଶୁଡ଼ିବା ପରଠାରୁ ହୋଇନି ସଫେଇ

# ବ୍ରହ୍ମାକୁଣ୍ଡ ସ୍ନାନରୁ ବଞ୍ଚିତ ଶ୍ରଦ୍ଧାଳୁ

**ବିରଜାକ୍ଷେତ୍ର,୯।୧(ଡି.ଏନ୍.ଏ)**

ପୁରାଣ ଐତିହ୍ୟ ବହନ କରୁଥିବା ବ୍ରହ୍ମାକୁଣ୍ଡ ପୋଖରୀରୁ ପୁଣ୍ୟ ଅର୍ଜନ କରିବାରୁ ବଞ୍ଚିତ ହେଉଛନ୍ତି ଶ୍ରଦ୍ଧାଳୁ। ଯାଜପୁର ସହରର ୧୮ନମ୍ବର ୱାର୍ଡ଼ର ଦେବୀଦ୍ୱାର ଅଞ୍ଚଳରେ ବ୍ରହ୍ମାକୁଣ୍ଡ ପୋଖରୀ ରହିଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପଶ୍ଚିମପଟେ ଏହି ପୋଖରୀ ଅବସ୍ଥିତ। ମା' ବିରଜାଙ୍କ ରୀତିନୀତି ଐତିହ୍ୟ ପରମ୍ପରା ଓ ବାର ମାସରେ ତେର ପର୍ବ ସହିତ ଜଡ଼ିତ ଏହି ପୋଖରୀ। ମା' ବିରଜାଙ୍କ ଦୁର୍ଗା ଉତ୍ସବ ଅବସରରେ ବ୍ରହ୍ମାକୁଣ୍ଡରୁ ଜଳ ଯାଇ ମା'ଙ୍କ ଯଜ୍ଞମଣ୍ଡପରେ କଳସ ସ୍ଥାପିତ ହୋଇଥାଏ। ଏହାପରେ ଦ୍ୱିତୀୟାଷ୍ଟମୀରୁ ବିଶେଷ ଦୁର୍ଗାପୂଜା ଓ ଷୋଡ଼ଶୋପଚାର ପୂଜା ଆରମ୍ଭ ହୋଇଥାଏ । ପୌରାଣିକ ମତ ଅନୁଯାୟୀ ବ୍ରହ୍ମାକୁଣ୍ଡ ପୋଖରୀ ସ୍ଥାନରେ ବ୍ରହ୍ମା ଯଜ୍ଞ କରିଥିବା ଯଜ୍ଞରୁ ମା' ବିରଜାଙ୍କ ଆବିର୍ଭାବ ହୋଇଥିଲା। ତଦନୁଯାୟୀ ଉକ୍ତ ସ୍ଥାନରେ ବ୍ରହ୍ମାକୁଣ୍ଡ ନାମରେ ନାମିତ। ବ୍ରହ୍ମାକୁଣ୍ଡରେ ସ୍ନାନ କରି ମା' ବିରଜାଙ୍କ ଦର୍ଶନ କଲେ ପାପରୁ ମୁକ୍ତି ମିଳିବା ସହ ଅଶେଷ ପୁଣ୍ୟ ମିଳିଥାଏ ବୋଲି ପୌରାଣିକ ମତ ଅଛି । ସେହି କିମ୍ବଦନ୍ତୀ ଅନୁଯାୟୀ ସାରା ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ମା' ବିରଜାଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତମାନେ ବ୍ରହ୍ମାକୁଣ୍ଡରେ ସ୍ନାନ କରନ୍ତି ଓ ଜଳ ସିଞ୍ଚନ ହୋଇ ମା' ବିରଜାଙ୍କ ଦର୍ଶନ ଲାଭ କରିଥାନ୍ତି। ଏପରିକି ମନସ୍କାମନା ପୂରଣ ପାଇଁ ଭକ୍ତମାନେ ବ୍ରହ୍ମାକୁଣ୍ଡରେ ସ୍ନାନ କରିଥାନ୍ତି । ବ୍ରହ୍ମାକୁଣ୍ଡରେ ସ୍ନାନ କରିବା ସହ ତିଳତର୍ପଣ କରି ମା' ବିରଜାଙ୍କ ମନ୍ଦିର ପରିସରରେ ଥିବା ନାଭିଗୟାରେ ପିଣ୍ଡଦାନ କରିଥାନ୍ତି । ବ୍ରହ୍ମାକୁଣ୍ଡରେ ସ୍ନାନ କରି ଓ ନାଭିଗୟାରେ ପିଣ୍ଡଦାନ କଲେ ବହୁ କୋଟି ପୁଣ୍ୟ ମିଳିଥାଏ ବୋଲି ପୁରାଣ ବର୍ଣ୍ଣିତ ଅଛି । ଏତେସବୁ ପୁଣ୍ୟ ବହନ କରୁଥିବା ବ୍ରହ୍ମାକୁଣ୍ଡର ପୁଣ୍ୟରୁ ଭକ୍ତମାନେ ବଞ୍ଚିତ ହେଉଛନ୍ତି। ୨୦୧୮ ଡିସେମ୍ବର ୨୪ରେ ବ୍ରହ୍ମାକୁଣ୍ଡର ମୁଖ୍ୟ ପ୍ରବେଶଦ୍ୱାର ପଥରରେ ନିର୍ମାଣ ହେଉଥିବାବେଳେ ଭୁଶୁଡ଼ି ପଡ଼ିଥିଲା। ଏହି ଘଟଣାରେ ସ୍ଥାନୀୟ



■ ନିମ୍ନମାନର କାର୍ଯ୍ୟ ଯୋଗୁ ଭୁଶୁଡ଼ି ପଡ଼ିଥିଲା ମୁଖ୍ୟ ପ୍ରବେଶ ଦ୍ୱାର
■ ୧୬ ଦିନ ପରେ ବି ପରିଷ୍କାର କରାଯାଇନି
■ ଭକ୍ତଙ୍କ ମଧ୍ୟରେ ବୃଦ୍ଧି ପାଉଛି ଅସନ୍ତୋଷ

ଅଞ୍ଚଳର ତୁଷାର ନାମକ ଯୁବକଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା। ଇତିମଧ୍ୟରେ ପ୍ରବେଶଦ୍ୱାର ଭୁଷୁଡ଼ିବାକୁ ୧୬ ଦିନ ବିତିଗଲାଣି। ମାତ୍ର ଏଯାବତ୍ ନିର୍ମାଣାଧୀନ ପ୍ରବେଶଦ୍ୱାର ଭୁଷୁଡ଼ିଥିବା ପଥର ଓ ଅନ୍ୟାନ୍ୟ ସାମଗ୍ରୀକୁ ବ୍ରହ୍ମାକୁଣ୍ଡ ପ୍ରବେଶ ଦ୍ୱାରରୁ ପରିଷ୍କାର କରାଯାଇ ନାହିଁ। ଫଳରେ ବ୍ରହ୍ମାକୁଣ୍ଡ ପରିସରକୁ କୌଣସି ଶ୍ରଦ୍ଧାଳୁ ଯାଇପାରୁ ନ ଥିବାରୁ ବ୍ରହ୍ମାକୁଣ୍ଡ ପୁଣ୍ୟରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଶୀତଋତୁ ଚାଲିଥିବାରୁ ପ୍ରତ୍ୟେହ ସାରା ଭାରତବର୍ଷର ବିଭିନ୍ନ କୋଣଅନୁକୋଣରୁ ଦୈନିକ ହଜାରହଜାର ଶ୍ରଦ୍ଧାଳୁ ମା' ବିରଜାଙ୍କ ଦର୍ଶନ ନିମନ୍ତେ ଆସୁଛନ୍ତି। ମାତ୍ର ସେମାନେ ବ୍ରହ୍ମାକୁଣ୍ଡରେ ସ୍ନାନ କରିବାରୁ ବଞ୍ଚିତ ହେଉଥିବାରୁ ବହୁ ଶ୍ରଦ୍ଧାଳୁ କ୍ଷୋଭ ପ୍ରକାଶ କରିଛନ୍ତି। ମାତ୍ର ଆଉ କିଛିଦିନ ପରେ ମାଘ ମାସ ଆରମ୍ଭ ହେବ। ଏହି ମାସରେ ବିରଜା ମନ୍ଦିର ପରିସରରେ ଥିବା ନାଭିଗୟାରେ ବହୁ ଶ୍ରଦ୍ଧାଳୁ ପିଣ୍ଡଦାନ କରିଥାନ୍ତି । ମାତ୍ର ବ୍ରହ୍ମାକୁଣ୍ଡ ମୁଖ୍ୟଦ୍ୱାର ସଫେଇ ହୋଇ ନ ଥିବାରୁ ଭକ୍ତମାନେ ବ୍ରହ୍ମାକୁଣ୍ଡ ପୁଣ୍ୟରୁ ବଞ୍ଚିତ ହେବାର ସମ୍ଭାବନା ଦେଖାଦେଇଛି। ବ୍ରହ୍ମାକୁଣ୍ଡଟି ମା' ବିରଜା ମନ୍ଦିରର ପ୍ରଶାସକଙ୍କ ଦ୍ୱାରା ପରିଚାଳିତ। ପ୍ରବେଶଦ୍ୱାର ସଫେଇ ବିଷୟରେ ବିରଜା ମନ୍ଦିର ଗୁମାସ୍ତା ଗୁରୁଚରଣ ମହାରଣାଙ୍କୁ ପଚାରିବାରୁ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ସଫେଇ କରିବା ପାଇଁ କୁହାଯାଇଛି। ଯଦି ସେମାନେ ସଫେଇ ନ କରନ୍ତି ତେବେ ମନ୍ଦିର ପ୍ରଶାସନ ସଫେଇ କରିବେ ବୋଲି ମହାରଣା ସୂଚନା ଦେଇଛନ୍ତି।

### ବରୁଣେଶ୍ୱର ମେଳାରେ ପ୍ରଶାସନର ହସ୍ତକ୍ଷେପକୁ ଭାଜପାର ନିନ୍ଦା

**ସିଂହପୁର,୯।୧(ଡିଏନ୍ଏ)**

ପ୍ରସିଦ୍ଧ ବରୁଣେଶ୍ୱର ମେଳାକୁ ନେଇ ଅସନ୍ତୋଷ ଓ ବିବାଦ ଥମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ବୁଧବାର ସିଂହପୁରସ୍ଥିତ ଦରିଆ ନାହାକାଣୀ ପୀଠରେ ଭାଜପା ନେତୃ ମଣ୍ଡଳୀ ଏକଜୁଟ ହୋଇ ଏହି ମେଳାରେ ଜିଲା ପ୍ରଶାସନର ହସ୍ତକ୍ଷେପକୁ ନିନ୍ଦା କରିଥିଲେ। ବରୁଣେଶ୍ୱର ପୀଠଟି ରାଜ୍ୟର ପ୍ରମୁଖ ଶୈବପୀଠର ମାନ୍ୟତା ପାଇଥିବାବେଳେ ଏହି ମେଳାରେ ଲକ୍ଷାଧିକ ଜନସମାଗମ ହୋଇଥାଏ। ଏହି ପୀଠ ଅରେଇ ପଞ୍ଚାୟତ ଅଧିନସ୍ଥ ହୋଇଥିବା ବେଳେ ସେଠାକାର ସରପଞ୍ଚ ଭାଜପା ସମର୍ଥିତ ହୋଇଥିବାରୁ ରାଜନୈତିକ ଷଡଯନ୍ତ୍ର ଦ୍ୱାରା ଏପରି କରାଯାଉଛି ବୋଲି ଭାଜପା ପ୍ରତିବାଦ ଜଣାଇଛି। ଏହି ବୈଠକରେ ଭାଜପା ଜିଲା ସଭାନେତ୍ରୀ ବବିତା ମଲିକ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଏଥିରେ ଭାଜପା ନେତା ନିରଞ୍ଜନ ବେଉରିଆ, ଜୋନ ସଭାପତି ଶ୍ରୀକାନ୍ତ ପ୍ରଧାନ, ଅରୁଣ ରାଉତରାୟ, ଦିଗାମ୍ବର ପାତ୍ର, ଶ୍ୟାମ ସୁନ୍ଦର ନାୟକ, ତାରିଣୀକାନ୍ତ ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରେଖା ସାମଲ, ରବୀନ୍ଦ୍ର ବେଉରିଆ, ବିଶ୍ୱଜିତ୍ ସାମଲ, ଶଶଧର ବେଉରିଆ, ଅଜୟ ସାମଲ, ମନୋଜ ଜେନା, ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରୋତ୍ସାହନ ରାଶିରୁ ବଞ୍ଚିତ ହିତାଧିକାରୀ

**ଜାରି ରହିଛି ଜିଆର୍‌ଏସ୍‌ଙ୍କ ଆନ୍ଦୋଳନ**

**ରତ୍ନଗିରି,୯।୧(ଡିଏନ୍ଏ)**

ଗ୍ରାମ ରୋଜଗାର ସେବକ (ଜିଆରଏସ୍)ଙ୍କ ଆନ୍ଦୋଳନକୁ ୫୫ ଦିନ ଅତିକ୍ରମ କରିଯାଇଥିଲେ ମଧ୍ୟ ସେମାନଙ୍କ ଦାବିଗୁଡିକୁ ସରକାର ଗ୍ରହଣ କରୁ ନ ଥିବାରୁ ଅଦ୍ୟାବଧି ସେମାନେ ଆନ୍ଦୋଳନରତ ଅଛନ୍ତି। ଏହି କର୍ମଚାରୀମାନେ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟର ଦାୟିତ୍ୱ ନେଇଥିବା ବେଳେ ସେମାନଙ୍କ ଆନ୍ଦୋଳନ ଯୋଗୁ ବହୁ ହିତାଧିକାରୀ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି ଏବଂ ଆଗକୁ ମଧ୍ୟ ବଞ୍ଚିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସୂଚନା ମୁତାବକ, ୨୦୧୮–୧୯ ଆର୍ଥିକ ବର୍ଷରେ ବରୀ ବ୍ଲକ ୯୫୭ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ୧୨୧ଟି ବିଜୁ ପକ୍କାଘର ଗୃହର କାର୍ଯ୍ୟାଦେଶ ଆବଣ୍ଟନ କରାଯାଇଛି। ସରକାରଙ୍କ ନିୟମ ମୁତାବକ ୪ମାସ ଭିତରେ ଉକ୍ତ ହିତାଧିକାରୀମାନେ ଗୃହ ସମାପ୍ତ କଲେ ପ୍ରୋତ୍ସାହନ ରାଶି ୨୦ହଜାର ଟଙ୍କା ଓ ୬ମାସ ମଧ୍ୟରେ ସମାପ୍ତ କଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପାଇବାର ନିୟମ ରହିଛି। ନିୟମ ମୁତାବକ ଏହି କାର୍ଯ୍ୟରେ ୯୫ଦିନର ଅଣକୁଶଳୀ ଶ୍ରମିକ କାର୍ଯ୍ୟକରି ଦିନକୁ ୧୮୨ଟଙ୍କା ହିସାବରେ ମୋଟ୍ ୧୭୨୯୦ ଟଙ୍କା ପାଇବା କଥା। ଯାହାକି ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଜିସ୍ ଯୋଜନାରେ ମିଳିବା କଥା। ମାତ୍ର ଗ୍ରାମ ରୋଜଗାର ସେବକମାନେ ଏହି ଯୋଜନାର କାର୍ଯ୍ୟ କରିବା ଦାୟିତ୍ୱରେ ଥିବା ବେଳେ ସେମାନଙ୍କ ଆନ୍ଦୋଳନ ଯୋଗୁ ଗୃହ କାର୍ଯ୍ୟ ଶେଷ କରି ମଧ୍ୟ ହିତାଧିକାରୀମାନେ ଏହି ଯୋଜନାରୁ ବଞ୍ଚିତ ହେବାର ସମ୍ଭାବନା ଦେଖାଦେଇଛି। ଯାଜପୁର ଜିଲା ଜିଆର୍‌ଏସ୍ ସଘ ସଭାପତି ଅଜୟ କୁମାର ଜେନାଙ୍କୁ ପଚାରିବାରୁ, ରାଜ୍ୟ ସରକାର ଆମ ଦାବି ଗ୍ରହଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି କହିଛନ୍ତି। ଅପରପକ୍ଷେ ବରୀ ବିଡିଓ ପ୍ରଭାସ କୁମାର ବେହୁରାଙ୍କୁ ପଚାରିବାରୁ, ଜିଆର୍‌ଏସ୍‌ଙ୍କ ଆନ୍ଦୋଳନ ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଉପରୋକ୍ତ ବିକଳ୍ପ ବ୍ୟବସ୍ଥା ପାଇଁ ଜିଲାପାଳଙ୍କ ସହିତ ପରାମର୍ଶ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ୨ୟ ଦିବସ ଧର୍ମଘଟକୁ ସମର୍ଥନ, ଯାତାୟାତ ଠପ୍

**କୋରେଇ/ ଯାଜପୁର ରୋଡ୯।୧(ସ୍ୱ.ପ୍ର/ନି.ପ୍ର)**

ଦେଶର ମେହନତୀ ମଣିଷର ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ ସ୍ୱାଧୀନ ଫେଡ଼େରଶନଙ୍କ ଡ଼ାକରାରେ ୧୨ଦଫା ଦାବି ନେଇ ୨ଦିନିଆ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ବୁଧବାର ପାଣିକୋଇଲିରେ ପାଳନ କରାଯାଇଛି। ଦ୍ୱିତୀୟ ଦିବସ ବନ୍ଦ ପାଳନ ବେଳେ ପାଣିକୋଇଲି ଷ୍ଟେଟ ବ୍ୟାଙ୍କ ଖୋଲିବା ମାତ୍ରେ ସିଆଇଟିୟୁ ପକ୍ଷରୁ ନିର୍ମଳ ରଥ, ଗଣେଶ ସାହୁ, ସୁରେଶ ସାହୁ ପ୍ରମୁଖ ପିକେଟିଂ କରି ବ୍ୟାଙ୍କ ବନ୍ଦ କରିଥିଲେ। ସେହିପରି ବ୍ୟାସନଗର ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ ବୀମା ଓ ଗାଡ଼ି ଚଳାଚଳ ବନ୍ଦ ରଖାଯାଇଥିଲ। ବ୍ୟାସନଗର ପୌର କାର୍ଯ୍ୟାଳୟ ଓ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟପକ୍ଷରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଟାଟାଷ୍ଟିଲ୍, ନିଳାଚଳ ଇସ୍ପାତ ନିଗମ, ବିଆର୍‌ପିଲ୍, ଜେଏସ୍‌ଏଲ୍, ମେସ୍କୋ ଷ୍ଟିଲ୍ ଫାଟକ ସମ୍ମୁଖରେ ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୧୨ ଦଫା ଦାବି ଯଥା ଦରଦାମ ନିୟନ୍ତ୍ରଣ, ବ୍ୟାପକ ନିଯୁକ୍ତି ସୃଷ୍ଟି, ସର୍ବନିମ୍ନ ମଜୁରୀ ୧୮୦୦୦ ଟଙ୍କାକୁ ବୃଦ୍ଧି, ସଂଶୋଧିତ ଶ୍ରମ ଆଇନକୁ ପରିବର୍ତ୍ତନ ନ କରି ପ୍ରଚଳିତ ଆଇନକୁ କଡ଼ାକଡ଼ି ପାଳନ, କୃଷି, କୃଷକ ଓ କୃଷି ଶ୍ରମିକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଆଦି ୧୨ଦଫା ଦାବିରେ ଆନ୍ଦୋଳନକାରୀମାନେ ଧର୍ମଘଟ କରିଥିଲେ।

## ଜନ ପରାମର୍ଶ ପଦଯାତ୍ରା




ଜନପରାମର୍ଶ ପଦଯାତ୍ରା ପରିପ୍ରେକ୍ଷୀରେ ଆୟୋଜିତ ସଭା।

**କୋରେଇ,୯।୧(ସ୍ୱ.ପ୍ର)**

ଏବେ ପରିବର୍ତ୍ତନର ସମୟ ଆସିଛି। ଆସନ୍ତା ନିର୍ବାଚନରେ କୋରେଇବାସୀ ପରିବର୍ତ୍ତନର ସାରଥୀ ସାଜନ୍ତୁ ବୋଲି ଭାଜପା ନେତା ବିଶ୍ୱଜିତ୍ ନାୟକ ଅଭିଭାଷଣରେ କହିଥିଲେ। କୋରେଇ ବ୍ଲକ୍ ହଳଦୀଗଡ଼ିଆ ଗ୍ରାମ ପାଲା ମଣ୍ଡପରେ ଭାଜପା ପକ୍ଷରୁ ଆୟୋଜିତ ଜନପରାମର୍ଶ ପଦଯାତ୍ରା କାର୍ଯ୍ୟକ୍ରମରେ ନାୟକ ଏପରି କହିଥିଲେ। ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ଜନମାରଣ ନୀତି ଓ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପଞ୍ଚାୟତ ସଭାପତି ସୁବାସ ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଯୁବନେତା ବିକ୍ରମ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। କୋରେଇ ପଞ୍ଚାୟତ ସମିତି ଅଧକ୍ଷା ମାଳତୀ ଟୁଡୁ, ସରପଞ୍ଚ ଦୀପ୍ତିମୟୀ କୁଅଁର, ଜୋନ ସଭାପତି ପ୍ରମୋଦ ସାହୁ, ରବିନ୍ଦ୍ର ବେହେରା, ନୀଳମାଧବ ଚକ୍ର, ସମିତି ସଭ୍ୟା ଜୟନ୍ତୀ ସାହୁ, ପ୍ରମୋଦ ନାୟକ, ଅରୁଣୀ ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଯୋଗ ଦେଇଥିବା କର୍ମୀ ବିଦ୍ୟୁତ୍‌ଲତା ସ୍ୱାଇଁ, ମାୟାଧର ଦାସ, ବିକ୍ରମ କେଶରୀ ମହାପାତ୍ର, ଚକ୍ରଧର ନାୟକ, ଭାଗବତ ବାରିକ ପ୍ରମୁଖଙ୍କୁ ନାୟକ ସ୍ୱାଗତ କରିଥିଲେ। ସେକ୍ ମୁମ୍‌ତାଜ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

## ପାଚିକା ସହାୟିକା ସଂଘ ପକ୍ଷରୁ ରାସ୍ତାରୋକୋ

**ବରୀ/ରତ୍ନଗିରି,୯।୧ (ସ୍ୱ.ପ୍ର/ଡିଏନଏ)**

ନିଖିଳ ଓଡିଶା ଏମଡିଏମ୍ ପାଚିକା ସହାୟିକା ସଂଘ ବରୀ ଶାଖା ପକ୍ଷରୁ ବୁଧବାର ବରୀ ମାଉଣ୍ଡ ବଜାରରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଯାହାଦ୍ୱାରା ବରୀ କୁଆଖିଆ ରାସ୍ତାରେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ୧୨ଦଫା ଦାବି ନେଇ ସଂଘ ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା ବୋଲି ଯାଜପୁର ଜିଲା ସଂଘ ସଭାପତି ରାଜକିଶୋର ସାମଲ କହିଛନ୍ତି। ବରୀ ପାଚିକା ସହାୟିକା ସଂଘର ସଭାନେତ୍ରୀ ସୁମିତ୍ରା ରଥଙ୍କ ନେତୃତ୍ୱରେ ଶତାଧିକ ପାଚିକା ସହାୟିକା ସାମିଲ ହୋଇ ରାସ୍ତାରୋକ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ନ୍ୟାଯ୍ୟ ଦାବି ପାଇଁ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।




ପାଚିକା ସହାୟିକା ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## କୁସୁପୁର ସରପଞ୍ଚଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୯।୧(ଡି.ଏନ୍.ଏ.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ପଞ୍ଚାୟତ ସରପଞ୍ଚ ତଥା ବାଲିଚନ୍ଦ୍ରପୁର ବଜାର ବ୍ୟବସାୟିକ ମନୋଜ କୁମାର ସାହୁ(୫୩)ଙ୍କ ବୁଧବାର ପରଲୋକ ହୋଇଛି। ସେ କିଛିଦିନ ହେବ ହୃଦ୍‌ରୋଗରେ ପୀଡିତ ହୋଇ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇ ଫେରିଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରଲୋକେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ପାଇ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଶୋକ ପ୍ରକାଶ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନା, ଅମରେନ୍ଦ୍ର ସିଂ, ବାଲିଚନ୍ଦ୍ରପୁର ବଜାର ସଭାପତି ଅଜୟ କୁମାର ବିଶ୍ୱାଳ, ସମିତି ସଭ୍ୟ ପ୍ରଶାନ୍ତ ରାଉତରାୟ, ପ୍ରଭାଷ ଚନ୍ଦ୍ର ପାଢ଼ିଙ୍କ ସମେତ ବହୁ କର୍ମକର୍ତ୍ତା ମନୋଜଙ୍କ ବାସ ଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି ।

## ଅଧ୍ୟାପକ ଅଭାବ, ଅବସର ନେବେ ଅଧକ୍ଷ

**ବରୀ,୯।୧(ସ୍ୱ.ପ୍ର)**

**ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ**



■ ୧୨ ବିଭାଗରେ ଖାଲି ପଡ଼ିଛି ୪୦ ଅଧ୍ୟାପକ ପଦବୀ
■ ମହାବିଦ୍ୟାଳୟରେ ରହିଛି ଅନେକ ସମସ୍ୟା
■ ଆର୍ଥିକ ସହାୟତା ମିଳୁ ନ ଥିବାରୁ ଅସନ୍ତୋଷ

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରାମଚନ୍ଦ୍ରପୁରରେ ୧୯୬୫ରେ ସ୍ଥାପିତ ହୋଇଥିଲା ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ। ବେସରକାରୀ ଅନୁଦାନପ୍ରାପ୍ତ ଏହି ମହାବିଦ୍ୟାଳୟରେ ଏବେ ୧୨ଟି ବିଭିନ୍ନ ବିଭାଗରୁ ୪୦ ଅଧ୍ୟାପିକା ଅଧ୍ୟାପକ ପଦବୀ ଖାଲିପଡିଛି। ଫେବୃୟାରୀରେ କାର୍ଯ୍ୟରତ ଅଧକ୍ଷ ଅବସର ନେବେ ବୋଲି ଜଣାପଡିଛି। ଉଚ୍ଚଶିକ୍ଷା ବିଭାଗର ଗ୍ରେଡ(ବି)ରେ ଏହି ମହାବିଦ୍ୟାଳୟକୁ ମାନ୍ୟତା ରହିଛି। ଦୀର୍ଘଦିନ ଧରି ୟୁଜିସି ଅନୁଦାନ ଆସୁ ନ ଥିବା ମହାବିଦ୍ୟାଳୟର ଉନ୍ନତିରେ ସମସ୍ୟା ଦେଖାଦେଇଛି। ୪୦ ଅଧ୍ୟାପିକାଅଧ୍ୟାପକ ପଦବୀ ଖାଲି ପଡିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି। ମହାବିଦ୍ୟାଳୟର ଉନ୍ନତି ପାଇଁ ଆର୍ଥିକ ସହାୟତା ମିଳୁ ନ ଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୋର୍ସ ବଦଳୁ ଥିଲେ ହେଁ ପାଠାଗାରରେ ଠିକ ବହି ମିଳୁ ନ ଥିବା ଜଣାପଡିଛି। ପାଚେରି ନ ଥିବା ବେଳେ ଆବଶ୍ୟକ ସାଇକେଲ ଷ୍ଟାଣ୍ଡ ବି ନାହିଁ। ମହାବିଦ୍ୟାଳୟ ପରିସରରେ ଏକ ବଡ଼ ପାଣିଟାଙ୍କିର ଆବଶ୍ୟକତା ରହିଛି। ବିଜ୍ଞାନ ପରୀକ୍ଷାଗାରରେ ଆବଶ୍ୟକ ଅନୁଯାୟୀ କେମିକାଲ ନ ଥିବାରୁ ଛାତ୍ରୀଛାତ୍ରମାନେ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି। ୨ବର୍ଷ ତଳେ ଏକ ଛାତ୍ରୀନିବାସ ନିର୍ମାଣ ହୋଇଥିଲାବେଳେ ଜଣେ ହେଲେ କେହି ଛାତ୍ରୀ ସେଠାରେ ରହୁ ନାହାନ୍ତି। ଯୁକ୍ତ ୨କୁ ଅଲଗା କରି ଦିଆଗଲେ ଏହି ଛାତ୍ରୀଛାତ୍ରମାନେ ନାନା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାପଡିଛି। ଦୀର୍ଘଦିନ ଧରି ଖେଳ ଶିକ୍ଷକ ନ ଥିବାରୁ ଛାତ୍ରୀଛାତ୍ରମାନେ ଖେଳରୁ ବଞ୍ଚିତ ହେଉଛନ୍ତି। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ସରକାରୀ ମାନ୍ୟତା ମିଳିଲେ ଆର୍ଥିକ ସହାୟତା ମିଳିବ ଏବଂ ଏହାର ପରିସ୍ଥିତିରେ ସୁଧାର ଆସିପାରିବ ବୋଲି ଦାବି ହୋଇଛି। ଜିଲାର ଏହି ସର୍ବପୁରାତନ ମହାବିଦ୍ୟାଳୟକୁ ସରକାରୀ କରିଦେବା ପାଇଁ ଛାତ୍ରୀଛାତ୍ର ଅଭିଭାବକ ମହଲରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଅଧକ୍ଷ ନାରାୟଣ ପ୍ରସାଦ ଜେନାଙ୍କୁ ପଚାରିବାରୁ, ଅଧ୍ୟାପିକାଅଧ୍ୟାପକ ପଦବୀ ଖାଲି ରହିଛି। ଆସନ୍ତା ମାସରେ ସେ ନିଜେ ବି ଅବସର ନେବାକୁ ଯାଉଛନ୍ତି। ତେବେ ଜଣେ ନୂତନ ଅଧକ୍ଷଙ୍କୁ ନିଯୁକ୍ତ କରିବାକୁ କୁହାଯାଇଥିବା ପ୍ରକାଶ କରିଛନ୍ତି।

**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK-753014, ODISHA
O.A. No.160 of 2018
Canara Bank, Badambadi Branch, Cuttack... Applicant
Versus
M/s Madhu Electricals & Others.... Defendant

To

Def. (1) M/s Madhu Electricals represented through its proprietor Smt. Madhumita Roy, W/o- Nishikanta Dash, C/o Hemanta Kumar Das, At- Plot No. 1F/113, Sector-10, Po- Markat Nagar, CDA, Cuttack-Pin-753014

Def. (2)- Madhumita Roy, W/o Nishikanta Dash, Prop. M/s Madhu Electricals, At/po- Plot No. IF/113, Sector-10, Markat Nagr, CDA, Cuttack, Pin-753014

Def. (3)- Sri Nishikanta Dash, S/o Hemanta Kumar Dash, At- Plot No. 1F/113, Sector-10, Po- Markat Nagar, CDA, Cuttack, Pin- 753014

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 160 of 2018** in the Court of the Debts of Recovery Tribunal, Cuttack for recovery of **Rs.17,82,846/-** only together with current and future interest, cost and other reliefs. The above mentioned defendants are therefore, directed to appear before this Tribunal in person or through an advocate or duly authorized agent, in support of their defense to show cause within 30days from the date of publication or **on 14.02.2019 at 10.30am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **7th day of Jan' 2019.**

**Sd/- (SRIKANTA KUMAR MAIKAP)**
**REGISTRAR**

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

**ପାତ୍ରପୁର,୯।୧(ଡି.ଏନ୍.ଏ.) :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୧୪ ତାରିଖରେ ଚିକିଟି ନିର୍ବାଚନ ମଣ୍ଡଳୀ ଗସ୍ତ କରିବେ। ସେ ପାତ୍ରପୁରରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏ ନେଇ ବୁଧବାର ପାତ୍ରପୁରଠାରେ ଭାଜପା ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଦଳର ଗଞ୍ଜାମ ଜିଲା ପ୍ରଭାରୀ ଗୋଲକ ମହାପାତ୍ର ଯୋଗଦେଇଥିଲେ। ସେ କେନ୍ଦ୍ରମନ୍ତ୍ରୀଙ୍କ ସଭାସ୍ଥଳ, ଓ ହେଲିପ୍ୟାଡ଼ ବୁଲି ଦେଖିଥିବା ସହ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ । ଯୁବ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ମଣ୍ଡଳ ସଭାପତି ଓ ବିଭିନ୍ନ ପଞ୍ଚାୟତର କର୍ମୀ ମାନେ ଯୋଗ ଦେଇ ମନ୍ତ୍ରୀଙ୍କ ସମ୍ପର୍କିତ ଆଲୋଚନାରେ ଭାଗ ନେଇଥିଲେ ।

■ ପ୍ରସୂତିକକ୍ଷରେ ରୋଗୀଙ୍କୁ ଅର୍ଥ ଶୋଷଣ ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପାର ସ୍ମାରକପତ୍ର

ବ୍ରହ୍ମପୁର ଅଫିସ,୯।୧

ବ୍ରହ୍ମପୁର ବଡ ମେଡିକାଲ ପ୍ରସୂତି କକ୍ଷରେ ରୋଗୀଙ୍କୁ ଅର୍ଥଶୋଷଣ ବନ୍ଦ କରିବା ଏବଂ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲାଯିବା ଦାବିକରି ବୁଧବାର ପୂର୍ବାହ୍ନରେ ଭାଜପା ପକ୍ଷରୁ ଅଧୀକ୍ଷକ ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆବଶ୍ୟକ ପଦକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିକରି ଦସ୍ତଖତ ସମ୍ବଳିତ ଏକ ସ୍ମାରକ ପତ୍ର ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡା ଓ ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳଙ୍କୁ ପ୍ରଦାନ କରାଯାଇଥିଲା। ପ୍ରକାଶଯେ, ଜାନୁୟାରୀ ୪ ତାରିଖରେ ବ୍ରହ୍ମପୁର ଦଲୁଆ ସାହିର ଦେବରାଜ ସେଠୀଙ୍କ ସ୍ତ୍ରୀ ପ୍ରସବ ପାଇଁ ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସନ୍ଧ୍ୟାରେ ନର୍ସସଂଘ ଏବଂ ପିଜିଡାକ୍ତର ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବାରୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ଉକ୍ତ ସମୟରେ ତାଙ୍କ ସ୍ତ୍ରୀ ଯନ୍ତ୍ରଣା ପାଉଥିବା ବେଳେ ତାଙ୍କୁ ଚିକିତ୍ସା ଯୋଗାଇଦେବା ପରିବର୍ତ୍ତେ ନିଶ୍ଚେତକ ଏବଂ ଓଏନଟି କିଟ୍ ପାଇଁ ଉକ୍ତ ବିଭାଗରେ କାର୍ଯ୍ୟରତ ନର୍ସ ଓ ଫାର୍ମାସିଷ୍ଟମାନେ ଦାବି କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଅର୍ଥାଭାବ ସତ୍ତ୍ୱେ ୩୭୦ ଟଙ୍କା ଦେଇ ବିଳମ୍ବିତ ରାତିରେ ସ୍ତ୍ରୀଙ୍କ ସନ୍ତାନ ପ୍ରସବ କରାଇଥିଲେ ବୋଲି ଦେବରାଜ ବୁଧବାର ଅଧୀକ୍ଷକ ଏବଂ ପ୍ରଶାସନିକ ଅଧିକାରୀଙ୍କ ସମ୍ମୁଖରେ ଗୁହାରି କରିଛନ୍ତି। ତେବେ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ପ୍ରଶାସନିକ ଅଧିକାରୀ ଏବଂ ଅଧୀକ୍ଷକଙ୍କ ଚାମ୍ବରରେ ଭାଜପା କର୍ମୀମାନେ କିଛି ସମୟ ପାଇଁ ହୋହାଲ୍ଲା କରିଥିଲେ। ଏହାପରେ ଲିଖିତ ଅଭିଯୋଗପତ୍ର ଦେଲେ ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ପାଇବା ପରେ ଭାଜପା ପକ୍ଷରୁ ଏକ ଲିଖିତ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଆନ୍ଦୋଳନରେ ଭାଜପା ନେତା ରାମ ପାତ୍ର, ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଏସ୍.ରାଣୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁବାସିନୀ ପଟ୍ଟନାୟକ, ଯୁବନେତା ସିଦ୍ଧାନ୍ତ ଗଙ୍ଗଦେବ ଓ ବିକାଶ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ । ଅନ୍ୟପକ୍ଷରେ ରୋଗୀ ଏବଂ ସମ୍ପର୍କୀୟଙ୍କୁ ୨୪ ଘଣ୍ଟିଆ ସୂଚନା ଏବଂ ଯେ କୌଣସି ସେବା ଯୋଗାଇଦେବା ପାଇଁ ହେଲ୍ପ ଡେସ୍କ ସ୍ଥାପନ କରାଯାଇଛି । ପ୍ରସୂତି କକ୍ଷରେ ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ସ୍ଥାପନ ନେଇ ଆଲୋଚନା କରାଯିବ ବୋଲି ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳ ଜଣାଇଛନ୍ତି । ସେହିପରି ରୋଗୀଙ୍କ ଠାରୁ ଅର୍ଥ ନେବା ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡା କହିଛନ୍ତି ।



ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପ୍ରସୂତିଙ୍କ ସ୍ୱାମୀ ଓ ଭାଜପା ପକ୍ଷରୁ ଅଭିଯୋଗ ଉପସ୍ଥାପନ କରାଯାଇଛି।

# ମା' ସରୋଜିନୀ ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବ୍ରହ୍ମପୁର ଅଫିସ୍,୯।୧

ଶିଳ୍ପାଞ୍ଚଳ ସ୍ଥିତ ମା' ସରୋଜନୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ୱମୋହିନୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଇଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଡେପୁଟି ମେୟର୍ ଜ୍ୟୋତ୍ସ୍ନା ନାୟକ, ଜିଲା ବିଜେଡ଼ି ଉପସଭାପତି ଉମାଚରଣ ନାୟକ, ଲାଇଫ୍ ଲାଇନ୍ ସଭାପତି ଏଲ୍. ସୁଦାମ ଦାସ, ଖବରଦାତା ସୁଦୀପ କୁମାର ସାହୁ, କ୍ରୀଡ଼ା ଶିକ୍ଷକ କେଦାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୦୦, ୨୦୦, ୪୦୦ମିଟର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଶଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ ଆଦି ଖେଳ ହୋଇଥିଲା। ମିନି କୁମାରୀ ପାଣିଗ୍ରାହୀ ଚାମ୍ପିୟନ୍ ହୋଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ନର୍ମଦା ନାୟକ, ବ୍ରଜବନ୍ଧୁ ମଣ୍ଡଳ, କେଦାର ସାହୁ, ଅରୁଣ କୁମାର ପ୍ରଧାନ ଓ ବସନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସବିତା ମହାପାତ୍ର, ମଧୁସ୍ମିତା ପଟ୍ଟନାୟକ, ଶାନ୍ତିଲତା ଦେବୀ, ଜୟଲକ୍ଷ୍ମୀ ସେନାପତି, ସ୍ମିତାରାଣୀ ଜେନା, ଜୟଶ୍ରୀ ନେପାକ, ମମତା ମହାପାତ୍ର, ରବୀନ୍ଦ୍ରନାଥ ମହାପାତ୍ର, ଝରଣା ସାବତ, ରିତେଶ ପଟ୍ଟନାୟକ, ହେମନ୍ତ କୁମାର ସାହୁ ଓ ରଜନୀ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରି ଲାଭରେ ନ ପୂରେ ପେଟ
ଯେଉଁ ନିଅଣ୍ଟକୁ ସେଇ ନିଅଣ୍ଟ ।**

ପାପଧନ କେବେହେଲେ ଭୋଗ୍ୟ ହୁଏ ନାହିଁ। ଅନ୍ୟାୟ, ଅନୀତି ତଥା ଅସତ୍ ଉପାୟରେ ଉପାର୍ଜନ କରାଯାଉଥିବା ଧନ କୌଣସି ସତ୍‌କର୍ମରେ ଲାଗିପାରେ ନାହିଁ ବରଂ ଏହା ଦୁଃଖର କାରଣ ପାଲଟିଥାଏ। ଅସତ୍ ମାର୍ଗରେ ଅଣାଯାଉଥିବା ଧନ କେବେ ବି ଲାଭପ୍ରଦ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲୁଅ ଲଗେଇ ଗଲୁ,
ବାପା କରିଥିଲେ ବାଛି ବାଛି ଜୋଇଁ
ସେ ତ ନିପଟ ଓଲୁ ।**

ଶ୍ରେଷ୍ଠ ବୋଲି ବିଚାର କରି ଆପଣେଇ ନିଆଯାଉଥିବା ବ୍ୟକ୍ତି ଅଯୋଗ୍ୟ, ଅପଦାର୍ଥ ବୋଲି ପ୍ରମାଣିତ ହେଲେ ମଣିଷ ହତୋତ୍ସାହିତ ହୋଇଯାଏ। ସାଧାରଣତଃ ଓଲୁ ବା ହୁଣ୍ଡା ପ୍ରକୃତିର ବ୍ୟକ୍ତି କୌଣସି ଗୁଣକୁ ଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କ ଦ୍ୱାରା କୌଣସି କାର୍ଯ୍ୟ ଠିକ୍ ଢଙ୍ଗରେ କରାଯାଇପାରୁ ନ ଥିବା ସ୍ଥଳେ ଏପରି ଗୁଣହୀନ ବ୍ୟକ୍ତିଙ୍କୁ ପତି ରୂପରେ ପାଇ ପତ୍ନୀ ମନ ଊଣା କରିବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.


**ODISHA HYDRO POWER CORPORATION LTD.**
OHPC
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT, AT/PO: BARINIPUT, DIST: KORAPUT- 764006**
PHONE – 06854-242001, FAX – 06854-242038, E-mail: sgmel_ukhep@ohpcltd.com
CIN: U401010R1995SGC003963

**e-PROCUREMENT NOTICE NO.- UKHEP/ET - 13/2018-19, Dated 07.01.2019**

**No. CAD-1241:-** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Double cover system in ONLINE MODE only from eligible contractors for the works as mentioned below.

| Group | Name of the work | Approx. Estimated cost (in Rs.) | E.M.D. (in Rs.) (online) | Cost of bid document (online) | Class of Contractor | Availability of Bids online for Bidders | Due date and time of Opening of Technical Bid |
|---|---|---|---|---|---|---|---|
| A | Painting of wooden doors and windows of Power House Colony, UKHEP, Bariniput | 5,95,300/- | 6000/- (online) | 4720/- (Rs. 4000/- +18% GST) (online) | "C" & "D" | From 10:00 Hrs of 17.01.2019 to 17.00 Hrs. of 31.01.2019 | At 11.30 Hrs. of 04.02.2019 |
| B | Painting of wooden doors and windows of Bariniput Colony, UKHEP, Bariniput | 7,92,425/- | 8000/- (online) | 4720/- (Rs.4000/- +18% GST) (online) | "C" & "D" | From 10:00 Hrs of 17.01.2019 to 17.00 Hrs. of 31.01.2019 | At 13.00 Hrs. of 04.02.2019 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Cetificate (DSC).
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

04002/11/0078/1819 — *Unit Head, UKHEP, Bariniput*

**ZILLA SWASTHYA SAMITI, BOUDH**

**Notification No. 21, Date : 07.01.2019**

**Objection Invitation (ANM & LT)**

No.749-E

The draft database of the candidates applied for the post of ANMs and LTs under NHM vide Advt. No. 2527, Dtd. 15.12.2018 has been prepared and uploaded in the district web portal www.boudh.nic.in. The candidates are advised to go through the badabase and submit their objection (if any) relating database to the CDM & PHO-cum-District Mission Director, At/ Po- Boudh, PIN- 762014 by 14.01.2019 (5 PM) through Speed Post / Regd. Post / Courier / By hand / Email (hrnhmboudh@gmail.com) in the prescribed format.

**CDM & PHO-cum-District Mission Director, Boudh**

10107/11/0034/1819

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**[GOVERNMENT OF ODISHA]**
**OFFICE OF THE EXECUTIVE ENGINEER**
**BARGARH (R&B) DIVISION, BARGARH**
E-mail: eepwdbgh@gmail.com, Phone/Fax: 06646-234819
INVITATIONS FOR BIDS (I.F.B.)
No.1104-B:- e-Procurement Notice
IDENTIFICATION NO.IFB-EE PWD BGH No.49 of 2018-19
No. 100 Dt. 05.01.2019

| | | | |
|---|---|---|---|
| 1) | The Executive Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Double & Single Cover System in ONLINE MODE for the construction of Building works as detailed in the Detailed Tender Call Notice (D.T.C.N.) from the eligible class of contractors. | | |
| 2) | No. of works | : | 02 (Two) Nos. |
| 3) | Cost of Tender Paper | : | Rs. 10,000/- & Rs. 6,000/- |
| 4) | Class of contractor | : | "B" & "A" Class |
| 5) | Date & Time of available in website & receipt of Bids | : | 11.00 hrs of 30.01.2019 to 17.00 hrs of 08.02.2019. |
| 6) | Date of opening ofTechnical Bid | : | 12.02.2019 at 11.30 hrs. |
| 7) | The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in. | | |
| 8) | Any corrigendum/ Addendum will be displayed in the website https://tendersodisha.gov.in only. | | |

Sd./- (C.P. Gantayat)
Executive Engineer,
Bargarh (R&B) Division
34039/11/0024/1819

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com, Telephone: 06645-271242, Kalimandir Road, Jharsuguda- 768202
No.1107-B:- "e"-Procurement Notice
Bid Identification NO-EE-R&B-JSG-22 OF 2018-19

| | | | |
|---|---|---|---|
| 1. | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single cover system on ON-LINE mode from eligible contractors for Construction of Building (Composite Civil + EI + PH) and EI Works as detailed in DTCN. | | |
| 2. | Nature of Work | : | Building (Composite Civil + EI + PH) & EI Works |
| 3. | Estimated cost | : | Rs. 5.89 Lakhs to Rs. 49.70 Lakhs |
| 4. | No. of work | : | 02 (Two) Nos. |
| 5. | Tender Cost | : | Rs. 4000/- and Rs. 6000/- (as per DTCN) |
| 6. | Class of Contractor | : | "B", "A" & HT Class |
| 7. | Availability of bid document in the website | : | 10.00 AM of Dt. 14.01.2019 to 5.00 PM of Dt. 24.01.2019 |
| 8. | Date of opening of Technical Bid (Cover-I) | : | 11.30 AM on Dt. 28.01.2019 |
| 9. | The bidders have to participate in ON-LINE bidding only. Further details can be seen from the website https:// tendersodisha.gov.in. Any addendum/ corrigendum/ cancellation of tender can also be seen in the said website. | | |

Sd./- Executive Engineer,
Jharsuguda (R&B) Division
34094/11/0022/1819

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143

TARIFF
MORE SPACE • SAME PRICE
*GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପିଠା ଶିବିର ପାଇଁ ପୁରସ୍କୃତ ହେବେ ୮ ପଞ୍ଚାୟତ

**ନୟାଗଡ଼ ଅଫିସ,୯।୧:** ଡିସେମ୍ବରରେ ଅନୁଷ୍ଠିତ ପିଠା ଶିବିରକୁ ସୂଚାରୁ ରୂପେ ଆୟୋଜନ କରାଯାଇଥିବାରୁ ଜିଲାର ୮ଟି ବ୍ଲକର ୮ ପଞ୍ଚାୟତକୁ ପୁରସ୍କୃତ କରାଯିବ। ସେଗୁଡ଼ିକ ହେଲା ଭାପୁର ବ୍ଲକର ବିଜିପୁର ପଞ୍ଚାୟତ, ଦଶପଲ୍ଲାର ଶିମିଳିସାହି, ଗଣିଆର କିଶୋରପ୍ରସାଦ, ଖଣ୍ଡପଡ଼ାର ବଡ଼ବାଣପୁର, ନୟାଗଡ଼ର ବିରୁଡ଼ା, ନୂଆଗାଁର ମାଳିସାହି, ଓଡ଼ଗାଁର ପନ୍ତିଖାରୀ ଓ ରଣପୁର ବ୍ଲକର ରଙ୍କଦେଉଳି ପଞ୍ଚାୟତ। ଏହି ପଞ୍ଚାୟତଗୁଡ଼ିକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଚଳିତ ମାସ ଜାନୁୟାରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଜିଲା ମୁଖ୍ୟାଳୟଠାରେ ଏହି ଅର୍ଥ ପ୍ରଦାନ କରାଯିବ। ଏହି ଅର୍ଥରେ ଗ୍ରାମ ପଞ୍ଚାୟତରେ ମିଶନ ଶକ୍ତି ଗୃହ, ପାଠାଗାର, ପୋଖରୀ କୂଳରେ ଲୁଗା ବଦଳାଇବା ଘର, କୋଠଘର ମଧ୍ୟରୁ ଯେ କୌଣସି ଗୋଟିଏ ଗୃହ କରାଯିବ।

### ଷ୍ଟାଡିୟମରୁ ମୃତ ହରିଣ ଉଦ୍ଧାର

**ପୁରୀ ଅଫିସ,୯।୧:** ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍ ପରିସରରୁ ବୁଧବାର ଏକ ମୃତ ହରିଣ ଉଦ୍ଧାର କରାଯାଇଛି। ସକାଳୁ ଷ୍ଟାଡିୟମ୍‌କୁ ଦୌଡିବାକୁ ଆସିଥିବା କେତେଜଣ ଲୋକ ହରିଣଟି ମରି ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗର କର୍ମଚାରୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ ଅଣ୍ଡିରା ହରିଣଟିକୁ ଉଦ୍ଧାର କରିଥିଲେ। ପ୍ରାୟ ୩ରୁ ୪ ବର୍ଷ ବୟସ ହୋଇଥିବା ଏହି ହରିଣଟିର ମୃତ୍ୟୁର କାରଣ ଜଣାପଡି ନାହିଁ। ଏହାର ବେକରେ କ୍ଷତ ଚିହ୍ନ ରହିଥିବା ବେଳେ ପେଟରୁ ଚମଡ଼ା ଉତୁରିଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ହରିଣଟିର ବ୍ୟବଚ୍ଛେଦ କରାଯିବା ପରେ ରେଞ୍ଜ ଅଫିସ କ୍ୟାମ୍ପସ ଭିତରେ ପୋତି ଦିଆଯାଇଛି।

### ଦୋକାନ ଜଳିଗଲା



**ନିରାକାରପୁର,୯।୧(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥ ଖଜୁରିପଦା ମୁସଲମାନ ସାହି ମୁଣ୍ଡରେ ଥିବା କାମୋରୁଦ୍ଦିନ୍ ସାହା(୫୫)ଙ୍କ ଏକ ଦୋକାନରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ରାତିରେ କାମୋରୁଦ୍ଦିନ ଶୌଚ ନିମନ୍ତେ ବାହାରକୁ ଆସିଥିବା ବେଳେ ତାଙ୍କ ଦୋକାନ ଜଳିଯାଉଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ତେବେ ଅଗ୍ନିକାଣ୍ଡ କବଳରୁ ଜିନିଷପତ୍ର ଉଦ୍ଧାର କରିବାକୁ ଲୋକେ ସକ୍ଷମ ହୋଇପାରି ନ ଥିଲେ। ଏନେଇ ନିରାକାରପୁର ରାଜସ୍ୱ ନିରୀକ୍ଷକ ଅଶ୍ୱିନୀ କୁମାର ଚୌଧୁରୀ କହିଛନ୍ତି ଅଗ୍ନିକାଣ୍ଡର ରିପୋର୍ଟ ଆମେ ନେଇଛୁ। ତେବେ ଏହାର ପ୍ରକୃତ କାରଣ ଜଣାପଡ଼ିନି। ଦମକଳ ବାହିନୀ ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ତେବେ ଶର୍ଟସର୍କିଟ ଯୋଗୁ ଏପରି ଘଟିଥିବା ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ କହିଥିବା ଜଣାପଡ଼ିଛି। ଖବରପାଇ ସାମାଜିକ କର୍ମୀ କାଳୁ ଖଣ୍ଡେଇତରାୟ ବିପନ୍ନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

■ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ୭ମ ସନ୍ଧ୍ୟା

# ଓଡ଼ିଶାର କଳା, ସଂସ୍କୃତି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି

**ପୁରୀ ଅଫିସ,୯।୧**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିଠାରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରଜତ ଉତ୍ସବର ବୁଧବାର ଥିଲା ୭ମ ଦିବସ। ଏହି ଅବସରରେ କ୍ରୀଡ଼ା ଓ ସଂସ୍କୃତି କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ରୀଡ଼ା ଭାରତୀର ରାଜ୍ୟ ସଭାପତି ତଥା ଅନୁଷ୍ଠାନର ସଭାପତି ଦାମୋଦର ପ୍ରଧାନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ଓଡ଼ିଶାର କ୍ରୀଡ଼ା ଓ ସଂସ୍କୃତିର ବିକାଶ ଲାଗି ସରକାର ଯତ୍ନବାନ ହେବା ଦରକାର। ପୂର୍ବତନ ପୋଲିସ ପ୍ରଶାସକ ଅମୀୟ ଭୂଷଣ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି ବୋଲି କହିଥିଲେ। ଓଡ଼ିଆର ପରିଚୟ ହେଉଛି ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱକୁ ଦିଗଦର୍ଶନ ଦେଉଛି। ନିଜ ସଂସ୍କୃତିକୁ ନେଇ ଗର୍ବ ଅନୁଭବ କରିବାକୁ ସେ କହିଥିଲେ। ଶ୍ୟାମଳ କୁଣ୍ଡୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର ସୌରଭ, କବୟିତ୍ରୀ ବିଦ୍ୟା ଦେବୀ, ଐତିହ୍ୟ ଗବେଷକ ସୁରେନ୍ଦ୍ର ମିଶ୍ର, କ୍ରୀଡାବିତ୍ ସଞ୍ଜୀବ ଭଞ୍ଜ, ସାମାଜିକ କର୍ମୀ ଗୀତାଞ୍ଜଳି ପଣ୍ଡା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ବିଶିଷ୍ଟ ସାହିତ୍ୟିକ ଡ. ସୁଧାକର ପଣ୍ଡାଙ୍କୁ କଳିଙ୍ଗ ସୌରଭ, କ୍ରିକେଟ ଖେଳାଳି ପି. ଜୟଚନ୍ଦ୍ରଙ୍କୁ କ୍ରୀଡାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁସ୍ତକ ମେଳା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଅପରାହ୍ନରେ କୁଇଜ ମାଷ୍ଟର ଚନ୍ଦ୍ରବିଜୟୀଙ୍କ ଜଣାଅଜଣା କୁଇଜ୍ ପ୍ରତିଯୋଗିତାରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ଏଥିରେ ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, କଳା ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ। ପରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଦୟାନିଧି ସଙ୍ଗୀତ ସୁଧା ଅନୁଷ୍ଠାନର କୁନିକୁନି କଣ୍ଠଶିଳ୍ପୀମାନେ ପାରମ୍ପରିକ ଭକ୍ତି ସଙ୍ଗୀତ ପରିବେଷଣ କରି ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ପ୍ରଶାନ୍ତ ରଥଙ୍କ ପରିଚାଳନାରେ କଣ୍ଠଶିଳ୍ପୀ ଅନନ୍ୟା, ମେଘନା, ସ୍ମିତା, ସମର୍ପିତା, ଷ୍ଟାଲିନ୍ ଓ ସରୋଜିନୀ ପ୍ରମୁଖ ଗୋଟିଏ ପରେ ଗୋଟିଏ ଭଜନ, ଭକ୍ତିସଙ୍ଗୀତରେ ଗାନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ।

ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗା ପ୍ରସାଦ କରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଫଟୋରେ ଶ୍ରୀଜଗନ୍ନାଥ ଚିତ୍ର ପ୍ରଦର୍ଶନୀକୁ ଦର୍ଶକ ବେଶ ଉପଭୋଗ କରିଥିଲେ।



ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

ଉପକୂଳ ପଦଯାତ୍ରା

# ସାମାଜିକ କାର୍ଯ୍ୟରେ ଏନ୍‌ସିସିର ଭୂମିକା ପ୍ରଶଂସନୀୟ

**ପୁରୀ ଅଫିସ,୯।୧**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ଦ୍ୱିତୀୟ ପର୍ଯ୍ୟାୟ ଉପକୂଳ ପଦଯାତ୍ରା ବୁଧବାର ସ୍ଥାନୀୟ ଷଷ୍ଠ ବାଟାଲିୟନ ପରିସରରୁ ଆରମ୍ଭ ହୋଇଛି। ଏହି ପଦଯାତ୍ରାକୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଉଦ୍‌ଘାଟନ କରି କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସେ ଏନ୍‌ସିସିର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳା ଜ୍ଞାନର ବିକାଶ ଲାଗି ଆହ୍ୱାନ କରିଥିଲେ। ଏନ୍‌ସିସି କ୍ୟାଡେଟ୍‌ମାନେ ରାଷ୍ଟ୍ରର ସୁରକ୍ଷା, ଜାତୀୟ ସଂହତି, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଅନ୍ତୁ। ଏଥିସହିତ ଗଠନମୂଳକ କାର୍ଯ୍ୟରେ ଅଗ୍ରସର ହେବାକୁ ଜିଲାପାଳ କହିଥିଲେ। ପଦଯାତ୍ରାରେ ଯିବା ସମୟରେ ଉପକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସହ ବନ୍ଧୁତ୍ୱ ସ୍ଥାପନ, ସ୍ନେହ ଓ ଶ୍ରଦ୍ଧା ପୂର୍ବକ ଭାଇଚାରାର ବାର୍ତ୍ତା ଦେବା ଲାଗି ପରାମର୍ଶ ଦେଇଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ଏନସିସିର ଭୂମିକା ପ୍ରଶଂସନୀୟ ବୋଲି ମଧ୍ୟ କହିଥିଲେ। ଓଡ଼ିଶା ପୋଲିସରେ ନୂତନ ଭାବେ ଯୋଗଦାନ କରିଥିବା ଏନ୍‌ସିସି କ୍ୟାଡେଟମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷଷ୍ଠ ଓଡ଼ିଶା ବାଟାଲିୟନର ମୁଖ୍ୟ (କମାଣ୍ଡିଙ୍ଗ ଅଫିସର) ଲ୍ୟୁଟନାଣ୍ଟ କର୍ଣ୍ଣେଲ ଅଭୟ ସିଂ, ଲ୍ୟୁଟନାଣ୍ଟ କର୍ଣ୍ଣେଲ(ପ୍ରଶାସନିକ ଅଧିକାରୀ) ରବୀନ୍ଦ୍ର କୁମାର ପାତ୍ର, ଲ୍ୟୁଟନାଣ୍ଟ କର୍ଣ୍ଣେଲ ଚନ୍ଦନ ଝା, ଜି. ବି. ଏସ. କେ. ରାଓ, ଶଶିଧର କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରାରେ ୨୫୦ କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ତାମିଲନାଡୁ, ପୁଡୁଚେରୀ, ଆଣ୍ଡାମାନ ନିକୋବର, ମଣିପୁର, ତ୍ରିପୁରା, ଆସାମ, ନାଗାଲାଣ୍ଡ ପ୍ରଭୃତି ଅଞ୍ଚଳର କ୍ୟାଡେଟ ମାନେ ଯୋଗଦାନ କରିଛନ୍ତି। ଲ୍ୟୁଟନାଣ୍ଟ କମାଣ୍ଡର ରାକେଶ ପଣ୍ଡା ଏବଂ ୫ ଆସୋସିଏଟ୍ ଏନସିସି ଅଫିସର ସେମାନଙ୍କୁ ଗାଇଡ କରୁଛନ୍ତି। ପଦଯାତ୍ରାକୁ ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା ବାଲୁଖଣ୍ଡ ଅଭୟାରଣ୍ୟରେ ଚାଲିଥିବା ବନ୍ୟଜନ୍ତୁ ସଂରକ୍ଷଣ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ।




ଏନ୍‌ସିସି କ୍ୟାଡେଟ୍ ଓ ଅନ୍ୟମାନେ।

# ୨ୟ ଦିନରେ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ

**ରଣପୁର,୯।୧(ସ୍ୱ.ପ୍ର.)**

୨୧ ଦଫା ଦାବି ନେଇ ୪୮ ଘଣ୍ଟିଆ ବନ୍ଦ'ର ୨ୟ ଦିବସରେ ରଣପୁରରେ ଶାନ୍ତିଶୃଙ୍ଖଳାର ସହ ବନ୍ଦ ସଫଳ ହୋଇଥିବା କୁହାଯାଇଛି । ନୟାଗଡ ଜିଲା ରଣପୁର ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଆଖପାଖ ଅଞ୍ଚଳରେ ବନ୍ଦ ପଳନ କରାଯାଇଛି। ଛକ ଓ ମୁଖ୍ୟ ରାସ୍ତାକୁ ଅବରୋଧ କରି ଟ୍ରେଡ୍ ୟୁନିୟନ୍ ଡାକରାରେ ବିଭିନ୍ନ ଦଳର ନେତାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବନ୍ଦ ପାଳନ କରିଥିଲେ। ରାଷ୍ଟ୍ରୀୟ ମଜ୍‌ଦୁର କଂଗ୍ରେସ, ଶ୍ରମିକ ସଂଗଠନ, ସିଟୁ, ଏଆଇଟିୟୁସି ନେତୃତ୍ୱରେ ବନ୍ଦ ପାଳନ ବେଳେ ରଣପୁରରେ ଦୋକାନ, ବଜାର, କୋର୍ଟ, ସ୍କୁଲ୍, ତହସିଲ୍, ବ୍ଲକ ଆଦି ସମସ୍ତ ସରକାରୀ କାର୍ଯ୍ୟାଳୟ ଓ କେତେକ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା ।

**ଦଶପଲ୍ଲା,(ଡି.ଏନ.ଏ.):** ୧୧ଦଫା ଦାବି ନେଇ ବିଭିନ୍ନ ଟ୍ରେଡ୍ ୟୁନିୟନ ତରଫରୁ ଦିଆଯାଇଥିବା ବନ୍ଦ ଡାକରାର ୨ୟ ଦିବସରେ ଯାନବାହାନ ଚଳାଚଳ ବନ୍ଦ ରହିଥିବାବେଳେ ଦୋକାନ ବଜାର ଖୋଲା ରହିଥିଲା। ଶିକ୍ଷାନୁଷ୍ଠାନ ସହ ବହୁ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ବ୍ଲକ ଅଫିସ ସମ୍ମୁଖସ୍ଥ ଜାତୀୟ ରାଜପଥ ଉପରେ ବସିରହିଥିଲେ ଏବଂ ସେଠାରେ ପ୍ରତିବାଦ ସଭା କରାଯାଇଥିଲା । ଉକ୍ତ ପ୍ରତିବାଦ ସଭାରେ ସିପିଆଇ(ଏମ) ନେତା ଶରତ ବେହେରା, କୃଷକ ନେତା ଗଣେଶ୍ୱର ନାୟକ, ମହିଳା ନେତ୍ରୀ ଜୟନ୍ତୀ ଦାସ, କଂଗ୍ରେସ ନେତା ବେଣୁଧର ନାୟକ, ମହିଳା କଂଗ୍ରେସର ଜିଲା ସଭାନେତ୍ରୀ ଉମାରାଣୀ ପାଣି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଯାନବାହନ ଚଳାଚଳ ବନ୍ଦ ଥିବା ଯୋଗୁଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

**ବୋଲଗଡ଼,(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ କେତେକ ନୀତିକୁ ବିରୋଧ ସହ ୧୨ ଦଫା ଦାବି ନେଇ ବୋଲଗଡଠାରେ ବୁଧବାର ଭାରତ ବନ୍ଦ'ର ଦ୍ୱିତୀୟ ଦିବସ ପାଳନ କରାଯାଇଛି। ତେବେ ବନ୍ଦ ସମୟରେ ଦୋକାନ, ବଜାରଗୁଡ଼ିକ ଖୋଲା ରହିଥିଲା। ଆଶାକର୍ମୀ, ନିର୍ମାଣ ଶ୍ରମିକ ସଂଘ ଓ ସିପିଆଇ ତରଫରୁ ପୂର୍ବାହ୍ନ ୧୧ଟା ସମୟରେ ବ୍ଲକ କାର୍ଯ୍ୟାଳୟ, ତହସିଲ ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ପିକେଟିଂ କରାଯାଇଥିଲା। ଆଇନଜୀବୀ ଅମିୟ ପଟ୍ଟନାୟକ, ସିପିଆଇ ନେତା ଲକ୍ଷ୍ମଣ ସେଠୀ ଓ ବିନୋଦ ବରାଡ, ଶ୍ରମିକ ନେତା ଯୋଗୀ ଶ୍ରୀଚନ୍ଦନ, ଆଶାକର୍ମୀ ନେତା ବସନ୍ତ ସେଠୀ ଓ ଶରତ ଦାଶ, ଅଜୟ ମଙ୍ଗରାଜ ଓ ଆଦିବାସୀ ନେତା ଗଗନ ନାୟକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।




ରଣପୁରଠାରେ ଟ୍ରେଡ ୟୁନିୟନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

୨୫ରେ ଜାତୀୟ ଭୋଟର ଦିବସ

# ସିଂହଦ୍ୱାରରୁ ବାହାରିବ ସଚେତନତା ରାଲି

**ପୁରୀ ଅଫିସ,୯।୧**

ଜାତୀୟ ଭୋଟର ଦିବସ ପାଳନ ଉପଲକ୍ଷେ ବୁଧବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭବତାରଣ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଆସନ୍ତ ୨୫ ତାରିଖରେ ନବମ ଜାତୀୟ ଭୋଟର ଦିବସ ପାଳନ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରୁ ସଚେତନତା ରାଲି ବାହାରିବ। ଜିଲାପାଳ ଏହି ରାଲିର ଶୁଭାରମ୍ଭ କରିବେ। ଏଥିସହ ମାନବ ଶୃଙ୍ଖଳ ମଧ୍ୟ କରାଯିବ। ସଚେତନତା ରାଲି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚିବା ପରେ ସେଠାରେ ସଭା ଚାଲିବ। ଜାତୀୟ ଭୋଟର ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ନୂତନ ଭୋଟରମାନଙ୍କୁ ଭୋଟର ଫଟୋ ପରିଚୟପତ୍ର ପ୍ରଦାନ ସହ ଭୋଟର ଦିବସ ଶପଥ ପାଠ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର ଭୋଟର ଦିବସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ଜିଲା କ୍ରୀଡ଼ା ଅଧିକାରୀ ନାରାୟଣ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସଦାଶିବ ମେମୋରିଆଲ କ୍ରିକେଟ୍: ବିଡ଼ାନାସୀ ସେମିରେ

**ଭାପୁର,୯।୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମ ଯୁବକ ସଂଘ ତରଫରୁ ନାଳିସାଗର ପଡ଼ିଆରେ ୯ମ ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ବୁଧବାର ଖେଳରେ ଯାଁଳାର ବ୍ଲୁ ରକ୍ ଷ୍ଟାରକୁ ୫ ଉଇକେଟ୍‌ରେ ପରାସ୍ତ କରି ବିଡ଼ାନାସୀ(କଟକ) ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ଯାଁଳା କ୍ରିକେଟ୍ କ୍ଲବ୍ ୨୫ ଓଭର୍ ୮ ଉଇକେଟ୍‌ରେ ୨୩୭ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ବିଡାନାସୀ ଦଳ ୧୯ ଓଭରରେ ୫ ଉଇକେଟ୍ ହରାଇ ୨୩୮ ରନ୍ ସଂଗ୍ରହ କରି ୫ ଉଇକେଟ୍‌ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଉତ୍ତମ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦ୍ୱିଜେନ୍ଦ୍ର କୁମାର ଘୋଷ ଓ ଦୁର୍ଗାପ୍ରସାଦ ପଟ୍ଟନାୟକ। ଅତିଥି ଭାବେ ଯୋଗଦେଇଥିଲେ ସାମାଜିକ କର୍ମୀ ମାନସ ରଞ୍ଜନ ବେହେରା ଓ ବିଜୟ କୁମାର ସ୍ୱାଇଁ। ଗୁରୁବାର ପ୍ରଥମ ସେମିଫାଇନାଲ ଖେଳ ମଞ୍ଚେଶ୍ୱର କ୍ରିକେଟ୍ କ୍ଲବ୍ (ଭୁବନେଶ୍ୱରର) ଓ କଳିଙ୍ଗ କ୍ରିକେଟ୍ କ୍ଲବ୍ (ଖୋର୍ଦ୍ଧା) ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାଜପାର ଜନପରାମର୍ଶ ପଦଯାତ୍ରା

**ବୋଲଗଡ଼,୯।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଞ୍ଚଗଡ ମଣ୍ଡଳସ୍ଥିତ ୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭାଜପା ପକ୍ଷରୁ ବୁଧବାର ଏକ ଜନ ପରାମର୍ଶ ପଦଯାତ୍ରା ଆୟୋଜିତ ହୋଇଯାଇଛି। କର୍ମୀ ଓ ନେତାମାନଙ୍କ ସହିତ ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଦଳୀୟ ସଫଳତା ବାର୍ତ୍ତା ନେଇ ପଦଯାତ୍ରା କରିଥିଲେ । ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ବିଜୁଳି, ଦଳୀୟ ନେତା ରବୀନ୍ଦ୍ର କୁମାର ପରିଡା, ଲୋତକବିନ୍ଦୁ ପଟ୍ଟନାୟକ, ସୁବାସ ଚନ୍ଦ୍ର ମିଶ୍ର, ଅଶୋକ ରାଉତ, ସିଲୁ ବଳିୟାରସିଂହ ପ୍ରମୁଖ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ଧଳାପଥର, ଆରିକମ, ବାଙ୍କୋଇଦେଶ ଓ ବଡକୁମାରୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ଷଡ଼ଙ୍ଗୀ ପଦଯାତ୍ରା କରିଥିଲେ।



ଭାଜପା କର୍ମୀ ଓ ନେତାଙ୍କ ସହିତ ଅପରାଜିତା ଷଡଙ୍ଗୀ।

■ ଶ୍ରୀମନ୍ଦିରରେ ସ୍ଥାୟୀ ର୍‍ୟାମ୍ପ୍

# ଆନନ୍ଦବଜାର ମଧ୍ୟ ଦେଇ ଯିବାକୁ ବିରୋଧ

**ପୁରୀ ଅଫିସ,୯।୧**

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଦିବ୍ୟାଙ୍ଗ ଭକ୍ତମାନଙ୍କ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ର୍‍ୟାମ୍ପ୍ (ସ୍ୱତନ୍ତ୍ର ରାସ୍ତା) ତିଆରି ଚାଲିଛି। ପୂର୍ବରୁ ଉତ୍ତର ଦ୍ୱାର ଦେଇ ଏହି ର୍‍ୟାମ୍ପ୍ ରହିଥିଲା। ଦିବ୍ୟାଙ୍ଗ ଭକ୍ତମାନେ ଏହି ର୍‍ୟାମ୍ପ୍ ଦେଇ ସିଧା କୀର୍ତ୍ତନ ଚକଡ଼ାକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ଏହି ର୍‍ୟାମ୍ପ୍ ଖରାପ ହୋଇଯିବାରୁ ଏବେ ସ୍ଥାୟୀ ର୍‍ୟାମ୍ପ୍ ପଥରରେ ତିଆରି କରାଯାଉଛି। ହେଲେ ଏହି ର୍‍ୟାମ୍ପ୍ ବର୍ତ୍ତମାନ ଆନନ୍ଦବଜାର ମଧ୍ୟ ଦେଇ ଯିବାକୁ ସ୍ଥିର ହୋଇଥିବାରୁ ଏହାକୁ ସୁଆର ସେବକ ବିରୋଧ କରିଛନ୍ତି। ଭବିଷ୍ୟତରେ ଏଥିପାଇଁ ଅଘଟଣ ଆଶଙ୍କା କରି କେତେଜଣ ସୁଆର ସେବକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି।

ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ର୍‍ୟାମ୍ପ୍ ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଦିବ୍ୟାଙ୍ଗମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାରେ ବେଶ୍ ଉପକୃତ ହୋଇପାରିବେ। କିନ୍ତୁ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ଉତ୍ତର ଦ୍ୱାର ଗୁମୁଟ ପ୍ରବେଶ ପରେ ବାମପାର୍ଶ୍ୱରୁ ଏହି ସ୍ଥାୟୀ ର୍‍ୟାମ୍ପ ପଥରରେ କରାଯାଉଛି। ଏହା ଈଶାନେଶ୍ୱର ମନ୍ଦିର ସମ୍ମୁଖ, ଆନନ୍ଦବଜାର ଭିତର, ଆନନ୍ଦବଜାର ଗୁମୁଟ ଦେଇ ଯିବାକୁ ଯୋଜନା ହୋଇଛି। ହେଲେ ଏହାଦ୍ୱାରା ଅଘଟଣ ଆଶଙ୍କା ରହିଛି। ଈଶାନେଶ୍ୱର ମନ୍ଦିର ପାଖ ପ୍ରସ୍ଥାନ ଦ୍ୱାରର ଚଉଡ଼ା ୮ରୁ ୧୦ ଫୁଟ। ସେଥିରୁ ର୍‍ୟାମ୍ପ୍ ପାଇଁ ୫ ଫୁଟ ସ୍ଥାୟୀ ନିର୍ମାଣ ହୋଇଛି। ଆଉ ୫ ଫୁଟ ରାସ୍ତାରେ ଭକ୍ତ ଯିବା ଆସିବା କଲାବେଳେ ନିଶ୍ଚିତ ଅସୁବିଧା ହେବ। ସାଧାରଣ ଦିନମାନଙ୍କରେ ଆନନ୍ଦବଜାରରେ ଭୋଗ ବାହାରିବାଠାରୁ ଭୋଗ ବିତରଣ ଶେଷପର୍ଯ୍ୟନ୍ତ ଗହଳି ଲାଗି ରହିଥାଏ। ଏଥିସହ ବିଭିନ୍ନ ପର୍ବପର୍ବାଣିରେ ଅସମ୍ଭାଳ ଭିଡ଼ ମଧ୍ୟ ହୋଇଥାଏ। ସେହିପରି ଶାଖା କାର୍ଯ୍ୟାଳୟ ଗୁମୁଟ ରାସ୍ତାରେ ଦିବ୍ୟାଙ୍ଗ ଭକ୍ତ ଯିବା ବେଳେ ଅଧିକ ଦୁର୍ଘଟଣା ଆଶଙ୍କା ରହୁଛି। ଗତ ଅକ୍ଟୋବର ୩ ପୁରୀ ହିଂସା ପରଠାରୁ ବାଇଶିପାହାଚ ସିଂହ ପାଖ ଦ୍ୱାର ବନ୍ଦ ରହିଛି। ଏଥିପାଇଁ ଶାଖା କାର୍ଯ୍ୟାଳୟ ଗୁମୁଟ ରାସ୍ତାରେ ପ୍ରତିଦିନ ଭିଡ଼ ହେଉଛି। ବୋଝିଆମାନେ ସେହି ଦ୍ୱାର ଦେଇ ମହାପ୍ରସାଦ ଆନନ୍ଦବଜାରକୁ ଆଣିଥାନ୍ତି। ଦୁର୍ଭାଗ୍ୟବଶତଃ ବୋଝିଆ ବେତାରୁ ହେଉ କିମ୍ବା ଅନ୍ୟ କେଉଁ କାରଣରୁ ଯଦି ମହାପ୍ରସାଦ ହାଣ୍ଡି ଭାଙ୍ଗିପଡିଲା ତେବେ ନିଶ୍ଚିତ ଦୁର୍ଘଟଣା ଘଟିବ। ତେଣୁ ପୂର୍ବଭଳି ଯେମିତି ର୍‍ୟାମ୍ପ୍ ଥିଲା ସେମିତି କରାଯାଉ, ନଚେତ ପଶ୍ଚିମ ଦ୍ୱାରରେ କରାଯାଉ ବୋଲି ମଧୁସୂଦନ ସୁଆର, କୃଷ୍ଣଚନ୍ଦ୍ର ପ୍ରତିହାରୀ, ନରସିଂହ ମହାପାତ୍ର, ଶରତ ମହାସୁଆର ପ୍ରମୁଖ ଦାବି କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ ବିଚାର କରିବାକୁ ସେମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି ମଧ୍ୟ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଏ ସମ୍ପର୍କିତ ଆଲୋଚନାରେ ସେ ଏହାକୁ ବିରୋଧ କରି ପଶ୍ଚିମ ଦ୍ୱାର ବାଟେ ସ୍ଥାୟୀ ର୍‍ୟାମ୍ପ୍ କରିବା ଲାଗି ପ୍ରସ୍ତାବ ଦେଇଥିବା କହିଛନ୍ତି।

**BEFORE THE DEBTS RECOVERY TRIBUNAL, CUTTACK, ORISSA**

**C-71, SECTOR-7, CDA, CUTTACK-753014, ODISHA**

**O.A. No.160 of 2018**

**Canara Bank, Badambadi Branch, Cuttack... Applicant**

Versus

**M/s Madhu Electricals & Others.... Defendant**

**To**

Def. (1) M/s Madhu Electricals represented through its proprietor Smt. Madhumita Roy, W/o- Nishikanta Dash, C/o Hemanta Kumar Das, At- Plot No. 1F/113, Sector-10, Po- Markat Nagar, CDA, Cuttack-Pin-753014

Def. (2)- Madhumita Roy, W/o Nishikanta Dash, Prop. M/s Madhu Electricals, At/po- Plot No. IF/113, Sector-10, Markat Nagr, CDA, Cuttack, Pin-753014

Def. (3)- Sri Nishikanta Dash, S/o Hemanta Kumar Dash, At- Plot No. 1F/113, Sector-10, Po- Markat Nagar, CDA, Cuttack, Pin- 753014

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 160 of 2018** in the Court of the Debts of Recovery Tribunal, Cuttack for recovery of **Rs.17,82,846/-** only together with current and future interest, cost and other reliefs. The above mentioned defendants are therefore, directed to appear before this Tribunal in person or through an advocate or duly authorized agent, in support of their defense to show cause within 30days from the date of publication or **on 14.02.2019 at 10.30am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **7th day of Jan' 2019.**

**Sd/- (SRIKANTA KUMAR MAIKAP)**
**REGISTRAR**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ଜାନୁୟାରୀ, ୨୦୧୯



ଦୃଢ଼ ମନୋବଳ ହିଁ କାର୍ଯ୍ୟ ସିଦ୍ଧିର ସୁଗମ ପଥ।
- ଗୌରୀଶଙ୍କର



## ସଂକ୍ଷେପରେ

### କୂଅରେ ପଡ଼ି ଶିକ୍ଷକଙ୍କ ମୃତ୍ୟୁ

ଭାପୁର,୯।୧(ଡି.ଏନ୍.ଏ.)-ଫତେଗଡ଼ ଥାନା ଚକ୍ରଧରପ୍ରସାଦ ଗ୍ରାମରେ ରାତିରେ ପାଣି କାଢ଼ିବା ସମୟରେ କୂଅରେ ଖସି ପଡ଼ିବାରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଶିକ୍ଷକଙ୍କ ନାମ ରାମଚନ୍ଦ୍ର ପ୍ରଧାନ (୪୬)। ଖବରରୁ ପ୍ରକାଶ ଯେ, ଏହି ଗ୍ରାମ ବଡ଼ସାହିର ପ୍ରହ୍ଲାଦ ପ୍ରଧାନଙ୍କ ପୁଅ ରାମଚନ୍ଦ୍ର ଭାପୁର ବ୍ଲକ ବେତଖୋଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାମ କରନ୍ତି। ମଙ୍ଗଳବାର ରାତି ୧୦ଟା ୩୦ମିନିଟ୍‌ରେ ସେ ଖାଇ ସାରି ଘର ଅଗଣାରେ ଥିବା କୂଅରୁ ବାଲ୍‌ଟି ସାହାଯ୍ୟରେ ପାଣି କାଢୁଥିଲେ। ତେବେ ଅସାବଧାନତାବଶତଃ କୂଅ ଭିତରେ ଖସି ପଡ଼ିଥିଲେ। ସ୍ତ୍ରୀ ଓ ପୁଅଝିଅ ଏହା ଦେଖୁଥିଲେ ମଧ ବାପାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇପାରି ନ ଥିଲେ। ସ୍ତ୍ରୀପିଲାଙ୍କ ପାଟିଶୁଣି ସାହିପଡ଼ିଶା ଦୌଡ଼ି ଆସିଥିଲେ। ତେବେ ସେମାନେ ମଧ ପାଣି ଭିତରୁ ଶିକ୍ଷକଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବର ପାଇ ଭାପୁର ଦମକଳବାହିନୀ ପହଞ୍ଚି ଶିକ୍ଷକଙ୍କ ମୃତଦେହ ଉଦ୍ଧାର କରି ଭାପୁର ଡାକ୍ତରଖାନାକୁ ଆଣିଥିଲେ। ବୁଧବାର ମୃତଦେହକୁ ଖଣ୍ଡପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ଗାଁ ଶ୍ମଶାନରେ ସତ୍କାର କରାଯାଇଛି। ଏନେଇ ଫତେଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୋଡ଼ିହୋଇ ମହିଳା ଗୁରୁତର

ନୟାଗଡ଼ ଅଫିସ,୯।୧: ନୟାଗଡ଼ ଜିଲା ଶରଣକୁଳ ଥାନା କଟରାଝରୀ ଗ୍ରାମରେ ଜଣେ ମହିଳା ବୁଧବାର ନିଜ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଶରୀରର ୯୦ପ୍ରତିଶତ ପୋଡି ଯାଇଥିବାବେଳେ ସେ ଗୁରୁତର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମହିଳା ଜଣକ ହେଲେ ଉକ୍ତ ଗ୍ରାମର ରେବତୀ ନାୟକ (୩୨)। ମିଳିଥିବା ସୂଚନା ଅନୁସାରେ, ରେବତୀ ବିବାହିତ ଥିବାବେଳେ କିଛି ବର୍ଷ ହେଲାଣି ବାପଘର କଟରାଝରୀରେ ରହି ଆସୁଥିଲେ। ରେବତୀ ସାମାନ୍ୟ ମାନସିକ ବିକାରଗ୍ରସ୍ତ ଥିବାରୁ ବର୍ଷେ ହେବ ସ୍ୱାମୀ ଧୀରେଜ ନାୟକଙ୍କଠାରୁ ଅଲଗା ହୋଇ ରହୁଥିଲେ। ବୁଧବାର ରେବତୀଙ୍କ ବାପା ମା ବିଲକୁ ଯାଇଥିବା ବେଳେ ସେ ନିଜ ଦେହରେ କିରୋସିନ ଢ଼ାଳି ହୋଇ ନିଆଁ ଲଗାଇଦେଇଥିଲେ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରେବତୀଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ହୋଇଯାଇଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀ ପ୍ରକାଶ କରିଛନ୍ତି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

ନୟାଗଡ଼ ଅଫିସ,୯।୧: ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣଙ୍କ ହେଲେ କଟକ ଜିଲାର ଖଗେଶ୍ୱର ସେଠୀ। ଖଗେଶ୍ୱର ନିଜ ବାଇକ୍‌ରେ ଓଡ଼ଗାଁରୁ ନୟାଗଡ଼କୁ ଆସୁଥିବା ବେଳେ ମାଛିପଡ଼ା ନିକଟସ୍ଥ ବେଲବଣୀଠାରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଉନ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଆଣିବା ସହ ବାଇକ୍‌କୁ ଉଦ୍ଧାର କରିଛି। ଟ୍ରକଟି ଫେରାର ଥିବାରୁ ସେ ସମ୍ପର୍କରେ କିଛି ଜଣାପଡିନାହିଁ।

### ରକ୍ତଦାନ ଶିବିର: ୪୧ ୟୁନିଟ ରକ୍ତ ସଂଗ୍ରହ



ନୟାଗଡ଼ ଅଫିସ,୯।୧: ଫ୍ରେଣ୍ଡସ୍ ହେଲପ୍ ଗ୍ରୁପ୍ ଓ ସେସୁର ମିଳିତ ସହଯୋଗରେ ବୁଧବାର ଶରଣକୁଳ ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନୟାଗଡ଼ ସେସୁ ନିର୍ବାହୀ ଯନ୍ତ୍ରୀ ଇଂ. ସୁଜିତ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ରକ୍ତଦାନର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ଦାମୋଦର ସାହୁ, ଫ୍ରେଣ୍ଡେସ୍ ହେଲପ୍ ଗ୍ରୁପ୍‌ର ସମସ୍ତ ସଦସ୍ୟ, ଶରଣକୁଳ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

## ଠିକାଦାରଙ୍କ ଅବହେଳା: ହଇରାଣ ହେଉଛନ୍ତି ଗ୍ରାମବାସୀ

# ଅବଧି ପରେ ବି ସରୁନି ପୋଲ କାମ

ନୟାଗଡ଼ ଅଫିସ,୯।୧

ନୟାଗଡ଼ ବ୍ଲକ ଉଦୟପୁର ପଲ୍ଲୀଶାସନ ଶୂଳିଆ ନଦୀ ଉପରେ ୨୨ ଫେବୃୟାରୀ ୨୦୧୪ରେ ବିଜୁ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୫ ବର୍ଷ ପୂରଣ ହେବାକୁ ଆଉ ମାତ୍ର ମାସଟିଏ ଥିବାବେଳେ ଏ ପର୍ଯ୍ୟନ୍ତ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅବଧି ସମୟ ମଧ୍ୟ ଅତିକ୍ରମ କରିଗଲାଣି। ଏହି ସମୟସୀମା ମଧ୍ୟରେ ୪ଟି ସ୍ପାନ (ପିଲାର)ରୁ ୨ଟି ନିର୍ମାଣ ହୋଇଛି। ନିର୍ମାଣାଧୀନ ଅବସ୍ଥାରେ ଦୀର୍ଘଦିନ ଧରି ପଡ଼ିରହିଛି ପୋଲ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ଏବେ ବି ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି ପୋଲ। ସଦର ମହକୁମାଠାରୁ ୬ କିଲୋମିଟର ଦୂର ନଡ଼ିଆଳି ପଞ୍ଚାୟତ ଉଦୟପୁର ଗ୍ରାମରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅବଧି ପରେ ବି ପୋଲ କାମ ସରି ନ ଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି।

ନଡ଼ିଆଳି ପଞ୍ଚାୟତ ଉଦୟପୁର ପଲ୍ଲୀଶାସନ ଗ୍ରାମ ଦେଇ ଯାଇଥିବା ଶୂଳିଆ ନଦୀ ପାଇଁ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଶେଷ କରି ବର୍ଷାଦିନେ ସମସ୍ୟା ଦି ଗୁଣା ହୋଇଯାଏ। ୫ ଖଣ୍ଡ ଗ୍ରାମର ହଜାରରୁ ଉର୍ଦ୍ଧ୍ୱ ଲୋକ ୩ କିଲୋମିଟର ବୁଲି ମାଛିପଡ଼ା ଦେଇ ନୟାଗଡ଼କୁ ଯାତାୟାତ କରନ୍ତି। ଅନ୍ୟପକ୍ଷେ ନଡ଼ିଆଳି ପଞ୍ଚାୟତ ଉଦୟପୁର ଓ ଗବନାଳ ଗ୍ରାମର ପିଲାମାନେ ମାଛିପଡ଼ା ହାଇସ୍କୁଲକୁ ଏହି ନଦୀ ଦେଇ ପାଠ ପଢ଼ିବାକୁ ଯାଆନ୍ତି। ନଦୀରେ ପାଣି ଆସିଲେ ହାଇସ୍କୁଲ ପିଲାଙ୍କ ପାଠପଢ଼ା ବନ୍ଦ ହୁଏ। ଏଥିପାଇଁ ବିଜୁ ସେତୁ ନିର୍ମାଣର ଯୋଜନା ରଖାଯାଇଥିଲା। ସେତୁ ହେବା ଦ୍ୱାରା ନଡ଼ିଆଳି, ପଦ୍ମାଦେଇପୁର, ବଡ଼ିଆସାହି, ନୀଳଗାଡ଼ିଆ ଓ ପଲ୍ଲୀଶାସନ ଗ୍ରାମର ଲୋକମାନେ ସୁବିଧା ପାଇଥାନ୍ତେ। ବର୍ତ୍ତମାନ ଶୂଳିଆ ନଦୀରେ କିଛି ବଡ଼ ପାଇପ୍ ବିଛାଯାଇ ଲୋକମାନେ ଯିବା ଆସିବା କରୁଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁସାରେ ୧ କୋଟି ୩୬ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ସେତୁ ନିର୍ମାଣ କାର୍ଯ୍ୟ ୩୦ ଅଗଷ୍ଟ ୨୦୧୬ରେ କରାଯାଇ ୨୯ ଜୁଲାଇ ୨୦୧୭ରେ ଶେଷ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସ୍ଥାନୀୟ ଜଣେ ଠିକାଦାର ଏହି ସେତୁ ନିର୍ମାଣ କରିବା ପାଇଁ ଟେଣ୍ଡର ନେଇଥିଲେ। ଜମି ଅଧିଗ୍ରହଣରେ ସମସ୍ୟା ଯୋଗୁ କାମ ଅଟକି ରହିଥିଲା। ୨୦୧୮ ଆରମ୍ଭରେ କାର୍ଯ୍ୟ କରାଯାଇ ଡିସେମ୍ବର ଶେଷ ଆଡ଼କୁ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଠିକାଦାରଙ୍କ ମନମୁଖି ଯୋଗୁ ୨୦୧୯ ମସିହା ହୋଇଥିଲେ ମଧ ପୋଲ ନିର୍ମାଣ ସରିନାହିଁ। ବିଭାଗ ତରଫରୁ ହେଉଥିବା ସମୀକ୍ଷା ବୈଠକରେ ତୁରନ୍ତ ଶେଷ କରିବାକୁ କୁହାଯାଇଥିଲେ ମଧ ଠିକାଦାରଙ୍କ ଧରାଛୁଆଁ ମିଳୁନାହିଁ। ଏ ନେଇ ନୟାଗଡ଼ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର ଜେଇ (କନିଷ୍ଠ ଯନ୍ତ୍ରୀ ) ରବୀନ୍ଦ୍ର ନାଥ ସ୍ୱାଇଁଙ୍କୁ ପଚାରିବାରୁ ଠିକାଦାରଙ୍କୁ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତାଗିଦ୍ କରାଯାଇଥିବା ସୂଚନା ଦେଇଥିଲେ।

### ୫ ବର୍ଷ ପରେ ବି ହୋଇପାରିଲାନି ବିଜୁସେତୁ



ଅଧାପନ୍ତରିଆ ଭାବେ ପଡ଼ିରହିଛି ପୋଲ।

## ସାତକୋଶିଆରେ କୁମ୍ଭୀର ଗଣନା ଆରମ୍ଭ

ଗଣିଆ,୯।୧(ଡି.ଏନ.ଏ.)

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ନୟାଗଡ଼ ଓ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ପ୍ରତି ବର୍ଷ ପରି ଚଳିତ ବର୍ଷ ବୁଧବାରଠାରୁ କୁମ୍ଭୀର ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଗଣନା କାର୍ଯ୍ୟ ୧୧ତାରିଖ ଯାଏଁ ତିନିଦିନ ଧରି କରାଯିବ । ସାତକୋଶିଆରେ ୮ଟି ୟୁନିଟ ଓ ମହାନଦୀ ଡିଭିଜନରେ ୫ଟି ୟୁନିଟ କୁମ୍ଭୀର ଗଣନା କାର୍ଯ୍ୟ ପାଇଁ ନିୟୋଜିତ ହୋଇଥିବା ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି । ପ୍ରତି ୟୁନିଟରେ ୨ଜଣ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଓ ୨ଜଣ ଲେଖାଁଏ ନାଉରିଆ ଥିବାବେଳେ ଗୋଟିଏ ଲେଖାଏଁ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି । ମହାନଦୀ ଅବବାହିକାର କଟକ ଜିଲା ନରସିଂହପୁର ବ୍ଲକ ଚକ୍ରଗଡଠାରୁ ବୌଦ୍ଧ ଜିଲାର କିଆକଟା ପର୍ଯ୍ୟନ୍ତ ଓ ବିଭିନ୍ନ ଜଳାଶୟରେ ଏହି ଗଣନା କାର୍ଯ୍ୟ ଚାଲୁ ରହିଛି । ଏହି ସମୟରେ କୁମ୍ଭୀରକୁ ସିଧାସଳଖ ଦେଖିବା ସହ କୁମ୍ଭୀର ଘୋଷରା ଚିହ୍ନକୁ ଅନୁଧ୍ୟାନ କରି ଗଣନା କରାଯାଉଛି । ଏହି ୩ଦିନ ଧରି ମହାନଦୀରେ ନୌକା ଚାଳନା,ମାଛ ଧରିବା ଓ ପର୍ଯ୍ୟଟକଙ୍କ ନୌକା ବିହାର କାର୍ଯ୍ୟକୁ କଡାକଡି ଭାବେ ନିଷେଧ କରାଯାଇଥିବା ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ସୂଚନା ଦେଇଛନ୍ତି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ,କୁଶଙ୍ଗ ବନାଞ୍ଚଳର ମହାନଦୀ ଅବବାହିକାରେ ଥିବା ସମସ୍ତ ବିଟ୍‌ର ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।



ସାତକୋଶିଆ ଗଣ୍ଡରେ ଦେଖାଯାଇଥିବା କୁମ୍ଭୀର ।

## ଇଭିଏମ୍ ଓ ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ

ଗଣିଆ,୯।୧(ଡି.ଏନ.ଏ.)

ଆଗକୁ ଆସୁଛି ୨୦୧୯ ସାଧାରଣ ନିର୍ବାଚନ । ଇଭିଏମ ମାଧ୍ୟମରେ ମତଦାନ କରିବା ସମ୍ପର୍କରେ ଭୋଟରଙ୍କୁ ସଚେତନତା କରାଇବା ପାଇଁ ଗଣିଆ ବ୍ଲକ ଅଞ୍ଚଳରେ ଗତ ସୋମବାରଠାରୁ ଇଭିଏମ ଓ ଭିଭିପାଟ ବା ଭୋଟର ଭେରିଫାଏଡ୍ ପେପର ଅଡିଟ ଟ୍ରାଏଲ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ଗଣିଆ ବ୍ଲକରେ ୨ଟି ଟିମ୍ ଗଠନ କରାଯାଇଛି । ଏଥିମଧ୍ୟରୁ ପ୍ରଥମ ଟିମ୍ ଆଡକଟା,କରଡାପଡା,ରାସଙ୍ଗ ଓ ଛାମୁଣ୍ଡିଆ ପଞ୍ଚାୟତର ୪୭ଟି ଗ୍ରାମ ଓ ଦ୍ୱିତୀୟ ଟିମ୍ ଗଣିଆ,ବଡଶିଲିଙ୍ଗା, ବେଲପଡାପାଟଣା ଓ କିଶୋରପ୍ରସାଦ ପଞ୍ଚାୟତର ୫୦ଟି ଗ୍ରାମରେ ମକ୍‌ପୋଲ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସୋମବାର ପ୍ରଥମ ଦିବସରେ ଆଡକଟା ପଞ୍ଚାୟତର ରତାମରଖୋଲା,କାକୁଡିଖୋଲ,କୃଷ୍ଣପଲ୍ଲୀ,କେନ୍ଦୁଆବିଡା ଓ କିଶୋରପ୍ରସାଦ ପଞ୍ଚାୟତର ପତଣ୍ଡା,ପୂର୍ଣ୍ଣଚନ୍ଦ୍ରପୁର,ଗୋପାଳପ୍ରସାଦ ଓ କାଳିଆପଡା ଗ୍ରାମରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ମଙ୍ଗଳବାର ଓ ବୁଧବାର ଭାରତ ବନ୍ଦ ଯୋଗୁ ଏହି କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା । ଗୁରୁବାରଠାରୁ ପ୍ରଥମ ଟିମ ଦ୍ୱାରା ଚଳିତ ମାସ ୧୯ ଓ ୨ୟ ଟିମ୍ ଦ୍ୱାରା ୨୩ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁରହିବ ବୋଲି ବ୍ଲକ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି । ତେବେ ଭୋଟର ଇଭିଏମ ମେଶିନ ଦ୍ୱାରା ମତଦାନ କରିବା ଓ ନିଜ ମନ ପସନ୍ଦର ପ୍ରାର୍ଥୀଙ୍କୁ ଦେଇଥିବା ଭୋଟ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବେ ଜାଣିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।



ଇଭିଏମ ଓ ଭିଭିପାଟ ମେଶିନ ସମ୍ପର୍କରେ ସଚେତନତା କରାଯାଉଛି।

## ଛାତ୍ରୀଛାତ୍ରଙ୍କ ପାଇଁ ବଡ ସମସ୍ୟା ବିଦ୍ୟୁତ୍‌କାଟ

ନୂଆଗାଁ,୯।୧ (ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକରେ ଲଗାତର ବିଦ୍ୟୁତ୍ କାଟ ହେଉଥିବାରୁ ତାହା ଛାତ୍ରୀଛାତ୍ରଙ୍କ ପାଇଁ ବଡ ସମସ୍ୟା ହୋଇଛି। ସ୍କୁଲ, କଲେଜ ଆଦିର ବାର୍ଷିକ ପରୀକ୍ଷା ହେବାକୁ ଆଉ ଅଳ୍ପ ଦିନ ଥିବାବେଳେ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି। କିନ୍ତୁ ପାଠ ପଢିବା ଉପଯୋଗୀ ସମୟ ଭୋର ଓ ସନ୍ଧ୍ୟାରେ ପ୍ରତିଦିନ ବିଦ୍ୟୁତ୍ କାଟ ଯୋଗୁ ପିଲାମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଠିକ୍ ସନ୍ଧ୍ୟା ୫ଟାରୁ ୬ଟା ଯାଏ ୧ଘଣ୍ଟା ଓ ପୁନର୍ବାର ଭୋର ୫ଟାରୁ ୬ଟା ଯାଏ ୧ ଘଣ୍ଟା ଧରି ବିଦ୍ୟୁତ୍ କାଟ ହେଉଛି। ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ ସମୟକୁ ପରିବର୍ତ୍ତନ କରି ଦିନ ବେଳେ କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

## ୨ୟ ଦିନରେ ସାଧାରଣ ଧର୍ମଘଟର ମିଶ୍ର ପ୍ରଭାବ

ନୟାଗଡ଼ ଅଫିସ,୯।୧

କେନ୍ଦ୍ରୀୟ ଟ୍ରେଡ ୟୁନିଅନମାନଙ୍କ ଆହ୍ୱାନରେ ବୁଧବାର ସାଧାରଣ ଧର୍ମଘଟର ଦ୍ୱିତୀୟ ଦିନରେ ନୟାଗଡ଼ ଜିଲା ସଦର ମହକୁମାରେ ମିଶ୍ରିତ ପ୍ରଭାବ ଦେଖିବାକୁ ମିଳିଥିଲା। ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ବୁଧବାର ସକାଳୁ ଟ୍ରାଫିକ୍ ଛକଠାରେ ଧାରଣା ଦିଆଯାଇଥିଲା। ବସ୍, ଟ୍ରକ, କାର୍ ଯାତାୟାତ ବନ୍ଦ ରହିଥିବା ବେଳେ ବାଇକ୍ ଚଳାଚଳ ସ୍ୱାଭାବିକ ଥିଲା। ବନ୍ଦର ପ୍ରଭାବରେ ବ୍ୟାଙ୍କ, ଶିକ୍ଷାନୁଷ୍ଠାନ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସହରରେ କିଛି ଦୋକାନ ଖୋଲାଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ରରେ ମୋଦି ସରକାରଙ୍କ ଶ୍ରମିକ କୃଷକ ବିରୋଧୀ ନୀତି ଏବଂ ଜନ ବିରୋଧୀ ବଜାର ଦର ବୃଦ୍ଧି ପ୍ରତିବାଦରେ ୪୮ ଘଣ୍ଟିଆ ଧର୍ମଘଟର ଅନ୍ତିମ ପର୍ଯ୍ୟାୟରେ ବ୍ୟାପକ ଜନସମର୍ଥନ ପୂର୍ବକ ବନ୍ଦ କରାଯାଇ ଧର୍ମଘଟକୁ ସଫଳ କରିଥିବା ବିଭିନ୍ନ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସିଆଇଟିୟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଧର୍ମଘଟରେ ଶତାଧିକ ମଧ୍ୟାହ୍ନଭୋଜନ ପାଚିକା-ସହାୟିକା, ଆଶାକର୍ମୀ, ଗୋଟିମୁକ୍ତି ଆନ୍ଦୋଳନ କର୍ମୀ, ନିର୍ମାଣ ଶ୍ରମିକ ଓ କୃଷକମାନେ ଯୋଗଦେଇ ପିକେଟିଂ କରିଥିଲେ। ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରି ବନ୍ଦ ପାଳନ କରିଥିଲେ। ନୟାଗଡ଼ ସହର ଦେଇ ଯାଇଥିବା ଜାତୀୟ ରାଜପଥ -୫୭ ଟ୍ରାଫିକ୍ ଛକ ନିକଟରେ କର୍ମୀମାନେ ଧାରଣାରେ ବସିଥିଲେ। ନୟାଗଡ଼ ଓକିଲ ସଂଘର ସଭାପତି ଅମିୟ ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ରଣଜିତ୍ ଦାଶ, କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, ଡିୱାଇଏଫଆଇର ରାଜ୍ୟ ସଭାପତି ସରୋଜ ନାୟକ, ସିଆଇଟିୟୁ ନେତା ଏସ୍. ଏ. କରିମ୍, ଶ୍ରମିକ ନେତା ଯୋଗେନ୍ଦ୍ର ଖୁଣ୍ଟିଆ, କୃଷକ ନେତା ସହଦେବ ଡାକୁଆ, ଶ୍ରମିକ ନେତା ଯୁବରାଜ ନାୟକ, ଆଶାନେତ୍ରୀ ନଳିନୀ ଦାଶ, ମୂଳିଆ ନେତା ବୃନ୍ଦି ନାୟକ, କପିଳ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ମାରଣ ନୀତିକୁ ବିରୋଧ କରିଥିଲେ।



ଟ୍ରାଫିକ୍ ଛକଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

## ଅବକାରୀ ଚଢ଼ାଉ: ମଦଭାଟି ନଷ୍ଟ, ୩ ଗିରଫ

ଓଡ଼ଗାଁ,୯।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଅବକାରୀ ଉପଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ସକାଳେ ସ୍ଥାନୀୟ ଅଞ୍ଚଳରେ ଚଢ଼ାଉ ହୋଇଛି। ଚଢ଼ାଉବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୨୪୦ ଲିଟର ଦେଶୀମଦ ଓ ୪୨୦୦ ଲିଟର ପୋଚ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଟିଙ୍କପଡ଼ିଆ ଗ୍ରାମର ସୁର ବେହେରା, ବସନ୍ତ ଜାନୀ ଓ ଗୁଲୁ ପ୍ରଧାନ। ସୂଚନା ଅନୁସାରେ, ବେଆଇନ ଦେଶୀମଦ କାରବାର ହେଉଥିବା ଖବର ପାଇ ଓଡ଼ଗାଁ ଥାନା ନନ୍ଦିଘୋର, ରୋହିବାଙ୍କ, କୋମଣ୍ଡ, ବାଉଁଶଗାଡିଆ, ମଦନଗାଡିଆ, ଶରଧାପୁର ଓ ବାଣପୁର ପଞ୍ଚାୟତସ୍ଥ ଟିଙ୍କପଡିଆରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଚଢ଼ାଉ କରିଥିଲେ । ତେବେ କେବଳ ଟିଙ୍କପଡିଆରେ ଥିବା ବେଆଇନ ଦେଶୀ ମଦଭାଟି ନଷ୍ଟ କରିବାରେ ବିଭାଗ ସଫଳ ହୋଇଥିବା ଜଣାପଡ଼ିଛି । ଚଢ଼ାଉ ବେଳେ ୩୪ଟି ଆଲୁମିନିୟମ ମଦରନ୍ଧା ଡେକ୍‌ଚି ମଧ ଜବତ କରାଯାଇଛି। ତେବେ ଅବକାରୀ କର୍ମଚାରୀ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସମୟରେ ସେହିଗ୍ରାମର କେତେଜଣ ମହିଳା ବିଭାଗୀୟ ଅଧିକାରୀଙ୍କୁ ବିରୋଧ କରିବା ସହିତ ସେମାନଙ୍କ ଗାଡିକୁ ଅଟକାଇଥିବା ଜଣାପଡ଼ିଛି । ଅବକାରୀ(ମୋବାଇଲ) ଅଧିକାରୀଙ୍କ ଦ୍ୱାରା ୪୨/୧୮ ଓ ସଦର ଅବକାରୀ ଅଧିକାରୀଙ୍କ ଦ୍ୱାରା ୬୯ ଓ ୭୦/୧୮ରେ ୩ଟି ମକଦ୍ଦମା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ଚଢ଼ାଉବେଳେ ଜିଲା ଆରକ୍ଷୀ ନିରୀକ୍ଷକ(ଅବକାରୀ) ମୃତ୍ୟୁଞ୍ଜୟ ବେହେରାଙ୍କ ସହ ସଦର ଅବକାରୀ ଆରକ୍ଷୀ ଉପ ନିରୀକ୍ଷକ ବାଳକୃଷ୍ଣ ପରିଡା ଓ ମୋବାଇଲ ସ୍କ୍ୱାଡ୍ ଉପ ଆରକ୍ଷୀ ନିରୀକ୍ଷକ ବି ଟପ୍ପୋ ଏବଂ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ ।



ଗିରଫ ୩ ଅଭିଯୁକ୍ତ।

### ୨୪୦ ଲିଟର ଦେଶୀମଦ ଜବତ

## ରଣପୁର ମହୋତ୍ସବ ଉଦ୍‌ଯାପିତ

# ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ରଣପୁର,୯।୧(ସ୍ୱ.ପ୍ର.)

ରଣପୁର ବାଘସାଆନ୍ତ ପଡିଆର ମୁକ୍ତାକାଶ ରଙ୍ଗମଞ୍ଚରେ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ଦ୍ୱାଦଶ ରଣପୁର ମହୋତ୍ସବ ଅର୍ଜୁନ-୨୦୧୯ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ତେବେ ସମ୍ବଲପୁର 'ଦୁଲଦୁଲି' ନୃତ୍ୟ ଦର୍ଶକଙ୍କ ମନ ମୋହି ପାରିଥିବା ଜଣାପଡ଼ିଛି। ମେଲୋଡି, ଟିଭି ଧାରାବାହିକ ତାରାତାରିଣୀର ଅଭିନେତ୍ରୀଙ୍କ ଅଭିନୟ, ଶାଶ୍ୱତ ଓ ନେହା ଗ୍ରୁପ୍‌ର ନୃତ୍ୟ ଏବଂ ସଙ୍ଗୀତର ଆକର୍ଷଣରେ ଦର୍ଶକ ଝୁମିଥିଲେ। ମହୋତ୍ସବ କମିଟି ଅଧକ୍ଷ ତଥା ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶରଣକୁଳ ଏସ୍‌ଡିପିଓ ନାରାୟଣ ଚନ୍ଦ୍ର ବାରିକ ମୁଖ୍ୟଅତିଥି, ରଣପୁର ଅତିରିକ୍ତ ତହସିଲଦାର୍ ମାନସ ରଞ୍ଜନ ରାୟ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରିଣୀ ଅର୍ଚ୍ଚନା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱ ଓ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ରଣପୁର ସଙ୍ଗୀତ କଳା ବିଦ୍ୟା ନିକେତନ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ସଂଯୋଜନା କରିଥିବାରୁ କମିଟି ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଦୋଳି, ବିଭିନ୍ନ ଷ୍ଟଲରେ ମନ ପସନ୍ଦିଆ ଖାଦ୍ୟ, ବିଭିନ୍ନ ସାମଗ୍ରୀଗୁଡ଼ିକର ବିକ୍ରୟ ଓ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଯୋଗୁ ପ୍ରବଳ ଥଣ୍ଡା ସତ୍ତ୍ୱେ ୩୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମହୋତ୍ସବରେ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ, ଚାନ୍ଦପୁର ଥାନା ଅଧିକାରୀ ଛତ୍ରପତି କଅଁର, ସୁନାଖଳା ଓ ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଶେଷରେ କମିଟି ସମ୍ପାଦକ ସୁରେଶ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୋଗଦେଲେ ୩୦ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ

### ମହୋତ୍ସବ ମଣ୍ଡପରେ ଦଳୀୟ ଚିହ୍ନ

ରଣପୁର ମହୋତ୍ସବର ଶେଷ ସନ୍ଧ୍ୟାରେ ମଣ୍ଡପରେ ଦଳୀୟ ଶଙ୍ଖ ଚିହ୍ନ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ସରକାରଙ୍କ ନା ଦଳୀୟ ତାହାକୁ ନେଇ ଚର୍ଚ୍ଚାର ବିଷୟ ପାଲଟିଥିଲା। ମଣ୍ଡପରେ ଅତିଥିମାନଙ୍କ ପଛରେ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ନବବର୍ଷର ଅଭିନନ୍ଦନ ବାର୍ତ୍ତା ଦେଉଥିବା ବ୍ୟାନର୍ ଲଗାଯାଇଥିଲା। ବ୍ୟାନର୍‌ରେ ବିଜେଡ଼ିର ଶଙ୍ଖ ଚିହ୍ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କ ଫଟୋ ରହିଥିଲା। ମହୋତ୍ସବ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଦଳୀୟ ବ୍ୟାନର ଲାଗିବା ଘଟଣାକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି। କିଏ ଏହାକୁ ବିଧାୟକଙ୍କ ପ୍ରଚାର କହୁଥିବା ବେଳେ ଆଉ କିଏ ଏହାକୁ ଟୀର୍ଯ୍ୟକ ଦୃଷ୍ଟିରେ ଦେଖୁଛି। ଏ ନେଇ ରଣପୁର ମହୋତ୍ସବ ଅର୍ଜୁନ କମିଟିର ଅଧକ୍ଷ ତଥା ରଣପୁର ବିଧାୟକ ମହାପାତ୍ରଙ୍କୁ ପଚାରିବାରୁ ସେ ସେହିଭଳି ବ୍ୟାନର ଲଗାଯାଇ ନ ଥିବା ପ୍ରକାଶ କରିବା ସହିତ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।



ମହୋତ୍ସବ ମଣ୍ଡପରେ ଲଗାଯାଇଥିବା ବ୍ୟାନରରେ ଶଙ୍ଖ ଚିହ୍ନ।